

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol. 10, Issue. 301, Friday, 23 February 2024, Puri, Pages- 24, Rs. 7/-

ଦଶମ ବର୍ଷ, ସଂଖ୍ୟା-୩୦୧, ଶୁକ୍ରବାର, ୨୩ ଫେବୃଆରୀ ୨୦୨୪, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୭ ଟଙ୍କା





# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org




ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା


■ Vol. 10, Issue. 301, Friday, 23 February 2024, Puri, Pages- 24, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୩୦୧, ଶୁକ୍ରବାର, ୨୩ ଫେବୃଆରୀ ୨୦୨୪, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୭ ଟଙ୍କା







ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org



Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନିତ କରିବା ପାଇଁ ଇଚ୍ଛୁକ ଥିଲେ selfiedunia96@gmail.com କିମ୍ବା ୯୦୪୦୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ



■ Vol. 10, Issue. 301, Friday, 23 February 2024, Puri, Pages- 24, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୩୦୧, ଶୁକ୍ରବାର, ୨୩ ଫେବୃଆରୀ ୨୦୨୪, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୭ ଟଙ୍କା


### ୧୬ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ

# କାଳିଆ ଯୋଜନା ଆହୁରି ୩ବର୍ଷ ବୃଦ୍ଧି

- ଖର୍ଚ୍ଚହେବ ୬୦୩୦କୋଟି ଟଙ୍କା
- ଭୂମିହୀନ ଚାଷୀଙ୍କୁ ୨ହଜାର ଟଙ୍କା
- ନୂଆ ଓ' ପାଇଁ ୩୧୫ କୋଟିର ପାଣ୍ଠି
- ୧୭୮୯ ଶିକ୍ଷକଙ୍କୁ ୭ମ ବେତନ କମିଶନରେ ମିଳିବ ଦରମା

**ଭୁବନେଶ୍ୱର(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକ ପରେ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟରେ ୨୦୧୮-୧୯ ମସିହାରୁ ଚାଷୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟକାରୀ ହେଉଥିବା 'କାଳିଆ' ଯୋଜନାର ଅବଧିକୁ ୨୦୨୬-୨୭ମସିହା ପର୍ଯ୍ୟନ୍ତ ଆଉ ୩ବର୍ଷ ବୃଦ୍ଧି ନିମନ୍ତେ କ୍ୟାବିନେଟ୍ ନିଷ୍ପତ୍ତି ନେଇଛନ୍ତି । ଏବାବଦରେ ମୋଟ ୬୦୨୯.୭୦କୋଟି ଟଙ୍କା ଖର୍ଚ୍ଚ ହେବାର ବ୍ୟୟବରାଦ ହୋଇଛି । ଏବେ କାଳିଆ ଯୋଜନାରେ ଚାଷୀମାନେ ଖରିଫ ଚାଷ ପାଇଁ ଏପ୍ରିଲ ପହିଲା ଓ ରବି ଚାଷ ପାଇଁ ସେପ୍ଟେମ୍ବର ପହିଲା ପରେ ଦୁଇଥର ସହାୟତା ପାଉଛନ୍ତି । ସେହିପରି ଭୂମିହୀନ ଚାଷୀଙ୍କୁ ଏକକାଳୀନ ୧୨୫୦୦ଟଙ୍କାର ସହାୟତା ମଧ୍ୟ ମିଳିଛି । ତେବେ ଚାଷୀମାନଙ୍କୁ ଏହି ସହାୟତା ବାଦ୍ କାଳିଆ ଯୋଜନାରେ ଅତିରିକ୍ତ ସହାୟତା ଦେବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇପାରିବେ । ଏଥିପାଇଁ ଆଜି କ୍ୟାବିନେଟ୍



ମଞ୍ଜୁରୀ ଦେଇଛନ୍ତି । ଚାଷୀମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ଓ ସେମାନଙ୍କୁ ରାଜ୍ୟର ଆର୍ଥିକ ପ୍ରଗତିରେ ଭାଗିଦାର କରିବା ନିମନ୍ତେ ରାଜ୍ୟ ସରକାର ଏହି କାଳିଆ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବୋଲି ଶ୍ରୀ ଜେନା କହିଛନ୍ତି । 'କାଳିଆ' ଯୋଜନାର ଅବଧିକୁ ଆଉ ୩ବର୍ଷ ଅର୍ଥାତ୍ ୨୦୨୪-୨୫ରୁ ୨୦୨୬-୨୭ ମସିହା ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ଓ ଏବାବଦରେ ୬୦୨୯.୭୦କୋଟି ଟଙ୍କା ଖର୍ଚ୍ଚ ନିମନ୍ତେ ବ୍ୟୟବରାଦ ହୋଇଛି । କେବଳ ସେତିକି ନୁହେଁ କାଳିଆ ଯୋଜନାର ହିତାଧିକାରୀ ଥିବା ଭୂମିହୀନ ଚାଷୀ ପରିବାରକୁ ଆଉ ୨ହଜାର ଟଙ୍କାର ଅତିରିକ୍ତ ସହାୟତା ମିଳିବ । ଏହାସହିତ କାଳିଆ ଯୋଜନାରେ ବାର୍ଷିକ ୨ଥର ସହାୟତା ବ୍ୟତୀତ ରାଜ୍ୟ ସରକାର ଯେକୌଣସି ସମୟରେ ଅତିରିକ୍ତ ସହାୟତା ମଧ୍ୟ ସରକାର ଦେଇପାରିବେ । ଆଜି ଏଭଳି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ କରିଛନ୍ତି । ସେହିପରି କାଳିଆ ଯୋଜନାର ସହାୟତା ପ୍ରଦାନ ପାଇଁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟ ବ୍ୟତୀତ ଯେକୌଣସି ସମୟରେ ଦେଇପାରିବେ । ଭୂମିହୀନ ଚାଷୀ ପରିବାରଙ୍କୁ ମଧ୍ୟ ଯେକୌଣସି ସମୟରେ ସେମାନଙ୍କ ପ୍ରାପ୍ୟ ଆର୍ଥିକ ସହାୟତା ମଧ୍ୟ ଦିଆଯାଇପାରିବ । ରାଜ୍ୟର ସମସ୍ତ ଯୋଗ୍ୟ ଭୂମିହୀନ ଚାଷୀ ପରିବାରଙ୍କୁ କାଳିଆ ଯୋଜନାରେ ଉଦ୍ୟାନ କୃଷି, ଅନ୍ୟାନ୍ୟ କୃଷି କାର୍ଯ୍ୟ ଓ ପଶୁପାଳନ ନିମନ୍ତେ ୩ଟି କିସ୍ତିରେ ୧୨୫୦୦ଟଙ୍କାର ଜୀବିକା ସହାୟତା ପ୍ରଦାନ କରାଯାଉଛି । କାଳିଆ ଯୋଜନାର ହିତାଧିକାରୀ ଥିବା ଏହି ଭୂମିହୀନ ଚାଷୀମାନଙ୍କୁ ସରକାର ୨ହଜାର ଟଙ୍କାର ଅତିରିକ୍ତ ଆର୍ଥିକ ସହାୟତା ଦେବେ । ଆଜି ରାଜ୍ୟ କ୍ୟାବିନେଟ୍ ଏହି ନିଷ୍ପତ୍ତି ନେଇଛି । ଆଜି ▶(ପୃଷ୍ଠା-୧୫)

### ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ଆକ୍ରମଣ

## ୨ ଲକ୍ଷ ଟଙ୍କାଭର୍ତ୍ତି ବ୍ୟାଗ୍ ନେଇ ଚମ୍ପଟ ମାରିଲେ ଦୁର୍ବୃତ୍ତ




**ରାଉରକେଲା (ଅମୃତ ମିଡିଆ)**

ସୁନ୍ଦରଗଡ଼ ରାଜଗାଙ୍ଗପୁର ପେଟ୍ରୋଲ ପମ୍ପ କର୍ମଚାରୀଙ୍କ ଠାରୁ ଲୁଟ୍ । ୨ ଲକ୍ଷ ଟଙ୍କା ଭର୍ତ୍ତି ବ୍ୟାଗ୍ ନେଇ ଚମ୍ପଟ ମାରିଲେ ମୁଖାପିନ୍ଧା ଦୁର୍ବୃତ୍ତ । ଗୁରୁତର କର୍ମଚାରୀଙ୍କୁ ରାଉରକେଲା IGHରେ ଭର୍ତ୍ତି କରାଯାଇଛି । ସୂଚନାଯୋଗ୍ୟ ଯେ, ସୁନ୍ଦରଗଡ଼ ରାଜଗାଙ୍ଗପୁର ଜାମପାଲି ସ୍ଥିତ ଐଚ ପେଟ୍ରୋଲ ପମ୍ପର କର୍ମଚାରୀ ଅନୀଲ କୁମାର ତିୱାରୀ ଏକ ମଟର ସାଇକେଲ ଯୋଗେ ୨ ଲକ୍ଷ ଟଙ୍କା ଜମା କରିବାକୁ ବ୍ୟାଙ୍କକୁ ଯାଉଥିଲେ । ସେହି ସମୟରେ ଜାମପାଲି ବାଇପାସ୍‌ରେ ଥିବା ଏମଆର ଉଦ୍ୟୋଗ ରାସ୍ତାରେ ବାଇକ୍ ରେ ତିନି ମୁଖା ପିନ୍ଧା ଦୁର୍ବୃତ୍ତ ଆସି ଅଟକାଇବା ସହ ତାଙ୍କୁ ଛୁରା ମାଡ କରି ଟଙ୍କା ବ୍ୟାଗ ଧରି ଚମ୍ପଟ ମାରିଛନ୍ତି । ଆହତ କର୍ମଚାରୀଙ୍କୁ ପ୍ରଥମେ ରାଜଗାଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲା IGHରେ ଭର୍ତ୍ତି କରାଯାଇଛି । ଆକ୍ରମଣର ଶିକାର ହୋଇଥିବା ଅନୀଲ ତିୱାରୀଙ୍କ ଦୁଇ ହାତରେ ଛୁରାମାଡ ହୋଇଛି । ଖବର ପାଇ ଘଟଣାସ୍ଥଳରେ ରାଜଗାଙ୍ଗପୁର ପୋଲିସ ପହଞ୍ଚି ଛାନଭିନ ଆରମ୍ଭ କରିଥିବା ବେଳେ ପ୍ରକୃତରେ ଲୁଟ ନା ଲୁଟ ପଛରେ ଅନ୍ୟ କାରଣ କିଛି ରହିଛି ସେହି ଦିଗକୁ ନେଇ ମଧ୍ୟ ପୋଲିସ ତଦନ୍ତ କରୁଛି ।

## ସମ୍ବଲପୁରରେ ପୃଥକ ପୃଥକ ଦୁର୍ଘଟଣାରେ ୫ ମୃତ

**ସମ୍ବଲପୁର(ଅମୃତ ମିଡିଆ)**

ଗୋଟିଏ ଦିନରେ ଦୁଇ ପୃଥକ ପୃଥକ ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୪ ଆହତ ହୋଇଛନ୍ତି । ବୁର୍ଲା ଭିସୁଟ ସମ୍ମୁଖରେ ବୁଲେଟ ଏବଂ ସ୍କୁଟି ଧକ୍କାରେ ୩ ଭିସୁଟ ଛାତ୍ରଙ୍କ ମୃତ୍ୟୁ ହୋଇଛି । ଘଟଣା ମରିଚି ହଷ୍ଟେଲ ସମ୍ମୁଖରେ ଘଟିଛି । ତେବେ ମୃତକଙ୍କ ମଧ୍ୟରେ ଜଣେ ଭିସୁଟ୍ ଛାତ୍ର ରହିଛନ୍ତି । ତେବେ ଘଟଣା ସ୍ଥଳରେ ପୋଲିସ ମୃତୟନ କରାଯାଇଛି । ସେହିଭଳି ସେହିପରି ଚାଉଁପୁର ବ୍ରିଜରେ ବାଇକ ସ୍କୁଟି ସିରିଜ ଦୁର୍ଘଟଣାରେ ପୁଣି ୨ଜଣଙ୍କ ମୃତ୍ୟୁ ଘଟିଛି । ଏଠାରେ ପ୍ରଥମେ ବାଇକ୍-ବାଇକ୍ ମଧ୍ୟରେ ଦୁର୍ଘଟଣା ହୋଇଥିଲା । ଆଉ ପଛରେ ଆଉ ଏକ ପିଟି ହୋଇଥିଲା । ଯେଉଁଥିରେ ୫ ଆହତ ହୋଇଛନ୍ତି । ତେବେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମାମଲାର ତଦନ୍ତ ଆରମ୍ଭ କରିଛି ।

## ଆଜିଠୁ ନାଟମଣ୍ଡପ ମରାମତି କାମ



**ପୁରୀ(ବ୍ୟୁରୋ)**

ଶ୍ରୀମନ୍ଦିରରେ ନାଟମଣ୍ଡପ ମରାମତି କାମ ଆସନ୍ତାକାଲି (ଶୁକ୍ରବାର)ଠାରୁ ଆରମ୍ଭ ହେବ । ଏହି ମରାମତି କାମ ନେଇ ଏଏସ୍‌ଆଇ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇସାରିଛି । କିନ୍ତୁ ନାଟମଣ୍ଡପ ମରାମତି ପୂର୍ବରୁ ମହାପ୍ରଭୁଙ୍କ ନୀତିରେ ବଡ଼ ବିଭ୍ରାଟ ଦେଖା ଦେଇଛି । ଶ୍ରୀମନ୍ଦିର ନୀତିକାନ୍ତି ଶୃଙ୍ଖଳିତ ନହେଲେ ନାଟମଣ୍ଡପ ମରାମତି କାର୍ଯ୍ୟ ପ୍ରଭାବିତ ହେବ । ତେବେ ଏହାକୁ ଶୃଙ୍ଖଳିତ କରିବା ପାଇଁ ଘନଘନ ବୈଠକ ବସୁଛି । ଛତିଶାନିଯୋଗ ବୈଠକରେ ଏନେଇ ନୀତି ନିର୍ଘଣ୍ଟ ହୋଇଛି । ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ, ଆଜି ରାତି ୨ଟାରୁ ଶ୍ରୀମନ୍ଦିର ଦ୍ୱାର ଫିଟିବ । ଆସନ୍ତାକାଲି ଦିନ ଗୋଟାଏରୁ ନାଟମଣ୍ଡପ ମରାପତି କାମ ଆରମ୍ଭ ହୋଇ ସନ୍ଧ୍ୟା ୭ଟା ସୁଦ୍ଧା ଶେଷ ହେବ । ପୂର୍ବରୁ ନାଟମଣ୍ଡପର ଉପରି ଭାଗର ପଥର ଯୋଡ଼େଇ ଓ ସଫା କାମ କରାଯାଇଥିଲା । ଏବେ ଏଥିରେ ୪ଟି ଷ୍ଟେନଲେସ୍ ଷ୍ଟିଲ ବିମ୍ ଲଗାଯିବ । ଏଥିପାଇଁ ଡିଜାଇନ ଚୂଡ଼ାନ୍ତ ହେବା ସହ ଅନୁମତି ମଧ୍ୟ ମିଳିସାରିଛି । ସେହିପରି ମାସକୁ ଥରେ ଶ୍ରୀମନ୍ଦିର ଭିତରେ ମହାପ୍ରଭୁଙ୍କୁ ଦର୍ଶନ କରିବେ ଦିବ୍ୟାଙ୍ଗ ।

## ଓଡ଼ିଶାରେ ଡବଲ ଇଂଜିନ ସରକାର ହେବା ଦରକାର: ରାଜନାଥ

### ଓଡ଼ିଶାକୁ ଅଧିକ ଭଲପାଆନ୍ତି ପ୍ରଧାନମନ୍ତ୍ରୀ



**ନବରଙ୍ଗପୁର/ବ୍ରହ୍ମପୁର (ଅମୃତ ମିଡିଆ)**

୨୦୨୪ ନିର୍ବାଚନ ପୂର୍ବରୁ ବିଜେପି କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ମନୋବଳ ବୃଦ୍ଧି ପାଇଁ ଯୋଜନା କରିଛି ବିଜେପି । ଆଉ ଏହି କ୍ରମରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆଜି ନବରଙ୍ଗପୁରରେ ପହଂଚି ବିଜେପି କୋର୍ କମିଟି ବୈଠକରେ ଯୋଗ ଦେଇଛନ୍ତି । ତେବେ ରାଜନାଥ ଉପସ୍ଥିତ କର୍ମୀ ଓ ସାଧାରଣ ଜନତାଙ୍କୁ ବକ୍ତବ୍ୟରେ କହିଛନ୍ତି ଯେ ଓଡିଶା ସହ ମୋର ଭାବନାତ୍ମକ ସମ୍ପର୍କ ରହିଛି । କାରଣ କଂଗ୍ରେସ ସରକାର ସମୟରେ ଭାରତ ସୁରକ୍ଷା ଯାତ୍ରା କରିଥିଲୁ । ଏହି ଯାତ୍ରା ମୁଁ ଓଡିଶାରୁ ଆରମ୍ଭ କରିଥିଲି । ସେତେବେଳେ ଆତଙ୍କବାଦ, ନକ୍ସଲବାଦ ଓ ଆତଙ୍କ ସବୁଠି ରହିଥିଲା । ଆଜି ଆତଙ୍କବାଦ କେଉଁଠି ରହିଛି ଆପଣମାନେ ଜାଣିଛନ୍ତି । ପୁଲବାମା ଘଟଣା ପରେ ମୁହଁତୋଡ ଜବାବ ଦିଆଯାଇଛି । ଏବେ ନକ୍ସଲବାଦ କେବଳ କିଛି ଜିଲ୍ଲାରେ ହିଁ ସୀମିତ ରହିଛି । ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ଦେଶର ଚିତ୍ର ବଦଳିଛି । ଓଡ଼ିଶାରେ ବି ଡବଲ ଇଂଜିନ ସରକାର ହେବା ଦରକାର । ମୋଦୀଙ୍କ ବାର୍ତ୍ତା ନେଇ ସବୁ କର୍ମୀ ଲାଭାର୍ଥିଙ୍କ ପାଖକୁ ଯାଆନ୍ତୁ । ସବୁ ଲାଭାର୍ଥିଙ୍କୁ ମୋଦୀ ଦେଉଥିବା ସୁବିଧା ମିଳିବା ଦରକାର । ବିଜେପି ହେଉଛି ଏକମାତ୍ର ଦଳ ଯାହାକି ଯାହା କହେ, ସେୟା ହିଁ କରେ । ନିର୍ବାଚନର ସବୁ ପ୍ରତିଶୃତି ଅକ୍ଷର ଅକ୍ଷରରେ ପାଳନ କରିଛୁ । ଯାହା ଘୋଷଣାପତ୍ରରେ କହିଥିଲୁ, ସବୁ ପୂରଣ କରିଛୁ । ଦେଶ ଗଠନ ପାଇଁ ହିଁ କେବଳ ଆମେ ରାଜନୀତି କରୁଛୁ । କଂଗ୍ରେସ ଲମ୍ବା ସମୟ ପର୍ଯ୍ୟନ୍ତ ଦେଶବାସୀଙ୍କୁ ଧୋକା ଦେଇଛି । ଉଲ୍ଲେଖ ଥାଉ କି ରାଜନାଥ ଆଜି ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ୪ ଲୋକସଭା ଆସନର ସ୍ଥିତି ଆକଳନ କରିଛନ୍ତି । ରାଜ୍ୟର ବରିଷ୍ଠ ନେତୃବୃନ୍ଦଙ୍କ ସହ ରାଜନାଥ ଆଲୋଚନା କରିଛନ୍ତି । ରାଜନାଥ କୋରାପୁଟ, ନବରଙ୍ଗପୁର, ବଲାଙ୍ଗୀର, କଳାହାଣ୍ଡି ଲୋକସଭା କ୍ଷେତ୍ରର କୋର୍ କମିଟି ସଦସ୍ୟ, ବିଧାନସଭାସ୍ତରୀୟ କୋର୍ କମିଟି, ଲୋକସଭା ପ୍ରବାସ ସଞ୍ଚାଳନ ସମିତି ଟିମ୍, ବିଧାନସଭା ପ୍ରବାସ ସଞ୍ଚାଳନ ସମିତି ଟିମ୍, ଜିଲ୍ଲାସ୍ତରୀୟ କାର୍ଯ୍ୟକର୍ତ୍ତା, ସମସ୍ତ ମୋର୍ଚ୍ଚା ସଭାପତି, ଜାତୀୟ/ରାଜ୍ୟସ୍ତରୀୟ କର୍ମକର୍ତ୍ତା, ସମସ୍ତ ମଣ୍ଡଳ ସଭାପତି ଓ ପ୍ରଭାରୀ, ଲୋକସଭା/ବିଧାନସଭା ପ୍ରଭାରୀ, ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି । ସେହିପରି ଜୟ ଜଗନ୍ନାଥ, ମାଆ ବୁଢ଼ୀ ଠାକୁରାଣୀ କହି ବ୍ରହ୍ମପୁର ସଭାରେ ଭାଷଣ ଆରମ୍ଭ କରିଲେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ । ଓଡିଶାରେ ଡବଲ ଇଂଜିନ ସରକାର ଗଠନ କରିବାରେ କେହି ବି ରୋକିପାରିବେ ନାହିଁ । ଓଡିଶା ବିଜେପି ସରକାର ବଢ଼ିବ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତର ବିକାଶ ବୃଦ୍ଧି ହୋଇଛି । ଅନ୍ତର୍ଜାତୀୟ ସ୍ତରରେ ଭାରତର ମାନ ବୃଦ୍ଧି ଘଟିଛି । ମୋଦୀ ପ୍ରଧାନମନ୍ତ୍ରୀ ହେବା ପରେ ଦେଶରେ ▶(ପୃଷ୍ଠା-୧୫)

### ସେ କହିଲେ...



ମତେ ଅଣ୍ଡା, ଚପଲ, କାଳି, ଟମାଟୋମାଡ଼ କର କି ଗୁଳିମାଡ଼ କର, କିଛି ଫରକ ପଡ଼ିବନି । ମୁଁ ଲୋକଙ୍କ ପାଖକୁ ଆସିବି ଓ ଲୋକଙ୍କ କାମ କରିବି । ଖରାରେ ୧୦ ହଜାର ଲୋକ ଅପେକ୍ଷା କରିଛନ୍ତି । ସେମାନଙ୍କୁ ସମ୍ମାନ ଦେଇ ସେମାନଙ୍କ ସହ ହାତ ମିଶାଇଲେ ଖୁସି ଲାଗୁଛି । ସେଥିପାଇଁ କିଏ ଟମାଟୋ ଫିଙ୍ଗିବ ବୋଲି ଅଟକିବାର ନାହିଁ । ବହୁତ ଲୋକ ଆସିବେ, ମଞ୍ଚ ଉପରେ ବିଭିନ୍ନ ପ୍ରତିଶ୍ରୁତି ଦେଇ ଚାଲିଯିବେ । କେହି କିଛି କାମ କରିବେ ନାହିଁ । ମୁଁ କିନ୍ତୁ ସେମିତି ଲୋକ ନୁହଁ । ମୁଁ ଲୋକଙ୍କ କାମ କରିବା ପାଇଁ ଆସିଛି ଓ ଆସୁଥିବି । ଚପଲ, ଅଣ୍ଡା ଓ କାଳିମାଡ଼ ଅଟକାଇପାରିବ ନାହିଁ ।

**ଭି.କେ. ପାଣ୍ଡିଆନ**
୫-ଟି ଅଧ୍ୟକ୍ଷ

## ୩୬୮ ହିନ୍ଦୀ, ୨୦୮ ସଂସ୍କୃତ ଶିକ୍ଷକ ନିଯୁକ୍ତ

### ପିଲାଙ୍କ ଆଦର୍ଶ ସୃଷ୍ଟି ପାଇଁ ଶିକ୍ଷକମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

**ଭୁବନେଶ୍ୱର (ବ୍ୟୁରୋ)**

ଆଜି ରାଜ୍ୟର ବିଭିନ୍ନ ସରକାରୀ ହାଇସ୍କୁଲରେ ୫୭୬ ଜଣ ହିନ୍ଦି ଓ ସଂସ୍କୃତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଛନ୍ତି । ସେମାନଙ୍କ ମଧ୍ୟରୁ ୩୬୮ ଜଣ ହିନ୍ଦି ଓ ୨୦୮ ଜଣ ସଂସ୍କୃତ ଶିକ୍ଷକ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଲୋକସେବା ଭବନ ସ୍ଥିତ କନ୍‌ଭୋନସନ ସେଣ୍ଟରରେ ଏକ ନିଯୁକ୍ତି ପର୍ବର ଆୟୋଜନ ସହିତ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ନୂତନ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଶିକ୍ଷା ଗୋଟିଏ ଜାତିର ଚିନ୍ତା, ଚେତନାରେ ପରିବର୍ତ୍ତନ ଆଣିଥାଏ । ଛାତ୍ରଛାତ୍ରୀଙ୍କୁ ବଡ ସ୍ୱପ୍ନ ଦେଖିବା ପାଇଁ ପ୍ରେରଣା ଦେଇଥାଏ । ପିଲାମାନଙ୍କୁ ସେମାନଙ୍କ ସ୍ୱପ୍ନ ପୂରଣ ଦିଗରେ ଅନୁପ୍ରାଣିତ କରିବାକୁ ସେ କହିଥିଲେ । ଏହାସହିତ



ନିଜର ଜ୍ଞାନ ଓ ମୂଲ୍ୟବୋଧ ଦ୍ୱାରା ଛାତ୍ରଛାତ୍ରୀଙ୍କ ପାଇଁ ଆଦର୍ଶ ସୃଷ୍ଟି କରିବା ପାଇଁ ମଧ୍ୟ ସେ ପରାମର୍ଶ ଦେଇଥିଲେ । ଏହି ଲକ୍ଷ୍ୟ ନେଇ ଆମର ୫T ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ଜାରି ରହିଛି ବୋଲି ପ୍ରକାଶ କରି ସେ କହିଲେ ଯେ ଏହାଦ୍ୱାରା ରାଜ୍ୟର ସ୍କୁଲ ଗୁଡିକର ଭିତ୍ତିଭୂମି ଓ ପରିବେଶରେ ସମ୍ପୂର୍ଣ୍ଣ ରୂପାନ୍ତର ଆସିଛି । ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ସହାୟତାପ୍ରାପ୍ତ ସ୍କୁଲ ଗୁଡିକରେ ଶିକ୍ଷାର ଗୁଣାତ୍ମକ ମାନରେ ଉଲ୍ଲେଖନୀୟ ବୃଦ୍ଧି ଆସିପାରିଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ହାଇସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ଜରିଆରେ ୪୬୦୫ଟି ନୂଆ କ୍ଲାସରୁମ୍, ୧୬,୯୨୦ଟି ସ୍ମାର୍ଟ କ୍ଲାସରୁମ୍, ୬୮୬୩ଟି ଆଧୁନିକ ଲାବୋରେଟୋରୀ, ୭୯୨୦ଟି ଇ-ଲାଇବ୍ରେରୀ ସୃଷ୍ଟି କରାଯାଇଛି । ରାଜ୍ୟରେ ଶିକ୍ଷକ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ପ୍ରକାଶ କରି ସେ କହିଥିଲେ ଯେ ମାଧ୍ୟମିକ ସ୍ତରରେ ଚଳିତ ଶିକ୍ଷାବର୍ଷରେ ରାଜ୍ୟ ସରକାର ୪୭୪୨ ଜଣ ଶିକ୍ଷକ ନିଯୁକ୍ତ କରିଛନ୍ତି । କାର୍ଯ୍ୟକ୍ରମରେ ଯୋଗ ଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସୁଦାମ ମାର୍ଣ୍ଡି କହିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ୫T ମନ୍ତ୍ର ଆଧାରରେ ଶିକ୍ଷା ବିଭାଗ ଏବେ ଶୀର୍ଷରେ ପହଞ୍ଚି ପାରିଛି । ଶିକ୍ଷାର ମାନ ବୃଦ୍ଧି ହେଲେ, ଦେଶର ବିକାଶ ହୁଏ ବୋଲି ସେ ମତ ଦେଇ ଶିକ୍ଷକ ମାନଙ୍କୁ ପିଲାଙ୍କ ନୈତିକ ବିଚାରଧାରାରେ ଉନ୍ନତି ଆଣିବା ପାଇଁ ଉଦ୍ୟମ କରିବାକୁ ସେ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଦୁଇ ଜଣ ନବନିଯୁକ୍ତ ଶିକ୍ଷୟିତ୍ରୀ ରେଶମା ବେହେରା ଓ ସସ୍ମିତା ନାୟକ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ରେଶମାଙ୍କ ପରିବାରରେ ସମସ୍ତେ ଶିକ୍ଷକ ବୃତ୍ତିରେ ଥିବାବେଳେ, ସସ୍ମିତା କହିଥିଲେ ଯେ ତାଙ୍କ ପରିବାରରେ ସେ ପ୍ରଥମ ସରକାରୀ କର୍ମଚାରୀ । ଉଭୟ ଶିକ୍ଷକ ବୃତ୍ତିରେ ଯୋଗଦାନ କରିଥିବାରୁ ଏବଂ ୫T ଆଧାରରେ ▶(ପୃଷ୍ଠା-୧୫)

## ୨୦୨୭ ସୁଦ୍ଧା ଭାରତ ହେବ ବିଶ୍ୱର ୩ୟ ବୃହତ୍ତମ ଅର୍ଥନୀତି



**ନୂଆଦିଲ୍ଲୀ**

ଭାରତୀୟ ଅର୍ଥନୀତିର ନାମରେ ଆଉ ଏକ ବଡ଼ ସଫଳତା ଯୋଡ଼ି ହେବାକୁ ଯାଉଛି । ୨୦୨୭ ସୁଦ୍ଧା ଜାପାନ ଓ ଜର୍ମାନୀକୁ ପଛରେ ପକାଇ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ରେ ପରିଣତ ହେବ । ଗ୍ଲୋବାଲ ବ୍ରୋକରେଜ୍ ଫାର୍ମ ଜେଫରିଜ୍ ଏକ ରିପୋର୍ଟରେ ଏହା କହିଛି । ବ୍ରୋକରେଜ୍ କମ୍ପାନୀ ଏହା ମଧ୍ୟ କହିଛି ଯେ ଭାରତୀୟ ଷ୍ଟକ ବଜାର ବହୁତ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଗତ ୨୦ ବର୍ଷ ଧରି ଷ୍ଟକ ବଜାର ବାର୍ଷିକ ହାରାହାରି ୧୦-୧୨ ପ୍ରତିଶତ ହାରରେ ବୃଦ୍ଧି ପାଉଛି । ଏହା ଏବେ ପଞ୍ଚମ ବୃହତ୍ତମ ଇକ୍ୱିଟି ବଜାର । ଏହି ବେଗରେ ବୃଦ୍ଧି ଯୋଗୁଁ ୨୦୩୦ ସୁଦ୍ଧା ଭାରତୀୟ ଷ୍ଟକ ବଜାରର ବଜାର କ୍ୟାପିଟାଲାଇଜେସନ ୧୦ ଟ୍ରିଲିୟନ ଡଲାରରେ ପହଞ୍ଚିବାର ସମ୍ଭାବନା ରହିଛି । ବ୍ରୋକରେଜ୍ ଫାର୍ମ ଅନୁଯାୟୀ, ଗତ ୧୦ ବର୍ଷ ମଧ୍ୟରେ ଭାରତର ଜିଡିପି ଆମେରିକୀୟ ଡଲାରରେ ୭ ପ୍ରତିଶତ ସିଏଜିଆର ବୃଦ୍ଧି ପାଇ ୩.୬ ଟ୍ରିଲିୟନ ଡଲାରରେ ପହଞ୍ଚିଛି । ଏହି ପରିପ୍ରେକ୍ଷୀରେ ଏହା ଅଷ୍ଟମ ବୃହତ୍ତମ ଅର୍ଥନୀତିରୁ ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି । କିଛିଦିନ ତଳେ ଡବ୍ଲ୍ୟୁଇଏଫ୍ ସଭାପତି ବୋର୍ଗେ ବ୍ରେଣ୍ଡେ କହିଥିଲେ ଯେ ଭାରତ ଆଗାମୀ ବର୍ଷଗୁଡ଼ିକରେ ୧ ଟ୍ରିଲିୟନ ଡଲାର ଅର୍ଥନୀତି ଏବଂ ତୃତୀୟ ବୃହତ୍ତମ ଅର୍ଥନୀତି ରେ ପରିଣତ ହେବାକୁ ଯାଉଛି ।






ଯଦି ନକରାତ୍ମକ ପରିସ୍ଥିତିରେ ସର୍ବଦା ସକରାତ୍ମକ ମନୋଭାବ ବଜାୟ ରଖନ୍ତି ତେବେ ଏହି ବିଜୟ ହେବ ଆପଣଙ୍କର

**ଶୁଭ ସକାଳ**



# କାହିଁକି କମ୍ ବୟସରୁ ଦୁର୍ବଳ ହେଉଛି ହାଡ଼

- ରକ୍ତ ଏବଂ କ୍ୟାଲସିୟମର ଅଭାବ, ସୂର୍ଯ୍ୟ କିରଣ ସଂସ୍ପର୍ଶରେ କମ୍ ଆସିବା
- ମେନୋପଜ୍ କାରଣରୁ ଶରୀରରେ ଇଷ୍ଟ୍ରୋଜେନ୍ ଅଭାବରୁ ହାଡ ଦୁର୍ବଳ ହେବାକୁ ଲାଗେ।

*ବର୍ତ୍ତମାନର ପରିବର୍ତ୍ତିତ ଜୀବନଶୈଳୀ, ଖାଦ୍ୟ ଏବଂ ବ୍ୟାୟାମର ଅଭାବ ହାଡ ଦୁର୍ବଳ ହେବାର ମୁଖ୍ୟ କାରଣ। ବୟସରେ ଆଘାତ, ରକ୍ତ ଏବଂ କ୍ୟାଲସିୟମର ଅଭାବ, ସୂର୍ଯ୍ୟ କିରଣ ସଂସ୍ପର୍ଶରେ କମ୍ ଆସିବା ଏବଂ ଭୁଲ ଖାଦ୍ୟ ଯୋଗୁଁ ହାଡ ଦୁର୍ବଳ ହୋଇଯାଏ।*



ବର୍ତ୍ତମାନ ସମୟରେ ୩୫ ବର୍ଷରୁ କମ୍ ବୟସର ଲୋକ ଅସ୍ଥିଜନିତ ସମସ୍ୟା, ଅଷ୍ଟିଓପୋରୋସିସ୍ ରୋଗର ଶିକାର ହେଉଛନ୍ତି। ଶରୀରକୁ ମଜବୁତ ରଖେ ଅସ୍ଥି ବା ହାଡ। ସେଥିପାଇଁ ଅସ୍ଥି ସ୍ୱାସ୍ଥ୍ୟର ଯତ୍ନ ନିହାତି ଆବଶ୍ୟକ। କିନ୍ତୁ ବର୍ତ୍ତମାନର ଜୀବନଶୈଳୀ ଯୁବାବସ୍ଥାରୁ ହାଡକୁ ଦୁର୍ବଳ କରିଦେଉଛି। କମ୍ ବୟସର ପିଲାମାନେ ଆଣ୍ଠୁଗଣ୍ଠି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅସନ୍ତୁଳିତ ଖାଦ୍ୟ ଏବଂ ଶାରୀରିକ କାର୍ଯ୍ୟକଳାପ ହ୍ରାସ ଏହାର ମୁଖ୍ୟ କାରଣ ପାଲଟିଛି।

ଏହି କାରଣରୁ ବର୍ତ୍ତମାନ ସମୟରେ ୩୫ ବର୍ଷରୁ କମ୍ ବୟସର ଲୋକ ଅସ୍ଥିଜନିତ ସମସ୍ୟା, ଅଷ୍ଟିଓପୋରୋସିସ୍ ରୋଗର ଶିକାର ହେଉଛନ୍ତି। ତେବେ ହାଡ କାହିଁକି ଦୁର୍ବଳ ହୁଏ, ଦୁର୍ବଳ ହେବାର ଲକ୍ଷଣ କ'ଣ ଏବଂ ହାଡକୁ ମଜବୁତ କରିବା ପାଇଁ କଣ କରିବା ଉଚିତ୍, ଜାଣନ୍ତୁ...

### ହାଡ ଦୁର୍ବଳ ହେବାର କାରଣ:

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ବର୍ତ୍ତମାନର ପରିବର୍ତ୍ତିତ ଜୀବନଶୈଳୀ, ଖାଦ୍ୟ ଏବଂ ବ୍ୟାୟାମର ଅଭାବ ହାଡ ଦୁର୍ବଳ ହେବାର ମୁଖ୍ୟ କାରଣ। ଏହା ବ୍ୟତୀତ ଅଳ୍ପ ବୟସରେ ଆଘାତ, ରକ୍ତ ଏବଂ କ୍ୟାଲସିୟମର ଅଭାବ, ସୂର୍ଯ୍ୟ କିରଣ ସଂସ୍ପର୍ଶରେ କମ୍ ଆସିବା ଏବଂ ଭୁଲ ଖାଦ୍ୟ ଯୋଗୁଁ ହାଡ ଦୁର୍ବଳ ହୋଇଯାଏ।

ମହିଳାମାନଙ୍କ କ୍ଷେତ୍ରରେ ଏହି ସମସ୍ୟା ଅଧିକ ଦେଖାଯାଏ। ମେନୋପଜ୍ କାରଣରୁ ଶରୀରରେ ଇଷ୍ଟ୍ରୋଜେନ୍ ଅଭାବରୁ ହାଡ ଦୁର୍ବଳ ହେବାକୁ ଲାଗେ।

### କିପରି ନେବେ ଯତ୍ନ:

ଅସ୍ଥି କାର୍ଯ୍ୟକୁ ଦୃଢ ରଖିବାକୁ ଚାହୁଁଥିଲେ, ପ୍ରଥମେ ଡାଏଟରେ କ୍ୟାଲସିୟମ ସମୃଦ୍ଧ ଖାଦ୍ୟ ଯୋଗ କରନ୍ତୁ। ୨୦ରୁ ୫୦ ବର୍ଷ ବୟସର ଲୋକମାନେ ସେମାନଙ୍କର ଦୈନନ୍ଦିନ ଖାଦ୍ୟରେ ୧୦୦୦ ଗ୍ରାମ କ୍ୟାଲସିୟମ ସମୃଦ୍ଧ ଖାଦ୍ୟ ଗ୍ରହଣ କରିବା ଉଚିତ୍। ଯେଉଁମାନଙ୍କର ପୂର୍ବରୁ ଅଷ୍ଟିଓପୋରୋସିସ୍ ଅଛି ସେମାନେ ପ୍ରତିଦିନ ୧୨୦୦ ଗ୍ରାମ କ୍ୟାଲସିୟମ ଗ୍ରହଣ କରିବା ଉଚିତ୍।

### କେଉଁ ସବୁ ଖାଦ୍ୟରୁ କ୍ୟାଲସିୟମ ପାଇବେ:

କ୍ୟାଲସିୟମ ସମୃଦ୍ଧ ଖାଦ୍ୟରେ କ୍ଷୀର, ବଟରମିଲ୍କ ଏବଂ ପନିର ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ସୋୟାବିନ୍, ବ୍ରୋକଲି ଏବଂ ଅଞ୍ଜୀରରେ ପ୍ରଚୁର ପରିମାଣର କ୍ୟାସିୟମ ମିଳିଥାଏ। ଅସ୍ଥି ସ୍ୱାସ୍ଥ୍ୟ ପାଇଁ ଭିଟାମିନ୍ ଡି ମଧ୍ୟ ଆବଶ୍ୟକ। ଭିଟାମିନ ଡି ଅଭାବକୁ ଦୂର କରିବା ପାଇଁ ସୂର୍ଯ୍ୟକିରଣ ନିହାତି ଆବଶ୍ୟକ। ଏଥିପାଇଁ ପ୍ରତ୍ୟେକ ଦିନ କିଛି ସମୟ ସୂର୍ଯ୍ୟକିରଣରେ ବସନ୍ତୁ। ସବୁଜ ପତ୍ରଯୁକ୍ତ ପନିପରିବା ସହ ଏକ ସନ୍ତୁଳିତ ଖାଦ୍ୟ ବଜାୟ ରଖିପାରିଲେ ଅସ୍ଥି ସ୍ୱାସ୍ଥ୍ୟ ମଜବୁତ ରହିବ।

# କଦଳୀ ଚୋପାରେ ଚମକିବ ତ୍ୱଚା

ତ୍ୱଚା ପାଇଁ ସଭିଏଁ ପ୍ରସାଧନ ସାମଗ୍ରୀ ସହ ବିଭିନ୍ନ ଫେସ୍‌ପ୍ୟାକ୍ ମଧ୍ୟ ବ୍ୟବହାର କରି ଥାଆନ୍ତି। ତେବେ ଏଭଳି କିଛି ଘରୋଇ ସରଳ ଉପାୟ ବିଷୟରେ ଜାଣନ୍ତୁ, ଯାଦ୍ୱାରା ତ୍ୱଚାର ଚମକ ବୃଦ୍ଧି ପାଇଥାଏ। ସେହିଭଳି ଏକ ଘରୋଇ ଉପାୟ ହେଉଛି କଦଳୀ ଚୋପା। ଅଧିକାଂଶ ସାଧାରଣତଃ କଦଳୀ ଖାଇ ଏହାର ଚୋପାକୁ ଫିଙ୍ଗି ଦିଅନ୍ତି। କଦଳୀ ଖାଇବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ। ସେଭଳି ଜାଣନ୍ତୁ ତ୍ୱଚା ପାଇଁ ଏହାର ଚୋପା କେତେ ଉପକାରୀ। କଦଳୀ ଚୋପାରେ ପ୍ରାକୃତିକ ତୈଳ ଥାଏ। ଯାହା ପ୍ରାକୃତିକ ଭାବେ ତ୍ୱଚାର ଶୁଷ୍କପଣ ଦୂର କରି ନରମ କରିଥାଏ। ଭିଟାମିନ ଏରେ ଭରପୁର କଦଳୀ ଚୋପା, ତ୍ୱଚାକୁ ଖୁବ ପୋଷକ ତତ୍ତ୍ୱ ପ୍ରଦାନ କରିଥାଏ। କଲଦୀ ଚୋପାରେ ତ୍ୱଚାକୁ ମାଲିସ କରିବା ଦ୍ୱାରା ମୁହଁ ଓ ଆଖିତଳର କଳାଦାଗ ଦୂର ହୋଇଥାଏ। ତ୍ୱଚାରେ କୁଞ୍ଚନ ସମସ୍ୟା ଥିଲେ କଦଳୀ ଚୋପାର ନିଶ୍ଚୟ ବ୍ୟବହାର କରନ୍ତୁ। ତ୍ୱଚାର ସନ୍ ବର୍ନ, ଜଳାପୋଡା, କୁଣ୍ଡାଇବା ସମସ୍ୟାକୁ ଏହା ଦୂର କରିଥାଏ।



*କଦଳୀ ଚୋପାରେ ପ୍ରାକୃତିକ ତୈଳ ଥାଏ। ଯାହା ପ୍ରାକୃତିକ ଭାବେ ତ୍ୱଚାର ଶୁଷ୍କପଣ ଦୂର କରି ନରମ କରିଥାଏ। ଭିଟାମିନ ଏରେ ଭରପୁର କଦଳୀ ଚୋପା, ତ୍ୱଚାକୁ ଖୁବ ପୋଷକ ତତ୍ତ୍ୱ ପ୍ରଦାନ କରିଥାଏ।*



# ଉପକାରୀ ତେନ୍ତୁଳି



**ଗବେଷକମାନଙ୍କ ଅନୁସାରେ ତେନ୍ତୁଳିକୁ ଖାଦ୍ୟରେ ସାମିଲ କଲେ ମଧୁମେହ ରୋଗ ବି ନିୟନ୍ତ୍ରିତ ହୋଇଥାଏ। -ଏହାକୁ ଆପଣ ଫେସମାସ୍କ ଭାବେ ବି ବ୍ୟବହାର କରିପାରିବେ।**



ତେନ୍ତୁଳି ଖାଇବାକୁ କିଏ ବା ଭଲ ନ ପାଏ। ହେଲେ ଏହାର ସ୍ୱାସ୍ଥ୍ୟ ଉପରେ ବି ସୁପ୍ରଭାବ ରହିଛି। ନିୟମିତ ଭାବେ ତେନ୍ତୁଳି ଖାଇଲେ ହୃଦରୋଗ, ମଧୁମେହ ଆଶଙ୍କା କମିବା ସହ ଚେହେରାରେ ବୟସର ଛାପ ଦେଖାଯାଏ ନାହିଁ। ଏହାର ଚାହିଦା ବେଶୀ, ଖଟା, ଚଟଣି, ଚାରୁ ଇତ୍ୟାଦିରେ ତେନ୍ତୁଳିର ବ୍ୟବହାର ହୁଏ । ତେନ୍ତୁଳିକୁ ଖଟା ମିଠା ଡାଲି ତିଆରି କରିବା ପାଇଁ ଗୁଡ ସହିତ ହରଡ ଓ ମସୁର ଡାଲି ସହିତ ମିଶା ଯାଏ ।

ତେନ୍ତୁଳିକୁ ମଧ୍ୟ ଆଚାର ଓ ଚଟଣି ତିଆରି କରିବାରେ ବ୍ୟବହାର କରାଯାଏ । ଏହି ଫଳ ହଜମ କରିବାରେ ସାହାଯ୍ୟ କରେ । ତେନ୍ତୁଳି ମଧ୍ୟ କୋଷ୍ଠକାଷ୍ଠିନ୍ୟ ଦୂର କରେ । ପିତ ରୋଗରେ ମଧ୍ୟ ତେନ୍ତୁଳି ବ୍ୟବହାର କରାଯାଏ । ଦକ୍ଷିଣ ଭାରତରେ କଇଁଆ ଗଛର ବେଶି ଚାହିଦା ରହିଛି।

ଦକ୍ଷିଣ ଭାରତୀୟ ଚାରୁ, ଚଟଣି ତଥା ବିଭିନ୍ନ ବ୍ୟଞ୍ଜନରେ କଇଁଆକୁ ବ୍ୟବହୃତ କରିଥାନ୍ତି । -ତେନ୍ତୁଳିରେ ଆଣ୍ଟି ଅକ୍ସିଡାଣ୍ଟ ବ୍ୟତୀତ ଭିଟାମିନ୍ ଏ ଏବଂ ସି ରହିଥାଏ। ଯାହାକି ତ୍ୱଚାକୁ ଫ୍ରି ରାଡିକାଲ୍‌ସରୁ ରକ୍ଷା କରେ। -ତେନ୍ତୁଳି ତ୍ୱଚା ପାଇଁ ଏକ ଭଲ ବ୍ଲିଚ୍ ଭାବେ କାମ କରେ। ଏହା ତ୍ୱଚାର ଉଜ୍ଜ୍ୱଳତାକୁ ବୃଦ୍ଧି କରିଥାଏ। -ତେନ୍ତୁଳିରେ ଆଲଫା ହାଇଡ୍ରୋକ୍ସିଲ୍ ଏସିଡ୍ ଥାଏ। ଯାହା ତ୍ୱଚାକୁ ସଫା କରିବାରେ ସହାୟକ ହୋଇଥାଏ। ସେହିପରି ଏହା ମୁହରୁ ବ୍ରଣ ଚିହ୍ନ ଓ ସନ୍ ଟ୍ୟାନ୍ ବି ଦୂର କରେ। କେବଳ ସେତିକି ନୁହେଁ, ନିୟମିତ ଭାବେ ତେନ୍ତୁଳି ଖାଇଲେ ଅକାଳ ବାର୍ଦ୍ଧକ୍ୟ ହୁଏନାହିଁ। -ଗବେଷକମାନଙ୍କ ଅନୁସାରେ ତେନ୍ତୁଳିକୁ ଖାଦ୍ୟରେ ସାମିଲ କଲେ ମଧୁମେହ ରୋଗ ବି ନିୟନ୍ତ୍ରିତ ହୋଇଥାଏ।

# ଘରେ ଲଗାନ୍ତୁ ନାହିଁ ଏହି ଗଛ

**ଏହି ଗଛ କିଛି ରାଶି ର ବ୍ୟକ୍ତିଙ୍କ ପାଇଁ ଭଲ ହୋଇନଥାଏ ତେଣୁ ଅଧିକାଂଶ ଲୋକଙ୍କ ପାଇଁ ଏହା ହାନିକାରକ ହୋଇଥାଏ ଏମିତି ଦୁଇ ତିନି ଟା ରାଶି ଅଛି ତାଙ୍କ ପାଇଁ ଭଲ ହୋଇଥାଏ ଏଇ ଗଛ ର ପ୍ରଭାବ ରେ ଆପଣଙ୍କର ଆର୍ଥିକ ସମସ୍ୟା ଉଭୁଜି ପରେ । ଏପରି ଲଗାନ୍ତୁ ଯାହାଦ୍ୱାରା ଆପଣଙ୍କର ହାନି ହୋଇନଥାଏ ଏପରି କିଛି ଗଛ ଅଛି ଯାହା ଆପଣଙ୍କର ବଗିଚାରେ ଲଗାଇଲେ ଆପଣଙ୍କ ଜୀବନରେ ଦରିଦ୍ରତା ଆସିଥାଏ**

- ନୀଳ ରଙ୍ଗର ଫୁଲ ଥିବା ଏଇ ଗଛ ଆପଣଙ୍କର ଜୀବନର ସବୁ ସମସ୍ୟାକୁ ଦୂର କରିଥାଏ
- ଏହି ଗଛ କିଛି ରାଶି ର ବ୍ୟକ୍ତିଙ୍କ ପାଇଁ ଭଲ ହୋଇନଥାଏ ତେଣୁ ଅଧିକାଂଶ ଲୋକଙ୍କ ପାଇଁ ଏହା ହାନିକାରକ ହୋଇଥାଏ

ଅନେକ ଲୋକ ଗଛ ଲଗାଇବାପାଇଁ ଭଲପାଇଥାନ୍ତି ଗଛ ଆମକୁ ଅକ୍ସିଜେନ ମଧ୍ୟ ଦେଇଥାଏ ଆମର ବାତାବରଣ ଭି ଭଲ ରଖିଥାଏ ଘର ପାଖରେ ଗଛ ଲଗାଇବା କିଛି ଭୁଲ କଥା ନୁହେଁ କିନ୍ତୁ ଗଛ ଏପରି ଲଗାନ୍ତୁ ଯାହାଦ୍ୱାରା ଆପଣଙ୍କର ହାନି ହୋଇନଥାଏ ଏପରି କିଛି ଗଛ ଅଛି ଯାହା ଆପଣଙ୍କର ବଗିଚାରେ ଲଗାଇଲେ ଆପଣଙ୍କ ଜୀବନରେ ଦରିଦ୍ରତା ଆସିଥାଏ ଚାଲନ୍ତୁ ଜାଣିବା କେଉଁ ଗଛ କାରଣରୁ ଆପଣଙ୍କର ଭାଗ୍ୟ ଦୁର୍ଭାଗ୍ୟକୁ ନିମନ୍ତ୍ରିତ କରିଥାଏ । ଏହି ଗଛ କିଛି ରାଶି ର ବ୍ୟକ୍ତିଙ୍କ ପାଇଁ ଭଲ ହୋଇନଥାଏ ତେଣୁ ଅଧିକାଂଶ ଲୋକଙ୍କ ପାଇଁ ଏହା ହାନିକାରକ ହୋଇଥାଏ ଏମିତି ଦୁଇ ତିନି ଟା ରାଶି ଅଛି ତାଙ୍କ ପାଇଁ ଭଲ ହୋଇଥାଏ ଏଇ ଗଛ ର ପ୍ରଭାବ ରେ ଆପଣଙ୍କର ଆର୍ଥିକ ସମସ୍ୟା ଉଭୁଜି ପରେ । ଖଜୁରୀ ଗଛ ଆପଣଙ୍କର ବଗିଚାରେ ଲଗାଇବା ଦ୍ୱାରା ଧନ ର ଅଭାବ ଲାଗି ରହିଥାଏ ଏବଂ ଆପଣଙ୍କ ଘରେ ଖଜୁରୀ ଗଛ ଲଗାଇବା ଉଚିତ ନୁହେଁ । ବାଉଁଶ ଗଛ ଘରେ ଲଗାଇବା ଦ୍ୱାରା ଆର୍ଥିକ କ୍ଷୟ ଥାଏ ଏହା ଦ୍ୱାରା ଘରେ ନାନା ସମସ୍ୟା ଲାଗି ରହିଥାଏ ବାଉଁଶ ଗଛ ଲଗାଇବା ଦ୍ୱାରା ଘରର ମୁରବି ସର୍ବଦା କରଜରେ ବୁଡି ରହିଥାନ୍ତି ତେଣୁ ଘର ପାଖରୁ ବାଉଁଶ ଗଛ ଦୁରେଇ ଲଗାନ୍ତୁ । ଏଇ ଗଛ ଭି ଆପଣଙ୍କର ଘରେ ଲଗାଇବା ଉଚିତ ନୁହେଁ ଏହା ଦ୍ୱାରା ଆପଣଙ୍କର ଜୀବନେ ଅନେକ ଆର୍ଥିକ କ୍ଷତି ଆସିପାରେ ଆପଣଙ୍କର ଘରର ବିକାଶ ଏହା ଦ୍ୱାରା ବାଧା ପ୍ରାପ୍ତ ହୋଇପାରେ ତେଣୁ ଏଇ ସବୁ ଗଛ କେବେହେଲେ ଘର ପାଖରେ ଲଗାଇବା ଉଚିତ ନୁହଁ । ଏବେ ଆସନ୍ତୁ ଜାଣିବା ଏମିତି ଗଛ ବିଷୟରେ ଯାହାଦ୍ୱାରା ଆପଣଙ୍କର ଆର୍ଥିକ ସମସ୍ୟା ଦୂର ହୋଇ ପାରିବ ଏବଂ ପରିବାରକୁ ସର୍ବଦା ଖୁସି ଆସିବ । ହିନ୍ଦୁ ଧର୍ମରେ ତୁଳସୀ ଗଛ କୁ ଅଧିକ ଗୁରୁତ୍ୱ ଦିଆଯାଇଛି ହିନ୍ଦୁ ଘରେ ପ୍ରତ୍ୟେକ ଲୋକେ ନିଜ ଘରେ ଏଇ ଗଛ ଲଗାଇଥାନ୍ତି ଏବଂ ପୂଜା ମଧ୍ୟ କରିଥାନ୍ତି ତେବେ ଏଇ ତୁଳସୀ ଗଛ ଦ୍ୱାରା ଆପଣଙ୍କ ଘରର ସବୁ ଆର୍ଥିକ ସମସ୍ୟା ଦୂର ହେବ ଏବଂ ଘରେ ସର୍ବଦା ସକାରାତ୍ମକ ଉର୍ଜା ର ବାତାବରଣ ଲାଗି ରହିବ । ଏହା ଧନ ର ଦେବୀ ମାତା ଲକ୍ଷ୍ମୀଙ୍କୁ ପ୍ରସନ୍ନ କରିବାକୁ ଲୋକେ ବ୍ୟବହାର କରିଥାନ୍ତି ନୀଳ ରଙ୍ଗର ଫୁଲ ଥିବା ଏଇ ଗଛ ଆପଣଙ୍କର ଜୀବନର ସବୁ ସମସ୍ୟାକୁ ଦୂର କରିଥାଏ ଏବଂ ଘରେ ଧନ ର ବୃଦ୍ଧି ଘଟାଇ ଥାଏ । ହିନ୍ଦୁ ଧର୍ମରେ ବେଲ ଗଛରେ ସ୍ୱୟଂ ଭଗବାନ ଶିବ ଙ୍କର ଅଂଶ ବୋଲି କୁହାଯାଏ ସେଥିପାଇଁ ବେଲପତ୍ର ଭଗବାନ ଶିବଙ୍କର ଅତି ପ୍ରିୟ ହୋଇଥାଏ ।



**ତୁଳସୀ ଗଛ ଦ୍ୱାରା ଆପଣଙ୍କ ଘରର ସବୁ ଆର୍ଥିକ ସମସ୍ୟା ଦୂର ହେବ ଏବଂ ଘରେ ସର୍ବଦା ସକାରାତ୍ମକ ଉର୍ଜାର ବାତାବରଣ ଲାଗି ରହିବ**

# ଏହି ରୋଗ ଦୂର କରେ ନଡ଼ିଆ ପାଣି



ନଡ଼ିଆ ପାଣି ଏପରି ଏକ ପାନୀୟ, ଯାହାର ଲାଭ ଅନେକ । ଅଧିକାଂଶ ଲୋକ ଗ୍ରୀଷ୍ମ ଋତୁରେ ଏହାକୁ ଖାଆନ୍ତି । ନଡ଼ିଆ ପାଣି ପିଇବା ସ୍ୱାଦିଷ୍ଟ, ଏଥିରେ ଅନେକ ପ୍ରକାରର ଭିଟାମିନ୍, ମିନେରାଲ୍ସ ଏବଂ ଇଲେକ୍ଟ୍ରୋଲାଇଟ୍ ମିଳିଥାଏ । ଏହା ସହିତ, ଏଥିରେ କ୍ୟାଲୋରୀ ଏବଂ ଚର୍ବିର ପରିମାଣ ମଧ୍ୟ ବହୁତ କମ୍ ଅଟେ, ଯାହା ଏହାକୁ ଏକ ସୁସ୍ଥ ପାନୀୟ କରିଥାଏ । ହେଲେ ଖରା ଦିନେ ଏହାର ଚାହିଦା ଖୁବ୍ ବଢ଼ିଯାଇଥାଏ । ଆସନ୍ତୁ ଜାଣିବା ଏହାର ଉପକାରିତା ବିଷୟରେ – ନଡ଼ିଆ ପାଣିରେ ଖଣିଜ ଲବଣ ଭରପୂର ହୋଇଥାଏ । ନଡ଼ିଆ ପାଣି ପିଇଲେ ଆମ ଶରୀରକୁ ଶକ୍ତି ମିଳିଥାଏ । ଏହା ଆମ ଶରୀରରେ ରୋଗ ପ୍ରତିରୋଧ ଶକ୍ତିକୁ ବଢ଼ାଇଥାଏ । ଫଳରେ ଶରୀରରେ କୌଣସି ରୋଗ ହେବାର ଆଶଙ୍କା କମ୍ ହୋଇଥାଏ । ଏହା ଆମ ଶରୀରର ମୋଟାପଣକୁ ବି ଦୂର କରିଥାଏ । ନଡ଼ିଆ ପାଣି ପିଇବାଦ୍ୱାରା ଆମକୁ ବାରମ୍ବାର ଭୋକ ହୋଇ ନ ଥାଏ । -ବିଶେଷ କରି ସକାଳେ ନଡ଼ିଆ ପାଣି ପିଇଲେ ଶରୀର ପାଇଁ ଅଧିକ ଲାଭଦାୟକ ହୋଇଥାଏ । – ନଡ଼ିଆ ପାଣି ପିଇଲେ ଗଳଗଣ୍ଡ ଭଳି ମାରାତ୍ମକ ରୋଗ ଭଲ କରିବାରେ ସହାୟକ ହୋଇଥାଏ । ଆମ ଶରୀରରେ ବୃକକ୍ ?କୁ ସୁସ୍ଥ ରଖେ ନଡ଼ିଆ ପାଣି। -ନଡ଼ିଆ ପାଣି ପିଇଲେ ୟୁରିନ ଇନଫେକ୍ସନ ଭଳି ମାରାତ୍ମକ ରୋଗ ହେବାର ଆଶଙ୍କା କମ୍ ଥାଏ । – ନଡ଼ିଆ ପାଣି ଆମ ତ୍ୱଚାକୁ ମସୃଣ ଓ ଉଜ୍ଜଳ ରଖିଥାଏ ।



# ସମସ୍ୟାଘେରରେ ଭଣ୍ଡାରୀବାରୀ ଓ ଡେଙ୍ଗାବାରୀ ଗାଁ

- ମୌଳିକ ସୁବିଧାରୁ ବଞ୍ଚିତ ଦୁଇ ଗ୍ରାମବାସୀ
- ନାହିଁ ପକ୍କା ରାସ୍ତା କି ପାନୀୟଜଳ ସୁବିଧା
- ଦୁର୍ଦ୍ଦିନରେ ବିତୁଛି ଜୀବନ
- ଗାଁରେ ବନ୍ଦ ପଡିଛି ସ୍କୁଲ, ନାହିଁ ଅଙ୍ଗନବାଡି କେନ୍ଦ୍ର
- ଶିକ୍ଷାଦାନରୁ ବଞ୍ଚି ହେଉଛନ୍ତି ଶିଶୁ
- ପଡୁନି ପ୍ରଶାସନର ଦୃଷ୍ଟି
- ଭୋଟ ବର୍ଜନ ପାଇଁ ଚେତାବନୀ

**ନୂଆଗାଁ(ଅମୃତ ମିଡିଆ):** ନୟାଗଡ ଜିଲ୍ଲା ନୂଆଗାଁ ବ୍ଲକ କାପ୍ତାପଲ୍ଲୀ ପଞ୍ଚାୟତ ଭଣ୍ଡାରୀବାରୀ ଓ ଡେଙ୍ଗାବାରୀ ଗାଁ ଦୁଇଟି ସରକାରଙ୍କ ଦୃଷ୍ଟି ଆଡୁଆଳରେ ରହିଛି। ଗ୍ରାମବାସୀ ଦୁର୍ଦ୍ଦିନରେ ଦିନ କାଟୁଥିଲେ ମଧ୍ୟ ସେମାନଙ୍କ ସମସ୍ୟା ଦୂର କରିବା ପାଇଁ ପ୍ରଶାସନିକ ଅଧିକାରୀ ଇଚ୍ଛା ପ୍ରକାଶ କରୁନାହାନ୍ତି। ଗାଁକୁ ସବୁଦିନିଆ ରାସ୍ତାଟିଏ ନ ଥିବା ବେଳେ ପାଣି ଓ ବିଦ୍ୟାଳୟକୁ ବନ୍ଦ କରି ଦିଆଯାଇଛି। ତେଣେ ୨ରୁ୩ ମାସ ମଧ୍ୟରେ ସେମାନଙ୍କ ମୌଳିକ ଆବଶ୍ୟକତାକୁ ପୂରଣ କରା ନ ଗଲେ ସେମାନେ ଆସନ୍ତା ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ରାଜ୍ୟପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ନୂଆଗାଁ ବ୍ଲକ କାପ୍ତାପଲ୍ଲୀ ପଞ୍ଚାୟତର ୧ ନଂୱାର୍ଡ ଡେଙ୍ଗାବାରୀ ଓ ଭଣ୍ଡାରୀବାରୀ ଗ୍ରାମରେ ୩୫ଟି ଆଦିବାସୀ ପରିବାରର ପ୍ରାୟ ୧୫୦ ଲୋକ ବସବାସ କରନ୍ତି। କାପ୍ତାପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ୬ କି.ମି ଦୂରରେ ଅବସ୍ଥିତ ଏହି ଗ୍ରାମ ଦୁଇଟି ନାନା ସମସ୍ୟା ଭିତର ଦେଇ ଗତି କରୁଥିଲେ ମଧ୍ୟ ସେମାନଙ୍କ ପ୍ରତି ପ୍ରଶାସନ କି ରାଜନେତାମାନଙ୍କର ଦୃଷ୍ଟି ପଡୁନାହିଁ। କେବଳ ନିର୍ବାଚନ ଆସିଲେ ଭୋଟ ପାଇଁ ନେତାମାନେ ଆସି ନାନା ଲୋଭନୀୟ ପ୍ରତିଶ୍ରୁତି ଦେଇ ଭୋଟ ହାତେଇ ଥାଆନ୍ତି। ଆଉ ତା' ପରେ ସବୁ ଭୁଲି ଯାଆନ୍ତି। ଗ୍ରାମ ନିକଟରେ ଥିବା ରତ୍ନଗିରି ଗାଁକୁ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଦେବା ସହ ତାହାର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ପାଣିର ଗାର ହୋଇଛି। ଆମ ପାଖରେ ବଞ୍ଚିବା ପାଇଁ ମୌଳିକ ଆବଶ୍ୟକତାର ଅଭାବ ରହିଥିଲେ ମଧ୍ୟ କେହି ଦୃଷ୍ଟି ଦେଉ ନାହାନ୍ତି। ଏଭଳି କହିଛନ୍ତି, ୧ ନଂ.ୱାର୍ଡର ୱାର୍ଡସଭ୍ୟ ପ୍ରତାପ ଜାନି, ନାଦର ଜାନି, ମାଣିକ ଜାନି, ସୁଶିଳ ପ୍ରଧାନଙ୍କ ସମେତ ଦୁଇ ଗ୍ରାମର ବାସିନ୍ଦା। ରାସ୍ତା ମୁଖ୍ୟ ସମସ୍ୟା ହୋଇଛି। ଫଳରେ ଗାଁରେ ଥିବା ସ୍କୁଲକୁ ଶିକ୍ଷକ ଆସି ନ ପାରି କମ୍ ଉପସ୍ଥାନ ଦେଖାଇ କୌଶଳକ୍ରମେ ୧୦ ବର୍ଷ ପୂର୍ବେ ସ୍କୁଲକୁ ବନ୍ଦ କରିଦେଲେ। ଗାଁର ପିଲାମାନେ ଶିକ୍ଷା ଲାଭ କରିବାରୁ ବଞ୍ଚିତ ହେଉଛନ୍ତି। ଅଙ୍ଗନବାଡି କେନ୍ଦ୍ର ନାହିଁ। କୌଣସି ଲୋକ ରୋଗରେ ପଡ଼ିଲେ ଭାର କରି ନେବାକୁ ପଡୁଛି। ଏଥିଯୋଗୁଁ ଅନେକ ସମୟରେ ଜୀବନ ହାନୀ ଘଟୁଛି। ଗାଁରେ ପୋଖରୀ, ଗାଡିଆ କିଛି ନ ଥିବା ଯୋଗୁ ଗାଧୋଇବା ପାଇଁ କିମ୍ବା ଗୋରୁ ପାଣି ପିଇବାକୁ ପାଉନାହାନ୍ତି। ଗାଁକୁ ରାସ୍ତା ପାଇଁ ପ୍ରଶାସନ ନିକଟରେ ବାରମ୍ବାର ଗୁହାରି ଓ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ସୁଫଳ ନ ମିଳିନାହିଁ। ଉକ୍ତ ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା କିମ୍ବା ମୁଖ୍ୟମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ ପଡୁଛି ବୋଲି ଜଣାଇ ଦେଇ ପ୍ରଶାସନ ନୀରବ ରହିଛି। ଏପରି ଅନେକ ସମସ୍ୟା ନେଇ ଗ୍ରାମବାସୀ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ରାଜ୍ୟପାଳଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଅବଗତ କରାଇଛନ୍ତି। ଏ ସବୁ ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବା ନେଇ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ନୂଆଗାଁ ବିଡିଓ ବାସୁଦେବ ନାୟକଙ୍କୁ ପଚାରିବାରେ ଏ ସମସ୍ତ ସମସ୍ୟା ସମାଧାନ ସଂକ୍ରାନ୍ତରେ ଅଧିକାରୀମାନଙ୍କ ସହ ଆଲୋଚନା କରିବି ବୋଲି ସେ କହିଛନ୍ତି।





## ରାଜଧାନୀରେ ସିରିଜ୍ ଦୁର୍ଘଟଣା

### ଦୁଇ କାର୍ ସହ ଗୋଟିଏ ବାଇକ୍‌କୁ ଧକ୍କା ଦେଲା ମଦ୍ୟପ କାର୍ ଡ୍ରାଇଭର

**ଭୁବନେଶ୍ୱର (ବ୍ୟୁରୋ):** ଭୁବନେଶ୍ୱର ଲକ୍ଷ୍ମୀସାଗର କଟକ ରୋଡ୍‌ରେ ସିରିଜ୍ ଦୁର୍ଘଟଣା। ଦୁର୍ଘଟଣାରେ ଚାରୋଟି ଗାଡ଼ି ଚୁରମାର ହୋଇଛି। ଏକ କାରର ଚାଳକ ମଦ୍ୟପାନ କରି ପ୍ରଥମେ ଅନ୍ୟ ଏକ କାରକୁ ପିଟିଥିଲା । ଏହାପରେ ଆଉ ଏକ କାରକୁ ଧକ୍କା ଦେଇ ବାଇକ୍‌କୁ ପିଟିଥିଲା। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ପହଞ୍ଚି ସଂପୃକ୍ତ ଗାଡ଼ି ଡ୍ରାଇଭରଙ୍କୁ କାବୁ କରିଥିଲେ। ଖବର ପାଇ ପିସିଆର ଭ୍ୟାନ୍ ପହଞ୍ଚି ଡ୍ରାଇଭରଙ୍କୁ ଧରି ଥାନାକୁ ନେଇଛନ୍ତି। ଦୁର୍ଘଟଣା ଅଞ୍ଚଳରେ ଉତ୍ତେଜନା ଦେଖିବାକୁ ମିଳିଛି। କ୍ଷତିଗ୍ରସ୍ତ ହୋଇଥିବା ଗାଡ଼ି ମାଲିକମାନେ ତୁରନ୍ତ ଟଙ୍କା ଦେଇ ଗାଡ଼ି ସଜାଡି ଦେବାକୁ କହି ବଚସା କରିଥିଲେ। ପୋଲିସ ସେମାନଙ୍କୁ ବୁଝାସୁଝା କରିବା ପରେ ଥାନାକୁ ନେଇ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ଆରମ୍ଭ କରିଛି।

## ଚଳନ୍ତା ଇଞ୍ଜିନ୍‌ରେ ଲାଗିଲା ନିଆଁ

**ଢେଙ୍କାନାଳ(ଅମୃତ ମିଡିଆ):** ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ରୋଡ଼ ଷ୍ଟେସନ ନିକଟରେ ଦୁର୍ଘଟଣା। ଚଳନ୍ତା ଟ୍ରେନ୍ ଇଞ୍ଜିନରେ ଅଗ୍ନିକାଣ୍ଡ ଘଟିଛି। ହୁତୁ ହୁତୁ ହୋଇ ଜଳୁଛି ଟ୍ରେନ୍ ଇଞ୍ଜିନ। ଚଳନ୍ତା ଇଞ୍ଜିନରୁ ତଳକୁ ଡେଇଁ ପଡିଲେ ଲୋକ ପାଇଲଟ୍। ଲୋକ ପାଇଲଟ ସୁରକ୍ଷିତ ଥିବା ଜଣାପଡିଛି। ତେବେ ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ପୂର୍ବତଟ ରେଳପଥର ଗୋବିନ୍ଦପୁର ଠାରେ ଏହି ଯୋରନ୍ଦା ରୋଡ଼ ଷ୍ଟେସନ। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରୁଛି। ଇଞ୍ଜିନଟି କଟକ ଅଭିମୁଖେ ଯାଉଥିବା ବେଳେ ଏଭଳି ଦୁର୍ଘଟଣା ଘଟିଛି।

## ଓଲଟିଲା କୁକୁଡା ବୋଝେଇ ପିକଅପ୍ ଭ୍ୟାନ୍

**ପାଟଣା(ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ପାଟଣା-କେନ୍ଦେଇପଶି ରାସ୍ତାର ପୁଟୁଳିଆ ନିକଟରେ ଆଜି ଦ୍ୱିପ୍ରହରେ ଏକ ବ୍ରଏଲର କୁକୁଡା ବୋଝେଇ ପିକଅପ ଭ୍ୟାନ୍ ଭାରସାମ୍ୟ ହରାଇ ଓଲଟି ପଡି ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ଚାଳକ ଗୁରୁତର ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପାଟଣା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ ପିକ୍‌ଅପ୍ ଗାଡିଟି କେନ୍ଦୁଝର ଆଡୁ ବ୍ରଏଲର କୁକୁଡା ବୋଝେଇ କରି ପାଟଣା ଆସୁଥିବାବେଳେ ଚାଳକର ଆଖି ଲାଗି ଯିବାରୁ ଏହି ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି। ଘଟଣାସ୍ଥଳରେ ପାଟଣା ପୁଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି।

## ସରକାରୀ ଜାଗାରେ ଗୃହ ନିର୍ମାଣକୁ ବିରୋଧ

**ବେଲପଡ଼ା(ଅମୃତ ମିଡିଆ):** ବଲାଙ୍ଗୀର ଜିଲ୍ଲା ବେଲପଡ଼ା ବ୍ଲକ ପାଲେଶିରା ଗ୍ରାମର ୟୁପି ସ୍କୁଲ ସଂଲଗ୍ନ ସରକାରୀ ଜାଗାକୁ ଜଣେ ବ୍ୟକ୍ତି ଅକ୍ତିଆର କରି ଗୃହ ନିର୍ମାଣ କରିଛି। ଏହାକୁ ଗ୍ରାମବାସୀ ବିରୋଧ କରି କାର୍ଯ୍ୟାନୁଷ୍ଠାନ ଦାବିରେ ଥାନା ଘେରାଉ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ମତେ, ଗତ ୧୦ ବର୍ଷ ହେଲା ଜଣେ ବ୍ୟକ୍ତି ସ୍କୁଲପଡ଼ା ପାଖରେ ଗୋଚର ଜମିରେ ଗୃହ ନିର୍ମାଣ କରି ରହୁଛନ୍ତି। ଚଳିତ ବର୍ଷ ସେ ଆବାସ ଯୋଜନାରେ ଉପକୃତ ହୋଇଥିବା ବେଳେ କାର୍ଯ୍ୟାଦେଶ ପାଇ ସ୍କୁଲକୁ ଲାଗି ରହିଥିବା ସରକାରୀ ଜାଗାରେ ଘର ନିର୍ମାଣ କରୁଛନ୍ତି। ଏହାକୁ ବିରୋଧ କରି ପୂର୍ବରୁ ଗ୍ରାମବାସୀ ବିଡ଼ିଓ, ତହସିଲଦାର, ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହା ପରେ ସଂପୃକ୍ତ ବ୍ୟକ୍ତିଙ୍କୁ ଘର ନିର୍ମାଣ କାମ ବନ୍ଦ କରିବାକୁ କହାଯାଇଥିଲା। ହେଲେ ମଙ୍ଗଳବାର ପୁଣି ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାରୁ ଗ୍ରାମବାସୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତେବେ ଅଭିଯୋଗର ସମାଧାନ ନକରିବା ପର୍ଯ୍ୟନ୍ତ ଥାନାରେ ବସି ରହିବେ ବୋଲି ଗ୍ରାମବାସୀ ନିଷ୍ପତ୍ତି ନେଇଥିଲେ। ଶୁକ୍ରବାର ତହସିଲଦାରଙ୍କୁ ଡାକି ଏନେଇ ସମାଧାନ କରାଯିବ ବୋଲି ପୁଲିସ୍ ପ୍ରତିଶ୍ରୁତି ଦେଇଥିଲା। ତେବେ ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ଗ୍ରାମବାସୀ ରାସ୍ତାରୋକ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବେଲପଡ଼ା ଏବିଡିଓ ସାରଥୀ ସାହୁଙ୍କୁ ପଚାରିବାରୁ ଗ୍ରାମବାସୀ ଆସି ଅଭିଯୋଗ କରିଛନ୍ତି। ଯଦିଓ ସଠିକ୍ ଜାଗାରେ ଆବାସ ଗୃହ ନିର୍ମାଣ ହୋଇନାହିଁ, ଆର୍ଥିକ ସହାୟତା ଦିଆଯିବ ନାହିଁ ବୋଲି କହିଛନ୍ତି। ଆଜିର ଦାବି ସମାବେଶରେ ସୁବାସ ନିଆଲ, ଶାନ୍ତନୁ ଖର୍ସେଲ, ନୀଳବତୀ ଭୁଏ, ଯଶୋବନ୍ତୀ ପୁଟେଲ, ନବୀନ ଖର୍ସେଲ, ଗୌତମ ଖର୍ସେଲ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଡାକ୍ତର ଅଭାବ, ବାଧାପ୍ରାପ୍ତ ହେଉଛି ରୋଗୀସେବା

**କୋରାପୁଟ (ଅମୃତ ମିଡିଆ):** ଗୋଟିଏ ପଟେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ମରୁଡ଼ି। ଅନ୍ୟପଟେ ଥିବା ସ୍ୱଳ୍ପ ସଂଖ୍ୟ ବିଶେଷଜ୍ଞ ଡାକ୍ତରଙ୍କର ଦିନ ୧୨ଟା ପରେ ଆଉ ଦେଖା ମିଳୁନଥିବା ରୋଗୀ ଓ ରୋଗୀଙ୍କ ସଂପର୍କୀୟ ମାନେ ଅଭିଯୋଗ କରିଛନ୍ତି। ଏହା ଫଳରେ ରୋଗୀ ହନ୍ତସନ୍ତ ହେଉଛନ୍ତି। ଏହାସହ ନୂଆ ନିର୍ମାଣାଧିନ ଥିବା ୭ମହଲା ଡାକ୍ତରଖାନାର କାମ ସରିବା ନାଁ ନେଉନି। ଅପରପକ୍ଷରେ ଉପଲବ୍ଧ ଥିବା କିଛି ବିଭାଗର ଅଧିକା ବିଶେଷଜ୍ଞଙ୍କୁ ବସିବା ପାଇଁ ବଡ ରୁମ କିମ୍ବା ସିଟ୍ ନଥିବା ଦେଖିବାକୁ ମିଳିଛି। ସୂଚନାଅନୁଯାୟୀ, ଗତ ୨୦୧୮ମସିହାରେ କୋରାପୁଟରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଜୟପୁର-ବୋରିଗୁମ୍ମା ଜାତୀୟ ରାଜପଥର ଫୁଲବାଡ଼ ଠାରେ ନୂଆରେ ନିର୍ମାଣ କରାଯାଇଥିବା ମାତୃ ଓଶିଶୁ କଲ୍ୟାଣ ୱାର୍ଡକୁ ସ୍ଥାନାନ୍ତର ହୋଇଥିଲା। ଏହା ପରେ ଆଉ କିଛି ନୂଆ ରୁମ ବି ନିର୍ମାଣ ହୋଇଥିଲା। ଗୋଟିଏ ପଟେ ଗତ ୬ବର୍ଷ ପରେ ବି ଧାର୍ଯ୍ୟସଂଖ୍ୟକ ବିଶେଷଜ୍ଞ ଡାକ୍ତର ପୂରଣ ହୋଇ ପାରିନି। ଅପରପକ୍ଷରେ ଥିବା ବିଶେଷଜ୍ଞ ଡାକ୍ତରମାନେ ସକାଳ ୮ଟାରେ ଆସି ଦିନ ୧୨ଟା ପର୍ଯ୍ୟନ୍ତ ରହି ପଳାଇଯାଉଛନ୍ତି। ବହୁତ ଜରୁରୀ ଡାକାରା ହେଲେ ଆସୁଛନ୍ତି ନଚେତ କାହାରି ଦେଖା ମିଳୁନି। ରବିବାର ଆସିଲେ କାଁଭାଁ କିଛି ଏମବିବିଏସ୍ ଡାକ୍ତରଙ୍କୁ ବାଦ୍ ଦେଲେ କିଛି ପରୀକ୍ଷା ନିରୀକ୍ଷା ବି ହେଉନଥିବା ଅଭିଯୋଗ ହୋଇଛି। ଡିଏଚ୍‌ଏଚ୍‌ରେ ବିଶେଷଜ୍ଞ ଓ ସାଧାରଣ ଡାକ୍ତର ମିଶାଇ ୧୩୧ଟି ପଦବୀ ରାଜ୍ୟସରକାର ଧାର୍ଯ୍ୟ କରିଛନ୍ତି। ପ୍ରସୁତି ଓ ସ୍ତ୍ରୀ ବିଶେଷଜ୍ଞ, ଭେଷଜ, ସର୍ଜରୀ, ଚକ୍ଷୁ , କର୍ଣ୍ଣ ନାଶା ଓ ଗଳା, ଦନ୍ତ ଆଦି ବିଶେଷଜ୍ଞ ରହିଛନ୍ତି। ରେଡିଓଲୋଜୀ, କାର୍ଡିଆକ୍, ନ୍ୟୁରୋଲୋଜୀ, ନିଶ୍ଚେତକ, ମନସ୍ତତ୍ୱବିତ୍ ଭଳି ବହୁ ଜରୁରୀ ବିଶେଷଜ୍ଞ ପଦବୀ ଖାଲି ପଡ଼ିଛି। ଏବେ ଭେଷଜ ବିଶେଷଜ୍ଞ ୩ଜଣ, ସ୍ତ୍ରୀ ଓ ପ୍ରସୁତି ବିଶେଷଜ୍ଞ ୪ଜଣ, ଚକ୍ଷୁ, ଇଏଣ୍ଟି, ଦନ୍ତ, ଅସ୍ଥିଶଲ୍ୟ, ସର୍ଜନ, ଶିଶୁ ବିଶେଷଜ୍ଞ ୨ଜଣ ଲେଖାଏଁ, ଚର୍ମରୋଗ ବିଶେଷଜ୍ଞ ଜଣେ ରହିଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସୂତ୍ରରୁ ସୂଚନା ମିଳିଛି। ଏଭଳିକି କିଛି ଡାକ୍ତର ଏବେ ବି କୋରାପୁଟରୁ ଯିବା ଆସିବା କରୁଥିବାରୁ ସେମାନେ ମନ ଇଚ୍ଛା ସମୟରେ ଆସୁଛନ୍ତି। ଆଉ କିଛି ଡାକ୍ତର ରୋଗୀଙ୍କୁ ବିଭିନ୍ନ ପରୀକ୍ଷା କରିବାକୁ କହିବା ସହ ଡାକ୍ତରଖାନା ବଦଳରେ କ୍ଲିନିକର ଠିକଣା ଦେଇ ସମୟ ଧାର୍ଯ୍ୟ କରି ସେଠାକୁ ଯିବାକୁ କହୁଥିବା ବି ଦେଖିବାକୁ ମିଳିଛି। ତେବେ ଅଧିକାଂଶ ବିଶେଷଜ୍ଞ ଡାକ୍ତରଙ୍କ ସ୍ୱତନ୍ତ୍ର ୱାର୍ଡର ରୁମ ବହୁ ଛୋଟ ରହିଥିବା ବେଳେ ସେଥି ମଧ୍ୟରେ ହିଁ ପରୀକ୍ଷା କରିବାକୁ ଥିବା ଯନ୍ତ୍ରାଂଶ ଓ ବସିବାକୁ ସ୍ଥାନ ଅଭାବ ଦେଖିବାକୁ ମିଳିଛି। ଏହା ଫଳରେ ଏହି ବିଶେଷଜ୍ଞ ଡାକ୍ତରମାନେ ପାଳି କରି ଚିକିତ୍ସା କରୁଥିବା କହିଛନ୍ତି। ତେବେ ସେମାନେ ବସିବା ପାଇଁ ରୁମ ଓ ସିଟ୍ ଅଭାବ ସେମାନେ ଗୋଟିଏ ଓଳିଏ ଡ୍ୟୁଟି କରିବା ଏବଂ କ୍ଲିନିକ୍ ଯିବାକୁ ବାଧ ହେଉଥିବା କିଛି ଡାକ୍ତର କହିଛନ୍ତି। ଅପରପକ୍ଷରେ ନୂଆ ନିର୍ମାଣାଧିନ ଡିଏଚଏଚ୍‌ର ନିର୍ମାଣ ସରିଲେ ଯାଇ ସମସ୍ୟାର ସମାଧାନ ହେବ ବୋଲି କହିଛନ୍ତି ଡିଏମଓ ଡ.ଆରଏନ୍ ମିଶ୍ର।

## ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

**ଲାଞ୍ଜିଗଡ(ଅମୃତ ମିଡିଆ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣାରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୬ ନଂ ରାଜ୍ୟ ରାଜପଥ ପୋଖରୀବନ୍ଧ ନିକଟସ୍ଥ ସାହୁ କ୍ରସର ସମ୍ମୁଖରେ ଏକ ହାଇୱା ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏକ ବୋଲେରୋ ଯୋଗେ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଯୁବକ ଜଣକ ପଶ୍ଚିମବଙ୍ଗର ଜାମିଲ ଅହମ୍ମଦ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ବାଇକ୍ ଆରୋହୀ ଜଣକ ଭବାନୀପାଟଣା ପଟୁ ଆସୁଥିବା ବେଳେ ସାହୁ କ୍ରସରଠାରୁ ଏକ ହାଇୱା ଆସୁଥିବା ସମୟରେ ପିଟି ହୋଇ ବାଇକ୍ ଆରୋହୀ ଜଣକ ହାଇୱା ତଳେ ଚାପିହୋଇ ଯାଇଥିଲେ।

## ଗାଡି ଡିକି ଭାଙ୍ଗି ଲୁଟି ନେଲେ ଭତ୍ତା ଟଙ୍କା

**କାମାକ୍ଷାନଗର(ଅମୃତ ମିଡିଆ):** ଲୁଟି ନେଲେ ଭତ୍ତା ଟଙ୍କା। ୧ ଲକ୍ଷ ୮୦ ହଜାର ଭତ୍ତା ଟଙ୍କା ଲୁଟ୍ ହୋଇଥିବା ନେଇ ଗୁରୁବାର ଖବର ମିଳିଛି। ପରଜଙ୍ଗ ଥାନା ପିଟିରି ପଞ୍ଚାୟତ ଜିଆରଏସଙ୍କ ଠାରୁ ଏହି ଲୁଟ୍ ହୋଇଛି। ଖାଲପାଳ ଗାଁରେ ଭତ୍ତା ବଣ୍ଟନ ବେଳେ ଲୁଟ୍ ହୋଇଛି। ଗାଡି ଡିକି ଭାଙ୍ଗି ଦୁର୍ବୃତ୍ତ ଟଙ୍କା ଲୁଟ୍ କରିଛନ୍ତି ବୋଲି ଅଭିଯୋଗ ହୋଇଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ପୁଷ୍ଟିକର ଖାଦ୍ୟ ପ୍ରଦାନରେ ଅନିୟମିତତା

**ବାଉଁଶୁଣି (ଅମୃତ ମିଡିଆ):** ବୌଦ୍ଧ ବ୍ଲକ ବାଉଁଶୁଣି ଅଞ୍ଚଳରେ ଥିବା ଅଙ୍ଗନବାଡି କେନ୍ଦ୍ର ଗୁଡିକରେ ମୁଖ୍ୟମନ୍ତ୍ରୀ ପୁଷ୍ଟିକର ଖାଦ୍ୟ ଯୋଜନାରେ ୧୩ରୁ ଉର୍ଦ୍ଧ୍ୱ ବୟସର କିଶୋରୀ ବାଳିକାମାନଙ୍କୁ ପ୍ରଦାନ କରାଯାଉଥିବା ଖାଦ୍ୟ ଅନିୟମିତତା ଅଭିଯୋଗ ହେଉଛି। ସରକାରୀ ନିୟମ ଅନୁଯାୟୀ ଜଣେ କିଶୋରୀ ବାଳିକାକୁ ଭଜା ଚଣା, ଭିଟାମିନ ଯୁକ୍ତ ମୁଢ଼ି, ଅଣ୍ଡା ପ୍ରଦାନ କରିବାର ବ୍ୟବସ୍ଥା ରହିଛି। କିନ୍ତୁ ଅଭିଯୋଗ ଅନୁସାରେ ତେଲିବନ୍ଧ, ମୁଣ୍ଡିପଦର, ମୁଣ୍ଡାପଡ଼ା, ତାଳସରଡ଼ା, ଗ୍ରାମ ପଞ୍ଚାୟତର ବିଭିନ୍ନ ଅଙ୍ଗନବାଡି କେନ୍ଦ୍ର ଗୁଡିକରେ ନିର୍ଦ୍ଧାରିତ ମାପ ଠାରୁ କମ୍ ରହୁଥିବା ଚଣା, ମୁଢ଼ି, ପ୍ରଦାନ କରାଯାଉଥିବା ଅଭିଯୋଗ ହେଉଛି। ସରକାରୀ ଅଧିକାରୀ ମାନେ ସରକାରଙ୍କ ନିୟମକୁ ଫୁଙ୍କରି ଉଡ଼ାଇ ଦେଉଛନ୍ତି। ଏ ଦିଗରେ ତଦନ୍ତ କରିବା ସହ ଉପଯୁକ୍ତ ପରିମାଣରେ କିଶୋରୀ ବାଳିକାମାନଙ୍କୁ ଖାଦ୍ୟ ଯୋଗାଇ ଦେବା ପାଇଁ ଦାବି ହେଉଛି।

## ଦୁର୍ଘଟଣାରେ ଭାଙ୍ଗିଲା ଟ୍ରାଫିକ୍ ପୋଷ୍ଟ

**ବାରଙ୍ଗ(ଅମୃତ ମିଡିଆ):** ପୁଣି ଘଟିଲା ମର୍ମନ୍ତୁଦ ସଡକ ଦୁର୍ଘଟଣା। ନାଲକୋ ଛକରେ କାର୍ ଟ୍ରାକ୍ଟର ମୁହାଁମୁହିଁ ଧକ୍କା। ଜୋରଦାର ଧକ୍କାରେ ଭାଙ୍ଗିଲା ଟ୍ରାଫିକ ପୋଷ୍ଟ। ଏହି ଦୁର୍ଘଟଣାରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଘଟଣାସ୍ଥଳରେ ଦୁଇଟି ପିସିଆର ସହ ମୈତ୍ରୀ ବିହାର ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଡ୍ରଙ୍କ ଆଣ୍ଡ ଡ୍ରାଇଭ ଯୋଗୁ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ନାଲକୋ ଛକରେ କାର୍ ଟ୍ରାକ୍ଟର ମୁହାଁମୁହିଁ ଧକ୍କା ହୋଇଛି। ପ୍ରେସ୍ ଛକ ପଟୁ ଗୋଟିଏ ମାରୁତି ସେଲେରିଓ ଦ୍ରୁତ ଗତିରେ ଆସୁଥିବାବେଳେ ଜୟଦେବ ବିହାରରୁ ପ୍ରେସ ଛକ ଯାଉଥିବା ଟ୍ରାକ୍ଟର ସହିତ ଜୋରଦାର ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ନାଲକୋ ଛକ ଟ୍ରାଫିକ ପୋଷ୍ଟ ଭାଙ୍ଗି ଥିବାବେଳେ ତିନିଜଣ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଆହତଙ୍କ ପରିଚୟ ମିଳି ନ ଥିବାବେଳେ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ମୈତ୍ରୀ ବିହାର ଥାନା ପୋଲିସ ଦୁଇଟି ଗାଡ଼ି ଜବତ କରି ତଦନ୍ତ ଜାରି ରଖିଛି।

## ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଟାଙ୍ଗୀ-ଚୌଦ୍ୱାର(ଅମୃତ ମିଡିଆ):** ଚୌଦ୍ୱାର ପୌରପାଳିକାର ବିଭିନ୍ନ ୱାର୍ଡ଼ରେ ଆମ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ ଆରମ୍ଭ ହୋଇଥିବା ସହରୀ ବିକାଶ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ପୌରପାଳିକାର ୱାର୍ଡ଼ ନଂ.୮ ଓ ୯ର କାର୍ଯ୍ୟକ୍ରମ ଗାନ୍ଧିଛକ ସ୍ଥିତ ଟାଉନ୍ ହଲ ଠାରେ ଆୟୋଜନ କରାଯାଇଥିବାବେଳେ ୧୦ନଂ. ୱାର୍ଡ଼ର ଯଯାତୀ କେଶରୀ କ୍ଲବ୍‌ରେ ଏବଂ ୧୯ନଂ. ୱାର୍ଡ଼ର ମିଶନ୍ ଶକ୍ତି ଗୃହ ସମ୍ମୁଖରେ ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ୱାର୍ଡ଼ରେ ଆୟୋଜିତ ହୋଇଥିବା ଏହି ସଚେତନତା ଶିବିରରେ ସମ୍ପୃକ୍ତ ୱାର୍ଡ଼ମାନଙ୍କର ସମସ୍ତ ମିଶନ୍ ଶକ୍ତି ମହିଳା ଗୋଷ୍ଠୀ ଉପସ୍ଥିତ ରହୁଥିବା ବେଳେ ୱାର୍ଡ଼ର ମହିଳା ଏବଂ ଛାତ୍ରଛାତ୍ରୀମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହାସହିତ ଏଲଇଡି ସ୍କ୍ରିନ୍ ମାଧ୍ୟମରେ ଚୌଦ୍ୱାର ସହରରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଏବଂ ଆଗକୁ ହେବାକୁ ଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ବିଷୟରେ ସବିଶେଷ ବିବରଣୀ ମଧ୍ୟ ପ୍ରଦାନ କରାଯାଇଥିଲା । ଚୌଦ୍ୱାର ପୌର ନିର୍ବାହୀ ଅଧିକାରୀ ସଂଜୀବ୍ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ରାଜ୍ୟ ଜାଗା ମିଶନ୍ ଉପଦେଷ୍ଟା ଶାଶ୍ୱତୀ ମିଶ୍ର, ଡୁଡା ଅଧିକାରୀ ଅକ୍ଷୟ କୁମାର ମିଶ୍ର, ନଗର ବିଜେଡ଼ି ସଭାପତି ବିଷ୍ଣୁଚରଣ ପରିଡ଼ା, କାଉନ୍‌ସିଲର ସୁବ୍ରତ ସାମଲ, ରଙ୍ଗଲତା ସାହୁ, ବିଜୟଲକ୍ଷ୍ମୀ ବେହେରା, ରାଜ୍ୟ ଯୁବ ଯୁଗ୍ମ ସଂପାଦକ ଅର୍ଜୁନ ପଣ୍ଡା, ଚୌଦ୍ୱାର ଯୁବ ବିଜେଡ଼ି ସଭାପତି ଶାରଦା ରଂଜନ ପରିଜା, ଛାତ୍ର ସଭାପତି ଭରତ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ଚୌଦ୍ୱାର ପୌରପାଳିକା ପକ୍ଷରୁ ନିକିତା ଜେନା, ଶିକ୍ତା ମହାନ୍ତି, ପ୍ରତିମା ବେହେରା ଓ ସଞ୍ଜୟ କୁମାର ସାମନ୍ତ ପରିଚାଳନା କରିଥିବାବେଳେ ବିଭିନ୍ନ ଆଂଚଳିକ ମହାସଂଘ ପକ୍ଷରୁ ବୀଣାପାଣି ଦାସ, କଲ୍ୟାଣୀ ସାହାଣୀ ଓ ସମସ୍ତ ମହାସଂଘର ସଦସ୍ୟାମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଂଜନ କୁମାର ବାରିକ୍, ଉମାକାନ୍ତ ସାହୁ, ରବିନ୍ଦ୍ର ବାରିକ୍, ସ୍ମୃତିଶ୍ରୀ ଜଗଦେବ, ସରୋଜିନୀ ନାୟକ, ସୁରେଖା ସାହୁ, ସୁଶାନ୍ତ ସାହୁ, ହରେକୃଷ୍ଣ ସାହୁ, ଟି.ଆନ୍‌ସା ଦେବୀ, ସସ୍ମିତା ପଣ୍ଡା, ଅଶୋକ ମହାନ୍ତି, ଜୀବନ ବଳ, ବୈଷ୍ଣବ ଦାସ, ଅନୁପମା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ଦୁର୍ଗମ ଅଞ୍ଚଳରେ ଅପହଞ୍ଚ ନେଟ୍‌ୱର୍କ ସେବା

- ନେଟ୍‌ୱର୍କ ନଥିବାରୁ ରାସ୍ତାକଡ଼ରେ ଚାଲିଛି ସରକାରୀ କାର୍ଯ୍ୟ
- ଭୋଟ ବର୍ଜନର ଚେତାବନୀ ଦେଲେ ଗ୍ରାମବାସୀ





**ଘୁ.ଉଦୟଗିରି(ଅମୃତ ମିଡିଆ):** ଦେଶ ବିକାଶ ପଥରେ ଢେର ଆଗଉଛି। ଯୋଗାଯୋଗ କ୍ଷେତ୍ରରେ ବହୁ ଆଗକୁ ବଢ଼ି ୪ଜିରୁ ୫ଜି ହେଲାଣି। ଚନ୍ଦ୍ରପୃଷ୍ଠକୁ ମଣିଷ ଗଲାଣି। କିନ୍ତୁ ଆଜି ବି ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲାରେ ମୋବାଇଲ୍ ନେଟ୍‌ୱର୍କ ସମସ୍ୟା ଗୁରୁତର ସମସ୍ୟା ଭାବେ ଉଭା ହୋଇଛି। ସରକାରଙ୍କ ସମସ୍ତ କାର୍ଯ୍ୟ ଅନ୍‌ଲାଇନ ମାଧ୍ୟମରେ ହେଉଥିବା ବେଳେ ବିଭିନ୍ନ ଦୁର୍ଗମ ଅଞ୍ଚଳରେ ଆଜି ବି ମୋବାଇଲ ନେଟ୍‌ୱର୍କ ଅପହଞ୍ଚ ହୋଇ ରହିଥିବା ଦେଖିବାକୁ ମିଳୁଛି। ବୁଲି ବୁଲି ନେଟ୍‌ୱର୍କ ଖୋଜିବାକୁ ପଡୁଛି। ଏହିଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ସ୍ଥାନୀୟ ବ୍ଲକ ଅନ୍ତର୍ଗତ ରଟିଙ୍ଗିଆ ପଞ୍ଚାୟତରେ।

ରାଜ୍ୟ ସରକାର ରାଜ୍ୟର ସମସ୍ତ ବିପିଏଲ ରାସନ କାର୍ଡଧାରୀଙ୍କୁ ଦୁଇଟି ଝୋଟ ବ୍ୟାଗ ସହ ଏକ ହଜାର ଟଙ୍କା ପ୍ରଦାନ ନିମନ୍ତେ ଘୋଷଣା କରିବା ପରେ ପ୍ରଥମେ ଝୋଟ ବ୍ୟାଗ ସମସ୍ତଙ୍କୁ ପ୍ରଦାନ କରାଯାଇଥିଲା। କାରଣ ୧ହଜାର ଟଙ୍କା ପ୍ରଦାନ ନିମନ୍ତେ ଟଙ୍କା ଆସିନଥିଲା। ଟଙ୍କା ଆସିବା ପରେ ସ୍ଥାନୀୟ ଯୋଗାଣ ବିଭାଗ ପକ୍ଷରୁ ସ୍ଥାନୀୟ ରଟିଙ୍ଗିଆ ପଞ୍ଚାୟତକୁ ରାସନକାର୍ଡଧାରୀଙ୍କୁ ୧ହଜାର ଟଙ୍କା ପ୍ରଦାନ ନିମନ୍ତେ ସମସ୍ତେ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିବାକୁ ସୂଚନା ପ୍ରଦାନ କରାଯାଇଥିଲା। ସୂଚନା ପ୍ରକାରେ ପଞ୍ଚାୟତର ଶହଶହ ରାସନକାର୍ଡଧାରୀ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ ଏକ ହଜାର ଟଙ୍କା ପାଇବା ନିମନ୍ତେ। ଯୋଗାଣ ବିଭାଗ କର୍ମଚାରୀ ପହଞ୍ଚି ନିଜ କାର୍ଯ୍ୟ ଆରମ୍ଭ କରିବା ବେଳେ ନେଟ୍‌ୱର୍କ ନଥିବା ଦେଖି କ'ଣ କରିବେ ଚିନ୍ତା କରି କରି ନିଜ କାଗଜପତ୍ର ଧରି ଗାଁର କେଉଁଠି ନେଟ୍‌ୱାର୍କ ଆସୁଛି ଖୋଜି ବୁଲିଲେ। କିଛି ସମୟ ପରେ ରଟିଙ୍ଗିଆ ଛକରେ ଏକ ରାସ୍ତା କଡରେ ନେଟ୍‌ୱାର୍କ ଆସୁଥିବା ଦେଖି ସେହି ସ୍ଥାନକୁ ନିଜ କାଗଜପତ୍ର, ଟେବୁଲ ଚେୟାର ବୋହି ଚାଲିଲେ ଏବଂ ନିଜ କାମ ଆରମ୍ଭ କଲେ। ତଥାପି ନେଟ୍‌ୱର୍କ ସମସ୍ୟା ରହିଥିଲା। କିଛି ଘଣ୍ଟା ଭିତରେ ମାତ୍ର ୨୦ରୁ ୨୫ଜଣ ରାସନ କାର୍ଡଧାରୀଙ୍କୁ ୧ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଗଲା। ପୁଣି ନେଟ୍‌ୱର୍କ ସମସ୍ୟା ଦେଖାଦେବାରୁ ଟଙ୍କା ଦେବା ବନ୍ଦ କରି ଯୋଗାଣ ବିଭାଗ କର୍ମଚାରୀ କାର୍ଡଧାରୀଙ୍କୁ ବ୍ଲକ୍‌କୁ ଆସି ନିଜ ନିଜ ପ୍ରାପ୍ୟ ନେବାକୁ କହିଥିଲେ। ନିଜ କାମଧନ୍ଦା ଛାଡି ଶହ ଶହ ଲୋକ ଏକ ହଜାର ଟଙ୍କା ପାଇବା ଆଶାରେ ଆଜି ନିଜ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିଲେ ହେଲେ ନିରାଶ ହୋଇ ଫେରିଗଲେ। ପୁଣି ଆଉ ଗୋଟିଏ ଦିନ ଆସବାକୁ ପଡିବ। ଗରିବ ଲୋକ ଖଟିଲେ ମୂଲ ଲାଗିଲେ ଘର ଚଳିବ। ଏହିଭଳି ଯଦି ନିଜ କାମଧନ୍ଦା ଛାଡି ଏମିତି ବାରମ୍ବାର ଆସିବାକୁ ପଡିବ, ତାହାହେଲେ ଘର ଚଳିବ କେମିତି ବୋଲି ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ ରଟିଙ୍ଗିଆରେ ଦୀର୍ଘଦିନ ହେଲା ମୋବାଇଲ ନେଟ୍‌ୱର୍କ ସମସ୍ୟା ଲାଗି ରହିଥିବା ବେଳେ ଅଞ୍ଚଳବାସୀ ଏହି ସମସ୍ୟାର ସମାଧାନ ନିମନ୍ତେ ଅଭିଯୋଗ ଶୁଣାଣି ସମୟରେ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣେଇଥିଲେ। ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲେଇବାକୁ ପ୍ରସ୍ତୁତ ହେଉଥିବା ବେଳେ ଆଜି ଲୋକଙ୍କ ଭିତରେ ଘୋର ଅସନ୍ତୋଷ ସୃଷ୍ଟି ହୋଇଛି। ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ରଟିଙ୍ଗିଆରେ ମୋବାଇଲ ନେଟ୍‌ୱର୍କ ସମସ୍ୟାର ସମାଧାନ ନ ହେଲେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି।

## ସମ୍ପାଦକୀୟ...

# ପୋଷ୍ୟ ସନ୍ତାନ ଅଧିକାର

ସମ୍ବିଧାନର ଅନୁଚ୍ଛେଦ ୨୧ ଆମକୁ ଏଭଳି ଏକ ଅଧିକାର ପ୍ରଦାନ କରିବାରେ ସହାୟତା ପ୍ରଦାନ କରୁଛି ଯାହାଦ୍ୱାରା ଆମେ କାହାର ବି ଜଣେ ପିଲାକୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରି ପାରିବା। ହେଲେ ସବୁ କ୍ଷେତ୍ରରେ ଏଭଳି ଭାବିବା ଠିକ୍ ନୁହେଁ କିମ୍ବା ସର୍ବଦା ଆମେ ଏଭଳି କିଛି ପଦକ୍ଷେପ ନେବା କେବେ ବି ଠିକ୍ ନୁହେଁ। କାରଣ କାହାର ବି ସନ୍ତାନକୁ ଆମେ ଏତେ ସହଜରେ କେବେ ବି ଗ୍ରହଣ କରିପାରିବା ନାହିଁ। ସେଥିରେ ଉଭୟ ପକ୍ଷର ଉପଯୁକ୍ତ ବୁଝାମଣାର ଆବଶ୍ୟକତା ରହିଛି, ସେଥିରେ ଉଭୟ ପକ୍ଷର ଉପଯୁକ୍ତ ସହମତିର ଆବଶ୍ୟକତା ରହିଛି। ଯାହାକୁ ଆମେ ପ୍ରକୃତ ଧାରା ବୋଲି କହିପାରିବା। ଯେବେ ବ୍ୟକ୍ତିଗତ ସହମତିରେ ଅବା ବୁଝାମଣାରେ କିମ୍ବା ପାରସ୍ପରିକ ସହମତିରେ କୌଣସି ବି କାର୍ଯ୍ୟରେ ବାଧା ସୃଷ୍ଟି ହୁଏ , ସେଭଳି କ୍ଷେତ୍ରରେ ସେଭଳି ବୁଝାମଣାର ସେମିତି କିଛି ମୂଲ୍ୟ ରହେନି କିମ୍ବା ସେଭଳି କ୍ଷେତ୍ରରେ ସେଭଳି କୌଣସି ବି ବାର୍ତ୍ତାଳାପର କିଛି ବି ମୂଲ୍ୟ ରହେନା । କାରଣ ସବୁକିଛି ନିର୍ଦ୍ଦିଷ୍ଟ ଗୋଟାଏ ଧାରାରେ ଚାଲିବା ଦରକାର। ସବୁ କିଛି ଗୋଟାଏ ନିର୍ଦ୍ଦିଷ୍ଟ ନିୟମରେ ସମ୍ପାଦନ ହେବା ଦରକାର। ସେମିତି ଯଦି ହୋଇନପାରେ କିମ୍ବା ସେମିତି ହେବାରେ ଯଦି କୌଣସି ସମସ୍ୟା ସୃଷ୍ଟି ହୁଏ , ତେବେ କିଛି ବି ସମ୍ଭବ ନୁହେଁ। ସବୁ କିଛି ଅସମ୍ଭବ ହୋଇ ପଡ଼ିବ । ଯେଉଁଠି ଆମେ ପୋଷ୍ୟ ସନ୍ତାନ କଥା ଉଠାଇବା, ସେଭଳି କ୍ଷେତ୍ରରେ କିଛି ବି ସମ୍ଭବ ନୁହେଁ କାରଣ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ପୂର୍ଣ୍ଣ ରୂପେ ଏକ ସମ୍ବେଦନଶୀଳ ପ୍ରସଙ୍ଗ। କାହାର ବି ସନ୍ତାନକୁ ଆମେ କେମିତି ବା ଗ୍ରହଣ କରିବା ନିର୍ଦ୍ଦିଷ୍ଟ ଭାବେ ସେହି ଲୋକର ସନ୍ତାନକୁ ଯାହା ସହିତ ଆମେ ଯଦି କିଛି ବି ବୁଝାମଣା ଅବା ଚୁକ୍ତି ନ କରୁ। ସେଭଳି ସ୍ଥିତିରେ ସେହି ଲୋକର ସନ୍ତାନକୁ ଆମେ କେବେ ବି ଗ୍ରହଣ କରିପାରିବା ନାହିଁ । ସେଭଳି କ୍ଷେତ୍ରରେ ଅବା ସେଭଳି ସ୍ଥିତିରେ ବିଶ୍ୱର କୌଣସି ବି ଆଇନ୍ କାନୁନ କେବେ ବି ଆମକୁ ସେଭଳି ଅଧିକାର ଦେଇପାରେ କି ? ତେବେ ସହମତି ଭିତ୍ତିରେ ଅବା ବୁଝାମଣା ଭିତ୍ତିରେ ଅବଶ୍ୟ କିଛି ବି ହୋଇପାରେ । ଧୋକ୍କା ବି ହୋଇପାରେ । ଯଦି ଧୋକ୍କା ହୋଇପାରେ ତେବେ ସବୁ କିଛି ବେକାର। ଆଇନ୍ ବି ବେକାର ଏବଂ କାନୁନ୍ ବି ବେକାର। ସେଭଳି କ୍ଷେତ୍ରରେ କି ଆଇନ୍,କି କାନୁନ୍ ; ସବୁ କିଛି ଲାଚାର। କାରଣ ଦୁନିଆରେ କିଛି ବି ବିନା ନିୟମରେ ସମ୍ପାଦନ ହୁଏନି କିମ୍ବା ବିନା ନିୟମରେ ଅବା ଧାରାରେ କିଛି ବି ଗୋଟାଏ କାମରେ ସଫଳତା ପାଇବାର ସମ୍ଭାବନା ନ ଥାଏ । କାରଣ ସବୁକିଛି ନିର୍ଦ୍ଦିଷ୍ଟ ଗୋଟାଏ ଧାରାରେ ଚାଲିବା ଦରକାର। ସବୁ କିଛି ଗୋଟାଏ ନିର୍ଦ୍ଦିଷ୍ଟ ନିୟମରେ ସମ୍ପାଦନ ହେବା ଦରକାର। ସେମିତି ଯଦି ହୋଇନପାରେ କିମ୍ବା ସେମିତି ହେବାରେ ଯଦି କୌଣସି ସମସ୍ୟା ସୃଷ୍ଟି ହୁଏ , ତେବେ କିଛି ବି ସମ୍ଭବ ନୁହେଁ। ସବୁ କିଛି ଅସମ୍ଭବ ହୋଇ ପଡ଼ିବ । ଯେଉଁଠି ଆମେ ପୋଷ୍ୟ ସନ୍ତାନ କଥା ଉଠାଇବା, ସେଭଳି କ୍ଷେତ୍ରରେ କିଛି ବି ସମ୍ଭବ ନୁହେଁ କାରଣ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ପୂର୍ଣ୍ଣ ରୂପେ ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଯେବେ ଆମେ ପୋଷ୍ୟ ସନ୍ତାନ କଥା ଉଠାଇବା, ସେଭଳି କ୍ଷେତ୍ରରେ ସବୁକିଛି ଅସମ୍ଭବ କାରଣ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ପୂର୍ଣ୍ଣ ରୂପେ ଏକ ସ୍ୱତନ୍ତ୍ର ତଥା ସମ୍ବେଦନଶୀଳ ପ୍ରସଙ୍ଗ। କାରଣ କାହାର ବି ସନ୍ତାନକୁ ଆମେ କେମିତି ବା ଗ୍ରହଣ କରିବା ନିର୍ଦ୍ଦିଷ୍ଟ ଭାବେ ସେହି ଲୋକର ସନ୍ତାନକୁ ଯାହା ସହିତ ଆମେ ଯଦି କିଛି ବି ବୁଝାମଣା ଅବା ଚୁକ୍ତି ନ କରୁ। ସେଭଳି ସ୍ଥିତିରେ ସେହି ଲୋକର ସନ୍ତାନକୁ ଆମେ କେବେ ବି ଗ୍ରହଣ କରିପାରିବା ନାହିଁ । ସେଭଳି କ୍ଷେତ୍ରରେ ଅବା ସେଭଳି ସ୍ଥିତିରେ ବିଶ୍ୱର କୌଣସି ବି ଆଇନ୍ କାନୁନ କେବେ ବି ଆମକୁ ସେଭଳି ଅଧିକାର ଦେଇପାରେ କି ? କେବେ ବି ନୁହେଁ, କାରଣ ଯେଉଁଠି ଆମେ ପୋଷ୍ୟ ସନ୍ତାନ କଥା ଉଠାଇବା, ସେଭଳି କ୍ଷେତ୍ରରେ କିଛି ବି ସମ୍ଭବ ନୁହେଁ କାରଣ ପ୍ରଥମତଃ ସନ୍ତାନ ଉପରେ ତା'ର ମା' ଅବା ବାପାର ପ୍ରଥମ ଅଧିକାର ଯେଉଁମାନେ ତାକୁ ଜନ୍ମ ଦେଇଥିବେ। କେବେ କେହି ବି ବାପା ମା' ତା'ର ସନ୍ତାନ୍‌କୁ ଅନ୍ୟକୁ ଦେଇ ନପାରେ। ଯଦି ବି କେହି ଦିଏ, ତେବେ ସେଭଳି କୌଣସି ଚରମ ପରିସ୍ଥିତିରେ ଅବା ବିଶେଷ ଦୁଃସ୍ଥିତିରେ ପଡ଼ି ହୁଏତ ସେଭଳି କେହି କିଛି ପଦକ୍ଷେପ ନେଇପାରେ। ଜଣେ ନିଃସନ୍ତାନ ହିଁ ଅନ୍ୟର ସନ୍ତାନ ଗ୍ରହଣ କରିପାରେ, ସନ୍ତାନ ଥାଇ ବି ଜଣେ ଅନ୍ୟର ସନ୍ତାନ ଗ୍ରହଣ କରିପାରେ। ତେବେ ତା' ପୂର୍ବରୁ ସ୍ୱତନ୍ତ୍ର ଚୁକ୍ତିର ଆବଶ୍ୟକତା ରହିଛି । ଯାହା ବି ସାମ୍ବିଧାନିକ ଚୁକ୍ତି, ଆଇନ୍‌ଗତ ଚୁକ୍ତି ଯାହାକୁ କେହି ବି ଅସ୍ୱୀକାର କରି ପାରିବେ ନାହିଁ କି ଅଗ୍ରାହ୍ୟ କରି ପାରିବେ ନାହିଁ। କେହି ନିଜ ମନ ଇଚ୍ଛା କିମ୍ବା କାହା ଇଚ୍ଛା ବିରୋଧରେ ସେପରି କରି ପାରିବେ ନାହିଁ । ସେଥିରେ ଲାଇଫ୍ ରିସ୍କ ରହିଛି। ପୋଷ୍ୟ ପିଲାଙ୍କ ଲାଇଫ୍ ରିସ୍କ୍। ସେଥିପାଇଁ ଏବେ ଦିଲ୍ଲୀ ହାଇକୋର୍ଟରେ ଏଇ ନିକଟରେ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ବନ୍ଧିତ ଦାୟର ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଦିଲ୍ଲୀ କୋର୍ଟ ଏକ ସ୍ୱତନ୍ତ୍ର ରାୟ ଦେଇଛନ୍ତି। ଯେଉଁଥିରେ ଉଲ୍ଲେଖ ରହିଛି କି ଅନୁଚ୍ଛେଦ ୨୧ ଅନୁସାରେ ଜଣେ ଅନ୍ୟର ସହମତିରେ ତା'ର ପୋଷ୍ୟ ସନ୍ତାନ ଗ୍ରହଣ କରି ପାରିବ ହେଲେ ଦିବ୍ୟାଙ୍ଗ ସନ୍ତାନ ଗ୍ରହଣ କ୍ଷେତ୍ରରେ ସେଭଳି ପ୍ରାଥମିକତା ଦିଆଯାଇପାରେ। ଅନ୍ୟଥା ଜଣେ ସୁସ୍ଥ ସବଳ ଶିଶୁକୁ କେହି ବି ପୋଷ୍ୟ ସନ୍ତାନ ରୂପେ ଏତେ ସହଜରେ ଗ୍ରହଣ କରିବାରେ କିଛି ନା କିଛି ଆଇନ୍‌ଗତ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

# ଇଲୋକ୍ଟରାଲ ବଣ୍ଡ

**କାଳି ଦାସ**

ଇଲୋକ୍ଟରାଲ ବଣ୍ଡ, କୁ ଭାରତର ସର୍ବୋଚ୍ଚନ୍ୟାଳୟ ଅସମ୍ବିଧାନିକ ବୋଲି ଘୋଷଣା କରି ଏହା ଉପରେ ରୋକ ଲଗାଇଛି ।ଗତ ଗୁରୁବାର ୧୫ ଫେବୃୟାରୀ ରେ ଏହି ଐତିହାସିକ ରାୟ ଆସିଥିଲା ।ସୁପ୍ରିମ କୋର୍ଟର ପାଞ୍ଚ ଜଣିଆ ଖଣ୍ଡପୀଠ ଓ ମୁଖ୍ୟ ବିଚାରପତି ମିଳିତ ଭାବରେ ଏହି 'ଇଲୋକ୍ଟରାଳ ବଣ୍ଡ କୁ ରୋକିବା ପାଇଁ ରାୟ ଦେଇଛନ୍ତି ।ଏହା ସହିତ ସେମାନେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ଆଗକୁ କୌଣସି ପ୍ରକାର ଇଲୋକ୍ଟରାଳ ବଣ୍ଡ କୁ ଷ୍ଟେଟ ବ୍ୟାଙ୍କ ସୀକୃତି ଦେବ ନାହିଁ ଏବଂ ୨୦୧୮ ଠାରୁ ଦିଆଯାଇଥିବା ଇଲୋକ୍ଟରାଳ ବଣ୍ଡ କୁ କିଏ ଦେଇଛି ଓ କିଏ ନାଇଛି ତାକୁ ସାର୍ବଜନୀନ କରିବ ନିଜ ୱେବସାଇଟ ରେ ପୋଷ୍ଟ କରିବ ଓ ଇଲେକସନ କମିଶନଙ୍କୁ ମଧ୍ୟ ଜଣାଇବ । ଦେଶର ସର୍ବୋଚ୍ଚନ୍ୟାଳୟର କହିବା ମୁତାବକ ଏହି ଇଲୋକ୍ଟରାଳ ବଣ୍ଡ କଳାଧନ କୁ ଧଳା କରିବା ପାଇଁ ଏକ ମାଧ୍ୟମ ମଧ୍ୟ ହୋଇ ପାରେ ।ଏହି ବଣ୍ଡ ଦ୍ୱାରା ଭିନ୍ନ ଭିନ୍ନ ରାଜନୈତିକ ଦଳଙ୍କୁ ବଡ ବଡ କର୍ପୋରେଟ ହାଉସ ବା ବ୍ୟବସାୟୀ ଚାନ୍ଦା ଦେଇଥାନ୍ତି ଏବଂ ସେମାନଙ୍କର ନାମ ଗୋପନୀୟ ରଖାଯାଇ ଥାଏ ।ଏମିତି ଏକ ବ୍ୟବସ୍ଥା ଆମ ଦେଶ ରେ ଆଗରୁ ନଥିଲା ।ଏହିସ୍କିମ କୁ (ଇଲୋକ୍ଟରାଳ ବଣ୍ଡ)କୁ ୨୦୧୭ ରେ ନରେନ୍ଦ୍ର ମୋଦିଙ୍କ ସରକାର ଦ୍ୱାରା ୟୁନିୟନ ବଜେଟ ରେ ଅଣାଯାଇଥିଲା ।ଏହି ଇଲୋକ୍ଟରାଳ ବଣ୍ଡର ମୂଳ ଉଦେଶ୍ୟ ହେଉଛି ରାଜନୈତିକ ଦଳମାନେ ଅଜଣା ଲୋକଙ୍କ ଠାରୁ ଚାନ୍ଦା ନେଇ ପାରିବେ ।ଚାନ୍ଦା ଦେଇଥିବା ଲୋକ ମାନଙ୍କ ନାମ ଅନ୍ୟମାନେ ଜାଣି ପାରିବେ ନାହିଁ।ଏମିତି ବେଆଇନ ଧନରେ ଅନେକ ଇଲେକସନ ଲଢା ଯାଇଛି ।ଡୋନାର ବା ଚାନ୍ଦା ଦେଇଥିବା ବ୍ୟକ୍ତି ନିଜର ନାମ ବା ପରିଚୟ ଇଲୋକ୍ଟରାଳ ବଣ୍ଡ କିଣିବା ବେଳେ ବ୍ୟାଙ୍କ କୁ ଜଣାଇବ କିନ୍ତୁ ବ୍ୟାଙ୍କ ଚାନ୍ଦା ଦେବା ଲୋକର ନାମ ଅନ୍ୟମାନଙ୍କ ପାଖରୁ ଗୋପନୀୟ ରଖିବ, ଏହି ପରିବର୍ତ୍ତନ ଆଣିବା ଦ୍ୱାରା ବା ଇଲୋକ୍ଟରାଳ ବଣ୍ଡ କୁ ଲାଗୁ କରିବା ଦ୍ୱାରା କମ୍ପାନୀ ଏକ୍ଟ ରେ ଯେଉଁ ନୀୟମ ଥିଲା ତାହା ଆଉରହିଲା ନାହିଁ ତାର ଉଲଘଂନ ହେଲା। କମ୍ପାନୀ ମାନେ ରାଜନୈତିକ ଦଳ ମାନଙ୍କୁ ଯାହାବି ଡୋ଼ନେସନ ଦେବେ ତାକୁ ସାର୍ବଜନୀନ କରିବେ, ତାହା ଆଉ ରହିଲା ନାହିଁ।ତା ସହିତ କମ୍ପାନୀ ମାନେ ନିଜର ତିନି ବର୍ଷର ଲାଭ ର ମାତ୍ର ୭ .୫ % ରାଜନୈତିକ ଦଳଙ୍କୁ ଚାନ୍ଦା ଆକାର ରେ ଦେଇ ପାରିବା ର ବ୍ୟବସ୍ଥା ଆଗରୁ ରହିଥିଲା ସେହି ବ୍ୟବସ୍ଥା ଆଉ ରହିଲା ନାହିଁ ।ଇଲୋକ୍ଟରାଳ ବଣ୍ଡ ଜରିଆ ରେ ବିଦେଶୀ କମ୍ପାନୀ ମାନେ ମଧ୍ୟ ଦେଶର ରାଜନୈତିକ ଦଳଙ୍କୁ ଚାନ୍ଦା ଦେଇପାରିଲେ ।ଇଲୋକ୍ଟରାଳ ବଣ୍ଡ, ୧କୋଟି ଟଙ୍କାଯାଏଁ ଷ୍ଟେଟ ବ୍ୟାଙ୍କର ୨୯ ସହର ରେ ଥିବା ବ୍ରାଞ୍ଚ ରେ ଦେବାର ପ୍ରୋଭିଜନ ମଧ୍ୟ ରହିଲା ।ଆଶ୍ଚର୍ଯ୍ୟର କଥା ଏହା ଯେ କ୍ଷତିଗ୍ରସ୍ତ କମ୍ପାନୀ ମାନେ ମଧ୍ୟ ରାଜନୈତିକ ଦଳଙ୍କୁ ଡୋନେସନ ଦେଲେ ଏହା ପଛ ରେ କ୍ଷ୍ୟତିଗ୍ରସ୍ତ କମ୍ପାନୀଙ୍କର କେଉଁ ଉଦେଶ୍ୟ ରହିଥିଲା କେଜାଣି ।ଯେତେବେଳେ ଇଲୋକ୍ଟରାଳ ବଣ୍ଡ କଥା ତତ୍କାଳୀନ ବିତ୍ତମନ୍ତ୍ରୀ ଅରୁଣ ଯେଟିଲିଙ୍କ "ୟୁନିଅନ ବଜେଟ" ଭାଷଣ ରେ ରହିଲା ସେତେବେଳେ ଜଣେ ଅଫିସର ଏହି ବଣ୍ଡ କୁ ଆରବିଆଇ ଏକ୍ଟର ଉଲଘଂନ କହିଥିଲେ ।ଯେହେତୁ ଏହା ଆରବିଆଇ ଏକ୍ଟର ଉଲଘଂନ ହେଉଛି ତେଣୁ ଏଥିପାଇଁ ଆରବିଆଇ ଏକ୍ଟ କୁ ପରିବର୍ତ୍ତନ ର କଥା ଉଠିଲା ।ଏବଂ ଫାଇଲ କୁ ବିତ୍ତମନ୍ତ୍ରୀଙ୍କ ଅଫିସ କୁ ପଠାଗଲାସୁପ୍ରିମ କୋର୍ଟର ରାୟ ଅନୁସାରେ ଇଲୋକ୍ଟରାଳ ବଣ୍ଡ ସାଧାରଣ ଭୋଟରଙ୍କ ସୂଚନା ଅଧିକାର ବା ରାଇଟ ଟୁ ଇନଫରମେସନ ୧୯(୧)(ବ)କୁ ବ୍ୟାଘାତ କରୁଛି। ଭୋଟରଙ୍କ ଅଧିକାର ରହିଛି ଜାଣିବା ପାଇଁ ଯେ କେଉଁ ରାଜନୈତିକ ଦଳ କାହାଠାରୁ କେତେ ପଇସା ପାଇଛନ୍ତି ।୨୦୨୨-୨୦୨୩ ବର୍ଷ ରେ ସବୁଠାରୁ ବେଶି ଡୋ଼ନେସନ ବିଜେପି ପାର୍ଟି କୁ ମିଳିଛି ।୩.୦୬୭ କର୍ପୋରେଟ ଡୋନେସନ ମୂଲ୍ୟ ଟ ୬୧୦.୪୯ କୋଟି ଟଙ୍କା ବିଜେପି ପାର୍ଟି କୁ ମିଳିଛି ।ଶତକଡ ୯୨% ର କର୍ପୋରେଟ ଚାନ୍ଦା ବିଜେପି ଖାତା କୁ ଚାଲିଗଲା ମାତ୍ର ୮% କର୍ପୋରେଟ ଚାନ୍ଦା ଅନ୍ୟ ରାଜନୀତି ଦଳ କୁ ମିଳିଛି ।କ୍ଷମତା ରେ ଥିବା ରାଜନୈତିକ ଦଳ କୁ ଏଧରଣ ଚାନ୍ଦା ଦେଇ ନିଶ୍ଚିତ ଭାବରେ ଦେଶର ପୁଞ୍ଜିପତି ,ଶିଳ୍ପପତି ମାନେ କିପରି ସେମାନଙ୍କୁ ସୁହାଇବ ସେହିପରି ଅର୍ଥବ୍ୟବସ୍ଥା ବା କାନୁନ ତିଆରି କରିବେ ।ବର୍ତ୍ତମାନ ଭାରତରେ କିଛି ମୁଷ୍ଟିମୟ ଲୋକଙ୍କ ହାତରେ ଭାରତର ଅର୍ଥ ବ୍ୟବସ୍ଥା ରହିଛି ।ସାଧାରଣ ଜନତା ଅନେକ ସୁବିଧା ରୁ ବଞ୍ଚିତ ହେଉଛନ୍ତି ।ରାଜନୈତିକ ଦଳ ମାନେ ନିର୍ବାଚନ ପାଇଁ ଅଜସ୍ର ଟଙ୍କା ଖର୍ଚ୍ଚ କରୁଛନ୍ତି ।ସାଧାରଣ ଭୋଟରଙ୍କୁ ଶାଢି ଟଙ୍କା ଦେଇ ଭୋଟ କିଣୁଛନ୍ତି ।ଦେଶର ସାଧାରଣ ଜନତା ନିଜର ଅଧିକାର ବିଷୟ ରେ ଅବଗତ ନୁହନ୍ତି ଇଲେକସନ କମିଶନ ରାଜନେତାଙ୍କୁ ଏହିପରି କୋଟି କୋଟି ଟଙ୍କା ଖର୍ଚ୍ଚ ଉପରେ ରୋକ ଲଗାଇବା କଥା କିନ୍ତୁ ତାହା ହେଉନାହିଁ ।ଲୋକଙ୍କୁ ବିଭିର୍ନ୍ନ ପ୍ରକାର ର ସୁବିଧା ଦେବା ର ପ୍ରତିଶୃତି ଦେଇ, ନିର୍ବାଚନ ଜିତାଯାଉଛି ।ସାଧାରଣ ଲୋକଙ୍କ ଭୋଟରେ ରାଜନେତା ମାନେ କ୍ଷମତା କୁ ଆସୁଛନ୍ତି ଏବଂ ଅଜସ୍ର ସୁଖ ସୁବିଧା ଏବଂ ପ୍ରାଚୁର୍ଯ୍ୟ ଉପଭୋଗ କରୁଛନ୍ତି ।ପୋଲିସ ଓ ପ୍ରଶାସନ ସବୁ ସେମାନଙ୍କ ହାତରେ ।ଦେଶଭକ୍ତ ଓ ନୈତିକତା ର ପୃଷ୍ଠପୋଷକ ମାନଙ୍କର ସ୍ୱର କୁ ଚପାଇ ଦିୟା ଯାଉଛି ।ସୁପ୍ରିମ କୋର୍ଟର ରାୟ ଏକ ସ୍ୱାଗତ ଯୋଗ୍ୟ ଏବଂ ଐତିହାସିକ ରାୟ ।ଏହି ପରି ନିର୍ବାଚନ ରେ ହେଉଥିବା ଖର୍ଚ୍ଚ ଉପରେ ଯଦି କଟାକଣା ଲଗାଯାଏ ତାହେଲେ ସାଧାରଣ ଜନତା ନିଜର ବିବେକ ଲଗାଇ ଭୋଟ ଦେବେ ଏବଂ ଭଲ ଲୋକ ମଧ୍ୟ ନିର୍ବାଚିତ ହୋଇ ଆସିବେ ।

**ବ୍ରହ୍ମପୁର,**
**ଖୋଡ଼ାସିଙ୍ଗ କଳିଙ୍ଗନଗର ,**
**୭୨୦୫୧୦୦୮୩୯**

## ଗୁଟ୍‌ଖା ଓ ତମାଖୁ ସେବନ : ଜୀବନ ନାଶକ

# ସଚେତନତା ଜରୁରୀ !

**ପ୍ରଦୋଷ କୁମାର ଦାସ**

ଗୁଟଖା/ ତମାଖୁ ସେବନ ଆମ ଅମୂଲ୍ୟ ସ୍ୱାସ୍ଥ୍ୟ ସମ୍ପଦ ହାନୀର ପ୍ରମୁଖ କାରଣ ହୋଇଥାଏ। ତମାଖୁ /ଗୁଟଖା ଖାଇଲେ ମୁଖ ଗହ୍ୱର କର୍କଟ ରୋଗରେ ଆକ୍ରାନ୍ତ ହେବା ସୁନିଶ୍ଚିତ। ଏହା କଦାଚିତ ଆମ କାହାର ମଧ୍ୟ ସ୍ୱାସ୍ଥ୍ୟ ସହାୟକ ନୁହେଁ। ସ୍ୱାସ୍ଥ୍ୟ ସୁରକ୍ଷାର ପରିପନ୍ଥୀ ଗୁଟଖା/ ତମାଖୁ ସେବନ ସମ୍ପର୍କରେ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ( ଏନ୍ ଏଫ୍ ଏଚ୍ ଏସ୍) ପକ୍ଷରୁ ନିକଟରେ କରାଯାଇଥିବା ସର୍ବଭାରତୀୟ ସ୍ତରରେ ଅନୁଶୀଳନାତ୍ମକ ଅନୁସନ୍ଧାନ ରୁ ପ୍ରକାଶ ଯେ, ପୁରୁଷ ମାନଙ୍କ ଅପେକ୍ଷା ମହିଳାମାନେ ଅଧିକ ତମାଖୁ/ ଗୁଟଖା ସେବନ କରୁଛନ୍ତି। ଏହା ବାସ୍ତବରେ ସତ୍ୟ ହୋଇଥିଲେ ନିଶ୍ଚୟ ଚିନ୍ତାଜନକ ଅଟେ। ବିଶ୍ୱ ଯୁବ ତମାଖୁ ସର୍ଭେ ( ଜି ୱାଇ ଟି ଏସ୍)- ୧୯ ରିପୋର୍ଟ ଅନୁସାରେ ଆମ ରାଜ୍ୟର ଶତକଡା ୬.୨ ଭାଗ ଯୁବ ପୀଢ଼ି ଗୁଟଖା/ ତମାଖୁ ସେବନ ରେ ଅଭ୍ୟସ୍ତ ରହିଛନ୍ତି। ଏଥିରେ ଧୁମପାନ ସେବାକାରୀଙ୍କ ସଙ୍ଖ୍ୟା ସର୍ବାଧିକ ରହିଛି। ଆମ ଉତ୍ତର ପୀଢି ବିଶେଷ କରି କିଶୋର ଓ ଯୁବ ସମାଜ ଯଦି ଏହାକୁ ନହେଜିବେ, ଆଗାମୀ ଦିନରେ ଆମ ରାଜ୍ୟ ର ଆଶା ଆକାଂକ୍ଷା ପୂରଣ ପାଇଁ ସେମାନେ ଅପଦାର୍ଥ ଭାବେ ଏକ ରୁଗଣ ସମାଜରେ ସୀମିତ ରହିଯାଇ ଅକାଳରେ ମୃତ୍ୟୁ ବରଣ କରିବ୍। ବରିଷ୍ଠ ଙ୍କ ଆଖି ଆଗରେ ଏହା କେତେଯେ ହୃଦୟ ବିଦାରକ ହେବ ଆକଳନ କରି ଏଥି ପ୍ରତି ଆବଶ୍ୟକ ସଚେତନତା ସୃଷ୍ଟି କରିବାକୁ ହେବ । ଆମ ରାଜ୍ୟ ଓଡ଼ିଶାରେ ତଦାନିନ୍ତନ ରାଜ୍ୟ ସରକାର ଗୁଟଖା ନିଷେଧ କୁ ଏ ମଧ୍ୟରେ ୧୧ ବର୍ଷ ପୁରିଛି। ସୂଚନାଯୋଗ୍ୟ ଗତ ୧ ଜାନୁଆରୀ , ୨୦୧୩ ମସିହାରେ ଗୁଟଖା ଉତ୍ପାଦନ ଓ ବିକ୍ରୟ ଉପରେ ତଦାନିନ୍ତନ ରାଜ୍ୟ ସରକାର ନିଷେଧାଦେଶ ଜାରି କରିଥିଲେ। ଏଥି ସହିତ ଆମ ଦେଶର କେନ୍ଦ୍ର ସରକାରଙ୍କ ପକ୍ଷରୁ ତମାଖୁ ଓ ଅନ୍ୟାନ୍ୟ ତମାଖୁ ଉତ୍ପାଦନ ସାମଗ୍ରୀ କାରବାର ବିରୋଧରେ ' କୋଟପା ଆଇନ - ୨୦୦୩ କାର୍ଯ୍ୟକାରୀ କରାଇ ଏଥିପାଇଁ ଆବଶ୍ୟକ ଦଣ୍ଡବିଧି ବ୍ୟବସ୍ଥା କରିଥିଲେ। ତମାଖୁ ଆଇନ ଉଲ୍ଲଂଘନ କାରୀଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ମଧ୍ୟ ନିଆଯାଉଛି। ଗତ ୧୦ ବର୍ଷ ମଧ୍ୟରେ ଆଇନ ଉଲ୍ଲଂଘନ କାରୀଙ୍କ ଠାରୁ ଏ ମଧ୍ୟରେ କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ ଜରିମାନା ଆଦାୟ କରାଗଲାଣି। ହେଲେ ସ୍ଥିତିରେ ଜମାରୁ ସୁଧାର ଆସିପାରୁନାହି। ଗାଁ ରୁ ସହର ସବୁଠି ଦୋକାନ ବଜାରରେ, ଉଠା ଦୋକାନ ଓ ରାସ୍ତା ଧାରରେ ପାନ ଓ ଷ୍ଟେସନାରୀ ଦୋକାନ ବଜାର ମଧ୍ୟରେ ଭଳି ଭଳି କମ୍ପାନି ଲୋଗୋ ଥାଇ ଗୁଟଖା ଓ ତମାଖୁ ବେଧଡକ ବିକ୍ରିବଟା ଚାଲିଛି। ଦୁଃଖ ର ବିଷୟ, ୨ଶହ ମିଟର ବ୍ୟବଧାନ ରେ ଗୁଟଖା ତମାଖୁ କାରବାର ବିରୋଧରେ ଆଇନ କଡାକଡି ଥିଲେ ହେଁ ଏହାକୁ ଅବିବେକୀ ଦୋକାନୀବାଲାଏ ବିଲକୁଲ୍ ମାନୁନାହାନ୍ତି। ବିଦ୍ୟାଳୟ ରେ ପଢିବା ସମୟରୁ ହିଁ ପାଖ ଦୋକାନ ରେ ଯାହାକୁ ଯେତେ ବିକ୍ରୟ ହେଉଥିବା ଗୁଟଖା ଓ ତମାଖୁ ସେବନର କୁଅଭ୍ୟାସରେ ପଡି ଜୀବନ କୁ ନଷ୍ଟ କରିବା ପାଇଁ ସାମାନ୍ୟ ଚିନ୍ତା ମଧ୍ୟ କରୁନାହାନ୍ତି। ନିକଟରେ ଓଡ଼ିଶା ସିନେ ଅଭିନେତା ସାତ୍ୟକୀ ମିଶ୍ର ଏଇ ଗୁଟଖା ତମାଖୁ ସେବନ କରି ମୁଖ ଗହ୍ୱର କର୍କଟ ରୋଗରେ ଆକ୍ରାନ୍ତ ହୋଇ ବହୁ ଅର୍ଥ ବ୍ୟୟ କରି ଶେଷରେ ମରଣ ମୁହଁ ରୁ ଫେରିଆସିବା ପ୍ରକାଶ। କର୍କଟ ରୋଗର ଉପଶମ ପାଇଁ ତାଙ୍କ ସୁନ୍ଦର ମୁହଁ ରେ ଜରୁରୀ ଅସ୍ତ୍ରୋପଚାର ପରେ ତାଙ୍କର ସୁନ୍ଦର ଟି ବିକୃତ ହୋଇଯାଇଛି। ଏହି ବିକୃତ ଓ ବିକଳ ମୁହଁ ରେ ସେ ବିଭିନ୍ନ ଗଣମାଧ୍ୟମ ଓ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମରେ ଆବଶ୍ୟକ ସଚେତନତା ସୃଷ୍ଟି କରୁଥିବା ପ୍ରକାଶ। ସେ ଅମାନିଆ ହୋଇ ଗୁଟଖା ସେବନ କରି କିପରି ଭୟାଭୟ କର୍କଟ ରୋଗରେ ପୀଡିତ ହୋଇଥିଲେ। ଶେଷକୁ ଆପଣା ଜୀବନ ବଞ୍ଚିଯାଇଥିଲେ ମଧ୍ୟ ନିଜର ସୁନ୍ଦର ଚେହେରା କୁ ହରାଇ ଏବେ ସେ କିପରି ଯନ୍ତ୍ରଣା ଅନୁଭବ କରୁଛନ୍ତି ବୋଲି ବୟାନ ରଖି ସମସ୍ତେ କେହି ଯେପରି ତାଙ୍କ ଭଳି ଗୁଟଖା ଖାଇ ଜୀବନ ନଷ୍ଟ ନକରନନ୍ତୁ ବୋଲି ସଚେତନତା ସାଧାରଣରେ ଚର୍ଚ୍ଚା ହେଉଅଛି। ଏହାକୁ କେହି ନଜର ଅନ୍ଦାଜ କରିବା ସମିଚୀନ ନୁହେଁ। ରିପୋର୍ଟ ଅନୁସାରେ, କଟକ ସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ଚିକିତ୍ସା କେନ୍ଦ୍ର ରେ ପ୍ରତି ବର୍ଷ ମୁଖ ଗହ୍ୱର କର୍କଟ ଆକ୍ରାନ୍ତ ରୋଗୀଙ୍କୁ ସଙ୍ଖ୍ୟା ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ଉଲ୍ଲେଖଯୋଗ୍ୟ, ଗତ ୨୦୧୮-୧୯ ବର୍ଷ ରେ ଆଚାର୍ଯ୍ୟ ହରିହର ହେଦ ଓ ନେଟ ଅଙ୍କୋଲୋଜି୍‌ର୍‌ବିଭାଗ ( ଓପିଡି)କୁ ୪୩୦୯ ଜଣ, ୨୦୧୯-୨୦ ମସିହାରେ ୫୮୧୭ ଜଣ , ୨୦୨୦-୨୧ରେ ୩୧୮୧ ଜଣ ପୀଡିତ ଚିକିତ୍ସା ପାଇଁ ଆସିଥିବା ଜଣାଯାଇଛି। ଏହା ଏକ ନମୁନା ମାତ୍ର ଗୋଟିଏ ହସ୍ପିଟାଲ ରେ ଚିତ୍ର। ତେବେ ସାରା ରାଜ୍ୟରେ ରହିଥିବା ବିଭିନ୍ନ ଚିକିତ୍ସା କେନ୍ଦ୍ର ରେ ଅନେକ ପୀଡ଼ିତ ଚିକିତ୍ସାଧୀନ ରହିଥିବା ଓ ଅନେକେ ମଧ୍ୟ ଉଭୟ ଆର୍ଥିକ ଓ ମାନସିକ, ଶାରୀରିକ କ୍ଷଣ ଭୋଗୀ ଅକାଳରେ ମୃତ୍ୟୁ ବରଣ କରିସାରିବେଣି। ଏଥିପାଇଁ ମୃତକ ଜଣକ ପାଇଁ ତା'ର ଶୋକାକୁଳ ପରିବାର କିଭଳି ଦୁର୍ଦ୍ଦିନରେ ଜୀବନ ବିତାଉଥିବେ ସହଜେ ଅନୁମେୟ। ଆଇନ ଲାଗୁ କରିବା ସହ ଏହାକୁ କଡାକଡି ନିୟମିତ ହେଉନଥିବାରୁ ଗୁଟଖା ଆଇନ ଉଲ୍ଲଂଘନ କାରୀ ଗୁଟଖା ତମାଖୁ କାରବାରରେ ବେପରୁଆ ମନୋଭାବ ପୋଷଣ କରୁଥିବା ପ୍ରକାଶ। ଗୁଟଖା୍‌ନ୍ଦ ପାଇଁ ସରକାରୀ ପଦକ୍ଷେପ ଧର୍ମ କୁ ଆଖି ଠାର ସଦୃଶ ହୋଇଛି ବୋଲି ବୁଦ୍ଧିଜୀବୀମାନେ ମତ ଦେଉଛନ୍ତି। ଦୋକାନ,ବଜାର, ଘାଟ, ଯାତ୍ରା, ମେଳା, ମଉଛବ, ସବୁଠାରେ ଖୁଲମଖୁଲା ମାଲ ଗୁଟଖା ଜରି ଓ ପ୍ୟାକେଟ ବିକ୍ରୟ ପାଇଁ ଝୁଲି ରହୁଛି। ଏହାକୁ ସମସ୍ତେ ଦେଖି ନଦେଖଲା ଭଳି ହେଉଛି। ଯିଏ ଯେତେ କାମରେ ବ୍ୟସ୍ତ, ଦିନ ମଜୁରିଆ,ତଥା ରାତି ଅନିଦ୍ରା ଓଭର ଟାଇମ୍ ଶ୍ରମଜୀବୀ, ଏପରିକି ଶିକ୍ଷିତ ଆଧୁନିକ ବ୍ୟକ୍ତି ବିଶେଷ, ଅଧ୍ୟୟନରତ ଛାତ୍ର ଛାତ୍ରୀ, ଯୁବଗୋଷ୍ଠୀଙ୍କ କ୍ଷେତ୍ରରେ ତମାଖୁ ଓ ଗୁଟଖା ସେବନ ଏକ ପ୍ରକାର ଅଭ୍ୟାସ ଗତ ସମସ୍ୟା ବୋଲି କୁହାଯାଏ। ସମସ୍ତେ ଗୁଟଖା ଓ ତମାଖୁ ସେବନର ପରିଣତି ସମ୍ପର୍କରେ ବୈଧାନିକ ସତର୍କତା ପଢି ଏହାର ଭୟାଭୟତା ଉପରେ ଅବଗତ ହୋଇ ମଧ୍ୟ ଗୁଟଖା ତମାଖୁ ସେବନ ଜାରି ରଖିବାରେ କିଞ୍ଚିତ ବିବେଚନା କରୁନାହାନ୍ତି। ତମାଖୁ ଓ ଗୁଟଖା ସେବନ ଜୀବନ ନାଶକ ବୋଲି ଏହାକୁ ଦୂରେଇ ରହିବାକୁ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ଅବଲମ୍ବନ କରୁନଥିବା ଘୋର ପରିତାପର ବିଷୟ। ତମାଖୁ ଓ ଗୁଟଖା ସେବନ ରୋକିବାକୁ ସ୍କୁଲ ସ୍ତରରେ ପ୍ରୟାସ ହେବା ଆବଶ୍ୟକ। ଗୁଟଖା ଖାଇ ସ୍ଥାନୀୟ ଅଞ୍ଚଳରେ କର୍କଟ ପୀଡ଼ିତ ରୋଗୀଟିଏର ଅକାଳ ମୃତ୍ୟୁ ବରଣ ଓ ତାର ଅବର୍ତ୍ତମାନରେ ତାର ଶୋକ ସନ୍ତପ୍ତ ପରିବାର କିପରି ଯନ୍ତ୍ରଣା ରେ ରହିଛନ୍ତି ବୋଲି ଶୀର୍ଷକ ବିଷୟବସ୍ତୁରେ ସରଜମୀନ ଅନୁସନ୍ଧାନ ମୂଳକ ପ୍ରବନ୍ଧ ଓ ରିପୋର୍ଟ ପ୍ରସ୍ତୁତ କରି ଏହାକୁ ଶ୍ରେଣୀ ଗୃହରେ, ସର୍ବସମକ୍ଷରେ ପାଠ କରାଯିବା ଆବଶ୍ୟକ। ପଞ୍ଚାୟତ ସ୍ତରରେ ସରପଞ୍ଚ ମାନେ ଆଇନ ମୁତାବକ କ୍ଷମତାପ୍ରାପ୍ତ ହୋଇ ତମାଖୁ ଓ ଗୁଟଖା କାରବାରକୁ ରୋକିବାକୁ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତି ୱାର୍ଡ ରେ ସଚେତନତା ସୃଷ୍ଟି କରିବା ପାଇଁ ବ୍ୟବସ୍ଥା କରିବାକୁ ହେବ। ଧୂମ ପାନକୁ ସାଧାରଣ ସ୍ୱାସ୍ଥ୍ୟ ଓ ପରିବେଶ ଅନୁକୂଳ ନୁହେଁ ଏହାକୁ ସମ୍ପୂର୍ଣ୍ଣ ବର୍ଜନ କରିବା ସହିତ କେନ୍ଦ୍ର ର ' ନୋ ସ୍ମୋକିଙ୍ଗ ଜୋନ' କୁ ବର୍ଜନ କରିବା ପ୍ରସ୍ତାବକୁ ସ୍ୱାଗତ କରି ଏବାବାବରେ ସମସ୍ତେ ସଚେତନ ହେବା ଆବଶ୍ୟକ। କୋଟପା ଆଇନ ଅନୁଯାୟୀ ଆଇନ ଉଲ୍ଲଂଘନ କାରୀଙ୍କ ବିରୋଧରେ କଡାକଡି ଦଣ୍ଡବିଧାନ ସହିତ ପ୍ରଶାସନିକ ସ୍ତରରେ ନିୟମିତ ଧରପଗଡର ଆବଶ୍ୟକତା ରହିଛି। ଏଥିରେ ସାଧାରଣ ଲୋକଙ୍କ ସହାୟତା ପାଇଁ ଆବଶ୍ୟକ ସମର୍ଥନର ମଧ୍ୟ ଆବଶ୍ୟକ ରହିଛି। ବିଦ୍ୟାଳୟ ଗୁଡ଼ିକ ଯେପରି ତମାଖୁ ମୁକ୍ତ ଅଞ୍ଚଳରେ ପରିଗଣିତ ହୋଇପାରିବେ, ଏହାର ଆଖପାଖ ଅଞ୍ଚଳରେ ଯେପରିକି ଆଇନତଃ ୨ଶହ ମିଟର ପରିମିତ ପରିଧି ଅଞ୍ଚଳରେ ତମାଖୁ ଓ ଗୁଟଖା ସେବନ ଓ କାରବାରକୁ ବିଧିବଦ୍ଧ ଭାବେ ଆଇନ କଡାକଡି କରାଯିବାକୁ ଲକ୍ଷ୍ୟ ରଖି ଆବଶ୍ୟକ ପଦକ୍ଷେପ ନିଆଯିବା ବିଧେୟ। ବାରମ୍ବାର ଆଇନ ଉଲ୍ଲଂଘନ କାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡ ନିଆଯିବା ମଧ୍ୟ ଜରୁରୀ। ନିଜର ଅଳି ଅବା ଟକ ମେଣ୍ଟାଇବା ନିମନ୍ତେ ଗୁଟଖା ଓ ତମାଖୁ ସେବନ କରି ଯେତେ ସୁଦକ୍ଷ ଭାବେ ପରିବାର ପ୍ରତିପୋଷଣ କଲେ ମଧ୍ୟ ଶେଷରେ ସେହି କୁଅଭ୍ୟାସ ତାର ଯଦି ପ୍ରାଣ ଘାତକ ସାବ୍ୟସ୍ତ ହୋଇଥାଏ, ତେବେ ଲାଭ କ'ଣ ? ପରିବାରର କୌଣସି ବ୍ୟକ୍ତି ଅଯଥାରେ ଗୁଟଖା ତମାଖୁ ସେବନ କରି ଅକାଳରେ ମୃତ୍ୟୁ ବରଣ କଲେ, ତା ଅବର୍ତ୍ତମାନରେ ଶୋକସନ୍ତପ୍ତ ପରିବାରଗଣଙ୍କୁ କିପ୍ରକାର ମାର୍ମିକ ଯନ୍ତ୍ରଣା ଅନୁଭବ କରିବାକୁ ହେବ , ତାହାକୁ ତ୍ୱଳଶୁ ବିବେଚନା କରିବା ଆବଶ୍ୟକ। ଭୁଲନ୍ତୁ ନାହିଁ, ଗୁଟଖା ଓ ତମାଖୁ ସେବନର ଶେଷ ପରିଣତି କେବଳ ଯନ୍ତ୍ରଣା ସିକ୍ତ ମୃତ୍ୟୁ ବରଣ। ସୁସ୍ଥ ସୁଖି ଜୀବନ ପାଇଁ ଆମକୁ ତଥା ଆମ ପରିବାରର ସୁଖସମୃଦ୍ଧି ପାଇଁ ସଜାଗ ଓ ସଚେତନ ରହିବାକୁ ପଡିବ। ଏଣୁ ଜୀବନ ନାଶକ ତମାଖୁ ଓ ଗୁଟଖା ସେବନ ଠାରୁ ଦୂରେଇ ରହି ସୁସ୍ଥ ସୁଖି ଜୀବନ ପାଇଁ ପ୍ରତିଶ୍ରୁତି ବଦ୍ଧ ହୁଅନ୍ତୁ ଓ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ହୁଅନ୍ତୁ।

' ଖାଇବି ନାହିଁ ତମାଖୁ ଗୁଟଖା,
କରିବି ବର୍ଜନ।
ଜୀ୍ୱନ ନାଶକ ଏହାର ସେବନ
ସତର୍କ ରହିବା, ସଭିଏଁ ହେବା
ସଚେତନ
ସ୍ୱାସ୍ଥ୍ୟ ରକ୍ଷାରେ ରହିଅଛି, ଯେଣୁ
ଆମସ୍ଭରିଙ୍କ ସୁଖି ସମୃଦ୍ଧ ଜୀବନ। '

**ସ୍ତମ୍ଭକାର ନାଟୁଣୀ ଖୋର୍ଦ୍ଧା,**
**ପିନ୍:-୭୫୨୦୨୪( ଫୋନ୍:-**
**୬୩୭୦୪୯୫୯୪୪ )**

## ଜ୍ଞାନାମୃତ

# ବିଶ୍ୱ ଧାରା

ବିଶ୍ୱର ଶ୍ରେଷ୍ଠ ଜୀବ ଭାବରେ ପରିଚିତ ମଣିଷ ନିଜର ବୁଦ୍ଧି ବିବେକ ଏବଂ ବିଚାରଧାରା ବଳରେ ନିଜକୁ ଆଗରେ ରଖିଛି, ଆଗରେ ରଖିବାର ପ୍ରଚେଷ୍ଟା ବି କରିଛି ଏବଂ ସଫଳ ବି ହୋଇଛି। ହେଲେ ଆମେ ଜାଣି ଆର୍ଶ୍ଚର୍ଯ୍ୟ ହେବା ଯେ ମଣିଷ ଠାରୁ ବଳରେ ଯଥେଷ୍ଟ ଆଗୁଆ ପ୍ରାଣୀ ବି ରହିଛନ୍ତି ଏ ବିଶ୍ୱରେ। ଅଥଚ ସେମାନେ କିନ୍ତୁ ବହୁ ପଛରେ । ଆମେ ବହୁ ପଛକୁ ଫେରିଗଲେ ବିଶ୍ୱର ଏକ ଭୟଙ୍କର ଜୀବ ବିଷୟରେ ଜାଣିପାରିବା ଯେଉଁମାନେ ଆଜି ଧରାପୃଷ୍ଠରେ ନାହାଁନ୍ତି ସତ୍ୟ ହେଲେ ସେମାନଙ୍କ ଜୀବନ କାଳରେ ସେମାନେ ତାଙ୍କର ବିଶେଷ ପ୍ରଭାବ ଛାଡ଼ିଯାଇଛନ୍ତି। ସେମାନଙ୍କର ବିଶାଳ ତଥା ଭୟଙ୍କର ଚେହେରା ଆଜି ବି ମଣିଷ ମନରେ ଭିତି ସଞ୍ଚାର କରେ । ସେମାନଙ୍କ ଗୋଟାଏ ରଡ଼ିରେ ପୂରା ଜଙ୍ଗଲ ପ୍ରକମ୍ପିତ ହୋଇଯାଉଥିଲା। ତାଙ୍କୁ ଦେଖି ବାଘ ଭାଲୁ ଭଳି ଜୀବମାନେ ମଧ୍ୟ ଭୟ କରି ଯାଉଥିଲେ। ଆଜି କିନ୍ତୁ ସେମାନେ ନାହାଁନ୍ତି ଏ ଦୁନିଆରେ। ପରିବେଶ ପରିସ୍ଥିତି ସହିତ ଖାପ ଖୁଆଇ ନପାରି ସେମାନେ ପ୍ରକୃତିର କରାଳ କୋପରେ ଛାରଖାର ହୋଇଯାଇଥିଲେ। ପୂରା ନଷ୍ଟ ବିନଷ୍ଟ ହୋଇଯାଇଥିଲେ। ବିଶ୍ୱ ସମାଜରୁ ପୂରା ଲୋପ ପାଇଯାଇଥିଲା ସେମାନଙ୍କର ଅସ୍ତିତ୍ୱ । ବିଶ୍ୱର ସର୍ବାଧିକ ବଳଶାଳୀ ଜୀବ ଆଜି ଦୁନିଆରୁ ବିଦାୟ ନେଇଯାଇଚନ୍ତି। ନିଜର ସୁରକ୍ଷାରେ ସେମାନଙ୍କ ବଳ କିଛି ବି କାମ ଦେଲାନି । ଯଦିଓ ସେମାନଙ୍କ ପାଖରେ କିଛି ବୁଦ୍ଧି ଥିଲା, ତେବେ ପ୍ରକୃତିର କରାଳ କୋପ ଆଗରେ ସେମାନଙ୍କ ପଶୁତ୍ୱର ସୀମିତ ବୁଦ୍ଧି କିଛି କାମ ଦେଇନଥିଲା। ବିଶ୍ୱବକ୍ଷରେ ଆହୁରି ଅନେକ ଜୀବ ଏପରି ଯେଉଁମାନେ ବି ସଂସାରରୁ ଲୋପ ପାଇଯାଇଛନ୍ତି । କାରଣ ସେମାନେ ମଧ୍ୟ ସେହି ସମାନ ଦଶା ଭୋଗିଛନ୍ତି। ପ୍ରକୃତିର ସମାନ ପରିସ୍ଥିତିରୁ ସେମାନେ ବି ମୁକୁଳି ପାରିନଥିଲେ। ଧୀରେ ଧୀରେ ସେମାନେ ବି ଲୋପ ପାଇଯାଇଥିଲେ ଏ ବିଶାଳ ସଂସାରରୁ । ଏଥିରୁ ଗୋଟାଏ କଥା ସ୍ପଷ୍ଟ ଯେ ଯାହାର ଯେତେ ବି ବୁଦ୍ଧି ଥାଉ ନା କାହିଁକି, କରାଳ କୋପରୁ ଏଯାବତ୍ କେହି ବି ବର୍ତ୍ତି ପାରିନାହାଁନ୍ତି । ବହୁତକିଛି ଲୋପପାଇଯାଇଛି। ମଣିଷ କିନ୍ତୁ ବହୁ ଘାତପ୍ରତିଘାତକୁ ଏଡ଼ାଇ ସେଥିରୁ ବର୍ତ୍ତିବାର ପ୍ରଚେଷ୍ଟା ଜାରି ରଖିଛି। ଯାହା ଅବଶ୍ୟ ସଂସାରର ଚିରାଚରିତ ନିୟମ। ଏହି ନିୟମରେ ମଣିଷ ଏକପ୍ରକାର ଅଭ୍ୟସ୍ତ ହୋଇଗଲାଣି। ମଣିଷ ଏକପ୍ରକାର ପରିଚିତ ହୋଇଗଲାଣି । ସେହି ନିୟମ ଆଧାରରେ ଚାଲିଛି ସଂସାର, ପରିଚାଳିତ ହେଉଛି ସଂସାର । ସେହି ନିୟମ ଆଜି ଏକ ଧାରାରେ ପରିଣତ ହୋଇଗଲାଣି।

# ଡ଼ାଏଟ୍ ରୁଲ୍

**ଡାକ୍ତର ଶୁଭଶ୍ରୀ ମିଶ୍ର**

ବ୍ରେକ୍‌ଫାଷ୍ଟ ହେଉ ଅବା ଲଞ୍ଚ କିମ୍ବା ଡ଼ିନର । ଏସବୁ କେବଳ ଆମର ଭୋକ ମେଣ୍ଟାଏନି ବରଂ ଶରୀର, ମନ, ମସ୍ତିଷ୍କ ଓ ସ୍ୱଭାବକୁ ବି ପ୍ରଭାବିତ କରିଥାଏ । ସେଥିପାଇଁ କୁହାଯାଏ ଯେଉଁଭଳି ଖାଦ୍ୟ ସେହିଭଳି ମନ । ଅତଏବ ମନ ଓ ଶରୀର ପାଇଁ ଖାଦ୍ୟର ଉପଯୋଗିତା ଖୁବ୍ ବେଶି । ହେଲେ ଆଜିକାର ବ୍ୟସ୍ତବହୁଳ ଜୀବନରେ ଖାଦ୍ୟ ଉପରେ ବିଶେଷ ଧ୍ୟାନ ଦେଇ ହୁଏ ନାହିଁ । ଧାଁ ଦଉଡ଼ ଭିତରେ ପାଖରେ ଯାହା ବି ମିଳେ ଲୋକେ ଖାଇ ନିଅନ୍ତି । ସେ ଛଣାଛଣି, ମସଲାଯୁକ୍ତ ହେଉ ଅବା ଶୁଖିଲା ଖାଦ୍ୟ । ଏମିତିକି ଚା ଜଳଖିଆରେ ବି ଦିନ କଟିଯାଏ । ଏଭଳି ଅନିୟମିତ ଖାଦ୍ୟ ଅଭ୍ୟାସ ଯୋଗୁଁ ଆମର ପାଚନ ଶକ୍ତି ଦୁର୍ବଳ ହୋଇଯାଏ । ଫଳରେ ବିଭିନ୍ନ ରୋଗ ମାଡ଼ି ବସେ । ସେଥିପାଇଁ ଆମେ ଆମର ଡାଏଟ୍ ପ୍ରତି ସଚେତନ ହେବା ସହିତ ଖାଦ୍ୟ କିଭଳି ଓ କେବେ ଖାଇବା ଦରକାର ଜାଣିବା ନିହାତି ଆବଶ୍ୟକ ।କେତେବେଳେ ଖାଇବେ : ସକାଳ ୧୦ଟାରୁ ୧୧ଟା ଭିତରେ ମୁଖ୍ୟ ଖାଦ୍ୟ ଖାଇବା ଆବଶ୍ୟକ । କାରଣ ଏହା ସାରାଦିନ ଧାଁ ଦଉଡ଼ ପାଇଁ ଶକ୍ତି ଯୋଗାଇଥାଏ । କେତେକ ସକାଳେ କେବଳ ଚା ଜଳଖିଆ ଖାଇ ରାତିରେ ପୁରା ଖାଦ୍ୟ ଖାଇ ଥାଆନ୍ତି, ଯାହାକି ଶରୀର ପାଇଁ ଆଦୌ ଭଲ ନୁହେଁ । ତେବେ ଦିନ ବେଳାର ଖାଦ୍ୟ ଶାରୀରିକ ପରିଶ୍ରମ ଅନୁସାରେ ଏବଂ ରାତ୍ରଭୋଜନ ହାଲୁକା ଏବଂ ସହଜ ପାଚ୍ୟ ହେବା ଜରୁରୀ । ରାତ୍ରଭୋଜନକୁ ଶୋଇବାର ଦୁଇ ତିନିଘଣ୍ଟା ପୂର୍ବରୁ ଖାଇବା ବିଧେୟ । ଭୋକ ଲାଗିଲେ ହିଁ ଖାଦ୍ୟ ଖାଇବା ସହ ନିୟମିତ ସମୟରେ ଭୋଜନ କରିବା ଆବଶ୍ୟକ, ଯାହାଫଳରେ ହଜମ ଭଲ ହୁଏ ଓ ପାଚନ କ୍ଷମତା ଠିକ୍ ରହେ ।କେମିତି ଖାଇବେ : ହାତ, ଗୋଡ଼, ମୁହଁ ଭଲଭାବେ ଧୋଇ ଆସନ ଉପରେ ବସି ଖାଦ୍ୟ ଖାଇବା ଭଲ । ଠିଆ ହୋଇ, ଜୋତା ପିନ୍ଧି ଖାଇବା ଠିକ୍ ନୁହେଁ । ଖାଦ୍ୟକୁ ଭଲଭାବେ ଚୋବାଇ ଖାଇବା ଆବଶ୍ୟକ । ନଚେତ୍ ଦାନ୍ତର କାମ ଅନ୍ତଃନଳୀକୁ କରିବାକୁ ପଡ଼ିଥାଏ । ଯଦ୍ୱାରା ଖାଦ୍ୟ ଭଲଭାବେ ହଜମ ହୋଇ ପାରିନଥାଏ । ଖାଇବା ସମୟରେ କଥାବର୍ତ୍ତା କରିବା ଉଚିତ୍ ନୁହେଁ । କାରଣ କଥାବାର୍ତ୍ତା କରିବା ଯୋଗୁଁ ଖାଦ୍ୟ ହଜମ ପାଇଁ ନିର୍ଗତ ହେଉଥିବା ଲାଳ ଖାଦ୍ୟରେ ଠିକ୍ ଭାବେ ମିଶି ପାରିନଥାଏ । ଟିଭି ଦେଖି କିମ୍ବା ପେପର ପଢ଼ି ଖାଇବା ଅନୁଚିତ । ଶେଷରେ ଖାଦ୍ୟକୁ ସ୍ୱାଦ ପାଇଁ ନୁହେଁ ବରଂ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଖାଇବା ଦରକାର । ଲୋଭରେ ଅଧିକ ଖାଇବା, ରୋଗକୁ ଆମନ୍ତ୍ରଣ କରିଥାଏ । ମନେରଖନ୍ତୁ ଖାଦ୍ୟ ଖାଇବା ବେଳେ ସର୍ବଦା ଶାନ୍ତ ଓ ପ୍ରସନ୍ନ ମନରେ ଖାଇବା ଆବଶ୍ୟକ ।ଖାଇବା ପରେ କ'ଣ କରିବେନି : ଖାଦ୍ୟ ଗ୍ରହଣ କରିବା ପରେ ସଙ୍ଗେ ସଙ୍ଗେ ପାଣି କିମ୍ବା ଚା ପିଇବା ଠିକ୍ ନୁହେଁ । କାରଣ ଏହାଦ୍ୱାରା ଖାଦ୍ୟ ଠିକ୍ ଭାବେ ହଜମ ହୁଏନି । ଏହାଛଡ଼ା ଖାଇବା ପରେ ଦୌଡ଼ିବା, ଖାଲିରେ ବସି ରହିବା, ଗଡ଼ିବା କିମ୍ବା ଶୋଇବା ଶରୀର ପକ୍ଷେ ହିତକର ନୁହେଁ । ଖାଇବା ପରେ ସାମାନ୍ୟ ଚାଲିବା ଭଲ ।ଖାଇବା ପରେ କ'ଣ କରିବେ : ମଧ୍ୟାହ୍ନ ଭୋଜନ ପରେ ସାମାନ୍ୟ ବୁଲିବା ଏବଂ ରାତ୍ରାଭୋଜନ ପରେ ଶହେ ପାଦ ଚାଲିବା ସହ ବାମକଡ଼ ମାଡ଼ି ଶୋଇବା ଭଲ । ଖାଇବା ପରେ ବଜ୍ରାସନରେ ବସିଲେ ଖାଦ୍ୟ ଭଲ ଭାବେ ହଜମ ହୋଇଥାଏ । ଖାଇବାର ଏକଘ ।ପରେ କ୍ଷୀର କିମ୍ବା ଫଳ ଖାଇଲେ ଖାଦ୍ୟ ଭଲଭାବେ ହଜମ ହୋଇଥାଏ ।କ'ଣ ଖାଇବେନି : ରାତିରେ ଦହି, ତିଳ ତଥା ଭାରି ଖାଦ୍ୟ ଖାଇବା ଠିକ୍ ନୁହେଁ । କ୍ଷୀର ସହ ଲୁଣ, ଦହି, କୌଣସି ପ୍ରକାର ଖଟା ପଦାର୍ଥ, ମାଛ, ପଣସ ଖାଇବା ଉଚିତ ନୁହେଁ । ମହୁ ଓ ଘିଅକୁ ସମାନ ମାତ୍ରାରେ ଖାଇବା ବି ଶରୀର ପାଇଁ ହିତକର ନୁହେଁ । ଏଥିସହିତ କ୍ଷୀର-ଖିରି ସାଙ୍ଗରେ ଖେଚେଡ଼ି ଖାଇବା ଅନୁଚିତ ।

**ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ,**
**ଦୂରଭାଷ : ୯୮୬୧୪୬୩୪୦୬,**
**ବିଭାଗୀୟ ମୁଖ୍ୟ,**
**ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,**
**କଟକ,**

# ବଡ଼ସାହି ବିଧାନକ୍ଷେତ୍ର ପାଇଁ ବିଜେପିର ପ୍ରାକ୍ ନିର୍ବାଚନୀ ପ୍ରସ୍ତୁତି

**ବାରିପଦା(ଅମୃତ ମିଡିଆ) :** ଆଗାମୀ ସାଧାରଣ ନିର୍ବାଚନ ପାଇଁ କେବଳ ଘୋଷଣା ବାକି ଥିବା ବେଳେ ସମସ୍ତ ରାଜନୈତିକ ଦଳ ନିଜ ନିଜର ରଣକୌଶଳ ପ୍ରସ୍ତୁତି କରିବାରେ ଲାଗି ପଡିଛନ୍ତି। ଶାସକ ବିଜେଡି ଦଳ ଛଅମାସ ପୂର୍ବରୁ ସବୁ କ୍ଷେତ୍ରରେ ପ୍ରସ୍ତୁତି ଚୂଡାନ୍ତ କରି ସାରିଥିବାର ଲକ୍ଷ କରାଯାଉଛି। ତଥାପି ଦୈନିକ ଖବରକାଗଜ ମାନଙ୍କରେ ପ୍ରକାଶ ପାଉଥିବା ବିଜ୍ଞାପନ ସମସ୍ତଙ୍କୁ ବିସ୍ମିତ କରିଛି। ମୁଖ୍ୟ ବିରୋଧି ଦଳ ବିଜେପି ମଧ ଓଡ଼ିଶାର ମଉଡମଣି ହେବାପାଇଁ ଅଂଟା ଭିଡି ସାରିଲାଣି। ସେଥିପାଇଁ ପ୍ରଧାନମନ୍ତ୍ରୀ, ଅନ୍ୟାନ୍ୟ କେନ୍ଦ୍ର ମନ୍ତ୍ରୀଙ୍କର ଘନ ଘନ ଓଡ଼ିଶା ଗସ୍ତରୁ କିଛି କିଛି ଆଭାଷ ମିଳୁଛି। ବିଜେଡିର ଜଣେ ପୂର୍ବତନ ଟାଣୁଆ ନେତା ପ୍ରଦୀପ ପାଣିଗ୍ରାହୀ ବିଜେପିର ରାଜ୍ୟ କାର୍ଯ୍ୟାଳୟ ରେ ପଦ୍ମଫୁଲ ଧରିବା ସହିତ ପ୍ରଥମ ସାମ୍ବାଦିକ ସମ୍ମିଳନୀରେ ଯେପରି ଭାବେ ଶାସକ ଦଳ ପ୍ରତି କଟାକ୍ଷ କଲେ ସେଥିରୁ କିଛି ପରିବର୍ତନ ହେବାର ରାଜନୈତିକ ସମୀକ୍ଷକ ମାନେ ଅନୁମାନ କରୁଛନ୍ତି । ଏହି ପରିପ୍ରେକ୍ଷିରେ ବଡ଼ସାହି ନିର୍ବାଚନ ମଣ୍ଡଳୀରେ ମଧ ଏକ ପ୍ରକାର ପ୍ରାକ୍ ନିର୍ବାଚନୀ ପ୍ରସ୍ତୁତି ଆରମ୍ଭ ହୋଇଥିବାର ଜଣାଯାଇଛି । ନିକଟରେ ବିଜେଡିର ମୟୂରଭଞ୍ଜ ଜିଲ୍ଲା ପରିଷଦ ସଦସ୍ୟ ଜଗନ୍ନାଥ ମଲ୍ଲିକ ବିଜେଡି କୁ ବାୟ ବାୟ କରି ବିଜେପି ରାଜ୍ୟ ସଭାପତିଙ୍କ ଉପସ୍ଥିତିରେ ବିଜେପିରେ ସାମିଲ ହୋଇଥିବାରୁ ତାଙ୍କୁ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଂଚାୟତରେ ପରିଚିତ କରାଇବା ପାଇଁ କେତେକ ଟାଣୁଆ ନେତା ପ୍ରୟାସ କରି ଚାଲିଛନ୍ତି। ସେଥିପାଇଁ ବେତନଟୀ ବ୍ଲକର ୨୪ଟି ପଂଚାୟତର ଶତାଧିକ ଆଗଧାଡିର କର୍ମୀ,ବିଜେପି ମହିଳା ମୋର୍ଚ୍ଚା ନେତ୍ରୀ ମାନେ ବୁଧବାର ପୂର୍ବାହ୍ନରେ ମହୁରୀ ନିକଟରେ ଏକତ୍ରୀତ ହୋଇଥିଲେ। ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବ୍ରଜ ମୋହନ ବେହେରାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇ ଥିଲା। ପ୍ରଥମେ ଜଗନ୍ନାଥ ମଲ୍ଲିକ ନିଜର ପରିଚୟ ଦେବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକର ଯୋଜନା ତଥା ତାଙ୍କର ଗ୍ୟାରେଂଟି ପ୍ରତି ସେ ନିଜର ଆନୁଗତ୍ୟ ପ୍ରକାଶ କରିଥିଲେ।ବର୍ତମାନର ବିଧାୟକ ସନାତନ ବିଜୁଳି ଙ୍କ କର୍ମୀ ବିମୁଖତା ପାଇଁ ବହୁ ଅସନ୍ତୁଷ୍ଟ କର୍ମୀ ନିଜ ନିଜର ମତ ପ୍ରକାଶ କରିବା ସହିତ ଜଗନ୍ନାଥଙ୍କ ପ୍ରତି ସମର୍ଥନ ଜଣାଇଥିଲେ।ଅଧକ୍ଷତା କରୁଥିବା ଶ୍ରୀ ବେହେରା ତାଙ୍କ ବକ୍ତବ୍ୟରେ ଦେଶକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ହାତମୁଠା କୁ ଟାଣ କରିବା ସହିତ ରାଜ୍ୟର ଡବଲ ଇଂନ ସରକାର ଗଠନ ପାଇଁ ବିଧାୟକ ମାନଙ୍କୁ ମଧ ଜିତାଇବାକୁ ପଡିବ ବୋଲି ପ୍ରକାଶ କରିଥିଲେ।ଅନ୍ୟମାନଙ୍କ ମଧରେ ବରିଷ୍ଠ ନେତା ଲକ୍ଷ୍ମୀଧର ଦଣ୍ଡପାଟ, ରତିକାନ୍ତ ମହାନ୍ତ, ଉମାକାନ୍ତ ରାଉତ, ପ୍ରଶାନ୍ତ ସାମଲ, ଖଗେଶ୍ୱର ରାଉଳ, ଯୋଗୀ ମହାରଣା, ପରଶୁ ଖଣ୍ଡା, ଉମାକାନ୍ତ ଦାସ, ସରୋଜ ପୂଥାଳ ,ସୁଦର୍ଶନ ନାଏକ, ବାବୁଲି ବାରିକ,ଙ୍କ ସମେତ ପାଂଚ ଶହରୁ ଉର୍ଦ୍ଧ୍ୱ କର୍ମୀ ଯୋଗ ଦେଇ ବିଜେପି କୁ ଜିତାଇବା ପାଇଁ ପ୍ରତିଜ୍ଞା ନେଇଥିଲେ।



## ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳିତ

**ଜଗତସିଂହପୁର(ଅମୃତ ମିଡିଆ) :** ସ୍ଥାନୀୟ ପୁରୁଣାଗଡ ସ୍ଥିତ ପ୍ରଫୁଲ୍ଲ ପାଠାଗାରରେ ଆନ୍ତର୍ଜାତିକ ମାତୃଭାଷା ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତିତ୍ୱ କରି ଶିକ୍ଷାବିତ୍ ରବୀନ୍ଦ୍ର ନାଥ ତ୍ରିପାଠୀ ଆନ୍ତର୍ଜାତିକ ମାତୃଭାଷା ଦିବସର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଗଙ୍ଗାଧର ଦାଶ ଯୋଗଦେଇ ମାତୃଭାଷା ମାଆର ଭାଷା ଓ ଏହା ସହିତ ପ୍ରତ୍ୟେକ ମଣିଷର ଆତ୍ମିକ ସମ୍ପର୍କ ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧାପକ ହିମାଂଶୁ ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ ଚଳିତ ବର୍ଷର ବିଷୟବସ୍ତୁ ବହୁଭାଷୀ ଶିକ୍ଷା-ହେଉଛି ଆନ୍ତଃପିଢି ପାଇଁ ଶିକ୍ଷାର ସ୍ତମ୍ଭ ସମ୍ପର୍କରେ ସବିଶେଷ ଆଲୋଚନା ଆଲୋଚନା କରି ମାତୃଭାଷା ସହ ବହଭାଷୀ ଶିକ୍ଷାର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ । । ଅନ୍ୟମାନଙ୍କ ମଧରେ ଶିକ୍ଷାବିତ୍ ବଂଶୀଧର ଆଚାର୍ଯ୍ୟ, ସାହିତ୍ୟିକ ନାରାୟଣ ଦାଶ, ସତ୍ୟବାଦୀ ଦାସ, ବଂଶୀଧର ବେହେରା, ରମେଶ ସାହୁ ପ୍ରମୁଖ ଆଲୋଚନରେ ଅଂଶଗ୍ରହଣ କରି ଆମ ମାତୃଭାଷା ଓଡିଆର ପ୍ରାଚୀନତା, ଏହାର ଲିପି ଓ ବର୍ଣ୍ଣନା ଶୈଳୀ ସମ୍ପର୍କରେ ମତଦେଇ ଏହାର ପ୍ରସାର ପ୍ରଚାର ପାଇଁ ସବୁସ୍ତରରେ ଉଦ୍ୟମ ଲୋଡା ବୋଲି ମତ ଦେଇଥିଲେ । ଶେଷରେ ପାଠାଗାରର ସମ୍ପାଦକ ସୁରେନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ ।



## ବୋଡ଼କ ବିଦ୍ୟାଳୟର ବାର୍ଷିକୋତ୍ସବ




**ଧୂଷୁରୀ(ଅମୃତ ମିଡିଆ) :** ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଓଲଗ ପଞ୍ଚାୟତ ସ୍ଥିତ ବୋଡକ ଉନ୍ନୀତ ଉ.ପ୍ରା. ବିଦ୍ୟାଳୟର ବାର୍ଷିକୋତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୀତବାସ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ପ୍ରଫୁଲ୍ଲ ବେହେରା, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରହ୍ମାନନ୍ଦ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ମିଛ କବିତାର ସଂପାଦକ ତଥା ସାମ୍ବାଦିକ ଦୀପ୍ତି ରଂଜନ ନାୟକ, ନାନ୍ଦପୁର ନୃସିଂହ ନାଥ ଉ.ପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଙ୍ଗୁଳି ଚରଣ ସେଠୀ, ଏସ.ଡି. ପାଟଣା ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅନିଲ କୁମାର ଦାସ, ମଠଡିହ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବନିତା ପୃଷ୍ଟି, ନାନ୍ଦପୁର ନୃସିଂହ ନାଥ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ହୃଦାନନ୍ଦ ପତ୍ରି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚିତ୍ତ ରଂଜନ ମହାନ୍ତି, ବିଦ୍ୟାଳୟ ଶିକ୍ଷା ପରିଚାଳନା କମିଟି ଚେୟାରମ୍ୟାନ ଈଶ୍ୱର ଚନ୍ଦ୍ର ମାଝୀ ପ୍ରମୁଖ ଯୋଗ ଦେଇଥିଲେ । ୧୯୭୫ ମସିହାରେ ନିର୍ମିତ ଏହି ଶିକ୍ଷା ମନ୍ଦିର ଅଗଣିତ ଛାତ୍ରଛାତ୍ରୀଙ୍କ ଭାଗ୍ୟ ଗଠନ କରି ଆସୁଅଛି ତାହାର ହିସାବ କିଏ ବା ଦେଇପାରିବ ? ବିଦ୍ୟାଳୟ ରୂପି ଉପବନର କଳିକାଙ୍କୁ ମାଳୀ ରୂପି ଶିକ୍ଷକ ମାନେ ପ୍ରସ୍ଫୁଟିତ କରିବା ପାଇଁ ଅବ୍ୟାହତ ରଖିଥିବା ଉଦ୍ୟମ ଅତ୍ୟନ୍ତ ଉତ୍ସାହ ଜନକ ବୋଲି ଅତିଥି ମାନେ ମତ ପୋଷଣ କରିଥିଲେ । ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ କଳା ନୈପୁଣ ଓ କ୍ରୀଡା ପ୍ରଦର୍ଶନ ବିଦ୍ୟାଳୟର ମାନ ବୃଦ୍ଧି କରିଛି ବୋଲି ମଧ ମତ ପ୍ରକାଶ ପାଇଥିଲା । ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ମିନତି ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ତୃପ୍ତି ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ପରେ ବିଦ୍ୟାଳୟ କ୍ରୀଡା ଶିକ୍ଷକ ସୁଶାନ୍ତ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ବାର୍ଷିକ କ୍ରୀଡାସୋବରେ କୃତି ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ଶିକ୍ଷୟିତ୍ରୀ କସ୍ତୁରୀ ପରିଡା, ଅରୁନ୍ଧତୀ ସାହୁ, ସବିତା ମଲିକ, ପ୍ରଜ୍ଞା ପ୍ରାରମ୍ଭିକା ନାୟକ ପ୍ରମୁଖ ସଭା ପରିଚାଳନାରେ ସହାୟତା କରିଥିଲେ । ଶିକ୍ଷକ ହରିନାଥ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ୱାମୀ ଶ୍ରୀ ମୁକୁନ୍ଦାନନ୍ଦଜୀ ମହାରାଜଙ୍କ ୨ ଦିନିଆ କରଞ୍ଜିଆଗସ୍ତ

**ବାରିପଦା/କରଞ୍ଜିଆ(ଅମୃତ ମିଡିଆ) :** କରଂଜିଆ ଦୋଳପଡ଼ିଆ ନିକଟସ୍ଥ ରାଧା ଗୋବିନ୍ଦ ଧାମ ପରିସରରେ ଜଗତଗୁରୁ ଶ୍ରୀ ଶ୍ରୀ କୃପାଳୁଜୀ ମହାରାଜାଙ୍କ ଶିଷ୍ୟ ସ୍ୱାମୀ ଶ୍ରୀ ମୁକୁନ୍ଦାନନ୍ଦଜୀ ମହାରାଜ ବୁଧବାର ଦିବା ପ୍ରାୟ ୧ ଘଟିକା ସମୟରେ କରିଆ ଠାରେ ପହଂଚିବା ପରେ ତାଙ୍କୁ ପୁନମ ଛକ ଠାରେ ଏନଏସି ଅଧକ୍ଷା ପପି ପୃଷ୍ଟିଙ୍କ ସମେତ କରିଆ ସ୍ଥିତ ରାଧାଗୋବିନ୍ଦ ଧାମର ସମସ୍ତ ସଦସ୍ୟ, ସଦସ୍ୟା ମାନେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି । ସେଠାରୁ କେନ୍ଦ୍ର ପରିଚାଳକ ଗିରିଧାରୀ ପୃଷ୍ଟିଙ୍କ ତତ୍ୱାବଧାନରେ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରି ୱାର୍ଡ ନମ୍ବର ୧୨ ସ୍ଥିତ ରାଧା ଗୋବିନ୍ଦ ଧାମ ଠାରେ ପହଂଚିଥିଲେ। ଏଠାରେ ମୁକୁନ୍ଦାନନ୍ଦଜୀଙ୍କ ୨ ଦିନ ଧରି ଦିବ୍ୟ ଆଧାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ରହିଥିବାରୁ ଏହାକୁ ଦୃଷ୍ଟିରେ ରଖି କରଂଜିଆ ରାଧେ ଗୋବିନ୍ଦ ଧାମ କେନ୍ଦ୍ର ପକ୍ଷରୁ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି । କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପାଦକ ପରମେଶ୍ୱର ମହାନ୍ତ ଓ ଗୌରୀଶଙ୍କର ପରିଡା,ରୋହିତ ପୃଷ୍ଟି,ମଦନ ମୋହନ ସାହୁ, ଦିବାକର ମହାନ୍ତ ,ଅନାମ ପାତ୍ର , ସତ୍ୟେନ୍ଦୁ ଦାସ, ମନୋରନ ଭୁଜବଳ, ଘନଶ୍ୟାମ ବାରିକ, କଲ୍ଲୋଳିନୀ ରାଉତ, ରଂଜିତା ସାହୁ ପ୍ରମୁଖ ସହଯୋଗ କରିଥିଲେ।



# କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେଇପାରନ୍ତି ଅଧୀରାଜ ପାଣିଗ୍ରାହୀ

**ନୂଆପଡ଼ା(ଅମୃତ ମିଡିଆ) :** ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି, ଦଳବଦଳ କଥା ସେତେ ଉଠୁଛି। ଏବେ ଖଡ଼ିଆଳ ନିର୍ବାଚନ ମଣ୍ଡଳୀ ରେ ବିଜେଡି ଦଳ ରେ ଆରମ୍ଭ ହୋଇଗଲାଣି ଟଣାଓଟରା । କଂଗ୍ରେସ ର ଟାଣୁଆ ବିଧାୟକ ଅଧୀରାଜ ମୋହମା ପାଣିଗ୍ରାହୀ ୨୦୧୯ ରେ କଂଗ୍ରେସ ଦଳ ରୁ ଟିକେଟ ପାଇ ଖଡ଼ିଆଳ ନିର୍ବାଚନ ମଣ୍ଡଳୀ ରୁ ଲଢ଼ିଥିଲେ ଶ୍ରୀ ପାଣିଗ୍ରାହୀ ଅଳ୍ପ ଭୋଟ ର ବ୍ୟବଧାନ ରେ ଜିତ ହାସଲ କରିଥିଲେ ପ୍ରତିଦ୍ୱନ୍ଦୀ ଭାବେ ବିଜେଡି ର ଟାଣୁଆ ନେତା ଲମ୍ବୋଧର ନିଆଲ କୁ ପରାଜୟ କରିଥିଲେ, ତେବେ ଅଧୀରାଜ ବିଧାୟକ ହେବା ଠାରୁ ଅଧୀରାଜ ନିଜର ପରିଚୟ ସୃଷ୍ଟି କରି ତାଙ୍କ ଦବଦବା କୁ ଜାରି ରଖିଛନ୍ତି, ଅନ୍ୟପଟେ ୨୦୧୯ ର ନିର୍ବାଚନ ପରେ ଲମ୍ବୋଧର ନିଆଲ ପରାଜୟ ର ସ୍ୱାଦ ଚାଖି ମଧ ବିଜେଡି ରେ ଥାଇ ଖଡ଼ିଆଳ ନିର୍ବାଚନମଣ୍ଡଳୀରେ କର୍ମୀଙ୍କୁ ସକ୍ରିୟ କରାଇବାରେ ପ୍ରମୁଖ ଭୂମିକା ନିର୍ବାହ କରିବାରୁ ଦଳ ଏବେ ସଳଖିଥିବା ଦେଖିବାକୁ ମିଳୁଛି। ଏଥିସହିତ ଦଳକୁ ଉକ୍ତ ଅଂଚଳରେ ସୁଦୃଢ଼ କରିବା ପାଇଁ ବିଜେଡି ର ବରିଷ୍ଠ ନେତା ମାନେ ଅଞ୍ଚଳ ରେ ବାରମ୍ବାର ଦଳୀୟ କାର୍ଯ୍ୟକ୍ରମ କରୁଥିବା ଦେଖିବାକୁ ମିଳିଛି, ତେବେ ତିନି ନମ୍ବର ପ୍ରତିଦ୍ୱନ୍ଦୀ ବିଜେପି ର ପୂର୍ବତନ ବିଧାୟକ ହିତେଶ ବଗର୍ତି ଙ୍କ ପତ୍ନୀ ବିଜେପି ଟିକେଟ ରୁ ରିତାରାଣୀ ବଗର୍ତି ନିର୍ବାଚନ ଲଢ଼ିଥିଲେ ୨୦୨୪ ରେ ରିତାରାଣୀ ବଗର୍ତି ର୍ନିାଚନ ଲଢ଼ିବେ ନାହିଁ ସୂଚନା ମିଳିଛି ଏଥର ବିଜେପି ଦଳ ର ପୂର୍ବତନ ବିଧାୟକ ହିତେଶ ବଗର୍ତି ନିଜେ ବିଜେପି ରୁ ଆଶାୟୀ ପ୍ରାର୍ଥୀ ହେବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି, ଖଡ଼ିଆଳ ର୍ନିାଚନ ମଣ୍ଡଳୀ ରେ ବିଜେପି ର ଅନ୍ୟ ନେତା ମାନଙ୍କ ମଧରୁ ଦେବଦେବ ସିଂ ଜିଲ୍ଲା ସଭାପତି ସୁବ୍ରତ ଠାକୁର ଙ୍କ ନାମ ବିଜେପି ଦଳରୁ ବିଧାୟକ ଆଶାୟୀ ପ୍ରାର୍ଥ ରେସ ରେ ଅଛନ୍ତି, ବର୍ତ୍ତମାନ ଜିଲାର ଖଡ଼ିଆଳ ନିର୍ବାଚନ ମଣ୍ଡଳୀ ରେ ତିନି ପ୍ରମୁଖ ଦଳ ର ଆଶାୟୀ ପ୍ରାର୍ଥୀ କୁ ନେଇ ବେଶ ଚର୍ଚ୍ଚା ହେଉଛି, ଏନେଇ କିଛି ଦିନ ହେଲା ଚର୍ଚ୍ଚା ଜୋର ଧରିଛି କଂଗ୍ରେସ ବିଧାୟକ ଅଧୀରାଜ ପାଣିଗ୍ରାହୀ କଂଗ୍ରେସ ଛାଡି ବିଜେଡି ଟିକେଟ ରୁ ଖଡ଼ିଆଳ ନିର୍ବାଚନ ମଣ୍ଡଳୀ ଲଢ଼ିବେ ଚର୍ଚ୍ଚା ହେଉଛି ଏନେଇ ଅଧୀରାଜ ଙ୍କ ସହିତ ବହୁ କଂଗ୍ରେସ କର୍ମୀ ମାନେ ହାତଛାଡି ବିଜେଡି ରେ ଯୋଗଦେବେ ବୋଲି ତାରିଖ ମଧ ଧାର୍ଯ୍ୟ ହୋଇସାରିଛି ବୋଲି ଜିଲାରେ ଚର୍ଚ୍ଚା ହେଉଛି, ଏନେଇ ବିଜେଡି ଦଳ ର ଆଶାୟୀ ପ୍ରାର୍ଥୀ ଲମ୍ବୋଧର ନିଆଲ ଙ୍କ ଟିକେଟ କାଟି ଅଧୀରାଜ ପାଣିଗ୍ରାହୀ ଙ୍କୁ ଦିଆଯିବ ବୋଲି ଜିଲାରେ ଚର୍ଚ୍ଚା ହେବାରୁ ବର୍ତ୍ତମାମ ଟିକେଟ କୁ ନେଇ ଲମ୍ବୋଧର ନିଆଲ ଛାନିଆ, ଖଡ଼ିଆଳ ନିର୍ବାଚନ ମଣ୍ଡଳୀ ର ବିଭିନ୍ନ ବ୍ଲକ ରେ ଲମ୍ବୋଧର ନିଆଲ ଙ୍କ ସମର୍ଥକ ମାନେ ବିଜେଡି ରୁ ଟିକେଟ ଦେବା ପାଇଁ ଦାବି କରୁଛନ୍ତି ଲମ୍ବୋଧର ନିଆଲ ଙ୍କ ଯାଦବ ଭୋଟର ଉପରେ ଏକ ପ୍ରଭାବ ଶାଳୀ ନେତା ବୋଲି ଅଞ୍ଚଳରେ ଚର୍ଚ୍ଚା ହୁଏ, ସେହିପରି ଖଡ଼ିଆଳ ନିର୍ବାଚନ ମଣ୍ଡଳରୀ ବିଜେଡି ଦଳ ରେ ଗୋଷ୍ଠୀ କନ୍ଦଳ ଆରମ୍ଭ ହୋଇଯାଇଛି ଏନେଇ ଆଗକୁ ବିଜେଡି ଟିକେଟ କୁ ନେଇ ହେରାଫେରୀ ହୁଏ ତାହେଲେ ଦଳରେ ଗୋଷ୍ଠୀ କନ୍ଦଳ ଉଗ୍ରରୁପ ନେଇ ପାରେ ବୋଲି ମଧ ଚର୍ଚ୍ଚା ହେଉଛି, ବିଜେଡି ର ଆଶାୟୀ ପ୍ରାର୍ଥୀ ଲମ୍ବୋଧର ନିଆଲ୍ ର୍ତମାନ ସେ ଭୁବନେଶ୍ୱର ସ୍ଥିତ ରହି ଟିକେଟ ପାଇଁ ଦଳୀୟ ନେତାଙ୍କ ସହିତ ମନ୍ଥନ ଜାରି ରଖିଛନ୍ତି, ସମ୍ପୂର୍ଣ୍ଣ ଭାବେ କହିବାକୁ ଗଲେ ଚଳିତ ମାସ ୨୪-୨୫ ତାରିଖ ମଧରେ ବିଜେଡି ଟିକେଟ କାହାକୁ ମିଳିବ ସମ୍ପୂର୍ଣ୍ଣ ଭାବେ ଜଣା ପଡିବ, ଚର୍ଚ୍ଚା ହେଉଛି ୨୦୨୪ ର ଖଡ଼ିଆଳ ନିର୍ବାଚନ ମଣ୍ଡଳୀ ପାଇଁ କଂଗ୍ରେସ ବିଧାୟକ ଅଧୀରାଜ ଦଳ ଛାଡି ବିଜେଡି ଦଳ କୁ ଗଲେ କଂଗ୍ରେସ ଦଳ କାହାକୁ ବିଧାୟକ ପ୍ରାର୍ଥୀ ଘୋଷଣା କରିବ ସେନେଇ ମଧ ଚର୍ଚ୍ଚା ହେଉଛି ଖଡ଼ିଆଳ ର ଯୁବନେତା କମଳଚରଣ ତାଣ୍ଡି ଙ୍କ ନାମ ସାମ୍ନା କୁ ଆସୁଛି କମଳ ତାଣ୍ଡି ଙ୍କ ସମର୍ଥକ ମାନେ କଂଗ୍ରେସ ରୁ କମଳ ତାଣ୍ଡି ଙ୍କୁ ଟିକେଟ ଦିଆଯାଉ ବୋଲି ସୋସିଆଲ ମିଡ଼ିଆ ରେ ପୋଷ୍ଟ କରି ଦାବି କରୁଛନ୍ତି,,

ତେବେ କଂଗ୍ରେସ ଦଳ ଏ ପର୍ଯ୍ୟନ୍ତ ବିଧାୟକ ପ୍ରାର୍ଥୀ ଅଧୀରାଜ ପାଣିଗ୍ରାହୀ ଙ୍କୁ ଚାହିଁ ବସିଛି, ଆଗକୁ କଂଗ୍ରେସ ଦଳ କେଉଁ ପରିସ୍ଥିତି ରେ ପଦକ୍ଷେପ ନେବ,ଏବଂ କଂଗ୍ରେସ ଦଳ କାହାକୁ ଆସ୍ଥା ପ୍ରକଟ କରି ଟିକେଟ ଦେଲେ ଖଡ଼ିଆଳ ରେ ବିଜେଡି ଓ ବିଜେପି ପ୍ରାର୍ଥୀ ଙ୍କୁ ପରାଜୟ କରିବ ସେଭଳି ପ୍ରାର୍ଥୀ ଖୋଜିବାରେ କଂଗ୍ରେସ ଦଳ ଜୁଟି ଯାଇଛି । ଖଡ଼ିଆଳ ବିଧାନସଭା ଆସନ ପାଇଁ ତିନି ପ୍ରମୁଖ ଦଳ ର ବିଜେଡି ବିଜେପି କଂଗ୍ରେସ ରୁ ଅନେକ ଆଶାୟୀ ପ୍ରାର୍ଥୀ ଙ୍କ ନାମ ସାମ୍ନା କୁ ଆସୁଛି, ସେମାନେ ହେଲେ ବିଜେପି ରୁ ଜିଲ୍ଲା ସଭାପତି ସୁବ୍ରତ ଠାକରୁ ଓ ହିତେଶ ବଗର୍ତି ଦେବଦେବ ସିଂ ବିଜେଡି ରୁ ଲମ୍ବୋଧର ନିଆଲ ଓ ପୁଷ୍ପାଞ୍ଜଳି ପାଣ୍ଡେ ବର୍ତ୍ତମାନ କଂଗ୍ରେସ ଦଳରେ ଅଧିରାଜ ପାଣିଗ୍ରାହୀ ଓ କମାଲ ତାଣ୍ଡି ରେସ ରେ ଅଛନ୍ତି ଯାହା ଜିଲ୍ଲା ରେ ଚାର୍ଜ ହେଉଛି । କଂଗ୍ରେସ ବିଧାୟକ ଅଧୀରାଜ ପାଣିଗ୍ରାହୀ ଙ୍କୁ ତିନି ପ୍ରମୁଖ ଦଳ ଚାହିଁବସିଛିନ୍ତି ଅଧୀରାଜ ପାଣିଗ୍ରାହୀ କଂଗ୍ରେସ ଛାଡି ବିଜେଡି ରେ ଯୋଗଦେଲେ ପରେ ତେବେ ଖଡ଼ିଆଳ ର୍ନିାଚନ ମଣ୍ଡଳୀ ର ତିନି ପ୍ରମୁଖ ଦଳ ର ଆଶାୟୀ ପ୍ରାର୍ଥୀ ଙ୍କ ନାମ ସ୍ପଷ୍ଟ ଜଣାପଡିବ, । ଏନେଇ ବିଧାୟକ ଅଧୀରାଜ ପାଣିଗ୍ରାହୀ ଙ୍କ ଜଣେ ସାମର୍ଥକ ପଚାରିବାରୁ ଶୁକ୍ରବାର ଦିନ ବିଧାୟକ ଙ୍କ ସାମର୍ଥକ ମାନଙ୍କ ମିଟିଙ୍ଗ ରହିଛି ତାପରେ ଜଣାପଡିବ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି । ସେହିପରି ବିଜେଡି ର ଆଶାୟୀ ପ୍ରାର୍ଥୀ ଲମ୍ବୋଧର ନିଆଲ ବିଜେଡି ନେତା ମାନେ ବୁଝାଇବାକୁ ଚେଷ୍ଟା ଜାରି ରଖିଥିବା ଚର୍ଚ୍ଚା ହେଉଛି, ଖଡ଼ିଆଳ ନିର୍ବାଚନ ମଣ୍ଡଳୀ ରେ ଅଧୀରାଜ ପାଣିଗ୍ରାହି ଙ୍କୁ ବିଜେଡି ଦଳ ରୁ ଟିକେଟ ଦେଲେ ଗୋଷ୍ଠୀ କନ୍ଦଳ ବଢ଼ିପାରେ ବୋଲି ଅନୁମାନ କରାଯାଉଛି ଖଡ଼ିଆଳ ନିର୍ବାଚନ ମଣ୍ଡଳୀରେ ଅଧିକ ଓବିସି ଭୋଟ ବ୍ୟାଙ୍କ ରହିଥିବା ବେଳେ ସ୍ଥାନୀୟ ବିଧାୟକ ପ୍ରାର୍ଥୀ ମାନେ ଓବିଶି ଭୋଟ ଉପରେ ନିର୍ଭର କରନ୍ତି, ଯାହା ସପକ୍ଷରେ ଓବିଶି ଭୋଟ ଆସ୍ଥା ପ୍ରକଟ କଲେ ସେହି ଲୋକ ହି ବିଧାୟକ ହେବା ସମ୍ଭାବନା ରହିଥାଏ ବୋଲି ରାଜନୀତି ସମୀକ୍ଷକ ମାନେ ଅନୁମାନ କଲେଣି, ଅନ୍ୟପଟେ ଲମ୍ବୋଧର ନିଆଲ ଙ୍କ ସାମର୍ଥକ ମାନେ ଖଡ଼ିଆଳ ର ଅଗ୍ରେସନ ଭବନ ଠାରେ ସାମ୍ବାଦିକ ସମ୍ମିଳନୀ କରି ଲମ୍ବୋଧର ନିଆଲ ଙ୍କୁ ବିଜେଡି ଟିକେଟ ନ ମିଳେ ତାହେଲେ ଖଡ଼ିଆଳ ନିର୍ବାଚନ ରୁ ବିଜେଡି କର୍ମୀ ଙ୍କ ଦ୍ୱାରା ସାମୁହିକ ବିଜେଡି ଦଳ ରୁ ଇସ୍ତିଫା ଦେବେ ବୋଲି ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଇଛନ୍ତି, ଏନେଇ ଆମ ନୂଆପଡା ପ୍ରତିନିଧି ତିନି ଦଳ ର ପ୍ରମୁଖ ନେତା ଙ୍କୁ ଫୋନ ମାଧ୍ୟମରେ ସମ୍ପର୍କ କରଯାଇଥିଲା ହେଲେ ଦଳୀୟ ନେତା ମାନେ ଗଣମଧମ ପ୍ରତିନିଧି ସାମ୍ନା ରେ ମୁହଁ ଖୋଲୁ ନାହାନ୍ତି।

## କଲେଜଛକ ଶିଶୁ ମନ୍ଦିରର ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳିତ

**ବଲାଙ୍ଗୀର(ଅମୃତ ମିଡିଆ) :** ଆଜି ଆନ୍ତର୍ଜାତିକ ମାତୃଭାଷା ଦିବସ କଲେଜ ଛକ ସରସ୍ୱତୀ ଶିଶୁ ମନ୍ଦିର ବଲାଙ୍ଗୀର ଠାରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଯୋଗେଶ୍ୱର ପଧାନଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇ ଯାଇ ଥିଲା । ମୁଖ୍ୟ ଅତିଥି ରୂପେ କବି, ଲେଖକ ଓ ଅବସରପ୍ରାପ୍ତ ସରକାରୀ ଶିକ୍ଷକ ଶିକ୍ଷକ ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନ ବଲାଙ୍ଗୀର ଶ୍ରୀ ଭବାନୀ ଶଙ୍କର ପଟେଲ ଯୋଗଦେଇଥିଲେ । ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ ପ୍ରଧାନ ଆଚାର୍ଯ୍ୟ ଶ୍ରୀ ରବୀନ୍ଦ୍ର କୁମାର ମିଶ୍ର। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସମ୍ପାଦକ ଶ୍ରୀ ନୀଳାଚଳ ଟାର୍ଗୁନ। ଶିଶୁ ଙ୍କ ଦ୍ୱାରା ବକ୍ତୃତା, କବିତା ଆବୃତ୍ତି,ଏକକ ଅଭିନୟ, ନୃତ୍ୟ ପରିବେଷଣ,ଗୀତ ପରିବେଷଣ,ସୁଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



## ମହେଶ୍ୱରପୁରରେ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ସଚେତନତା ଶିବିର

**ଯାଜପୁର(ଅମୃତ ମିଡିଆ) :** ଯାଜପୁର ବ୍ଲକ୍ ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତରେ “ଆମ ଓଡ଼ିଶା ନବୀନ ଓଡ଼ିଶା” ସଚେତନତା ଶିବିର ପଞ୍ଚାୟତ ପର୍ଯ୍ୟବେକ୍ଷକ ଦିଲ୍ଲୀପ କୁମାର ଜେନା ଓ ସରପଞ୍ଚ ସୁଜିତ ରାୟଙ୍କ ପ୍ରଗାଢ଼ ଉଦ୍ୟମରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଯାଜପୁର ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥିଭାବେ ଯାଜପୁର ବ୍ଲକ୍ ଅଧକ୍ଷା ସ୍ୱର୍ଣ୍ଣଲତା ପରିଡ଼ା, ବ୍ଲକ୍ ବିଜୁ ଜନତା ଦଳର ସଭାପତି ପରେଶ ବିଶ୍ୱାଳ, ଯୁବନେତା ଅଜୟ କୁମାର ମହାନ୍ତି, ଜିଲ୍ଲା ବିଜୁ ଜନତା ଦଳର ଉପସଭାପତି ଗଣେଶ ଚନ୍ଦ୍ର ମହାକୁଡ଼, ବରିଷ୍ଠ ବିଜେଡ଼ି ନେତା ତଥା ସମାଜସେବୀ ତୁଷାରକାନ୍ତ ପରିଡ଼ା, ବିଚିତ୍ରପୁର ସରପଞ୍ଚ ଦେବାଶିଷ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟା ସୁନୀତା ରାଉତ, ଯୁବନେତା ଅମିତ ରାଉତ, ବରିଷ୍ଠ ବିଜେଡ଼ି ନେତା ବ୍ରଜକିଶୋର ପାଢ଼ୀ, ଚଇନପୁର ସରପଞ୍ଚ ବୈଷ୍ଣବ ରାଉତ, ମାଳଆନନ୍ଦପୁର ସରପଞ୍ଚ ପର୍ଶୁରାମ ଦଳେଇ, ସାନସୁଆର ସରପଞ୍ଚ ସାଗରିକା ଦାସ, ଭୁବନେଶ୍ୱରପୁର ସରପଞ୍ଚ ମନଦୀପା ରାୟ, ଜିଲ୍ଲା ବିଜୁ ଜନତା ଦଳର ସମ୍ପାଦକ ଅମରେନ୍ଦ୍ର ମିଶ୍ର, ୨୯ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପ୍ରେମାନନ୍ଦ ଜେନା ପ୍ରମୁଖ ଯୋଗଦେଇ ସରକାରଙ୍କର ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଆକର୍ଷଣ କରିବା ସହ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକ ସ୍ଥଳୀର ରୂପାନ୍ତିକରଣ, ମହିଳା ସଶକ୍ତିକରଣ, ଭିତ୍ତିଭୂମିର ବିକାଶ, ଐତିହ୍ୟର ସୁରକ୍ଷା ସହ ପଞ୍ଚାୟତସ୍ତରୀୟ ଅନୁଦାନର ସଠିକ୍ ବିନିଯୋଗ ନେଇ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଉପାଧକ୍ଷ କମଳା କୁମାର ମଲ୍ଲିକ, ସ୍ମୃତିରେଖା ସାମଲ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ମହାଳୟା ପାତ୍ର ପ୍ରମୁଖ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସମାଜସେବୀ ଓ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ମହେଶ୍ୱରପୁର ପଞ୍ଚାୟତର ପର୍ଯ୍ୟବେକ୍ଷକ ଦିଲ୍ଲୀପ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।



# ନିଖିଳ ଓଡ଼ିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘ ଗଞ୍ଜାମ ଜିଲ୍ଲା କମିଟି ବିକ୍ଷୋଭ ପ୍ରତିବାଦରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ




**ଛତ୍ରପୁର (ଅମୃତ ମିଡିଆ):** ବିଭିନ୍ନ ଦାବି ନେଇ ନିଖିଳ ଓଡିଶା ଏମଡିଏମ ପାଚିକା ସହାୟିକା ସଂଘ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଗୁରୁବାର ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗଞ୍ଜାମ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଏଆଇଟିୟୁସି ସହ ଅନୁବନ୍ଧିତ ନିଖିଳ ଓଡିଶା ଏମଡିଏମ ପାଚିକା ସହାୟିକା ସଂଘର ଗଞ୍ଜାମ ଜିଲ୍ଲା ସଭାପତି ରାଜେନ୍ଦ୍ର ଦାସଙ୍କ ନେତୃତ୍ୱରେ ଜିଲ୍ଲାର ବହୁ ପାଚିକା ମାନେ ସ୍ଥାନୀୟ ଲକ୍ଷ୍ମଣ ଭବନ ଠାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରୀକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚିଥିଲେ । ସେଠାରେ ବିଭିନ୍ନ ଦାବୀ ପୂରଣ କୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା, ରାଜ୍ୟରେ ପାଚିକା ମାନଙ୍କୁ ପୂର୍ବରୁ ମାସିକ ୧୪ ଶହ ଟଙ୍କା ଥିବା ବେଳେ ମାତ୍ର ୬ଶହ ଟଙ୍କା ବୃଦ୍ଧି ହୋଇ ୨ ହଜାର କରାଯାଇଛି ଯାହା କି ଅନ୍ୟ ରାଜ୍ୟ ତୁଳନାରେ କମ । ତେଣୁ ରାଜ୍ୟ ସରକାର ଏହାକୁ ବିଚାର କରି ମାସିକ ୧୮ ହଜାର ଟଙ୍କା ପ୍ରଦାନ କରିବା, ସମସ୍ତ ପାଚିକା ମାନଙ୍କ ବକେୟା ଟଙ୍କା ପ୍ରଦାନ କରିବା, ପାଚିକା ନିଯୁକ୍ତି ପ୍ରଣାଳୀକୁ ପରିବର୍ତ୍ତନ କରି ବିଦ୍ୟାଳୟ ପରିଚାଳନା କମିଟି ହାତରୁ ବାଦ ଦେଇ ସିଧାସଳଖ ଗୋଷ୍ଠୀଶିକ୍ଷା ଅଧିକାରୀଙ୍କ ଦ୍ୱାରା ଦିଆଯିବା, ୧୦ ମାସ ବଦଳରେ ୧୨ ମାସର ଭତ୍ତା ପ୍ରଦାନ କରିବା ଏବଂ ଅବସର ପରେ ପେନସନ ପ୍ରଦାନ କରାଯିବା, ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ବ୍ୟତୀତ ଅନ୍ୟ କାର୍ଯ୍ୟରେ ନିୟୋଜିତ ନ କରାଯିବା, କାର୍ଯ୍ୟରତ ସମୟରେ ଦୁର୍ଘଟଣା ଘଟିଲେ ସମ୍ପୂର୍ଣ୍ଣ ମେଡିକାଲ ଖର୍ଚ୍ଚ ପ୍ରଦାନ କରିବା, ମୃତ ବୀମା ରାଶି ବାବଦକୁ ୫ ଲକ୍ଷ କରିବା ଓ ପ୍ରସୂତି କାଳୀନ ଛୁଟି ୧୮୦ ଦିନ ଦିଆଯିବା ସମେତ ବିଭିନ୍ନ ଦାବି ସମ୍ପର୍କରେ ସେମାନେ ଏହି ଦାବି ପତ୍ର ରେ ଉଲ୍ଲେଖ କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ବେଳେ ନିଖିଳ ଓଡିଶା ଏମଡିଏମ ପାଚିକା ସହାୟିକା ସଂଘର ଗଞ୍ଜାମ ଜିଲ୍ଲା ସମ୍ପାଦିକା କୁନି ମହାପାତ୍ର, କୋଷାଧ୍ୟକ୍ଷ ମଞ୍ଜୁଳା ମହାନ୍ତି, ଏଆଇଟିୟୁସି ନେତା ଅଳକା ନାଥ ମିଶ୍ର ଓ ନୀଳକଣ୍ଠ ଦାଶ , ସିପିଆଇ ଚମାଖଣ୍ଡି ଜୋନାଲ ସମ୍ପାଦକ ସି. ଏଚ . ଜନାର୍ଦ୍ଦନ ରେଡ୍ଡୀ, ଶ୍ରମିକ ନେତା ଦୁର୍ଯ୍ୟୋଧନ ନାହାକ, ସନ୍ଧ୍ୟାରାଣୀ ପଲାଇ, ରୁନୁ ବେହେରା, ସବିତା ପାତ୍ର, ପୁଷ୍ପାଞ୍ଜଳୀ ଗୌଡ, ଗୀତା ତରାଇ, ସବିତା ସାସମଲ, ମମତା ତ୍ରିପାଠୀ, ତାରାତାରିଣୀ ପଲାଇ, ସୁବାସିନୀ ମହାରଣା, ରିନା ବାଡତ୍ୟା, ପ୍ରଣିତା ରଥ, ବନିତା ସାହୁ, ପ୍ରଦୀପ କର, ଜି. ପଦ୍ମାବତୀ, ସଂଗୀତା ପଣ୍ଡା ଓ ମାଧୁରୀ ପଟ୍ଟନାୟକ ଙ୍କ ସମେତ ପାଚିକା ମାନେ ଉପସ୍ଥିତ ଥିଲେ ।

## ବୁଥ୍ ତଦାରଖ କଲେ ପ୍ରକଳ୍ପ ନିର୍ଦ୍ଦେଶକ



**ଅସ୍ତରଙ୍ଗ (ଅମୃତ ମିଡିଆ):** ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାରୁ ପୁରୀ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ କୈଳାଶ ନାୟକ ଅସ୍ତରଙ୍ଗ ଅଞ୍ଚଳ ଗ୍ରସ୍ତ କରି ବୁଥ୍ ପରିକ୍ରମା କରି ଫେରିଛନ୍ତି। ତହସିଲିଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି ପ୍ରକଳ୍ପ ନିର୍ଦ୍ଦେଶକ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ପ୍ରକଳ୍ପ ନିର୍ଦ୍ଦେଶକ କୈଳାସ ନାୟକ ଓ ଅସ୍ତରଙ୍ଗ ତହସିଲିଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି ବ୍ଲକ ଅଧିନସ୍ଥ ନଈଗୁଆଁ, ଆଳଙ୍ଗପୁର ସହ ବିଭିନ୍ନ ପଂଚାୟତରେ ଥିବା ବୁଥ୍ ପରିକ୍ରମା କରିଥିଲେ। ନିର୍ବାଚନ ସମୟରେ ବୁଥ୍ରେ ପାନୀୟ ଜଳ, ବିଦ୍ୟୁତ ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଶିକ୍ଷା ସାଧନ ସଂଯୋଜକ ଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ତହସିଲି କାର୍ଯ୍ୟାଳୟରେ ପହଂଚି ତହସିଲିଦାର ଙ୍କ ସହ ଅଞ୍ଚଳବାସୀ ଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

## ଭାଲୁ ସହ ଅଧଘଣ୍ଟାର ଲଢ଼େଇ



**ବୈପାରୀଗୁଡା (ଅମୃତ ମିଡିଆ):** ଭାଲୁ ସହ ଅଧଘଣ୍ଟାର ଲଢେଇ । ହାରିଗଲା ଭାଲୁ, ମରଣ ମୁହଁରୁ ଜୀବନ ଫେରିପାଇଲେ ଯୁବକ। ଏଭଳି ଘଟଣା ଘଟିଛି କୋରାପୁଟ ଜିଲା କୁନ୍ଦୁରା ବ୍ଲକ ବାଘଗୁଡାରେ । ସୂଚନାଯୋଗ୍ୟ, କୋରାପୁଟ ଜିଲା କୁନ୍ଦୁରା ବ୍ଲକ ବାଘଗୁଡାରେ ଭାଲୁ ଆକ୍ରମଣରେ ଜଣେ ଯୁବକ ଜଗବନ୍ଧୁ ହରିଜନ ଗୁରୁତର ହୋଇଛନ୍ତି । ଜଗବନ୍ଧୁ ଶୁକ୍ରବାର ରାତିରେ କୁନ୍ଦୁରାଠାରୁ ନିଜ ଗାଁ ବାଘଗୁଡା ଅଭିମୁଖେ ଯାଉଥିବା ବେଳେ ହଠାତ ଭାଲୁ ସହ ମୁହାଁମୁହିଁ ହୋଇଥିଲେ । ଜଗବନ୍ଧୁ ସାହାସିକତାର ସହ ଭାଲୁ ସହ ଅଧା ଘଣ୍ଟା ଧରି ଲଢ଼େଇ କରି ଭାଲୁ ମୁହଁରୁ ରକ୍ଷା ପାଇଯାଇଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘରେ ପହଞ୍ଚିବା କ୍ଷଣି ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେଠାରୁ ଜୟପୁରକୁ ସ୍ଥାନାନ୍ତର କରାଯାଇଥିଲା।

## ଶାସଙ୍ଗ ପଞ୍ଚାୟତରେ ସଚେତନତା ଶିବିର

**ହାଟଡିହି (ଅମୃତ ମିଡ଼ିଆ ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଶାସଙ୍ଗ ପଞ୍ଚାୟତ ଅଧିନ ଛେନାପଦି ତାରିଣୀ ମନ୍ଦିର ନିକଟରେ ସୋମବାର ଦିବା ୧୧ ଘଟିକା ସମୟରେ ଆମ ଓଡିଶା ଓ ନବୀନ ଓଡିଶା ‘ ପକ୍ଷରୁ ଏକ ସଚେତନତା ଶିବିର ଅନୁଷ୍ଠିତ ହେଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ ଯୋଗଦେଇଥିଲେ । ଶାସଙ୍ଗ ଗ୍ରାମ ପଞ୍ଚାୟତ ସରପଞ୍ଚ ମଧୁସ୍ମିତା ସ୍ୱାଇଁଙ୍କ ସଂଯୋଜନାରେ ପିଓ, ସମିତି ସଭ୍ୟ ଓ ଏସଏସଜି ମହିଳାଙ୍କ ସହ ହଜାର ହଜାର ବିଜୁ ପ୍ରେମୀ ଏହି କାର୍ଯ୍ୟକ୍ରମରେ ସାମିଲ ହେଇଥିଲେ । ପାଲା ମାଧ୍ୟମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ସମ୍ପର୍କ ବିଷୟରେ ଗାୟକ ଉପସ୍ଥିତ ଜନ ସାଧାରଣଙ୍କୁ ଅବଗତ କରାଇଥିଲେ ।

## ନିଖୋଜର ୩ ଦିନ ପରେ ନଦୀରୁ ମିଳିଲା ମୃତଦେହ

**ବଡ଼ବିଲ (ଅମୃତ ମିଡିଆ):** କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ହାୟାରପୁର ଗ୍ରାମସ୍ଥିତ କାରୋନଦୀରେ ବୁଧବାର ସକାଳେ ଭାସୁଥିବା ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ମୃତକ ଜଣକ ହେଲେ ସେହି ଗ୍ରାମର ଦୁଲୁ ମୁଣ୍ଡା(୪୦)। ଗତ ୪ ଦିନ ଧରି ନଦୀରେ ବୁଡ଼ି ନିଖୋଜ ଥିଲେ ବୋଲି ଜଣାପଡ଼ିଛି।

ସୂଚନାନୁଯାୟୀ, ହାୟାରପୁର ଗ୍ରାମରେ ରହୁଥିବା ଦୁଲୁ ତାଙ୍କର କିଛି ସାଙ୍ଗମାନଙ୍କ ସହ ଗତ ରବିବାର ମାଛ ଧରିବାକୁ ନିକଟସ୍ଥ କାରୋ ନଦୀକୁ ଯାଇଥିଲେ। ତେବେ କୌଣସି କାରଣରୁ ଦୁଲୁ ବୁଡ଼ିଯାଇଥିଲା ବେଳେ ସ୍ଥାନୀୟ ଗ୍ରାମବାସୀ ଓ ଦମକଳ ବାହିନୀ ନଦୀରେ ବୁଡ଼ି ଖୋଜିଥିଲେ ହେଁ ସନ୍ଧାନ ପାଇପାରି ନ ଥିଲେ। ବୁଧବାର ପୂର୍ବାହ୍ନରେ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଏ ନେଇ ପୋଲିସକୁ ଖବର ଦିଆଯିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦମକଳ ବାହିନୀ ସହାୟତାରେ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିବା ଜଣାପଡ଼ିଛି।

## କଂଗ୍ରେସ ଦଳ ପକାଇଲା ବିଜେଡି ଓ ବିଜେପିର ହାତଗଣ୍ଠି



**ଆସିକା (ଅମୃତ ମିଡିଆ):** ବିଜେଡି କନ୍ୟାକୁ ବିଜେପି ବର । ଏଭଳି ଏକ ନିଆରା ଢଙ୍ଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପ୍ରତିବାଦ ସ୍ୱରୂପ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି । ଆସିକା ନିର୍ବାଚନ ମଣ୍ଡଳୀରେ ଦେଖିବାକୁ ମିଳିଥିଲା ଏକ ଭିନ୍ନ ପ୍ରକାରର ବାହାଘର । ପ୍ରଦେଶ କଂଗ୍ରେସ ନିର୍ଦ୍ଦେଶକ୍ରମେ କେନ୍ଦ୍ରର ବିଜେପି ସରକାର ସହ ରାଜ୍ୟର ବିଜେଡି ସରକାରଙ୍କ ମଧ୍ୟରେ ବିବାହ ଉତ୍ସବ କରାଇଛି କଂଗ୍ରେସ । ଆସିକା ନିର୍ବାଚନୀ ମଣ୍ଡଳୀ କଂଗ୍ରେସ ଯୁବ ନେତା ତଥା ବିଧାୟକ ପ୍ରାର୍ଥୀ ଦିପକ କୁମାର ଭୂୟାଁଙ୍କ ନେତୃତ୍ୱରେ ଆସିକା ବ୍ଲକ ବାଲିଛାଇ ପଚାଂୟତ ଝଗଡେଇ ଗୁମ୍ଫା ଠାରେ ବିବାହ ଉତ୍ସବ ଆୟୋଜିତ ହୋଇଥିଲା । ହିନ୍ଦୁ ରିତିନୀତି ଅନୁଯାୟୀ ବ୍ରାହ୍ମଣ ମନ୍ତ୍ରପାଠରେ ଅବିକଳ ସେମିତି ଢଙ୍ଗରେ ହୋମ, ହସ୍ତଗଣ୍ଠି, ସିନ୍ଦୁର ପିନ୍ଧାଯାଇ ବିବାହ ସମ୍ପନ୍ନ କରାଯାଇଥିଲା । ଶେଷରେ ବାଦ୍ୟ ବାଜଣାରେ ଏକ ବିବାହ ପ୍ରୋସେସନ ସାଙ୍ଗକୁ ଭୋଜି କାର୍ଯ୍ୟକ୍ରମ କରାଯାଇଥିଲା । ଉଭୟ ଭ୍ରଷ୍ଟାଚାର ସରକାରଙ୍କ ବିରୋଧରେ ଆଗାମୀ ସାଧାରଣ ନିର୍ବାଚନରେ ଜନସାଧାରଣ ତାର ଉଚିତ ଜବାବ ଦେବେ ବୋଲି ବିଧାୟକ ପ୍ରାର୍ଥୀ ଦିପକ କୁମାର ଭୂୟାଁ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଚାଷୀ ତଥା କଂଗ୍ରେସ କର୍ମୀ ବିଭୂତି ଭୂଷଣ ନାହକ, ଗୁଣ୍ଡପଡା ସରପଚଂ ପ୍ରାର୍ଥୀ ପରମେଶ୍ୱର ପାତ୍ର, ଜିଲ୍ଲା ପରିଷଦ ଜୋନ ନମ୍ବର-୨ ପ୍ରାର୍ଥୀ ହର୍ଷ କୁମାର ରାଉତ ସାଙ୍ଗକୁ ଗୁଣ୍ଡପଡା, ବାଲିଛାଇ, ବାଲିସିରା ପଚାଂୟତରୁ ହଜାରରୁ ଉର୍ଦ୍ଧ୍ୱ କର୍ମୀ ବିବାହ କାର୍ଯ୍ୟକ୍ରମରେ ସାମିଲ ଥିଲେ ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ୫୪୧ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



**ନିଶ୍ଚିନ୍ତକୋଇଲି (ଅମୃତ ମିଡ଼ିଆ ):** ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ସମଗ୍ର ଶିକ୍ଷା କଟକଙ୍କ ସହାୟତାରେ ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଆନୁକୂଲ୍ୟରେ ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟ ନେମାଳ ପଡ଼ିଆରେ ଭୀମ ଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ କୁମାର ପାତ୍ରଙ୍କ ସଂଯୋଜନାରେ ଏହି ଶିବିରକୁ ବିଡ଼ିଓ ଧର୍ମରଂଜନ ପଣ୍ଡା ଉଦ୍‌ଘାଟନ କରିଥିଲେ । ଏଥିରେ ବ୍ଲକ ଅଧକ୍ଷା ରୋଜି ସେଠୀ, ଉପାଧକ୍ଷ ଅଶୋକ କୁମାର ଓଝା, ବ୍ଲକ ବିଜେଡ଼ି ସଭାପତି ରମାକାନ୍ତ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ଇଂ.ବିଳାସ ଭୋଇଙ୍କ ସମେତ ବହୁ ସରପଞ୍ଚ ଓ ନେତୃମଣ୍ଡଳୀ ଯୋଗ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ମକରାନନ୍ଦ ବେଉରାଙ୍କ ନିର୍ଦ୍ଦେଶ କ୍ରମେ କଟକ ବଡ଼ ମେଡ଼ିକାଲର ବିଭିନ୍ନ ବିଭାଗର ୮ଜଣ ଡ଼ାକ୍ତରଙ୍କ ଦ୍ୱାରା ମୋଟ ୫୪୧ ଅକ୍ଷମ ମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ନିରୀକ୍ଷା କରାଯାଇଛି । ଏଥିରେ ଅସ୍ଥିଶଲ୍ୟ ବିଭାଗେର ୨୪୦ଜଣ, ମାନସିକ ଅନଗ୍ରସର ବିଭାଗରେ ୧୦୯ଜଣ,ଶ୍ରବଣ ବାଧକ ବିଭାଗରେ ୮୫ଜଣ,ଦୃଶ୍ୟ ବାଧକ ବିଭାଗେର ୭୧ଜଣ,ସ୍ନାୟୁ ବିଭାଗରେ ୩୬ଜଣଙ୍କୁ ପରୀକ୍ଷା ନିରୀକ୍ଷା କରାଯାଇଥିଲେ ମଧ୍ୟ କାହାରିକୁ ତତ୍‌କାଳ ପ୍ରମାଣପତ୍ର ଦିଆଯାଇନାହିଁ । ନିୟମାନୁସାରେ ଆବେଦନ କରିଥିବା ଏକ ଜଣକୁ ଆୟଗତ ପ୍ରମାଣପତ୍ର, ୫ଜଣଙ୍କୁ ରିହାତି ଋଣ ପ୍ରଦାନ ପାଇଁ ଆବେଦନ ପତ୍ର , ୨୩ଜଣଙ୍କୁ ବସପାସ୍ ପ୍ରଦାନ କରାଯାଇଥିବା ବେଳେ ୩୨ଜଣ ଭିନ୍ନକ୍ଷମଙ୍କୁ କୌଶଳ ବିକାଶ କାର୍ଯ୍ୟକ୍ରମରେ ତାଲିମ ପାଇଁ ପୂରଣ କରାଯାଇ ରଖାଯାଇଛି । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସରୋଜକାନ୍ତ ସାହୁ ଶିବିର ପରିଦର୍ଶନ କରି ତଦାରଖ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜିକା ଇତିଶ୍ରୀ ରାଉତଙ୍କ ତତ୍ତ୍ୱାବଧାନରେ ସମସ୍ତ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଅଙ୍ଗନୱାଡ଼ି କର୍ମୀ ଓ କର୍ମଚାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଅତିରିକ୍ତ ବିଡ଼ିଓ ଅଶୋକ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଯାତାୟାତ ସୁବିଧା ପାଇଁ ଗୃହରାଷ୍ଟ୍ରମନ୍ତ୍ରୀଙ୍କ ଦ୍ୱାରା ଶୁଭଭିତ୍ତିପ୍ରସ୍ତର ଉପକୃତ ହେବେ ୫ଟି ପଞ୍ଚାୟତର ଶତାଧିକ ଲୋକ



**ଅସ୍ତରଙ୍ଗ (ଅମୃତ ମିଡିଆ):** ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ବିଭିନ୍ନ ପ୍ୟାକେଜ ରେ କୋଟି କୋଟି ଟଙ୍କା ବ୍ୟୟ ଅଟକଳ ରେ ଗମନାଗମନ ସହ ବିଭିନ୍ନ ନିର୍ମାଣ କାର୍ଯ୍ୟ ପାଇଁ ପ୍ୟାକେଜ ଦେଇଥିବା ବେଳେ ଗୁରୁବାର କାକଟପୁର ବିଧାୟକ ତଥା ଗୃହରାଷ୍ଟ୍ରମନ୍ତ୍ରୀ, କ୍ରୀଡା ଓ ଯୁବ ସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଅନ୍ୟତମ ଅତିଥି ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, ଏକ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ଦୁଇ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ବନିତା ବେହେରା, କାକଟପୁର ଗ୍ରାମ୍ୟ ଉନ୍ନୟନ ସହକାରୀ ନିର୍ବାହୀ ଯନ୍ତ୍ରୀ ତ୍ରିଲୋଚନ ପାତ୍ର, ଅସ୍ତରଙ୍ଗ ସେକ୍ସନ ଏକ ର କନିଷ୍ଠ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ତାଡା ପ୍ରମୁଖ ଉପସ୍ଥିତ ରେ ଅସ୍ତରଙ୍ଗ ବ୍ଲକ ଭଉଁରୀଆ ନାଳ ଉପରେ ସେତୁ ନିର୍ମାଣ ପାଇଁ ୫କୋଟି ୪୪ଲକ୍ଷ ୭୬ହଜାରଟଙ୍କା ବ୍ୟୟ ଅଟକଳରେ ୬୨ମିଟର ସେତୁ ନିର୍ମାଣ ପାଇଁ ଶୁଭଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି ।ତାହା ସହ ଏହି ସେତୁ ନିର୍ମାଣ ଦ୍ୱାରା ଅସ୍ତରଙ୍ଗ କୁ ବିଭିନ୍ନ ପଂଚାୟତ ଯଥା ତାଳଦା, ନଈଗୁଆଁ,ଆଳସାହି, ଆଳଙ୍ଗପୁର ଓ ନଗର ପଂଚାୟତବାସୀଙ୍କ ଗମନାଗମନ ସୁଗମ ହେବ। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସ୍ଥାନୀୟ ବିଧାୟକ ତଥା ଗୃହରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଙ୍କୁ କୃତଜ୍ଞତା ଅର୍ପଣ କରିଛନ୍ତି। ସେହିପରି ଜିଉଁନ୍ତି ନିକଟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଙ୍କ କାର୍ଯ୍ୟାଳୟ ୧କୋଟି ୨୯ଲକ୍ଷ ୬୬ହଜାର ବ୍ୟୟ ଅଟକଳରେ ଶୁଭଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଭିତ୍ତିପ୍ରସ୍ତର ସମୟରେ ମନ୍ତ୍ରୀ ଙ୍କ ପ୍ରତିନିଧି ଭୀମସେନ ସ୍ୱାଇଁ, ଅସ୍ତରଙ୍ଗ ଯୁବ ବିଜେଡି ସଭାପତି ପ୍ରଶାନ୍ତ ନାୟକ, ଠିକାଦାର ଜୟନ୍ତ ପରିଡା, ସୂର୍ଯ୍ୟକାନ୍ତ ନାୟକ ଙ୍କ ସହ ସ୍ଥାନୀୟ ଅଞ୍ଚଳର ଜନ ସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ।

## ଅଫିସ କାର୍ଯ୍ୟାଳୟ ମଧ୍ୟରେ କର୍ମଚାରୀଙ୍କୁ ମାଡ଼

- ଧକ୍କାମାରି ବାହାର କରିଦେଲେ ଉପରିସ୍ଥ ଅଧିକାରୀ
- କାର୍ଯ୍ୟାଳୟକୁ ନିଜ ଘର ଭାବି ଦୀର୍ଘ ବର୍ଷ ହେବ ରହୁଛନ୍ତି

**ଅସ୍ତରଙ୍ଗ (ଅମୃତ ମିଡିଆ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଉଦ୍ୟାନ କୃଷି ଭବନ କାର୍ଯ୍ୟାଳୟ ମଧ୍ୟରେ ସର୍ବସମ୍ମୁଖରେ ସହକାରୀ ଉଦ୍ୟାନ ଅଧିକାରୀ ଯୁଗଳ କିଶୋର ବାର୍ଲା ଉଦ୍ୟାନ ବିଭାଗରେ କାର୍ଯ୍ୟରତ ଡାଟା ଏଣ୍ଟ୍ରି ଅଧିକାରୀ ଙ୍କୁ କାର୍ଯ୍ୟାଳୟ ପରିସରରେ ମାଡ଼ ମାରିବା ସହ ଧକ୍କା ମାରି ବାହାର କରିଦେଲେ।

ସୂଚନା ମୁତାବକ ଦୀର୍ଘ ବର୍ଷ ହେବ ଉଦ୍ୟାନ କୃଷି ଭବନ କାର୍ଯ୍ୟାଳୟରେ ଡାଟା ଏଣ୍ଟ୍ରି ଅଧିକାରୀ ଭାବେ ସୁଧାଂଶୁ ଶେଖର ଭୋଳ କାର୍ଯ୍ୟରତ ଥିବା ବେଳେ ବିଭିନ୍ନ ସମୟରେ ସହକାରୀ ଉଦ୍ୟାନ ଅଧିକାରୀ ଯୁଗଲ କିଶୋର ବାର୍ଲା ଅସଭ୍ୟ ଭାଷାରେ ବିଭିନ୍ନ ସମୟରେ ଗାଳି ଗୁଲଜ କରୁଥିଲେ। ଦୀର୍ଘ କିଛି ଦିନ ହେବ କାର୍ଯ୍ୟାଳୟ କୁ ଭଡା ଘର ଭାବି ଦିନ ରାତିରହୁଥିବା ବେଳେ କାର୍ଯ୍ୟାଳୟ ପରିସରରେ ନିଶାସେବନ କରୁଥିବା ସହ କର୍ମଚାରୀ ସର୍ବସମ୍ମୁଖରେ କହିଛନ୍ତି। ସରକାର ଙ୍କ ନିୟମ ଅନୁଯାଇ ପାନ ଚାଷୀ ଙ୍କ କାଗଜପତ୍ର ଯାଞ୍ଚ କରିବା ସହ ସଠିକ ଚାଷୀ ନିର୍ଣ୍ଣୟ କରିବା ପରିବର୍ତ୍ତେ ଧନିଆଁ ଚାଷ କରୁଥିବା ଚାଷୀ ଙ୍କ ଠାରୁ ଲାଞ୍ଚ ନେଇ ଋଣ କରାଇଦେବାକୁ କହି



ବିଭିନ୍ନ ଅଞ୍ଚଳ ବୁଲୁଥିବା କହିଛନ୍ତି ସହ କର୍ମଚାରୀ। ଯାହାକି ସଠିକ କାର୍ଯ୍ୟ କାର୍ଯ୍ୟାଳୟ ହେଉନଥିବା କହିଛନ୍ତି ଅନ୍ୟ କର୍ମଚାରୀ। ଦୀର୍ଘ ଦିନ ହେବ ଆଳଙ୍ଗପୁର ପଂଚାୟତ ମଷ୍ଟର ରୋଲ ବାହାର କରିବା ପରିବର୍ତ୍ତେ ମଷ୍ଟର ରୋଲ ନ ବାହାର କରିବା ପାଇଁ ଡାଟା ଏଣ୍ଟ୍ରି ଅଧିକାରୀ ଙ୍କୁ ତାଗିଦ କରୁଥିଲେ, ଏପରିକି ଗୁରୁବାର କୌଣସି କଥା କୁ ନେଇ ଉଭୟ ଙ୍କ ମଧ୍ୟରେ କଥା କଟାକଟି ହେବାରୁ ସାଧାରଣ ଲୋକଙ୍କ ସମ୍ମୁଖରେ ଡାଟା ଏଣ୍ଟ୍ରି ଅଧିକାରୀ ସୁଧାଂଶୁ ଶେଖର ଭୋଳ ଙ୍କୁ ଧକ୍କା ମାରି କାର୍ଯ୍ୟାଳୟ ବାହାରକୁ ବାହାର କରିଥିଲେ ସହକାରୀ ଉଦ୍ୟାନ ଅଧିକାରୀ ଯୁଗଲ କିଶୋର ବାର୍ଲା. ଏ ନେଇ ସୁଧାଂଶୁ ଡାକ୍ତରି ଚିକିତ୍ସା ହେଉଥିବା ବେଳେ ତାଙ୍କୁ ଉପଯୁକ୍ତ ନ୍ୟାୟ ଦିଆଯାଉ ବୋଲି ଗଣ ମାଧ୍ୟମ ସାମ୍ନାରେ ଅନୁରୋଧ କରିଛନ୍ତି.



# ବିଧାୟକଙ୍କ ଉନ୍ନୟନ ପାଣ୍ଠିରୁ ନିର୍ମିତ ବସ୍‌ଷ୍ଟାଣ୍ଡର ଶୁଭ ଉଦ୍‌ଘାଟନ



**ବଡ଼ଚଣା(ଅମୃତ ମିଡ଼ିଆ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଶାଳପଡା ପଞ୍ଚାୟତରେ ମାନ୍ୟବର ବିଧାୟକ ଙ୍କ ଉନ୍ନୟନ ପାଣ୍ଠିରୁ ନିର୍ମିତ ବସ ଷ୍ଟାଣ୍ଡ ର ଶୁଭ ଉଦ୍ଘାଟନ ମାନ୍ୟବର ବିଧାୟକ ଅମର ପ୍ରସାଦ ଶତପଥୀ ଙ୍କ କରକମଳରେ ସମାହିତ ହୋଇ ଯାଇଛି ।ଜିଲ୍ଲାପରିଷଦ ସଭ୍ୟ ଜତିନ୍ଦ୍ର ପ୍ରସାଦ ନାୟକ ଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ମିନତି ସେନାପତି,ଉପାଧକ୍ଷ ବୀଭାସ୍ ଚନ୍ଦ୍ର ନନ୍ଦ,ବିବେକ ରଞ୍ଜନ ସୁବୁଦ୍ଧି, ପୂର୍ବତନ ଆମ୍ବା ଅଧକ୍ଷ ନିରଞ୍ଜନ ସେନାପତି,ରମେଶ ଚନ୍ଦ୍ର ଶତପଥୀ,ପ୍ରଶାନ୍ତ କୁମାର ବଳ ,ଦିଲୀପ କୁମାର ସାହୁ,ପ୍ରମୁଖଙ୍କ ସହ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଉନ୍ନତିକରଣ କାର୍ଯ୍ୟର ଶୁଭ ଶିଳାନ୍ୟାସ

**ବଡ଼ଚଣା,(ଅମୃତ ମିଡ଼ିଆ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ସମିଆଁ ପଞ୍ଚାୟତ ସ୍ଥିତ କଳକଳା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ର ଉନ୍ନତିକରଣ କାର୍ଯ୍ୟର ଶୁଭାରମ୍ଭ ମାନ୍ୟବର ବିଧାୟକ ଅମର ପ୍ରସାଦ ଶତପଥୀ ଙ୍କ କରକମଳରେ କରାଯାଇଛି । ଠିକାଦାର ସ୍ୱାଗତ ରାଉତରାୟ ଉକ୍ତ କାର୍ଯ୍ୟର ଅଟକଳ ମୂଲ୍ୟ ୧ କୋଟି ୯୧ ଲକ୍ଷ ଟଙ୍କା ଥିବା ଏସ ଡି ଓ ତ୍ରିଲୋଚନ ବେହେରା ଓ ଜେ଼ଇ ପ୍ରଶାନ୍ତ ସିଂହ ସୂଚନା ପ୍ରଦାନ କରିଛନ୍ତି ।ପଞ୍ଚାୟତ ସଭାପତି ଯୁଗଳ କିଶୋର ଖିଲାର ଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟ କ୍ରମରେ ବ୍ଲକ ଅଧକ୍ଷା ମିନତି ସେନାପତି,



ବିଜେଡି ସଭାପତି ଅରବିନ୍ଦ ସାମଲ,ଉପାଧକ୍ଷ ବୀଭାସ ଚନ୍ଦ୍ର ନନ୍ଦ,ପୂର୍ବତନ ଆମ୍ବା ଅଧକ୍ଷ ନିରଞ୍ଜନ ସେନାପତି, ମିହିର ସ୍ୱାଇଁ,ଜିଲ୍ଲାପରିଷଦ ସଭ୍ୟ ଜତିନ୍ଦ୍ର ପ୍ରସାଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ସାଇ ସୋଫିଆ ପବ୍ଲିକ୍ ସ୍କୁଲ୍‌ର ପଞ୍ଚମ ବାର୍ଷିକ ଉତ୍ସବ,ଯୋଗଦେଲେ ବିଧାୟକ

**ଚାନ୍ଦବାଲି (ଅମୃତ ମିଡ଼ିଆ):** ଚାନ୍ଦବାଲି ଏନ ଏ ସି ବରେହିଁପୁର ସ୍ଥିତ ସାଇ ସୋଫିଆ ପବ୍ଲିକ୍ ସ୍କୁଲ୍ ର ପଞ୍ଚମ ବାର୍ଷିକ ଉତ୍ସବ ସ୍ଥାନୀୟ କାଳୀ ପଡ଼ିଆ ଠାରେ ଅନୁଷ୍ଠିତ ହୋଇଛି କ୍ଷ ସ୍କୁଲର ଅଧକ୍ଷ ବଳରାମ ପରିଡାଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଚାନ୍ଦବାଲି ବିଧାୟକ ଡକ୍ଟର ବ୍ୟମୋକେଶ ରାୟ ପ୍ରଦୀପ ପ୍ରଜ୍ୱୋଳନ କରି ସଭାକୁ ଉଦଘାଟନ କରିଥିଲେ କ୍ଷ ଚାନ୍ଦବାଲି ଏନ୍.ଏ.ସି ଅଧକ୍ଷା ଶାନ୍ତିଲତା ସେଠୀ, ଅଧାପକ ଶାନ୍ତନୁ କୁମାର ମହାନ୍ତି, ସ୍କୁଲ୍ ଟ୍ରଷ୍ଟ ବୋର୍ଡ଼ ମେମ୍ବର ଖଗେଶ୍ୱର ବଳ, ସ୍କୁଲ୍ କମିଟି ଚେୟାରମେନ୍ ସନ୍ତୋଷ କୁମାର ସାମଲ ଏବଂ ସ୍କୁଲ୍ ଚେୟାରମେନ୍ ଦିଲ୍ଲୀପ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ କ୍ଷ ଅତିଥିମାନଙ୍କ ଅଭିଭାଷଣ ପରେ ପରେ ଚାନ୍ଦବାଲି ଅଞ୍ଚଳର କାର୍ଯ୍ୟରତ ସାମ୍ବାଦିକ ବନ୍ଧୁ ମାନଙ୍କୁ ବନ୍ଦାପନା କରିବା ସହ ଉତ୍ତରୀୟ, ପୁଷ୍ପଗୋଚ୍ଛ ଆଦି ଦେଇ ସମ୍ବର୍ଦ୍ଧିତ କରାଯାଇଛି କ୍ଷ ସେହିପରି ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଛି କ୍ଷ ପରେ ପରେ ସ୍କୁଲ୍ ର କୁନି କୁନି ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



# ସେଣ୍ଟ୍ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ



**ବିଂଝାରପୁର(ଅମୃତ ମିଡିଆ):** ବିଂଝାରପୁର ବ୍ଲକ ଅଧିନସ୍ଥ ପ୍ରୀତିପୁର ଠାରେ ଥିବା ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ଆୟୋଜିତ ସଭା ଅଧାପକ କୈଳାଶ ଚନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଓଡ଼ିଶା ବିଧାନସଭାର ବାଚସ୍ପତି ପ୍ରମିଳା ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷାର ପ୍ରସାର ପାଇଁ ଗ୍ରାମାଞ୍ଚଳରେ ଏଭଳି ଏକ ବିଦ୍ୟାଳୟ ପ୍ରତିଷ୍ଠା କରିଥିବାରୁ ଡ଼ାଇରେକ୍ଟର ସୁବ୍ରତ କୁମାର ସାମଲଙ୍କୁ ପ୍ରଶଂସା କରିଥିଲେ। ଉକ୍ତ ସଭାରେ ମୁଖ୍ୟବକ୍ତା ଭାବେ ଅଧାପକ ଦାମୋଦର ବେହେରା , ସମ୍ମାନିତ ଅତିଥି ଭାବେ ବିଂଝାରପୁର ବିଇଓ ସୁବାସ ଚନ୍ଦ୍ର ବିଶ୍ୱାଳ, ନାଟ୍ୟକାର ଦୀପକ ଜେନା,ଯାତ୍ରା କଳାକାର ପିୟୁଷ ତ୍ରିପାଠୀ,ବିଦ୍ୟାଳୟର ଚେୟାରମ୍ୟାନ ବାସନ୍ତୀ ସାମଲ, ଡ଼ାଇରେକ୍ଟର ସୁବ୍ରତ ସାମଲ ପ୍ରମୁଖ ଯୋଗଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ କୃପାସିନ୍ଧୁ ମଲ୍ଲିକ,ଜୟଶ୍ରୀ ମହାପାତ୍ର,ବର୍ଷା ପ୍ରିୟଦର୍ଶନୀ ସାମଲ,ଶୁଭ୍ରାଂଶୁ ଦାସ,ଜୟଶ୍ରୀ ମଲ୍ଲିକ,ରାଜକିଶୋର ରାଉତ,ଅନିତା ରାଉତଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରି ପୁରସ୍କୃତ କରିଥିଲେ।

# ଟ୍ରାଞ୍ଜୈପ୍ ସ୍ମାର୍ଟ ବିଲ୍ଡିଂ ଓ ଆମ୍ପିଓ ପୋଲାଣ୍ଡ ସହଭାଗିତା



**ଭୁବେନଶ୍ୱର(ବ୍ୟୁରୋ):** ଘେରାଇ ଅଟୋମେସନ୍ ଓ ସ୍ମାର୍ଟ ବିଲିଂ ସମାଧାନ ପାଇଁ ଟ୍ରାଞ୍ଜୈପ ସ୍ମାର୍ଟ ବିଲିଂ ଆମ୍ପିଓ ପୋଲାଣ୍ଡ ସହ ମିଳିତ ହୋଇଛି। ସ୍ମାର୍ଟ ଜୀବନର ଭବିଷ୍ୟତକୁ ଅଧିକ ସୁନ୍ଦର କରିବା ପାଇଁ ସମସାମୟିକ ଘରଗୁଡିକ ପାଇଁ ଆଭାଣ୍ଟ-ଗାର୍ଡ ସମାଧାନର ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ। ପୂର୍ବରୁ ଆର୍କିଟେକ୍ଟର ମିଟରେ ଏହି ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା। ଏଥିରେ ଆର୍କିଟେକ୍ଟ, ଡିଜାଇନର ଓ ଶିଳ୍ପ ବିଶେଷଜ୍ଞମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମେର ଆବାସିକ ସ୍ଥାନ ଗୁଡିକେର ନିରାପତ୍ତା ଓ ଦକ୍ଷତା ବୃଦ୍ଧି ପାଇଁ ପ୍ରସ୍ତୁତ ଅତ୍ୟାଧୁନିକ ଉତ୍ପାଦ ପ୍ରଦର୍ଶିତ ହୋଇଥିଲା। ଟ୍ରାଞ୍ଜୈପ ସ୍ମାର୍ଟ ବିଲିଂର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆକାଶ ଝୁନ୍‌ଝୁଲା କାର୍ଯ୍ୟକ୍ରମକୁ ନେଇ ଉତ୍ସାହ ପ୍ରକାଶ କରି କହିଥିଲେ ଯେ, ଆମ୍ପିଓ ପୋଲାଣ୍ଡ ସହ ସହଭାଗିତା ଲୋକମାନଙ୍କର ପରିବର୍ତ୍ତିତ ଜୀବନଶୈଳୀ ପାଇଁ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ ବୋଲି ଲକ୍ଷ୍ୟ ରହିଛି । ଆମ୍ପିଓ ପୋଲାଣ୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ଆଲିନା କଟ୍ଟସେଇଡ୍ କୋଓ୍ୱାଲେଭସ୍କା ଏହି ସହଭାଗିତା ଉପେର ଗୁରୁତ୍ୱାରୋପ କରି ସ୍ମାର୍ଟ ହୋମ୍ ଟେକ୍ନୋଲୋଜିକୁ ଆପେଣଇବା ପାଇଁ ସମସ୍ତଙ୍କୁ ପ୍ରୋତ୍ସାହିତ କରିଥିଲେ। ଅଧିକ ବିବରଣୀ ପାଇଁ ଆମ୍ପିଓ ପୋଲାଣ୍ଡର ଓ୍ୱେବସାଇଟ୍ ପରିଦର୍ଶନ କରିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଉଛି।

# ଗାଁ ଭିତରୁ ହରିଣ ଉଦ୍ଧାର



**ମାର୍ଶାଘାଇ(ଅମୃତ ମିଡିଆ ):** ମହାକାଳପଡ଼ା ରେଞ୍ଜ ଅଧୀନ ଲୁଣା ଜଙ୍ଗଲ ନିକଟବର୍ତ୍ତୀ ସୁନିତୀ ପଂଚାୟତ ର କଣ୍ଟିଲୋ ଗ୍ରାମରୁ ଗୁରୁବାର ବନବିଭାଗ ତରଫରୁ ଆହାତ ଅବସ୍ଥା ରେ ଏକ ହରିଣ କୁ ଉଦ୍ଧାର କରିଛି, ମଧୁର ପାଣି ପିଇବାକୁ ଆସି ହରିଣ ଦିଗହରା ହୋଇ ଗାଁ ରେ ବୁଲୁଥିବା ଦେଖି ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ କ୍ଷ ଜଗତଜୋର ବନପାଳ ରୋଜାଲିନ ଦାସ ଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଘଟଣା ସ୍ଥଳ ରେ ପହଁଚି ଆହାତ ହରିଣ କୁ ଉଦ୍ଧାର କରିଥିଲେ କ୍ଷ ପରେ ହରିଣ ଟିକୁ କୁ ଚିକିତ୍ସା ପରେ କଣ୍ଟିଲୋ ରିଜର୍ଭ ଫରେଷ୍ଟ ରେ ଛାଡି ଦେଇଥିବା ଜଣାପଡିଛି ସୂଚନା ଥାଉ କି ଲୁଣା ଜଙ୍ଗଲ ପାର୍ଶ୍ୱ ବର୍ତ୍ତୀ ପ୍ରବାହିତ ନଦୀ ଗୁଡିକ ର ଜଳ ଲବଣାକ୍ତ ହୋଇ ଯିବାରୁ ଏବେ ଗାଁ ମୁହାଁ ହରିଣ ତେବେ ଜଙ୍ଗଲ ରେ ବନ୍ୟ ପ୍ରାଣୀ ମାନ ଙ୍କ ପାଇଁ ଖରା ଦିନ ପୂର୍ବ ରୁ ବନ ବିଭାଗ ଛୋଟ ଛୋଟ ଚୁଆ ଖୋଲାଇ ବାର ବ୍ୟବସ୍ଥା ଥିଲେ ମଧ ବିଭାଗ ତାହା ନ କରିବାରୁ ମିଠା ପାଣି ପିଇବା ପାଇଁ ଏବେ ଗାଁ ମୁହାଁ ହରିଣ କ୍ଷ ମିଠା ପାଣି ପିଇବା ପାଇଁ ଆସି ବିପଦ ରେ ପଡୁଛନ୍ତି ହରିଣ ଏଥି ପ୍ରତି ବନ ବିଭାଗ ଯତ୍ନ ବାନ ହେବା ଜରୁରୀ ବୋଲି କହିଛନ୍ତି ପରିବେଶ ବିତ୍ ସମରେନ୍ଦ୍ର ମାହାଳୀ , ସମାଜସେବୀ

# ନବମ ଜାତୀୟ ମାନବାଧିକାର କନକ୍ଲେଭ ଯୁବ ଉଦ୍ୟୋଗୀ ସମ୍ମାନ

**ଭୁବନେଶ୍ୱର(ବ୍ୟୁରୋ):** ଆମ୍ବେଦକର ଇଣ୍ଟରନ୍ୟାସନାଲ ସେଣ୍ଟର, ନୂଆଦିଲ୍ଲୀ ଦ୍ୱାରା ଗାନ୍ଧୀ ପିସ୍ ଫାଉଣ୍ଡେସନ, ଦିନଦୟାଲ ମାର୍ଗ, ଦିଲ୍ଲୀ ଠାରେ ଆୟୋଜିତ 'ନବମ ଜାତୀୟ ମାନବ ଅଧିକାର ଯୁବ ଉଦ୍ୟୋଗୀ ସମ୍ମିଳନୀ' ରେ ପଣ୍ଡିଚେରୀର ପୂର୍ବତନ ରାଜ୍ୟପାଳ କିରନ ବେଦୀ, ପୂର୍ବତନ ସେନାଧକ୍ଷ ଅଧିକାରୀ ଅର୍ଜୁନ ରାମ ମେଘୱାଲ, ଆଇନ ଓ ନ୍ୟାୟ ମନ୍ତ୍ରାଳୟ ର ଡଃ. ଓ. ପି ଯାଦବ ପ୍ରମୁଖ ଉପସ୍ଥିତ ରହି ମୁନ୍ ଟିଭି ର ପ୍ରତିଷ୍ଠାତା ଶ୍ରୀଯୁକ୍ତ ସଚ୍ଚିକାନ୍ତ ଜେନାଙ୍କୁ 'ଭାରତୀୟ ସେବା ରତ୍ନ ସମ୍ମାନ' ରେ ସମ୍ମାନିତ କରିଛନ୍ତି କ୍ଷ ସେହିପରି ଲଞ୍ଚ ସ୍କୟାର ର ପ୍ରତିଷ୍ଠିତା ତଥା ଷ୍ଟୁଡିଓ ୪୯ ଏବଂ ଗ୍ଲୋରିଅସ କ୍ୟାଟରର୍ସ, ଭୁବନେଶ୍ୱର ର ଶ୍ରୀଯୁକ୍ତ ବୃନ୍ଦାବନ ମିଶ୍ର ଙ୍କୁ 'ଯୁବ ଉଦ୍ୟୋଗୀ ସମ୍ମାନ' ରେ ସମ୍ମାନିତ କରିଛନ୍ତି ।



# କୋଣାର୍କରେ ସୂର୍ଯ୍ୟ ନାରାୟଣଙ୍କ ପୂଜାର୍ଚ୍ଚନା ପାଇଁ ବିଶ୍ୱ କଲ୍ୟାଣ ମହାଯଜ୍ଞ

**ଭୁବନେଶ୍ୱର(ବ୍ୟୁରୋ):** ରାଷ୍ଟ୍ରୀୟ ସୂର୍ଯ୍ୟାଂଶୀ ବ୍ରାହ୍ମଣ ସଂଗଠନ ଆରଏସବିଏସ ପକ୍ଷରୁ ସ୍ଥାନୀୟ ଖାରବେଳ ନଗର ସ୍ଥିତ ଶିକ୍ଷକ ଭବନରେ ରବିବାର ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଠାରେ ଆରଏସବିଏସର ରାଷ୍ଟ୍ରୀୟ ଅଧ୍ୟକ୍ଷ ପଣ୍ଡିତ ପରମାନନ୍ଦ ଜ୍ୟୋତିଷ କହିଛନ୍ତି ଯେ , ସୂର୍ଯ୍ୟ ନାରାୟଣ ହେଉଛଁି ସକଳ ଶକ୍ତିର ଆଧାର। ଉଭୟ ବିଜ୍ଞାନ ଓ ଆଧ୍ୟାତ୍ମିକ ବିଜ୍ଞାନ ଗ୍ରହଣ କରିଛି। ସୂର୍ଯ୍ୟପୂଜା ଦ୍ୱାରା ବିଶ୍ୱ କଲ୍ୟାଣ ହୋଇଥାଏ। ଏହି ସିଦ୍ଧତାକୁ ପ୍ରାଚୀନ ମନୀଷ ଶାକଦ୍ୱୀପ ବ୍ରାହ୍ମଣମାନେ ଅତୀତରେ ଉପଲବ୍ଧୀ ଏବଂ ପ୍ରୟୋଗ କରିଛଁି। ଭଗବାନ ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବଙ୍କୁ କୁଷ୍ଠବ୍ୟାଧିରୁ ଉକ୍ତ ସୂର୍ଯ୍ୟାଂଶୀ ବ୍ରାହ୍ମଣମାନେ ଆରୋଗ୍ୟଲାଭ କରାଇଥିଲେ। ଏମାନଙ୍କୁ ପ୍ରଭୁ ଶ୍ରୀକୃଷ୍ଣ ଗରୁଡ ପୃଷ୍ଠରେ ଶାକଦ୍ୱୀପରୁ ଅଣାଇଥିଲେ। ଏହି ଆଧାରରେ ଅଧୁନା ବିଶ୍ୱ କଲ୍ୟାଣ ନିମର୍ତ୍ତେ ଆରଏସବିଏସ କୋଣାର୍କରେ ସୂର୍ଯ୍ୟ ମନ୍ଦିର ପ୍ରତିଷ୍ଠା ନିମର୍ତ୍ତେ ଗ୍ରାମେ ଗ୍ରାମେ ଆୟୋଜନ କରିବ ପଂଚକୁଣ୍ଡିୟ ବିଶ୍ୱ କଲ୍ୟାଣ ମହାଯଜ୍ଞ । ଖୁବଶୀଘ୍ର ଭୁବନେଶ୍ୱରରେ ମଧ୍ୟ ପଂଚକୁଣ୍ଡିୟ ବିଶ୍ୱକଲ୍ୟାଣ ମହାଯଜ୍ଞ ଆୟୋଜନ ହେବ।




ପରେ ପର୍ଯ୍ୟାୟକ୍ରମେ ଓଡିଶାର ସବୁ ସ୍ଥାନରେ ଆରମ୍ଭ ହେବ ବିଶ୍ୱକଲ୍ୟାଣ ମହାଯଜ୍ଞ । ଏହି ଯଜ୍ଞରେ ଚାର ବର୍ଣ୍ଣର ବ୍ୟକ୍ତିବିଶେଷଙ୍କ ସହଯୋଗ ଲୋଡାଯିବ। ଏଥିସହ ଓଡିଶାର ପ୍ରମୁଖ ସହରମାନଙ୍କରେ ସୂର୍ଯ୍ୟ ମନ୍ଦିର ପ୍ରତିଷ୍ଠା ସହ ଗ୍ରାମୀଣ ପ୍ରା'ରରେ ନବଗ୍ରହ ମନ୍ଦିର ଓ ଶନି ମନ୍ଦିର ନିର୍ମାଣ କରିବାର ଲକ୍ଷ୍ୟ ରଖିଛି। କୋଣାର୍କରେ ସୂର୍ଯ୍ୟ ନାରାୟଣଙ୍କ ପୂଜାର୍ଚ୍ଚନାର ପୁନଶ୍ଚ ଆରମ୍ଭ ପାଇଁ ପ୍ରୟାସ ଆରମ୍ଭ କରିଛି ଆରଏସବିଏସ । ଏ ସଂକ୍ରା'ରେ ଆରଏସବିଏସ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କୁ ଓ ମହାମହିମ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରିବ। ସୂର୍ଯ୍ୟପୂଜା ଓ ସୂର୍ଯ୍ୟ ନମସ୍କାର ଦ୍ୱାରା ଶରୀର ସୁସ୍ଥ ରହିଥାଏ। ପ୍ରାତଃ ଶଯ୍ୟା ତ୍ୟାଗ ଓ ପ୍ରାତଃ କାଳ ସୂର୍ଯ୍ୟ ଦର୍ଶନ ଦ୍ୱାରା ବୋନ୍ କ୍ୟାନସର ରୋଗରୁ ମୁକ୍ତି ମିଳିଥାଏ। ଏଣୁ ସୂର୍ଯ୍ୟପୂଜା ଓ ଆରାଧାନା ଉପରେ ଆରଏସବିଏସ ଗୁରୁତ୍ୱ ପ୍ରଦାନ କରିଛି ।ସମାଜରେ ଆଧ୍ୟାତ୍ମିକ ସଂରକ୍ଷଣ ହେବା ସହିତ ସମାଜ ଶୃଙ୍ଖଳିତ,ସଂସ୍କାରିତ , ମାର୍ଜିତ ହୋଇପାରିବ। ସାମୂହିକ ଶାଁ ସ୍ଥାପନ ଓ ବିଶ୍ୱ କଲ୍ୟାଣ ଲକ୍ଷ୍ୟ ନେଇ ଉକ୍ତ ବ୍ରାହ୍ମଣ ସଂଗଠନ ରୀତିନୀତିପୂର୍ବକ ବୈଦିକ କାର୍ଯକ୍ରମ ସୂର୍ଯ୍ୟ ଉପାସନା ସହ କୋଣାର୍କଠାରେ ସୂର୍ଯ୍ୟ ମନ୍ଦିର ପ୍ରତିଷ୍ଠା ଦାବୀ ପାଇଁ ପ୍ରୟାସ ଆରମ୍ଭ କରିଛି ।ସରକାରୀ ନଥିଭୁକ୍ତ ସଂସ୍ଥାଭାବେ ଆରଏସବିଏସ ପଂଜିକୃତ ।ଆରଏସବିଏସର ପରାମର୍ଶଦାତା ଭାବେ ପଣ୍ଡିତ ନାରାୟଣ ଚନ୍ଦ୍ର ଆଚାର୍ଯ୍ୟ, ପଣ୍ଡିତ ମୂରଲୀଧର ମହାପାତ୍ର , ପଣ୍ଡିତ ସଂଜୟ କୁମାର ମହାପାତ୍ର,ବିନ୍ଦୁ ସାଗର ନିବାସୀ ପଣ୍ଡିତ ମୂରଲୀଧର ମହାପାତ୍ର , ନିୟୋଜିତ ଥିବାବେଳେ ଉପଭାପତି ଚିତ୍ରସେନ ମିଶ୍ର,ମହାସଚିବ ପଣ୍ଡିତ ବିଜୟ କୁମାର ମିଶ୍ର ,କୋଷାଧ୍ୟକ ସୁପୟନା ପଣ୍ଡା , ରାଜ୍ୟ ସଂଯୋଜକ ବିଭୁ ଆଚାର୍ଯ୍ୟ, ସଂଯୋଜକ ରାଜନ ରାଜେଶ୍ୱର ନାୟକ,ପଣ୍ଡିତ ନିହାର ରନ ଆଚାର୍ଯ୍ୟ ପ୍ରମୁଖ ସନାତନ ଧର୍ମ ସଂରକ୍ଷଣ ନିମର୍ତ୍ତେ ଉତ୍ସର୍ଗୀକୃତଭାବେ କାର୍ଯ୍ୟ କରୁଛଁ ଏସଂ ସମାଜ କଲ୍ୟାଣ ଉଦ୍ଦେଶ୍ୟରେ ଆରଏସବିଏସରେ ମହତ ଯୋଗଦାନ ନିମର୍ତ୍ତେ ଜନସାଧାରଣଙ୍କୁ ଆହ୍ୱାନ କରାଯାଇଛଁ।

# ପୂର୍ବ ଶତ୍ରୁତାରୁ ଘରେ ନିଆଁ ଲଗାଇଦେଲେ ପଡୋଶୀ ବୃଦ୍ଧା



**ମାର୍ଶାଘାଇ(ଅମୃତ ମିଡିଆ):** ମହାକାଳପଡା ଥାନା ଅନ୍ତର୍ଗତ ରାଜଗଡ ଗ୍ରାମରେ ପୂର୍ବ ଶତ୍ରୁତା କୁ କେନ୍ଦ୍ର କରି ଘରପାଖ ପଡୋଶୀ ନେଲେ ପ୍ରତିଶୋଧ । ପଡୋଶୀ ଦୁଲେଇ ଦାସ୍,ଓ ତାଙ୍କର ଦୁଇ ବୋହୂ ମିଶି ଦିନ ଦ୍ୱିପହରରେ ଯୋଶ୍ନାମଇ ଦାସ ଙ୍କୁ ଖୁଲମଖୁଲା ଚ୍ୟାଲେଞ୍ଜ କରି ଗୁରୁବାର ସକାଳ ୯ ଟା ସମୟରେ ତାଙ୍କ ଚାଳ ଘରକୁ ନିଆଁ ଲଗାଇ ଜାଳିଦେବା ସହିତ ମାରଣାସ୍ତ୍ର ଧରି ଧମକ ଦେଇଥିବା ଅଭିଯୋଗ ହୋଇଛି କ୍ଷ ଲୋକମାନଙ୍କୁ ଭୟଭୀତ କରାଇବା ରୁ ଲୋକମାନ ନିଆଁ କୁ ଲିଭେଇ ବା ପାଇଁ ଜାଇପାରିନଥିଲେ ଜାହା ଫଳରେ ରୋଷେଇ ଘର ପୋଡିଜିବା ସହିତ ଛେଳି ଗୁହାଳ ପୋଡ଼ି ପାଉଁଶ ହୋଇଯାଇଛି । ଖବର ପାଇ ମହାକାଳପଡା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ କୁ ଆୟତ କରିଥିଲେ। ଏନେଇ ଯୋଶ୍ନାମଇ ଦାସ ପଡୋଶୀ ଘର ପୋଡ଼ି ଦେଇଥିବା ନେଇ ମହାକାଳପଡ ଥାନା ରେ ଲିଖିତ ଅଭିଯୋଗ କରୁଛନ୍ତି। ଅଭିଯୋଗ ପାଇ ମହାକାଳପଡା ଥାନା ଅଧିକାରୀ ବିମଳ କୁମାର ମଲ୍ଲିକି ଘଟଣାର ତଦନ୍ତ କରି ଅଭିଯୁକ୍ତ ବୃଦ୍ଧା ଦୁଲେଇ ଦାସ କୁ ଅଟକ ରଖି ତଦନ୍ତ ଜାରି ରଖିଛି

# ଲଢ଼ିବେନି ଦେବେନ୍ଦ୍ର, ଝିଅ ପାଇଁ ବାଟ ଛାଡ଼ିଲେ

**ଆଳି ବିଧାନସଭା ନିର୍ବାଚନମଣ୍ଡଳୀ**

**ଆଳି (ଅମୃତ ମିଡିଆ):** ୨୦୨୪ ସାଧାରଣ ନିର୍ବାଚନକୁ ନେଇ ଆଳି ବିଧାନସଭା ନିର୍ବାଚନମଣ୍ଡଳୀରେ ନିର୍ବାଚନୀ ଉଷ୍ମତା ଦେଖାଦେଲାଣି। ଆଳିର ପୂର୍ବତନ ବିଧାୟକ ତଥା କଂଗ୍ରେସ ନେତା ଦେବେନ୍ଦ୍ର ଶର୍ମା ଚଳିତ ଥର ନିର୍ବାଚନ ଲଢ଼ିବେ ନାହିଁ ବୋଲି ଘୋଷଣା କରିଛନ୍ତି। ତାଙ୍କ ବଦଳରେ ଏଠାରେ କଂଗ୍ରେସର ମଙ୍ଗ ଧରିବା ସହ ତାଙ୍କ ଝିଅ ଡା. ଦେବସ୍ମିତା ଶର୍ମା ନିର୍ବାଚନ ଲଢ଼ିବେ ବୋଲି ସେ କହିଛନ୍ତି। ଅପରପକ୍ଷେ ଡା. ଦେବସ୍ମିତା ମଧ୍ୟ ନିର୍ବାଚନ ଲଢ଼ିବା ନିମନ୍ତେ ସରକାରୀ ଚାକିରିରୁ ସ୍ୱେଚ୍ଛାକୃତ ଇସ୍ତଫା ଦେଇଛନ୍ତି। ଏ ନେଇ ଦେବେନ୍ଦ୍ର ଶର୍ମା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ବୟସାଧିକ ଓ ଶାରୀରିକ ଅସୁସ୍ଥତା କାରଣରୁ ସେ ନିର୍ବାଚନ ଲଢ଼ିବେ ନାହିଁ। କିନ୍ତୁ ନିର୍ବାଚନମଣ୍ଡଳୀରେ ସେ ସକ୍ରିୟ ରହିବେ। ରାଜନୀତିକୁ ଯୁବପିଢ଼ିମାନଙ୍କ ଆସିବାର ଆବଶ୍ୟକତା ଥିବାବେଳେ ସେ ତାଙ୍କ ଝିଅଙ୍କୁ ନିର୍ବାଚନ ମଇଦାନକୁ ଆଣିଛନ୍ତି। ଆଳି, ରାଜକନିକାରେ କଂଗ୍ରେସର ସଙ୍ଗଠନ ସୁଦୃଢ଼ ଥିବାବେଳେ ତାଙ୍କ ପରିବାର ପ୍ରତି କଂଗ୍ରେସର ସମର୍ଥନ ରହିଛି। ଏ ନେଇ ଡା. ଦେବସ୍ମିତା ଶର୍ମାଙ୍କୁ ପଚାରିବାରେ ଜେଜେ ଡା. ଦିବାକର ଶର୍ମା ଡାକ୍ତର




ହେବା ସହିତ ରାଜନୀତିରେ ପାଦ ଥାପି ବିଧାୟକ ହୋଇଥିଲେ। ତାଙ୍କ ପିତା ଦେବେନ୍ଦ୍ର ଶର୍ମା ମଧ୍ୟ କଂଗ୍ରେସ ଦଳର ବିଧାୟକ ହେବା ସହ ନିର୍ବାଚନମଣ୍ଡଳୀରେ ନିଜର ସଙ୍ଗଠନ ରଖିଛନ୍ତି। ତେଣୁ ସେ ଜେଜେ ଓ ପିତାଙ୍କ ପଦାଙ୍କ ଅନୁସରଣ କରି ଡାକ୍ତର ଭାବେ କଣ୍ଡିଆ ପ୍ରାଥମିକ ଚିକିତ୍ସାଳୟରେ ଚାକିରି କରିଥିଲେ। ଏବେ ସେ କଂଗ୍ରେସ ଦଳରୁ ନିର୍ବାଚନ ଲଢ଼ିବା ନିମନ୍ତେ ଚାକିରିରୁ ଇସ୍ତଫାଦେବା ସହ କଂଗ୍ରେସ ପକ୍ଷରୁ ଟିକେଟ ନିମନ୍ତେ ଆଶାୟୀ ଅଛନ୍ତି। ଡା. ଦେବସ୍ମିତା ପାଠପଢ଼ା ସମୟରୁ କଂଗ୍ରେସ ରାଜନୀତିରେ ଜଡ଼ିତ ଥିଲେ। ୨୦୧୪ ନିର୍ବାଚନରେ ସେ ପିତାଙ୍କ ପାଇଁ ପ୍ରଚାର ମଧ୍ୟ କରିଥିଲେ। ଏପରିକି କଂଗ୍ରେସର ଅନେକ ସମାବେଶରେ ଦେବସ୍ମିତା ଜଡିତ ରହିଥିଲେ। ଝିଅକୁ ନିର୍ବାଚାନମଣ୍ଡଳୀରେ ପ୍ରୋଜେକ୍ଟ କରିବା ପରେ ଏବେ ସେଠାରେ ରାଜନୀତି ଚର୍ଚ୍ଚା ଜୋର ଧରିଛି।

## ରାଜସ୍ୱ କର୍ମଚାରୀଙ୍କ ଆନ୍ଦୋଳନ



**ବଡବିଲ୍ (ଅମୃତ ମିଡିଆ) :** କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ତହସିଲର ଆର୍‌ଆଇ (ରାଜସ୍ୱ ନିରୀକ୍ଷକ) ଓ ଏଆର୍‌ଆଇ (ସହକାରୀ ରାଜସ୍ୱ ନିରୀକ୍ଷକ) ପ୍ରମୁଖ ଧାରଣାରେ ବସିଥିବା ଜଣାପଡ଼ିଛି। ଓଡିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘସାଧାରଣ ସମ୍ପାଦକ ଜାଭେଦ ଆଖତରଙ୍କ ଡାକରାରେ ହୋଇଥିବା ଆନ୍ଦୋଳନରେ ରାଜ୍ୟର ୩୧୭ଟି ବିଭିନ୍ନ ତହସିଲ ଏବଂ ୩୦ଟି ବିଭିନ୍ନ ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ଜଣାପଡ଼ିଛି। ମୋଟ ୬ ଦଫା ଦାବି ନେଇ ଏହି ଆନ୍ଦୋଳନ ଜାରି ରହିବ ବୋଲି ଜଣାପଡ଼ିଛି।

## ମିଛ ବିକଳାଙ୍ଗ ଅଭିନୟ କରି ଟଙ୍କା ଲୁଟ ଘଟଣାରେ ୪ଗିରଫ




**ବ୍ରହ୍ମପୁର (ଅମୃତ ମିଡିଆ):** ମିଛ ଅଭିନୟ କରି ଟଙ୍କା ଲୁଟ ଘଟଣାରେ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କଲା ବୈଦ୍ୟନାଥ ପୁର ପୋଲିସ। ବିକଳାଙ୍ଗ ଏବଂ ଅନ୍ଧର ଅଭିନୟ ସାଜି ବ୍ରହ୍ମପୁର ସହରର ବିଭିନ୍ନ ଟ୍ରାଫିକ ଛକରେ ଟଙ୍କା ଲୁଟ କରୁଥିବା ଘଟଣାରେ ଆଜି ଉତ୍ତର ପ୍ରଦେଶ ଅଂଚଳର ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ବୈଦ୍ୟନାଥପୁର ପୋଲିସ। ସୂଚନା ଅନୁଯାୟୀ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହର ବୈଦ୍ୟନାଥପୁର ପୋଲିସର ଏକ ଟିମ ଅଂଚଳରେ ପେଟ୍ରୋଲିଂ କରୁଥିବା ସମୟରେ କମାପଲ୍ଲୀ ଟ୍ରାଫିକ ଛକରେ ଦୁଇଜଣ ବ୍ୟକ୍ତି ବିକଳାଙ୍ଗର ମିଛ ଅଭିନୟ କରି ଲୋକଙ୍କ ଠାରୁ ଟଙ୍କା ଲୁଟୁଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚରା କରିବା ସମୟରେ ଦୁହେଁ ଅଭିନୟ କରୁଥିବା ସ୍ୱୀକାର କରିଥିଲେ ଏବଂ ତାଙ୍କର ଅନ୍ୟ ଦୁଇ ସହଯୋଗୀ ଟାଟାବେଞ୍ଜରେ ଛକରେ ଥିବା ସୂଚନା ଦେଇଥିଲେ। ସୂଚନାକୁ ଆଧାର କରି ପୋଲିସ ତଦନ୍ତ କରି ସମ୍ପୃକ୍ତ ଉତ୍ତରପ୍ରଦେଶର ୪ଜଣ ଅଭିଯୁକ୍ତ ଅଜୟ କୁମାର (୨୮), ଅନିଲ କୁମାର, ମିରୋ (୩୨), ଯଶବନ୍ତ କୁମାର (୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

## କ୍ଷେତ ଅଧିକାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ

**ହିନ୍ଦୋଳ (ଅମୃତ ମିଡିଆ):** ରାଜ୍ୟ ସଂଘର ଆହ୍ୱାନକ୍ରମେ ରାଜ୍ୟର ସମସ୍ତ କ୍ଷେତ ଅଧିକାରୀ ମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନର ଡାକରା ଦେଇଥିବା ବେଳେ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ତହସିଲ ମଧ୍ୟରେ ଥିବା କ୍ଷେତ ଅଧିକାରୀ ମାନେ ମଧ ହିନ୍ଦୋଳ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନରେ ବସିଥିଲେ। ସଂଘ ପକ୍ଷରୁ ୬ ଦଫା ଦାବି ସରକାରଙ୍କ ନିକଟରେ ଉପସ୍ଥାପନା କରାଯାଇଛି। ସରକାରଙ୍କ ସହ ରାଜ୍ୟ ସଂଘ ଦାବିଗୁଡିକ ସଂପର୍କରେ ବିଚାରବିମର୍ଶ କରି ସମାଧାନ କରିବା ପାଇଁ ପ୍ରସ୍ତାବ ରଖିଥିବା ବେଳେ ରାଜ୍ୟ ସଂଘର ନିର୍ଦ୍ଦେଶକ୍ରମେ ୨୨ ଗୁରୁବାର ଦିନ ଆନ୍ଦୋଳନ ପ୍ରତ୍ୟାହୃତ କରାଗଲା। ଯଦି ଦାବି ଗୁଡ଼ିକ ସମାଧାନ ନହୁଏ ତେବେ ପୁନର୍ବାର ଫେବୃଆରୀ ୨୯ ତାରିଖ ପର ଠାରୁ ପୁନର୍ବାର ଆନ୍ଦୋଳନ ଚାଲୁରହିବ। ପ୍ରମୁଖ ଦାବି ଗୁଡ଼ିକ ମଧ୍ୟରେ କ୍ୟାଡ଼ର ପୁନରଗଠନ, ବର୍ଦ୍ଧିତ ହାରରେ ଦରମା ପ୍ରଦାନ ଓ ରାଜସ୍ୱ ସୁପରଭାଇଜର ପୋଷ୍ଟକୁ ଅତିରିକ୍ତ ତହସିଲଦାର ପଦବୀକୁ ପରିବର୍ତ୍ତନ କରିବା ଆଦି ରହିଅଛି। ଏହି କାର୍ଯ୍ୟବନ୍ଦ ଆନ୍ଦୋଳନରେ ରାକେଶ କୁମାର ଗଡ଼ନାୟକ (ଆର୍. ଆଇ. ସୁପରଭାଇଜର) ଓ ଶଶିଭୂଷଣ ବେହେରା ରାଜସ୍ୱ ନିରୀକ୍ଷକ ଗଣ୍ଡାନାଳୀ ଙ୍କ ସମେତ ହିନ୍ଦୋଳ ତହସିଲର ସମସ୍ତ ରାଜସ୍ୱ ନିରୀକ୍ଷକ ଅଧିକାରୀ ମାନେ ଯୋଗଦେଇଥିଲେ।

## ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

**ଛତ୍ରପୁର (ଅମୃତ ମିଡିଆ):** ଛତ୍ରପୁର ବ୍ଲକ ଅନ୍ତର୍ଗତ ୧୪୫୧ ଜଣ ନୂତନ ହିତାଧିକାରୀଙ୍କୁ ନୂଆ ଓ ବର୍ଦ୍ଧିତ ଭତ୍ତା ବଣ୍ଟନ କରାଯାଇଛି। ଏନେଇ ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ଶିବିର ଆୟୋଜନ କରାଯାଇଛି। ଛତ୍ରପୁର ବିଡିଓ ସୁଶାନ୍ତ କୁମାର ବରାଳଙ୍କ ଅଧକ୍ଷତାରେ ଆୟୋଜିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ବ୍ଲକ ଅଧକ୍ଷା କିରଣ କୁମାରୀ ଦାସ, ଉପାଧ ଏସ. ସାରଦା ରେଡ୍ଡୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ କଲ୍ୟାଣୀ ଦାସ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣି ପି.



ପଦ୍ମା ଉପସ୍ଥିତ ରହି ହିତାଧିକାରୀ ମାନଙ୍କୁ ଭତ୍ତା ବଣ୍ଟନ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜଗନ ସେନାପତି କାର୍ଯ୍ୟକ୍ରମ ପରିଚାଳନାରେ ସହ ଯୋଗ କରିଥିଲେ।

## ଗଞ୍ଜାମ ଜିଲ୍ଲାରେ ଗଡ଼ିଲା ଲକ୍ଷ୍ମୀ ବସ୍, ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ବ୍ରହ୍ମପୁର (ଅମୃତ ମିଡିଆ):** ପ୍ରତି ପଞ୍ଚାୟତରୁ ନିଜ ନିଜ ବ୍ଲକ୍ ଆସିବାକୁ ଆଉ ଅସୁବିଧା ହେବନାହିଁ। ଗ୍ରାମାଞ୍ଚଳ ଲୋକମାନଙ୍କୁ ଉତ୍ତମ ପରିବହନ ସେବା ଲକ୍ଷ୍ମୀ ବସ୍ ମାଧ୍ୟମରେ ମିଳିବ। ଏନେଇ ଗଞ୍ଜାମ ଜିଲ୍ଲା ପାଇଁ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲକ୍ଷ୍ମୀ ବସ୍ ବୁଧବାର ପୂର୍ବାହ୍ନରେ ଆଭାସୀ ମାଧ୍ୟମରେ ଶୁଭାରମ୍ଭ ହୋଇଛି। ଜିଲ୍ଲାର ସଦର ମହକୁମା ଛତ୍ରପୁର ସ୍ଥିତ ଅନସ୍ଲୋ ମିନି ଷ୍ଟାଡିଅମ ଠାରେ ଉଦଘାଟନ ଓ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯାହାକି, ମହିଳା ଓ ଛାତ୍ର/ଛାତ୍ରୀଙ୍କ ପାଇଁ ଭଡା ୫ ଟଙ୍କା ରହିଛି। ରାଜ୍ୟରେ ସାର୍ବଜନୀନ ପରିବହନ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ନିମନ୍ତେ ରାଜ୍ୟ ସରକାରଙ୍କ ଏହି ଯୋଜନାର ଲକ୍ଷ୍ୟ ପୂରଣ ହୋଇଛି।

ମୁଖ୍ୟମନ୍ତ୍ରୀଙ୍କ ଏହା ଏକ ଯୁଗାନ୍ତକାରୀ ଯୋଜନା, ଗଞ୍ଜାମ ଜିଲ୍ଲା ପାଇଁ ବୁଧବାର ଏକ ଐତିହାସିକ ଦିନ, ଜିଲ୍ଲାରେ ଗମନାଗମନର ଅସୁବିଧାକୁ ହୃଦୟଙ୍ଗମ କରି ଲକ୍ଷ୍ମୀ ଯୋଜନା ଆରମ୍ଭ କରିଛନ୍ତି। ଏହାଦ୍ୱାରା ଜିଲ୍ଲାର ଲୋକେ ଉପକୃତ ହେବା ସହିତ ଜିଲ୍ଲାବାହାରୁ ଆସୁଥିବା ବହୁ ପର୍ଯ୍ୟଟକଙ୍କ ପାଇଁ ବେଶ ସହାୟକ ହେବ ବୋଲି ସାଧାରଣରେ କୁହାଯାଏ। ଲୋକେ କମ୍ ଖର୍ଚ୍ଚରେ ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ଯାତାୟତ କରିପାରିବେ। ଗାଁରୁ ସହରକୁ ଆସିବା ନିମନ୍ତେ ସବୁ ବର୍ଗର ଲୋକମାନେ ସୁବିଧାରେ ଗମନାଗମନ କରିପାରିବେ। ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଲକ୍ଷ୍ମୀ ବସର ଲୋକାର୍ପଣ ହୋଇଥିବାରୁ ଜିଲ୍ଲାବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧକ୍ଷଙ୍କୁ ଜିଲ୍ଲା ଯୋଜନା କମିଟିର ଅଧକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଓ



କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା ଅଭିଭାଷଣରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ, ପର୍ଯ୍ୟଟନ, ଆଧ୍ୟାତ୍ମିକ ଓ ସଂସ୍କୃତିକୁ ଶୀର୍ଷରେ ପହଞ୍ଚାଇଛନ୍ତି ଆମ ମୁଖ୍ୟମନ୍ତ୍ରୀ। ଏହି ସମସ୍ତ ସଂଯୋଗ କରିବ ପରିବହନ, ଏହା ମୁଖ୍ୟମନ୍ତ୍ରୀଙ୍କ ଦୂର ଦୃଷ୍ଟି ବୋଲି ଆଜିର ଉଦଘାଟନୀ ଉତ୍ସବରେ ଯୋଗଦେଇଥିବା ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ, ମିଶନ ଶକ୍ତି ମା' ଏବଂ ସ୍ଥାନୀୟ ଜନସାଧାରଣମାନେ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଆସିକା ସାଂସଦ ପ୍ରମିଳା ବିଷୋୟୀ, ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଜିଲ୍ଲାପରିଷଦ ସଭାପତି ଶ୍ରୀମତୀ ଅଞ୍ଜଳି ସ୍ୱାଇଁ, ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଏସଆରଟିସିର ଅଧକ୍ଷ ତଥା ଏମଡି ଦୀପତେଶ ପଟ୍ଟନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା, ବ୍ରହ୍ମପୁର ଉପ-ଜିଲ୍ଲାପାଳ ଧୀନା ଦସ୍ତାଗିରୀ, ଅତିରିକ୍ତ ଜିଲ୍ଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଦେବବ୍ରତ ସାହୁ ଓ ପ୍ରମୋଦ କୁମାର ପୃଷ୍ଟି, ଜିଏମ ଡିଆସି ପ୍ରସନ୍ନ କୁମାର ପାତ୍ର, ଛତ୍ରପୁର ଉପ-ଜିଲ୍ଲାପାଳ ଦେବଦତ୍ତ ମହାନ୍ତ, ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, ଗଞ୍ଜାମ ଆରଟିଓ ମାନସ ରଞ୍ଜନ ସାହୁ, ଭଞ୍ଜନଗର ଆରଟିଓ ଶୁଭେନ୍ଦୁ ରାୟ, ଓଏସଆରଟିସି ଗଞ୍ଜାମ ଜିଲ୍ଲା ଅରୁଣ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଗଞ୍ଜାମ ଜିଲ୍ଲା ରେ ୪୭ ଗୋଟି ଲକ୍ଷ୍ମୀ ବସ ଚାଲିବ ପରେ ପର୍ଯ୍ୟାୟ କ୍ରମେ ଅନ୍ୟ ସବୁ ପଂଚାୟତରେ ଲକ୍ଷ୍ମୀ ବସ୍ ଗଡିବ। ଜିଲ୍ଲାର ୧୨୪ଟି ରୁଟରେ ୧୨୪ଟି ବସ୍‌ର ଏହି ସେବା ଯୋଗାଇ ଦିଆଯିବ। ଏଥି ନିମନ୍ତେ ମୋଟ୍ ୧୩୦ ବସ୍ ଜିଲ୍ଲାକୁ ଆସିବ। ବିଭିନ୍ନ ପଞ୍ଚାୟତରେ ଏବେ ଲକ୍ଷ୍ମୀ ବସ୍ ଷ୍ଟପ୍ ସ୍ଥଳ କରାଯାଇଥିବା ବେଳେ କିଛି ସ୍ଥାନରେ ଏହାର ନିର୍ମାଣ ଜାରୀ ରହିଛି। ବୁଧବାର ଲକ୍ଷ୍ମୀ ବସ୍‌ରେ ଗଞ୍ଜାମ ଜିଲ୍ଲାପାଳ, ଓଏସଆରଟିସିର ଅଧକ୍ଷ ତଥା ଏମଡି, ସାଂସଦ, ବିଧାୟକ ଓ ଜିଲ୍ଲା ପ୍ରଶାସନର ବିଭିନ୍ନ ଅଧିକାରୀ ଓ ମହିଳାମାନେ ଟିକେଟ ଦେଇ ଖୁସି ମନରେ ଯାତ୍ରା କରିଥିଲେ ।।

## କମାରଡିହି ପଞ୍ଚାୟତରେ ସଚେତନତା ଶିବିର




**ଦଶରଥପୁର (ଅମୃତ ମିଡିଆ):** ବିଂଝାରପୁର ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ଦଶରଥପୁର ବ୍ଲକ ଅନ୍ତର୍ଗତ କମାରଡ଼ିହି ପଂଚାୟତରେ ଆମ ଓଡିଶା ନବିନ ଓଡିଶା ଯୋଜନା ଅନ୍ତର୍ଗତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭା ସରପଞ୍ଚ ଚିତ୍ତରଞ୍ଜନ ନାୟକଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଓଡିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ପ୍ରମିଳା ମଲ୍ଲିକ ଯୋଗଦେଇ ନବୀନ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟିକାଙ୍କ ପ୍ରତିନିଧି ପ୍ରଦୀପ ମହାନ୍ତି, ଜିଲ୍ଲାପରିଷଦ ସଭ୍ୟା ନିନାରାଣୀ ସାମଲ, ସମିତି ସଭ୍ୟା ସଜନୀ ଜେନା, ଯୁବନେତା ହିମାଂଶୁ ପରିଡା ଓ ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ପ୍ରିୟବ୍ରତ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ହିତାଧିକାରୀମାନଙ୍କୁ ନୂତନ ଭତ୍ତା ପ୍ରଦାନ କରାଯିବା ସହିତ ବିଭିନ୍ନ ବର୍ଗର ଉତ୍କର୍ଷତା ଲାଭ କରିଥିବା ଜନସାଧାରଣଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର

**ଅସ୍ତରଙ୍ଗ (ଅମୃତ ମିଡିଆ):** 'ଆମ ଓଡ଼ିଶା ନବୀନ ଓଡିଶା 'ସ୍ୱଚ୍ଛତା ସହ ଜାରି ରହିବା ପାଇଁ ବିକାଶ ମୂଳକ କାର୍ଯ୍ୟକ୍ରମ। ଗାଁଗାଁରେ ବଦଳିଛି ବିକାଶର ମାନଚିତ୍ର। ନବୀନ ଓଡିଶା ମୁଖ୍ୟମନ୍ତ୍ରୀଙ୍କ ଭିଜନ ହୋଇଥିବାରୁ ଏହାକୁ ସଫଳ କରିବାକୁ ରାଜ୍ୟ ସରକାରଙ୍କ ପ୍ରୟାସରେ ପଂଚାୟତସ୍ତରୀୟ ସଚେତନ ଶିବିର ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ନବମ ପର୍ଯ୍ୟାୟରେ ପାଟଳଦା ପଂଚାୟତ ରେ ଅନୁଷ୍ଠିତ ହୋଇଯାଇଛି। ଅସ୍ତରଙ୍ଗ ବ୍ଲକ ପାଟଳଦା ଗ୍ରାମ ପଂଚାୟତ ବରଡ଼ି ନିକଟରେ ଗ୍ରାମାଞ୍ଚଳ ଭିତ୍ତିବିକାଶ ପାଇଁ ସ୍ଥାନୀୟ ସରପଞ୍ଚ ଯଶୋବନ୍ତ ନାୟକଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତୀଥି ଭାବେ ଗୃହରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟବକ୍ତା ବ୍ଲକ ଅଧକ୍ଷା ଆରତୀ ନାୟକ, ସଂମାନୀତ ଅତିଥି ସାଂସଦଙ୍କ ପ୍ରତିନିଧି ଚମ୍ପକ ବାରିକି, ଏକ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ବ୍ଲକ ଉପାଧକ୍ଷ ଦୃଜୟ ମିଶ୍ର, ସମିତି ସଭ୍ୟା ମନ୍ଦାକିନୀ ଛାଟୋଇ, ବିଡ଼ିଓ ସୁଶ୍ରୀ ସସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ମାନେ ନିଜ ଅଭିଭାଷଣରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପଂଚାୟତ ରେ ହୋଇଥିବା ବିକାଶ ମୂଳକ କାର୍ଯ୍ୟ ସହ ପଂଚାୟତ ଉର୍ନ୍ନତି ପାଇଁ ପଂଚାୟତ କୁ ସାମିଲ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଆମ ଓଡିଶା ନବୀନ ଓଡିଶା ମାଧ୍ୟମରେ ୫୦ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ପାଟଳଦା ପଂଚାୟତ ରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକ ସ୍ଥଳୀ ଗୁଡିକରେ ରୂପାନ୍ତିକରଣ, ମହିଳା ସଶକ୍ତିକରଣ ଓ ଭିତ୍ତିଭୂମିର ବିକାଶ, ବ୍ୟାଙ୍କିଙ୍ଗ ଭିତ୍ତିଭୂମିର ବିକାଶ ସହ ଅନେକ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ସହାୟତା ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମ ରେ ରାଜ୍ୟ ସରକାରଙ୍କ ଉର୍ନ୍ନତି ମୂଳକ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ହଜାର ହଜାର ଲୋକ ସାମିଲ ହୋଇ ରାଜ୍ୟସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ସମ୍ପର୍କରେ ଅବଗତ ହୋଇଥିଲେ।

## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଭିତ୍ତିଭୂମି ପ୍ରକଳ୍ପ ଶିଳାନ୍ୟାସ

**କୋରାପୁଟ (ଅମୃତ ମିଡିଆ) :** ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନଫରେନ୍ସିଂ ମାଧ୍ୟମରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ୧୨୯ କୋଟି ଟଙ୍କାର ପ୍ରଶାସନିକ ଭବନ ସମେତ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ସୁନାବେଡ଼ାସ୍ଥିତ କ୍ୟାମ୍ପସରେ ଆୟୋଜିତ ଏହି ଅନଲାଇନ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ, କଳାହାଣ୍ଡି ଲୋକସଭା ନିର୍ବାଚନ ମଣ୍ଡଳୀର ମାନ୍ୟବର ସାଂସଦ ଶ୍ରୀ ବସନ୍ତ କୁମାର ପଣ୍ଡାଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା କେନ୍ଦ୍ରୀୟ ଅନୁଦାନପ୍ରାପ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିଥିଲେ।

ଜମ୍ମୁରେ ସେ ଉପସ୍ଥିତ ଥିବାବେଳେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସମେତ ସମଗ୍ର ଭାରତ ଏହି କାର୍ଯ୍ୟକ୍ରମକୁ ଭର୍ଚୁଆଲ ମୋଡ୍‌ରେ ଦେଖିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ତ୍ରିପାଠୀ, ସାଂସଦ ବସନ୍ତ କୁମାର ପଣ୍ଡା ଓ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳସଚିବ ପ୍ରଫେସର ନରସିଂହ ଚରଣ ପଣ୍ଡା ମଞ୍ଚାସୀନ ଥିଲେ।

## ବୋଲସର ପଞ୍ଚାୟତରେ ନାଳ ନିର୍ମାଣ ନ କରି ୧୬ ଲକ୍ଷ ଟଙ୍କା ଆତ୍ମସାତ ଅଭିଯୋଗ




**ପୋଲସରା (ଅମୃତ ମିଡିଆ) :** କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ବୋଲସର ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଗ୍ରାମରେ ବିଭିନ୍ନ ସ୍ଥାନରେ ପୋଷ୍ଟର ଲାଗିଥିଲା। ବୋଲସର ପଞ୍ଚାୟତରେ ମନରେଗାରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଚର୍ଚ୍ଚା। ତମାଳ/ଡାମଣା ଶଙ୍ଖ ଠାରୁ ସୁଣ୍ଡିକଣା ପର୍ଯ୍ୟନ୍ତ ନାଳର ଉନ୍ନତିକରଣ ପାଇଁ ଅଟକଳ ମୂଲ୍ୟ ୫ ଲକ୍ଷ ଟଙ୍କା ଥିବା ବେଳେ ୩୯୬୩୪୮ ଟଙ୍କା ବିଲ୍ ହୋଇଛି। ତମାଳ/ଡାମଣା ଶଙ୍ଖ ଠାରୁ ଅରୁଣ ମଣ୍ଡଳ ଜମି ପର୍ଯ୍ୟନ୍ତ ନାଳର ପୁନରୁଦ୍ଧାର ନିମନ୍ତେ ଅଟକଳ ମୂଲ୍ୟ ୫ଲକ୍ଷ ଟଙ୍କା ଥିବାବଳେ ୪୦୦୯୭୦ ଟଙ୍କା ବିଲ୍ ହୋଇଛି। ରଞ୍ଜନ ଦଳେଇ ଘର ଠାରୁ ଲୋକନାଥ ଖଟେଇ ଘର ପର୍ଯ୍ୟନ୍ତ ନାଳର ପୁନରୁଦ୍ଧାର ନିମନ୍ତେ ଅଟକଳ ମୂଲ୍ୟ ୧୦ ଲକ୍ଷ ଟଙ୍କା ଥିବା ବେଳେ ୪୪୬୦୩୯ ଟଙ୍କା ବିଲ୍ ହୋଇଛି। ପମ୍ପ ଘର ଠାରୁ ହନୁମାନ ମନ୍ଦିର ପର୍ଯ୍ୟନ୍ତ ନାଳର ଉନ୍ନତିକରଣ ନିମନ୍ତେ ଅଟକଳ ମୂଲ୍ୟ ୫ ଲକ୍ଷ ଟଙ୍କା ଥିବାବେଳେ ୩୫୯୭୮୬ ଟଙ୍କା ବିଲ୍ ହୋଇଛି।




କୌଣସି ନାଳ କାର୍ଯ୍ୟ ନକରି ବିଲ୍ ପ୍ରସ୍ତୁତ ହୋଇଥିବା ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ସାମାଜିକ କର୍ମୀ ତଥା ଫରୱାର୍ଡ ବ୍ଲକର ନେତା ସମରଜିତ୍ ମହାନ୍ତି ଜିଲ୍ଲାପାଳ ଗଞ୍ଜାମ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ, ପଞ୍ଚାୟତ ରାଜ ବିଭାଗ, ନିର୍ଦ୍ଦେଶକ ଭିଜିଲାନ୍ସ, ଓଡିଶା, ଏସପି ଭିଜିଲାନ୍ସ, ବ୍ରହ୍ମପୁରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଶ୍ରୀ ମହାନ୍ତି କହିଛନ୍ତି ଯେ ଏକ ମାସ ମଧ୍ୟରେ ତଦନ୍ତ ନ ହଲେ ଉଚ୍ଚ ନ୍ୟାୟାଳୟକୁ ଯିବେ।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

**ପୁରୀ(ବ୍ୟୁରୋ):** ପୁରୀର ସବିତା ସ୍ମୃତି ସାହିତ୍ୟ ସଂସଦର ସଭାଗୃହରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ପ୍ରିୟପତ୍ରର ସଂପାଦକ ବିପିନବିହାରୀ ଦଳାଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡକ୍ଟର କୈଳାସ ଚନ୍ଦ୍ର ଟିକାୟତ ରାୟ। ସଭାକୁ ସଂଯୋଜନା କରିଥିଲେ ମହେନ୍ଦ୍ର କୁମାର ଦାଶ। ଏହି ସଭାରେ ନିର୍ମଳ ଚନ୍ଦ୍ର ମିଶ୍ର, ପ୍ରଭାତ ଚନ୍ଦ୍ର ରଥ, ଚନ୍ଦ୍ରଶେଖର ମହାରାଣା, ଉମାକାନ୍ତ ମହାପାତ୍ର, ବିଚିତ୍ରା ଦାଶ, ଡକ୍ଟର ସୁଚିତ୍ରା ରଥ, ହେମାଙ୍ଗିନୀ ମହାନ୍ତି, ଯୋଗେଶ୍ୱର ପ୍ରହରାଜ, ଡକ୍ଟର ହେମନ୍ତ କୁମାର ଛୋଟରାୟ, ସାରଙ୍ଗଧର ଷଡ଼ଙ୍ଗୀ, ଶ୍ୟାମପ୍ରକାଶ ସେନାପତି, ଅନନ୍ତ ପ୍ରଧାନ, ସନ୍ଧ୍ୟାରାଣୀ ସେଠୀ, ଜାନକୀବଲ୍ଲଭ ଦାଶ, ପ୍ରଭାତନଳିନୀ ମିଶ୍ର, ଅଶୋକ ମହାନ୍ତି ପ୍ରମୁଖ ଯୋଗ ଦେଇ ସ୍ୱରଚିତ କବିତା ପାଠ କରିବା ସହ ମାତୃଭାଷା ପ୍ରତି ନିଜ ନିଜର କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଗୁଗୁଲ୍ ମିଟ୍ ମାଧ୍ୟମରେ ଡକ୍ଟର ପଙ୍କଜ ନଳିନୀ ପଟ୍ଟନାୟକ, ଦିବ୍ୟଦର୍ଶନର ସଂପାଦିକା ପ୍ରବାସିନୀ ମିଶ୍ର, ଗ୍ରାମ୍ୟରମ୍ୟର ସଂପାଦିକା ଲକ୍ଷ୍ମୀପ୍ରିୟା ଦାଶ, ମମତା ବାରିକ, ବିଜୟଲକ୍ଷ୍ମୀ ଆଚାର୍ଯ୍ୟ, ନୀଳାମ୍ବର ରଥ, ଅଭିନବ ପଟ୍ଟନାୟକ, ମିନତୀ ମିଶ୍ର ପ୍ରମୁଖ ଯୋଗ ଦେଇ ମାତୃଭାଷାର ରକ୍ଷା ଦିଗରେ ନିଜର ବକ୍ତବ୍ୟ ରଖିବା ସହ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଶେଷରେ ଚିନ୍ମୟ ବିବେକ ଧନ୍ୟବାଦ ଅର୍ପଣ କରିଥିଲେ।

## ରାମକୃଷ୍ଣ ମଠ ପକ୍ଷରୁ ଆଲୋଚନାଚକ୍ର

**ପୁରୀ(ବ୍ୟୁରୋ):** ରାମକୃଷ୍ଣ ମଠ ଚକ୍ରତୀର୍ଥ ରୋଡ ପୁରୀ ପକ୍ଷରୁ ଖଡ଼ିପଡ଼ା ଠାରେ ଏକ ଆଲୋଚନାଚକ୍ର ଓ କମ୍ବଳ ବଣ୍ଟନ ହୋଇଯାଇଛି। ମଠର ଅଧ୍ୟକ୍ଷ ସ୍ୱାମୀ ସୋମଦେବା ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ଝାଡଖଣ୍ଡ ରାମକୃଷ୍ଣ ମିଶନ ଆଶ୍ରମରୁ ଆସିଥିବା ରାକେଶ ମହାରାଜ ଓ ରାମକୃଷ୍ଣ ମଠ, ପୁରୀ ଆଶ୍ରମର ମଳୟ ମହାରାଜ ମୁଖ୍ୟଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ସଂସାର ଭିତରେ ରହି ଈଶ୍ୱରଙ୍କୁ କେମିତି ପ୍ରାପ୍ତ କରିହେବ, ସେ ବିଷୟରେ ମହିଳା ଭକ୍ତମାନଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ମଠର କର୍ମକର୍ତ୍ତା ପ୍ରଦୀପ ଓ ଗୌତମ ସହଯୋଗ କରିଥିଲେ। ଏହି ଅବସରରେ ମଠ ପକ୍ଷରୁ ୫୮ଜଣ ଗରିବ ମହିଳାଙ୍କୁ ମାଗଣାରେ କମ୍ବଳ ବଣ୍ଟନ କରାଯାଇଥିଲା। ବିବେକାନନ୍ଦ ଯୁବ ଶକ୍ତି ସଂଗଠନ, ଖଡ଼ିପଡ଼ା ପୁରୀ ସହଯୋଗ କରିଥିଲେ। ହରିପୁର, ଶାସନ ଦାମୋଦରପୁର, ଖଡ଼ିପଡ଼ାରୁ ଶତାଧିକ ମହିଳା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରାକ୍ତନ ଅଧ୍ୟାପକ ସୁକାନ୍ତ କୁମାର ମହାନ୍ତିଙ୍କ ଦ୍ୱାରା ରାମ ନାମ ଓ ଭଜନ କାର୍ଯ୍ୟକ୍ରମ ପରେ ସଭା ସାଙ୍ଗ ହୋଇଥିଲା।

# ମଙ୍ଗଳା ସାହିରେ ବଢ଼ୁଛି ବେଆଇନ୍ ନିଶାକାରବାର

**ପୁରୀ(ବ୍ୟୁରୋ):** ସାହିରେ ଚଳିବା ଏବେ କଷ୍ଟକର ହୋଇ ପଡ଼ିଛି। ଘରୁ ବାହାରକୁ ବାହାରିଲେ ଚିନ୍ତା ଘାରୁଛି। ଦିନରାତି ସାହିରେ ଲାଗୁଛି ନିଶାଖୋରଙ୍କ ଭିଡ଼। ଖାଲି ସାହିବାସିନ୍ଦା ନୁହଁନ୍ତି। ବାଟୋଇ ଓ ପର୍ଯ୍ୟଟକମାନେ ବି ନିଶାଖୋରଙ୍କ ପାଇଁ ସମସ୍ୟାରେ ପଡୁଛନ୍ତି। ଏଭଳି ଅବସ୍ଥାରେ ରହି ହେଉନି କି ସହି ହେଉନି। ଏଭଳି କହି କ୍ଷୋଭ ପ୍ରକାଶ କରିଛନ୍ତି କୁମ୍ଭାରପଡ଼ା ଥାନା ଅଧିନ ନରେନ୍ଦ୍ରକୋଣ ମଙ୍ଗଳା ସାହି ବାସିନ୍ଦା। ସାହିର ମଙ୍ଗଳା ମନ୍ଦିର ସମ୍ମୁଖରେ ଚାଲିଛି ଅବାଧ ଦେଶୀମଦ କାରବାର। ଯାହା ଏବେ ସ୍ଥାନୀୟ ପରିବେଶକୁ ସଙ୍ଗୀନ କରିଛି। ଏଭଳି ସ୍ଥିତିରେ ପୁରୀକୁ ଆସୁଥିବା ଅନେକ ପର୍ଯ୍ୟଟକ ତିକ୍ତ ଅନୁଭୂତି ନେଇ ଫେରୁଥିବା ଅଭିଯୋଗ ହୋଇଛି।

- ଅବାଧରେ ବିକ୍ରି ହେଉଛି ମଦ
- ସାହିରେ ବଢୁଛି ନିଶାଡୀଙ୍କ ଦୌରାତ୍ମ୍ୟ
- ସୁରକ୍ଷିତ ମଣୁନାହାନ୍ତି ଲୋକେ
- ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ଖବର ଅନୁସାରେ ଏହି ସାହିରେ ପ୍ରାୟ ୧୩୦ ପରିବାର ବାସ କରନ୍ତି। ଏଥିରୁ ୧୦ଟି ପରିବାର ଏବେ ଭିନ୍ନ ଭିନ୍ନ ନିଶା କାରବାରରେ ଲିପ୍ତ ରହିଛନ୍ତି। ମୁଖ୍ୟତଃ ଦେଶୀମଦ କାରବାର ଏବେ ସାହି ପରିବେଶକୁ କଳୁଷିତ କରିଛି। ଦିନରାତି ଚାଲୁଛି ଖୋଲାଖୋଲି ଭାବେ ନିଶା ବେପାର। ସନ୍ଧ୍ୟାରେ ବସୁଛି ମଦର ହାଟ। ଅପରାହ୍ନରୁ ଏହି ମଦ ବ୍ୟବସାୟୀଙ୍କ ଘରେ ଲାଗୁଛି ଭିଡ଼। ରାସ୍ତା କଡ଼ରେ ହାଣ୍ଡି ଧରି ବସୁଛନ୍ତି ବେପାରୀ। ଧାଡ଼ିବାନ୍ଧି ପିଉଛନ୍ତି ନିଶାଖୋର। ଦୀର୍ଘ ସମୟ ଧରି ନିଶାଖୋରମାନେ ଏହି ବେପାରୀଙ୍କ ପାଖରେ ବସି ରହି ଆନନ୍ଦରେ ପିଉଛନ୍ତି। ପାଖରେ ବି ମିଳୁଛି ଚାଖଣା। ମଦ ସାଙ୍ଗକୁ ଚାଖଣା ବିକି ଅନେକ ହେଉଛନ୍ତି ଲାଭବାନ। ନିଶା ଚଢ଼ିଗଲା ପରେ ନିଶାଖୋରଙ୍କ ଉତ୍ପାତ ଅସହ୍ୟ ହେଉଛି। କିଏ ରାସ୍ତାରେ ଗଡୁଛି ତ ଆଉ ଅଚେତ ହୋଇ ଡ୍ରେନ୍‌ରେ ପଡୁଛି। ପୂର୍ବରୁ ଅନେକ ନିଶାଖୋର ଡ୍ରେନ୍ ଓ ନିକଟସ୍ଥ ଜଳାଶୟରେ ପଡ଼ି ପ୍ରାଣ ହରାଇଥିବା ନଜିର ମଧ୍ୟ ରହିଛି। ପୁରୀ-ବ୍ରହ୍ମଗିରି ରାସ୍ତା ଓ ନରେନ୍ଦ୍ର କୋଣ ଅଞ୍ଚଳରେ ଏହି ନିଶାଖୋରଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ରାସ୍ତାରେ ଯାନବାହାନ ରୋକି ଉନ୍ମତ୍ତକାଣ୍ଡ ଭିଆଉଛନ୍ତି ନିଶାଖୋର। ଅଯଥା ସମସ୍ୟା ସୃଷ୍ଟି କରି ବାଟୋଇ ଓ ପର୍ଯ୍ୟଟକଙ୍କୁ ଟାଣି ନେଇ ପିଟୁଛନ୍ତି। ଏପରିକି ସେମାନେ ନରେନ୍ଦ୍ର କୋଣ ଅଞ୍ଚଳରେ ସ୍ଥାନୀୟ ଲୋକ ଓ ଯାତ୍ରୀଙ୍କ ଚଳପ୍ରଚଳରେ ବି ସମସ୍ୟା ସୃଷ୍ଟି କରୁଛନ୍ତି। ଅନେକ ଶ୍ରମିକ ଶ୍ରେଣୀୟ ବ୍ୟକ୍ତି କର୍ମକ୍ଷେତ୍ରରୁ ଫେରି ଏହି ମଦ ବ୍ୟବସାୟୀଙ୍କ ପାଖରେ ଭିଡ଼ ଲଗାଉଛନ୍ତି। ନିଶାସକ୍ତ ଅବସ୍ଥାରେ ରାସ୍ତାରେ ଘଣ୍ଟା ଘଣ୍ଟା ସମୟ ଧରି ଗଡୁଥିବାବେଳେ ସେମାନଙ୍କ ପକେଟ୍‌ରେ ଥିବା ଟଙ୍କା ଓ ମୋବାଇଲ୍ ସର୍ବ ସମ୍ମୁଖରେ ଲୁଟ୍‌ପାଟ୍ କରୁଛନ୍ତି ଅସାମାଜିକ। ଦିନରାତି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ନିଶାଖୋରମାନେ ସାହିରେ ଆତଙ୍କ ସୃଷ୍ଟି କରୁଛନ୍ତି। ଏହି ସମସ୍ୟା ପାଇଁ ସାହିରେ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଅସୁବିଧା ହେଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ସାହିର ମଦ୍ୟପଙ୍କ ସହ ବିଭିନ୍ନ ଅଞ୍ଚଳରୁ ନିଶାଖୋରମାନେ ଏଠାରେ ଭିଡ଼ ଲଗାଉଛନ୍ତି। ଫଳରେ



ଝିଅବୋହୂମାନଙ୍କ ଚଳପ୍ରଚଳ ଅସୁରକ୍ଷିତ ହୋଇପଡ଼ିଛି। ଏଭଳି ସ୍ଥିତିରେ ପୁଲିସ ଦୃଷ୍ଟି ଦେବାକୁ ବାରମ୍ବାର ଦାବି କରୁଛନ୍ତି ସାହିବାସିନ୍ଦା। ଅନ୍ୟପଟେ ପୂର୍ବରୁ ବହୁଥର ମଦ ଜବତ କରି ପୁଲିସ ଏହି ବ୍ୟବସାୟୀଙ୍କୁ ଗିରଫ କରିଛି। ହେଲେ ଅଳ୍ପ ପରିମାଣର ମଦ ଜବତ କରାଯାଉଥିବା କାରଣରୁ ସେମାନେ ସହଜରେ ଜାମିନ୍ ପାଇ ପୁଣି ଏହି କାରବାରରେ ଲିପ୍ତ ରହୁଛନ୍ତି। ଯଦି ପୁଲିସ ନିୟମିତ ପାଟ୍ରୋଲିଂ କରି ଧରପଗଡ଼ କରନ୍ତା, ତେବେ ମଦ ବେପାରୀଙ୍କ ଭୟ ରୁହନ୍ତା ବୋଲି ସାହିର କିଛି ବାସିନ୍ଦା ନିଜର ନାମ ଗୋପନ ରଖି କହିଛନ୍ତି।

## ସରକାରୀ ନିୟମକୁ ମାନୁନାହାନ୍ତି ମଦ ଦୋକାନୀ

**ପୁରୀ(ବ୍ୟୁରୋ):** ସରକାରୀ ନିୟମକୁ ମାନୁନାହାନ୍ତି ସରକାରୀ ମଦ ଦୋକାନ। ସରକାରୀ ନିୟମର ଖୋଲାଖୋଲି ଉଲ୍ଲଂଘନ କରି ଧାର୍ଯ୍ୟ ମୂଲ୍ୟ ଠାରୁ ଅଧିକ ନେଇ ଗ୍ରାହକଙ୍କୁ ଶୋଷଣ କରୁଛନ୍ତି ମଦ ଦୋକାନୀ। ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ବେପାର ଚାଲୁଥିବା ବେଳେ ଠିପି ବନ୍ଦ ଦୋକାନରେ ଠିପି ଖୋଲି ବେପାର କରାଯାଉଛି। ଏପରିକି ମଦ ଦୋକାନ ବାହାରେ ମଦର ରେଟ୍ ଚାର୍ଟ ଲଗାଉନଥିବା ବେଳେ ଟ୍ରିପ୍ ଟ୍ରିପ୍ ମଦ ବାହାରକୁ ଚୋରାଚାଲାଣ କରାଯାଉଛି। ଠିପି ବନ୍ଦ ଦୋକାନରେ ଠିପି ଖୋଲି ଜଣେ ଦୋକାନୀ ଚଢ଼ା ଦରରେ ମଦ ବିକ୍ରି କରୁଥିବାର ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ସୂଚନା ମୁତାବକ, ପୁରୀ ଅବକାରୀ ଥାନା ଅଧିନ ପୁରୀ ସହରର ବିଭିନ୍ନ ଥାନା ଅଧିନରେ ୧୦ରୁ ଅଧିକ ଦେଶୀ ମଦ ଦୋକାନ ଥିବାବେଳେ ୬ଟି ଠିପି ବନ୍ଦ ଓ ୪ଟି ଠିପି ଖୋଲା ବିଦେଶୀ ମଦ ଦୋକାନ ରହିଛି। ହେଲେ ସରକାରୀ ନିୟମକୁ ଖୋଲାଖୋଲି

**ଧାର୍ଯ୍ୟ ମୂଲ୍ୟ ଠାରୁ ନେଉଛନ୍ତି ଅଧିକ**

ଉଲ୍ଲଂଘନ କରି ଚାଲିଛନ୍ତି ଏହି ମଦ ଦୋକାନୀ। ଦୋକାନ ବାହାରେ ମଦର ରେଟ୍ ଚାର୍ଟ ମାରିବାର ସରକାରୀ ନିୟମ ଥିବାବେଳେ ତାହା ଲଗାଯାଉନଥିବାବେଳେ ସକାଳୁ ଶୀଘ୍ର ଖୋଲି ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିବା ଦେଖିବାକୁ ମିଳୁଛି। ଏପରିକି ଠିପି ବନ୍ଦ ମଦ ଦୋକାନରୁ ଲକ୍ଷ ଲକ୍ଷ ଟଙ୍କାର ମଦ ବିଭିନ୍ନ ସ୍ଥାନକୁ ଚୋରାଚାଲାଣ ହେଉଛି। କେତେକ ଠିପି ବନ୍ଦ ଦୋକାନରେ ଠିପି ଖୋଲି ଅଧିକ ଦାମ୍‌ରେ ବିକ୍ରୟ କରୁଥିବା ମଧ୍ୟ ଜଣାପଡ଼ିଛି। ଆଉ କେତେକ ଦୋକାନ ସାମ୍ନା ପଟ ବନ୍ଦ କରି ଭିତରେ ରହି ଚୋରାରେ ମଦ ବିକ୍ରୟ କରୁଛନ୍ତି। ଏ ବାବଦରେ ପୁଲିସ ପ୍ରଶାସନ ଅବଗତ ଥାଇ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେଉନଥିବା ଅଭିଯୋଗ ହୋଇଛି। ଏ ନେଇ ପୁରୀ ଜିଲ୍ଲା ଅବକାରୀ ଅଧିକ୍ଷକ ଜଗଦୀଶ ସାମଲଙ୍କୁ ପଚାରିବାରେ ସେ କହିଲେ ଏହା ଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ବର୍ତ୍ତମାନ ପର୍ଯ୍ୟନ୍ତ ଆମ ପାଖରେ କୌଣସି ଅଭିଯୋଗ କରାଯାଇ ନାହିଁ।

## ଶ୍ରୀ ଶଙ୍କର ମହାବୀରଙ୍କ ୧୫ତମ ଜନ୍ମବାର୍ଷିକୀ ପାଳିତ

**ପୁରୀ(ବ୍ୟୁରୋ):** ପୁରୀ ମାଟିତୋଟା ପଞ୍ଚମଗଳି ସ୍ଥିତ ପ୍ରଭୁ ଶ୍ରୀ ଶଙ୍କର ମହାବୀରଙ୍କ ୧୫ତମ ଜନ୍ମ ବାର୍ଷିକୀ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବାସେଳୀ ସାହି ଥାନା ଅଧିକାରୀ ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସୈନିକ ହାଡ଼ିବନ୍ଧୁ ମାର୍ଥା, କୃଷ୍ଣ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭ ଉଦ୍‌ଘାଟନ କରିଥିଲେ। ଏହା ପରେ ସାହିର କୁନି କୁନି କଳାକାରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେଥିରେ ଉତ୍ତମ ନୃତ୍ୟ ପରିବେଷଣ କରିଥିବା କୁନି କଳାକାରମାନଙ୍କୁ ଅତିଥିମାନଙ୍କ ଦ୍ୱାରା



ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଶିରେଇ ମହାବୀର ଅନୁଷ୍ଠାନ ପକ୍ଷରୁ ରାମଲୀଳା ପରିବେଷଣ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଦସ୍ୟ ଟୁଲୁ, ରାଜା, ଗଣେଶ, କଣ୍ଢ, ଗୁଡୁ, ଈଶ୍ୱର ପ୍ରମୁଖ ପରିଚାଳନା କରିଥିଲେ।

## ବ୍ରାଉନ୍‌ସୁଗାର ଜବତ, ଅଭିଯୁକ୍ତ ଗିରଫ

**ପୁରୀ(ବ୍ୟୁରୋ):** ପୁରୀ ଜିଲ୍ଲା ସତ୍ୟବାଦୀ ଥାନା ବ୍ରାଉନସୁଗର ବେପାର ଅଭିଯୋଗରେ ଜଣଙ୍କୁ ଗିରଫ କରିବା ସହ ୨୦ ଗ୍ରାମବ୍ରାଉନସୁଗର ଜବତ କରିଛି। ଗିରଫ ଅଭିଯୁକ୍ତ ଅହମ୍ମଦପୁର କେନାଲ ବନ୍ଧ ସାହିର ସୁଦାମ ଗାଗରାଏ । ସେ ଅହମ୍ମଦପୁର ବାସୁକେରା ରାସ୍ତାରେ ସନ୍ଦେହ ଜନକ ଅବସ୍ଥାରେ ବୁଲୁଥିବା ବେଳେ ପୋଲିସ ତାକୁ ଧରିଥିଲା। ପୋଲିସ ତା ଠାରୁ ୨୦ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୩୮୦ ଟଙ୍କା ଜବତ କରିଛି। ଜବତ ବ୍ରାଉନ୍ ସୁଗାରର ବଜାର ଦର ୨ ଲକ୍ଷ ଟଙ୍କା ହେବ।

## ବେଳାଭୂମିରେ ଚା’ ବିକୁଛନ୍ତି ଆମେରିକୀୟ ନାଗରିକ



**ପୁରୀ(ବ୍ୟୁରୋ):** ପୁରୀ ବୁଲିବାକୁ ଆସିଥିଲେ, ହେଲେ ସରିଗଲା ପଇସା। ଶେଷ ବେଳାଭୂମିରେ ଆରମ୍ଭ କଲେ ଚା’ ବ୍ୟବସାୟ। ଦେଶୀ ବିଦେଶୀଙ୍କୁ ଡାକି ଡାକି ବିକୁଛନ୍ତି ମସଲା ଚା’। ଏଭଳି ଏକ ନିଆରା ଦୃଶ୍ୟ ଦେଖିବାକୁ ପୁରୀ ପେଣ୍ଠକଟା ବେଳଭୂମିରେ ଲାଗିଛି ଭିଡ଼। ପୁରୀରେ ଚା’ ପସରା ଖୋଲିଛନ୍ତି ଆମେରିକୀୟ ନାଗରିକ। ଆମେରିକାରୁ ପୁରୀ ଭ୍ରମଣରେ ଆସିଥିବା ଜନ୍ ପୁରୀ ପେଣ୍ଠକଟା ବେଳାଭୂମି ନିକଟରେ ଚା’ ବ୍ୟବସାୟ କରୁଛନ୍ତି। ତାଙ୍କ ପାଖରେ ଥିବା ଟଙ୍କା ସରିଯିବାରୁ ବନ୍ଧୁଙ୍କ ପରାମର୍ଶକ୍ରମେ ସେ ଚା’ ବିକ୍ରି କରିବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି। ବିଦେଶୀଙ୍କ ହାତରୁ ଚା’ ପିଇବାକୁ ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛୁ। ଚା’ କପ୍ ପିଛା ୫ ଟଙ୍କା ଓ ୧୦ ଟଙ୍କା ମୂଲ୍ୟ ରହିଛି।

# ଶନିବାର ଶ୍ରୀବିଗ୍ରହଙ୍କ ଗଜୋଦ୍ଧାରଣ ବେଶ



**ପୁରୀ(ବ୍ୟୁରୋ):** ଆସନ୍ତା ୨୪ ତାରିଖ ଶନିବାର ପବିତ୍ର ମାଘ ପୂର୍ଣ୍ଣମୀ ଅବସରରେ ଶ୍ରୀମନ୍ଦିରରେ ଅନୁଷ୍ଠିତ ହେବ ଶ୍ରୀବିଗ୍ରହଙ୍କ ଗଜୋଦ୍ଧାରଣ ବେଶ। ମହାପ୍ରଭୁ ଶ୍ରୀଜଗନ୍ନାଥ ଚର୍ତୁଭୁଜ ହୋଇ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣ କରିବେ। ଗରୁଡ଼ ଉପରେ ବସିବା ଭଙ୍ଗୀରେ ଲକ୍ଷ୍ମୀ ପ୍ରତିମାଙ୍କୁ କୋଳରେ ଧାରଣ କରିଥିବେ। ଠାକୁରଙ୍କ ସମୀପରେ ଦୁଇଟି ହାତୀ ଶୁଣ୍ଢରେ ପଦ୍ମକଢ଼ି ଧରି ଦଣ୍ଡାୟମାନ ରହିଥିବେ। ସିଂହାସନ ତଳକୁ ହାତୀ ଓ କୁମ୍ଭୀର ସଜ୍ଜା ହୋଇଥିବେ। କୁମ୍ଭୀର ହାତୀକୁ ଆକ୍ରମଣ କରିଥିବ। ଗଜରାଜ ଉଦ୍ଧାର ପାଇଁ ଭଗବାନଙ୍କ ଶରଣ ପଶିବା ଭଙ୍ଗୀରେ ଥିବେ। ଶ୍ରୀବଳଭଦ୍ର ଶଙ୍ଖ, ଚକ୍ର, ହଳ ଓ ମୂଷଳ ଧାରଣ କରି ବାସୁଦେବଙ୍କ ରୂପରେ ବିଜେ ହେବେ। ଦେବୀ ସୁଭଦ୍ରା ଶ୍ରୀକୃଷ୍ଣଙ୍କ ସଦୃଶ ପାଦଛନ୍ଦି ଏକ ପଦ୍ମ କଢ଼ଧରି ଦଣ୍ଡାୟମାନ ଥିବେ। ବଡ଼ ମନଲୋଭା ଶ୍ରୀବିଗ୍ରହଙ୍କ ଏହି ବେଶ।

ଏଣୁ ଶ୍ରୀମନ୍ଦିର ନୀଳାଦ୍ରି ମ୍ୟୁଜିୟମ୍‌ରେ ଚାଲିଛି ଠାକୁରଙ୍କ ବେଶ ପ୍ରସ୍ତୁତି। ସୋଲ, ଜରି, ଜମ୍ବୁରା, କନା, କଇଁଥ ଅଠାରେ କୁଶଳୀ କାରିଗରଙ୍କ ଦ୍ୱାରା ନିର୍ମିତ ଚୂଳ, କିରିଟ, କୁଣ୍ଡଳ, ସୂର୍ଯ୍ୟ, ଚନ୍ଦ୍ର, ହତା, ବାଜୁବନ୍ଧ, ହାତଫେର, ଆୟୁଧ, ଶଙ୍ଖ, ଚକ୍ର, ଗଦା, ପଦ୍ମ, ହଳ, ମୂଷଳ, ବାଙ୍କି, ପାହୁଡ଼, ଗୋଡଖଡ଼ୁ, ହାତମାଳ, ନାକଚଣା, ପଦ୍ମକଢ଼ି ଆଦି ଅଳଙ୍କାର ସବୁ ଠାକୁର ଲାଗି ହେବେ। ଦୟଣା ମାଳି ସେବକ ବସନ୍ତ କୁମାର ରଣାଙ୍କ ତତ୍ତ୍ୱାବଧାନରେ ୫ ଜଣ କାରିଗରଙ୍କ ସମେତ ଦର୍ଜୀ ଓ ଚିତ୍ରକର ସେବକ ଠାକୁରଙ୍କ କାର୍ଯ୍ୟରେ ଲାଗିଛନ୍ତି। ଠାକୁରଙ୍କ ଶ୍ରୀହସ୍ତ ପଦ ବେଶଭୂଷା ଓ ଅଳଙ୍କାର ଆଦି ଶେଷ ହେବା ଉପରେ। ଦୟଣା ମାଳି ସେବାୟତ ଶ୍ରୀ ରଣାଙ୍କ ସମେତ ସତ୍ୟନାରାୟଣ ବେହେରା, ସନ୍ତୋଷ ମିଶ୍ର, ଗୋପାଳ ମହାପାତ୍ର, ରଘୁନାଥ ବେହେରା, ଚିତ୍ରକର ସେବକ ଦେବରାଜ ମହାରଣା ଓ ରତୁରାଜ ମହାରଣା ଓ ଦର୍ଜୀ ଲୋକନାଥ ମହାପାତ୍ର ପ୍ରମୁଖ ବେଶ ପ୍ରସ୍ତୁତିରେ ଲାଗିଛନ୍ତି। ଗଜୋଦ୍ଧାରଣ ବେଶରେ ଦେଖି ଭକ୍ତମାନେ ଧନ୍ୟ ହେବେ।

ପୁରାଣ ଯୁଗର କଥା ଅନୁସାରେ, ବରୁଣ ହ୍ରଦରେ ଗଜରାଜ ସ୍ନାନ କରୁଥିବା ସମୟରେ କୁମ୍ଭୀର ଆକ୍ରମଣ କରିଥିଲା। କ୍ଷତବିକ୍ଷତ ଅବସ୍ଥାରେ ଗଜରାଜ ବିକଳ ହୋଇ ଉଦ୍ଧାର ପାଇଁ ଭଗବାନଙ୍କୁ ପ୍ରାର୍ଥନା କରିଥିଲେ। ଠାକୁରେ ଭକ୍ତର ଡାକଶୁଣି କୁମ୍ଭୀର କବଳରୁ

### ବଡ଼ଦେଉଳ ନୀଳାଦ୍ରି ମ୍ୟୁଜିୟମ୍‌ରେ ଚାଲିଛି ପ୍ରସ୍ତୁତି

ଗଜରାଜକୁ ଉଦ୍ଧାର କରିଥିଲେ। ଏହି କଥାବସ୍ତୁ ଆଧାରରେ ଶହ ଶହ ବର୍ଷ ଧରି ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଏହି ବେଶ ଅନୁଷ୍ଠିତ ହୋଇଆସୁଛି। ପୂର୍ବରୁ ମହାରାଣୀ ଓ ପରେ ଜଜମାନମାନେ ଠାକୁରଙ୍କ ଏହି ବେଶରେ ଦାୟିତ୍ୱ ନେଉଥିଲେ। ୧୯୭୯ ମସିହାରୁ ଶ୍ରୀମନ୍ଦିର ପ୍ରଶାସନ ତତ୍ତ୍ୱାବଧାନରେ ମହାପ୍ରଭୁଙ୍କ ବେଶ ଅନୁଷ୍ଠିତ ହେଉଛି। ପୂର୍ଣ୍ଣମୀରେ ପ୍ରସ୍ତୁତକାରୀ ବେଶ ନେଇ ପୁଷ୍ପାଳକ ସେବକଙ୍କ ଜିମା ଦେବେ। ମଧ୍ୟାହ୍ନ ଧୂପ ପରେ ଠାକୁରଙ୍କ ବେଶ ଆରମ୍ଭ ହେବ। ବେଶରେ ଥାଇ ଠାକୁରଙ୍କୁ ସନ୍ଧ୍ୟାଧୂପରେ



କ୍ଷୀରି ଓ ଅମାଲୁ ଭୋଗ ଅର୍ପଣ କରାଯିବ। ଭିତରଛ, ତଳିଛ, ପାଳିଆ ପୁଷ୍ପାଳକ, ଖୁଣ୍ଟିଆ ଓ ମେକାପ ଆଦି ସେବକଙ୍କ ସହଯୋଗରେ ବେଶ ସମ୍ପନ୍ନ ହେବ। ମହାପ୍ରଭୁଙ୍କୁ

## ବଡ଼ଦାଣ୍ଡରେ ମିଳୁନି ଖଜା, ଶ୍ରଦ୍ଧାଳୁ ନିରାଶ



**ପୁରୀ(ବ୍ୟୁରୋ):** ବଡଦାଣ୍ଡରେ ମିଳୁନି ଆଉ ସୁସ୍ୱାଦୁ ଖଜା। ଖଜା ଘରକୁ ନେବା ଲାଗି ଶ୍ରଦ୍ଧାଳୁ ମାନେ ଏଣେତେଣେ ବୁଲି କଲବଲ ହେଉଛନ୍ତି। ଏପରିକି ସେମାନେ କେଉଁଠାରୁ ଭଲ ଖଜା ପାଇବେ ତାହାକୁ ନେଇ ଚିନ୍ତା ପ୍ରକଟ କରୁଛନ୍ତି। ଗତ କିଛି ସପ୍ତାହ ହେବ ବଡଦାଣ୍ଡରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ମହାପ୍ରଭୁଙ୍କୁ ଦର୍ଶନ ଲାଗି ପୁରୀରେ ସବୁବେଳେ ଶ୍ରଦ୍ଧାଳୁଙ୍କ ଭିଡ଼ ଥାଏ। ଶ୍ରୀଜିଉଙ୍କ ଦର୍ଶନ କରିବା ପରେ ଶ୍ରଦ୍ଧାଳୁମାନେ ନିଜ ପରିବାର ଓ ବନ୍ଧୁବାନ୍ଧବଙ୍କ ପାଇଁ ଖଜା ନେବାକୁ ଖୋଜିଥାନ୍ତି ହେଲେ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପୂର୍ବରୁ ବଡ଼ଦାଣ୍ଡକୁ ଉଠାଦୋକାନୀ ମୁକ୍ତ କରିଥିଲା ପ୍ରଶାସନ। ସେବେ ଠାରୁ ବଡ଼ଦାଣ୍ଡରେ ଆଉ ଖଜା ଦୋକାନ ଦେଖିବାକୁ ମିଳୁନାହିଁ ।



ଯାଜପୁରରୁ ଆସିଥିବା ଜଣେ ଭକ୍ତ ଚକ୍ରଧର ପ୍ରତିହାରୀଙ୍କ କହିବା ଅନୁସାରେ ପୂର୍ବରୁ ପୁରୀକୁ ଆସିଲେ ବିଭିନ୍ନ ପ୍ରକାର ଖଜା ବଡଦାଣ୍ଡରୁ ନେଇଥାଉ କିନ୍ତୁ ଏବେ ଏଠି ଖଜା ମିଳୁନାହିଁ । ବଡ ଦାଣ୍ଡରେ ଆଉ ଦୋକାନ ବି ଦେଖିବାକୁ ମିଳୁନାହିଁ । ତେବେ କେଉଁଠାରେ ଏହି ଖଜା ମିଳିବ ତାହା ଜଣାପଡୁନି। ମୁଁ ଏକୁଟିଆ ନୁହେଁ ମୋ’ ଭଳି ଅନେକ ଲୋକ ନିରାଶରେ ଫେରୁଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପରେ ଶ୍ରଦ୍ଧାଳୁଙ୍କ ବେଶୀ ଭିଡ ଜମୁଛି ବଡଦାଣ୍ଡରେ। ସେହିପରି ରାଜ୍ୟ ସରକାର ପ୍ରତ୍ୟେକ ଦିନ ୧୦ହଜାର ଶ୍ରଦ୍ଧାଳଙ୍କୁ ପୁରୀ ଆଣୁଛନ୍ତି। ସେମାନେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ପରିକ୍ରମା ପ୍ରକଳ୍ପ ପ୍ରଦକ୍ଷିଣ କରୁଛନ୍ତି। ନରେଶ ମହାନ୍ତି ନାମକ ଜଣେ ଶ୍ରଦ୍ଧାଳୁ କହିଛନ୍ତି, ପୁରୀର ଖଜାର ସ୍ୱତନ୍ତ୍ରତା ରହିଛି। ଶ୍ରଦ୍ଧାଳୁଙ୍କ ନିମନ୍ତେ ଏକ ସ୍ଥାନରେ ଖଜା ଦୋକାନ ଖୋଲିବା ଆବଶ୍ୟକ। ଫଳରେ ଶ୍ରଦ୍ଧାଳୁ ମାନେ କଲବଲ ନହୋଇ ସୁବିଧାରେ ଖଜା ପାଇପାରନ୍ତେ। ଏ ସମ୍ପର୍କରେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ କୁହନ୍ତି, ଖଜା ବ୍ୟବସାୟ ମାନଙ୍କୁ ବସିବା ଲାଗି କୌଣସି ଚିନ୍ତା କରାଯାଇନାହିଁ । ସେ ନେଇ ଜିଲ୍ଲାର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିବା ପରେ ନିଷ୍ପତ୍ତି ଗ୍ରହଣ କରାଯିବ। ସୂଚନାଥାଉକି, ସିଂହଦ୍ୱାରଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ବଡଦାଣ୍ଡର ଉଭୟ ପାର୍ଶ୍ୱରେ ରହିଥିବା ସମସ୍ତ ଉଠାଦୋକାନୀକୁ ଉଚ୍ଛେଦ କରାଯାଇଥିଲା। ଏପରିକି ସେମାନଙ୍କୁ ମଧ୍ୟ ପ୍ରଶାସନ ପକ୍ଷରୁ କ୍ଷତିପୂରଣ ରାଶି ପ୍ରଦାନ କରାଯାଇଥିଲା। ଉଚ୍ଛେଦ ପରେ ବଡଦାଣ୍ଡର ଖଜା ବ୍ୟବସାୟୀମାନେ ବିଭିନ୍ନ ଗଳିକନ୍ଦି ଓ ବାଟମଙ୍ଗଳା ନିକଟସ୍ଥ ରାସ୍ତା ଉପରେ ବ୍ୟବସାୟ କରୁଥିବା ଦେଖିବାକୁ ମିଳୁଛି। ହେଲେ ପର୍ଯ୍ୟଟକମାନେ ତାହା ଜାଣି ପାରୁନାହାନ୍ତି ।



## ବ୍ୟବସାୟିକ ସହର

# ଇନ୍ଦୋର

ମଧ୍ୟପ୍ରଦେଶର ବ୍ୟବସାୟିକ ରାଜଧାନୀ ହେଉଛି ଇନ୍ଦୋର। ୧୭୧୫ ରେ ମରାଠା ଶାସକଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିବା ଏହି ସହରରେ ଏବେ ବି ପୁରାତନ ଓ ଆଧୁନିକତାର ସମ୍ମିଶ୍ରଣ ଦେଖିବାକୁ ମିଳେ। ଏହା ଏକ ଔଦ୍ୟୋଗିକ ସହରର ହୋଇଥିବାରୁ ଏଠାରେ ୫୦୦୦ ରୁ ଅଧିକ ଛୋଟ ବଡ ଉଦ୍ୟୋଗ ରହିଛି। ଏହି ସହର ମଧ୍ୟପ୍ରଦେଶରେ ସବୁଠାରୁ ଅଧିକ ରେଭିନ୍ୟୁ ଦେଇଥାଏ। ସେଥିପାଇଁ ଇନ୍ଦୋରକୁ ଦେଇଥାଏ। ସେଥିପାଇଁ ଇନ୍ଦୋରକୁ ଦେଇଥାଏ। ସେଥିପାଇଁ ଇନ୍ଦୋରକୁ ମଧ୍ୟପ୍ରଦେଶର ହାର୍ଟ ବୋଲି କୁହାଯାଇଥାଏ। ଏଠାରେ ଥିବା ନଦୀ, ହ୍ରଦ ଓ ପଠାରରମନୋରମ ଦୃଶ୍ୟ ଯେ କୌଣସି ପର୍ଯ୍ୟଟକଙ୍କ ମନକୁ ବିମୋହିତ କରିନେବ। ଏହାର ଅଦ୍ଭୁତ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ବାସ୍ତୁକଳା ସବୁବେଳେ ପର୍ଯ୍ୟଟକଙ୍କୁ ଏଠାକୁ ଆସିବାକୁ ସବୁବେଳେ ପର୍ଯ୍ୟଟକଙ୍କୁ ଏଠାକୁ ଆସିବାକୁ ସବୁବେଳେ ପର୍ଯ୍ୟଟକଙ୍କୁ ଏଠାକୁ ଆସିବାକୁ ଆକର୍ଷିତ କରିଛି। ତା ଛଡା ଏଠାକାର ଜଳବାୟୁ ଦେଶର ଅନ୍ୟ ସହରର ଗୁଡିକ ତୁଳନାରେ ସ୍ଥିର ରହିଥାଏ।

### କଣ ଦେଖିବେ ?

ଏହି ସହରରେ ଦୁଇଟି ନଦୀ ରହିଛି । ତାହା ହେଲା ସରସ୍ୱତୀ ଓ ଖାନ୍ ନଦୀ। ଏଠାରେ ରହିଛି ୧୮୦୦ ଶତାବ୍ଦୀରେ ନିର୍ମିତ ଇନ୍ଦ୍ରେଶ୍ୱରଙ୍କ ମନ୍ଦିର। ତେଣୁ ଏହି ମନ୍ଦିରର ନାମ ଅନୁଯାୟୀ ସହରର ନାମ ଇନ୍ଦୋର ରଖାଯାଇଛି। ଇନ୍ଦୋରକୁ ଏକ ସ୍ୱତନ୍ତ୍ର ପରିଚୟ ଦେବାରେ ହୋଲକର ରାଜବଂଶର ଭୂମିକା ରହିଥିଲା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏଠାରେ ଦେଖିବାକୁ ପାଇବେ ଅନେକ ପୁରାତନ ଓ ସୁନ୍ଦର ମହଲ, ମନ୍ଦିର ଓ ବିଭିନ୍ନ ସ୍ମାରକୀ। ସେଥିପାଇଁ ଭାରତର ସର୍ବାଧିକ ଲୋକପ୍ରିୟ ପର୍ଯ୍ୟଟକ ସ୍ଥାନ ଗୁଡିକଭିତରେ ଇନ୍ଦୋରର ରହିଛି ବେଶ୍ ପରିଚିତି। ଇନ୍ଦୋର ଯିବା ବେଳେ ଦେଖିବାକୁ ପାଇବେ ଅନ୍ନପୂର୍ଣ୍ଣା ମନ୍ଦିର, ଛତ୍ରୀ ବାଗ୍, କାଚ ମନ୍ଦିର,ଗୀତା ଭବନ, ମେଘଦୂତ ଉପବନ, ମହାତ୍ମାଗାନ୍ଧି ହଲ, ପାତାଳପାଣି,ରାଜୱାଡା ପ୍ୟାଲେସ୍, ଲାଲ ବାଗ୍ ପ୍ୟାଲେସ୍, ବଡା ଗଣପତି, ବାପନ୍ନା ଷ୍ଟାଚ୍ୟୁ, ସେଣ୍ଟ୍ରାଲ ମ୍ୟୁଜିୟମ, ଗୋମାଟଗିରି, ଖଜରାନା ଗଣେଷ ମନ୍ଦିର,ରବିନ୍ଦ୍ର ନାଟ୍ୟ ଗୃହ. ଅନ୍ନପୂର୍ଣ୍ଣା ମନ୍ଦିର, ବୈଷ୍ଣଭ ଧାମ ଓ ସିରିପୁର ହ୍ରଦ।

### ରାଜୱାଡା ପ୍ୟାଲେସ୍

ଏହା ହେଉଛି ଇନ୍ଦୋରର ମୁଖ୍ୟ ଆକର୍ଷଣ। ଏଠାରେ ହୋଲକର ରାଜବଂଶର ଶାସକ ରହୁଥିଲେ। ଏହି ମହଲର ନିର୍ମାଣ ୨୦୦ ବର୍ଷ ପୂର୍ବେ ହୋଇଥିଲା। ହେଲେ ଆଜି ବି ଏହି ମହଲ ପର୍ଯ୍ୟଟକଙ୍କୁ ଖୁବ୍‌ଭଲ ଲାଗେ। ଏହି ମହଲର ବାସ୍ତୁକଳା,ଫ୍ରେଞ୍ଚ,ମରାଠା ଓ ମୋଗଲ ଶୈଳିରେ ନିର୍ମିତ। ଏହି ପ୍ୟାଲେସ୍ ସହରର ଠିକ୍ ମଝିରେ ରହିଛି।

ଏହାର ପ୍ରବେଶ ଦ୍ୱାର ଦେଖିବାକୁ ଖୁବ୍ ସୁନ୍ଦର। ସମ୍ପୂର୍ଣ୍ଣ ମହଲଟି କାଠ ଓ ପଥରରେ ତିଆରି ହୋଇଛି। ବଡ ବଡ ଝରକା, ବାଲକୋନି ଓଘର ହୋଲକର ଶାସକଙ୍କ ଭବ୍ୟତାକୁ ଦର୍ଶାଇଥାଏ। କାଚ ମନ୍ଦିର ଏହା ହେଉଛି ଇନ୍ଦୋରର ଏକ ଭବ୍ୟ ମନ୍ଦିର। ଏହି ମନ୍ଦିରକୁ ଧଳାରଙ୍ଗର ପଥରେ ତିଆରି କରାଯାଇଛି। ମନ୍ଦିର ଭିତର ଭାଗ ସମ୍ପୂର୍ଣ୍ଣଭାବରେ କାଚରେ ତିଆରି କରାଯାଇଛି। ଏହା ଏକ ଜୈନ ମନ୍ଦିରହୋଇଥିବା ବେଳେ ତାକୁ ୨୦ ତମ ଶତାବ୍ଦୀରେ ନିର୍ମିତ କରାଯାଇଛି।ଏହାକୁ ଜଣେ କପା ବ୍ୟବସାୟୀ ହୁକମଚାନ୍ଦ ତିଆରି କରିଥିଲେ। ମନ୍ଦିରର ଭିତରର ସହିତ ଛାତ,ଖମ୍ବ, ଚଟାଣ ଓ କାନ୍ଥ ମଧ କାଚରେ ତିଆରି ହୋଇଛି। ମନ୍ଦିରର ଭିତରେ ଭଗବାନ ମହାବୀର ଓ ତୀର୍ଥକାରଙ୍କ ମୂର୍ତ୍ତୀ ଲଗାଯାଇଛି।

### ଗୀତା ଭବନ

ଏହା ବାସ୍ତବରେ ଏକ ମନ୍ଦିର। ଏହି ମନ୍ଦିରର ବିଶେଷତ୍ୱ ହେଉଛିଯେ ଏଠାରେ ଯେ କୌଣସି ଧର୍ମ, ସମ୍ପ୍ରଦାୟ କିମ୍ବା ଜାତିର ଲୋକେ ଯାଇପାରିବେ। ଏଠାରେ ବିଭିନ୍ନ ଧର୍ମର ଲୋକ ଏକାଠି ହୋଇଥାନ୍ତି।ଏହା ଭିତରେ ରହିଛି ମହାଭାରତ, ରାମାୟଣ ଭଳି ମହାକାବ୍ୟର ପେଣ୍ଟିଂ। ଏଠାରେ ଶ୍ରାଇନ୍ ପ୍ରବଚନକୁ ଅଧିକ ମହତ୍ୱ ଦିଆଯାଇଥାଏ।

### ମେଘଦୂତ ଉପବନ

ଏହା ହେଉଛି ଇନ୍ଦୋରର ସବୁ ପାର୍କ ଗୁଡିକ ଠାରୁ ବହୁତ ବଡ ଓ ଲୋକପ୍ରିୟ। ଏଠାରେ ସ୍ଥାନୀୟ ଲୋକଙ୍କ ସହିତ ପର୍ଯ୍ୟଟକଙ୍କ ଭିଡ ଦେଖିବାକୁ ମିଳିଥିଲା। ଏହି ପାର୍କରେ ସପ୍ତାହର ସବୁଦିନ ଗହଳି ଲାଗି ରହିଥାଏ। ଛୁଟି ଦିନରେ ଏଠାରେ ଆହୁରି ଅଧିକ ଭିଡ ଲାଗିଯାଇଥାଏ।ପାର୍କ ଭିତରେ ରହିଛି ସୁନ୍ଦର ଲନ୍, ସୁସଜିତ ୱାଟର ଫାଉଣ୍ଟେନ୍ ଭଳିଅନେକ ଜିନିଷ।

### ପାତାଳପାଣି



ଇନ୍ଦୋର ଠାରୁ ୩୬ କି.ମି ଦୂରରେ ରହିଛି ପାତାଳପାଣି ଝରଣା।ଏହି ଝରଣା ୩୦୦ ଫୁଟ୍ ଉଚ୍ଚତାରେ ରହିଛି। କିନ୍ତୁ ଏହି ଝରଣାର ଗଭୀରତା ବିଷୟରେ କେହି ଜାଣନ୍ତି ନାହିଁ। ଲୋକମାନଙ୍କର ବିଶ୍ୱାସରହିଛି ଏହି ଝରଣା ପାତାଳ ପର୍ଯ୍ୟନ୍ତ ଯାଇଛି। ତେଣୁ ଏହାକୁ ପାତାଳପାଣି ବୋଲି ନାମକରଣ କରାଯାଇଛି। ଖରାଦିନେ ଛୁଟି କାଟିବାକୁ ଏଠାରେ ଲାଗିଥାଏ ଭିଡ।

### କେମିତି ଯିବେ ?

ଇନ୍ଦୋରକୁ ବିମାନ ଯୋଗେ ଓ ଟ୍ରେନ ଯୋଗେ ଯିବାର ସୁବିଧା ରହିଛି। ତେଣୁ ଏଠାରେ ପହଁଞ୍ଚିବାର କୌଣସି ଅସୁବିଧା ନାହିଁ।

### କେଉଁଠି ରହିବେ ?

ଏଠାରେ ରହିଛି ସମସ୍ତଙ୍କ ବଜେଟକୁ ସୁହାଇଲା ଭଳି ଛୋଟ ଓ ବଡ ହୋଟେଲ। ତେଣୁ ଚାହିଁଲେ ଏହି ସବୁ ସ୍ଥାନରେ ରହିପାରିବେ। ତାହା ହେଲା ହୋଟେଲ ସିଲଭର ସେଡ୍, ହୋଟେଲ ପାରାଡ଼ାଇଜ୍, ଫର୍ଚୁନ ଲ୍ୟାଣ୍ଡମାର୍କ, ଲେମନ୍ ଟ୍ରି ହୋଟେଲ ଓ ହୋଟେଲ ମଙ୍ଗଲସିଟି ଭଳି ଅନେକ ରହିଛି।

## ମିନି ସ୍ୱିଜରଲାଣ୍ଡ

# ଖଜିୟାର

**ହିମାଚଳ ପ୍ରଦେଶର ଡଲହୋଜି ଠାରୁ ୨୬ କିଲୋମିଟର ଦୂରରେ ରହିଛି ପ୍ରସିଦ୍ଧ ହିଲ୍‌ଷ୍ଟେସନ ଖଜିୟାର। ହିମାଳୟର ପାହାଡ଼ିଆ ଅ ଳରେ ଥିବା ଏହି ହିଲଷ୍ଟେସନକୁ ହିମାଚଳ ପ୍ରଦେଶର ମିନି ସ୍ୱିଜରଲାଣ୍ଡ ବୋଲି କୁହାଯାଏ। ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ଏଠାକାର ସବୁଜିମା ଓ ମନୋମୁଗ୍ଧକର ଦୃଶ୍ୟରାଜିକୁ ଦେଖି କ୍ଷଣିକେ ମୋହିତ ହୋଇପଡ଼ନ୍ତି।**

ଭୂମି ପ ନ ଠାରୁ ୬୫୦୦ ଫୁଟ ଉଚ୍ଚତାରେ ରହିଥିବା ଏହି ହିଲ୍‌ଷ୍ଟେସନଟି ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର। ଏହାର ଚର୍ତୁପାର୍ଶ୍ୱରେ ବିସ୍ତାରୀତ ବିସ୍ତୀର୍ଣ୍ଣ ସବୁଜିମା ଓ ଘନ ଜଙ୍ଗଲ ଏହି ସ୍ଥାନଟିକୁ ଅଧିକ ଆକର୍ଷଣୀୟ କରି ପକାଇଥାଏ। ବରଫରେ ଢଙ୍କା ହିମାଳୟ ଶୃଙ୍ଗର ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଏଠାକୁ ଆସିବାକୁ ସର୍ବଦା ପ୍ରେରିତ କରିଥାଏ। ଖଜ୍ଜିୟାର ଝରଣା ଓ କ୍ୟାମେରା ଝରଣା ଖଜ୍ଜିୟାରକୁ ଅଧିକ ସୁନ୍ଦର କରାଇଥାଏ। ଏହାର ମନମୋହକ ଓ ରମଣୀୟ ସୌନ୍ଦର୍ଯ୍ୟ କାରଣରୁ ଏହାକୁ ହିମାଚଳର ଗୁଲମର୍ଗ ବୋଲି ମଧ କୁହାଯାଏ।

ଖଜ୍ଜିୟାରର ଅନୁପମ ସୌନ୍ଦର୍ଯ୍ୟ ହିଁ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ନିଜ ଆଡ଼କୁ ଆକର୍ଷିତ କରିଥାଏ। ଏଠାକାର ସୌନ୍ଦର୍ଯ୍ୟ ସୁଇଜରଲାଣ୍ଡକୁ ମନେ ପକାଇଥାଏ। ୧୯୯୨ରେ ବିଲି ବ୍ଲେଜର ଓ ସୁଇଜର ଲାଣ୍ଡର ଭାଇସ୍ ଚାନ୍‌ସେଲର ଏହାକୁ ମିନି ସୁଇଜରଲାଣ୍ଡର ଆଖ୍ୟା ଦେଇଥିଲେ। ବିଶ୍ୱର ୧୬୦ଟି ସ୍ଥାନମଧରୁ ଖଜ୍ଜିଆର ଓ ସୁଇଜରଲାଣ୍ଡରେ ଉଷ୍ମ କଟୀବନ୍ଧୀୟ ସମାନତା ଦେଖିବାକୁ ମିଳିଥାଏ।

ଖଜ୍ଜିୟାର ଟ୍ରେକର୍ସ ପାଇଁ ମଧ ଏକ ଉ ମ ସ୍ଥାନ ଭାବେ ବିବେଚିତ। ଏପ୍ରିଲ-ମେ ସମୟରେ ଏଠାରେ ପ୍ରସିଦ୍ଧ ଆକ୍ଟିଭିଟି ଜୋରବିଂର ଆୟୋଜନ କରାଯାଏ। ଖଜ୍ଜିୟାରର କେଲାଟପ୍ ସା ୁରୀ ହେଉଛି ପ୍ରକୃତି ପ୍ରେମୀ ଓ ୱାଇଲ୍ଡଲାଇଫ୍ ଫଟୋଗ୍ରାଫରଙ୍କର ପସନ୍ଦଯୁକ୍ତ ସ୍ଥାନ। ଏଠାରେ ବିଭିନ୍ନ ପ୍ରକାରର ଗଛଲତା ଓ ବିଭିନ୍ନ ପ୍ରକାର ବନ୍ୟଜୀବ ଦେଖିବାକୁ ମିଳନ୍ତି।

ଖଜ୍ଜିଆରର ଇତିହାସ ସଂପର୍କରେତ ବେଶୀ କିଛି କୁହାଯାଇପାରେନା, କିନ୍ତୁ ଏଠାକାର ମନ୍ଦିର ୧୨୦୦ ଶତାବ୍ଦୀକୁ ମନେପକାଇଥାଏ। ଏହି ମନ୍ଦିର ଆଜିବି ପୂର୍ବଭଳି ଖଜ୍ଜିୟାରରେ ନିଜର ଯାଦୁ କାୟମ ରଖିବାରେ ସକ୍ଷମ ହୋଇପାରିଛି। ଖାଜୀ ନାଗା ମନ୍ଦିର ଏହି ମନ୍ଦିରମଧରୁ ଅନ୍ୟତମ।

ଖଜ୍ଜିୟାର ଝରଣା ଏଠାକାର ସବୁଠୁ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଭାବେ ବିବେଚିତ। ପାଣିର ଅନେକ ଧାରା ଏହି ଝରଣାକୁ ଭରିଥାଏ। ଏହାର ଚତୁର୍ପାର୍ଶ୍ୱରେ ଦେବଦାରୁ ଜଙ୍ଗଲ ଓ ପାହାଡ଼ ଘେରା ହୋଇ ରହିଥିବାରୁ ଏହା ପିକ୍‌ନିକ୍ ସ୍ଥଳୀ ପାଇଁ ଉପଯୁକ୍ତ ଭାବେ ବିବେଚନା କରାଯାଇଥାଏ।

ଖାଜୀ ନାଗା ମନ୍ଦିରକୁ ଗୋଲ୍ଡେନ୍ ନାଗା ମନ୍ଦିର ବୋଲି ମଧ କୁହାଯାଏ। ଗମ୍ବୁଜ ସଦୃଶ ଏହି ମନ୍ଦିରଟି ଏଠାକାର ସବୁଠୁ ପବିତ୍ର ଓ ମୁଖ୍ୟ ମନ୍ଦିର ଭାବେ ବିବେଚନା କରାଯାଇଥାଏ। ୧୨୦୦ଶତାବ୍ଦୀର ଏହି ମନ୍ଦିରରେ ପାଣ୍ଡବ ଓ କୌରବଙ୍କର ଛାୟା ଦେଖିବାକୁ ମିଳିଥିଲା।

କ୍ୟାମେରା ଝରଣା - ରାବି ନଦୀ ଉପରେ କ୍ୟାମେରା ବନ୍ଧରେ ରହିଥିବା ଏହା ଏକ କୃତ୍ରିମ ଝରଣା ଅଟେ। ୮୯୨ ମିଟର ଉଚ୍ଚତା ଉପରେ ରହିଥିବା ଏହି ଝରଣାଟି ଏକ ସୁନ୍ଦର ପିକ୍‌ନିକ୍ ସ୍ଥଳୀ। କାଲାଟପ୍ ଖଜ୍ଜିଆର ସା ୁରୀ ଘନ ଝାଉଁ ଓ ପାଇନ୍ ବୃକ୍ଷରେ ଭରା ଏକ ସ୍ଥାନ ଅଟେ। ହିମାଳୟନ୍ ବ୍ଲାକ୍ , ମାର୍‌ଟେନ୍, ବିୟର, ବାର୍କିଂ, ଗୋରଲ, ବ୍ଲାକ୍ ଲଙ୍ଗୁର ଏହି ଅଭୟାରଣ୍ୟର ମୁଖ୍ୟ ଆକର୍ଷଣ।

ଖଜ୍ଜିଆରର ଆଖପାଖରେ ବି ଆପଣ ଚାହିଁଲେ ବୁଲି ଦେଖିପାରିବେ। ଏଠାରୁ ୨୬ କିଲୋମିଟର ଦୂରରେ ରହିଛି ଡ଼ଲହୋଜି, ଯାହାକୁକି ଏକ ସୁନ୍ଦର ଭାଷାରେ ବର୍ଣ୍ଣନା କରାଯାଇପାରେ। ଖଜ୍ଜିୟାର ଠାରୁ ୩୦ କିଲୋମିଟର ଦୂରରେ ରହିଛି ଚମ୍ବା। ଏହି ସ୍ଥାନଟି ନିଜର ମନ୍ଦିର ଓ ପାହାଡ଼ି ଚିତ୍ରକଳା ପାଇଁ ଖାସ୍ ଅଟେ।

ଖଜ୍ଜିୟାରକୁ ଯିବା ପାଇଁ ପ୍ରକୃଷ୍ଟ ସମୟ ହେଲା ମାର୍ଚ୍ଚରୁ ଅକ୍ଟୋବର। ଏହାର ନିକଟତମ ବିମାନ ଘାଟି, ଯାହାକି ୧୨୨ କିଲୋମିଟର ଦୂରରେ ଥିବା ଧର୍ମଶାଳାର ଗଗଲ ବିମାନଘାଟି। ୧୧୮ କିଲୋମିଟର ଦୂରରେ ରହିଛି ପଠାନକୋଟ ନିକଟସ୍ଥ ରେଲୱେ ଷ୍ଟେସନ। ତେବେ ସଡ଼କ ପଥ ଖଜ୍ଜିୟାର ଯିବା ପାଇଁ ସବୁଠୁ ବଢିଆ ବିକଳ୍ପ ଅଟେ। ତେଣୁ ଆପଣ ନିଜର ପକେଟକୁ ସୁହାଇବା ଭଳି ପଇସା ଖର୍ଚ୍ଚ କରି ଯେଉଁଥିରେବି ଯାଇପାରିବେ।



## ଶିଖ୍ ତୀର୍ଥ





# ଅମୃତସର



**ସମଗ୍ର ବିଶ୍ୱରେ ସ୍ୱର୍ଣ୍ଣମନ୍ଦିର କାରଣରୁ ଏକ ଭିନ୍ନ ପରିଚୟ ଲାଭ କରିପାରିଛି ଅମୃତସର। କୁହାଯାଏ ଏହି ସ୍ୱର୍ଣ୍ଣ ମନ୍ଦିର ଆଜିବି ଶିଖ୍ ମାନଙ୍କର ବହୁ ପୁରାତନ ଇତିହାସ ଓ ସଂସ୍କୃତିକୁ ସତେଜ କରାଇଥାଏ। ପାକିସ୍ତାନରୁ ଆସୁଥିବା ଯାତ୍ରୀଙ୍କ ପାଇଁ ଏହା ହେଉଛି ଭାରତର ପ୍ରବେଶ ଦ୍ୱାର ଭାବେ ବିବେଚିତ।**

ଅମୃତସରରର ସ୍ଥାପନା ୧୫୭୯ରେ ହୋଇଥିଲା। ଆଜିବି ଏହି ପୁରାତନ ସହରର ଚର୍ତୁପାର୍ଶ୍ୱରେ ଏକ କାନ୍ଥ ଘେରିହୋଇ ରହିଛି, ଯେଉଁଥିରେକି କୋଡ଼ିଏଟି ପ୍ରବେଶ ଦ୍ୱାର ରହିଛି। ଅମୃତସରର ସ୍ଥାପନା ଶିଖ୍ ମାନଙ୍କର ଚତୁର୍ଥ ଗୁରୁ ରାମଦାସ୍ କରିଥିବାର ଇତିହାସରୁ ଜଣାଯାଏ। ସେ ଏଠାରେ ଏକ ପୋଖରୀର ନିର୍ମାଣ ମଧ କରାଇଥିଲେ, ଯେଉଁ ଜମି ଆକବରଙ୍କ ପକ୍ଷରୁ ଉପହାର ସ୍ୱରୂପ ତାଙ୍କୁ ମିଳିଥିଲା। ଏହି ପୋଖରୀକୁ ଅମୃତ ପୋଖରୀ ବୋଲି କୁହାଯାଏ। ଏହି ଆଧାର ଉପରେ ଏହି ସ୍ଥାନର ନାମ ଅମୃତସର ହୋଇଥିବାର ଜଣାଯାଏ। ପୋଖରୀ ମଝିରେ ନିର୍ମିତ ଏହି ଭବ୍ୟ ମନ୍ଦିରଟି ରାମଦାସ୍‌ଙ୍କର ପୁତ୍ର ଅର୍ଜ୍ଜୁନଦେବ ନିର୍ମାଣ କରିଥିଲେ। ଏହି ମନ୍ଦିରରେ ଶିଖ୍ ମାନଙ୍କର ପବିତ୍ର ଗ୍ରନ୍ଥ ଗୁରୁ ଗ୍ରନ୍ଥ ସାହେବଙ୍କୁ ରଖାଯାଇଛି।

ଗୁରୁ ଅର୍ଜ୍ଜୁନ ଦେବଙ୍କ ପକ୍ଷରୁ ନିର୍ମାଣ କରାଯାଇଥିବା ପୋଖରୀ ମଝିରେ ଥିବା ମନ୍ଦିରକୁ ସନ୍ ୧୮୦୩ରେ ପଞ୍ଜାବର ଶାସକ ମହାରାଜା ରଣଜିତ୍ ସିଂହ ଶଂଖମଲମଲ, ତମ୍ବା ଓ ସୁନାରେ ନିର୍ମିତ କରିଛନ୍ତି। ଏକ ଅନୁମାନ ମୁତାବକ ଏହି ମନ୍ଦିରରେ ଲାଗିଥିବା ସୁନା ପ୍ରାୟ ୪୦୦ କିଲୋ ଭଳି ହେବ, ଯେଉଁକାରଣରୁକି ଏହି ମନ୍ଦିରର ନାମ ସ୍ୱର୍ଣ୍ଣମନ୍ଦିର ରଖାଯାଇଛି।। ଏହାକୁ ହରି ମନ୍ଦିର ଓ ଦରବାର ସାହେବ ନାମରେ ମଧ କୁହାଯାଏ। ଏହି ମନ୍ଦିର ନିଜର ଚାରିଟି ପ୍ରବେଶ ଦ୍ୱାରରେ ଆସୁଥିବା ଲୋକଙ୍କୁ ସ୍ୱାଗତ ଜଣାଇଥାଏ।

ସେ ାଲ ଶିଖ୍ ମ୍ୟୁଜିୟମ୍‌ରେ ଧର୍ମ ବିରୋଧରେ କରାଯାଇଥିବା ଶିଖ୍ ମାନଙ୍କର ତ୍ୟାଗ ଓ ବଳିଦାନକୁ ପେ ିଂ ଜରିଆରେ ଦର୍ଶାଯାଇଛି। ଏହାସହିତ କିଛି ପ୍ରାଚୀନ ମୁଦ୍ରା, ଅସ୍ତ୍ର ତଥା ହସ୍ତ ନିର୍ମିତ ପୁସ୍ତକକୁବି ଏହି ମ୍ୟୁଜିୟମ୍‌ରେ ଦେଖିବାକୁ ମିଳିଥାଏ। ଅମୃତସରର ଲୋହାଗନ ପ୍ରବେଶ ଦ୍ୱାରର ବାହାର ପଟରେ ଥିବା ଦୂର୍ଗା ମନ୍ଦିରବି ଦେଖିବା ଯୋଗ୍ୟ। ଏହି ଦୂର୍ଗାମନ୍ଦିରର ଶିଳ୍ପକଳା ସ୍ୱର୍ଣ୍ଣ ମନ୍ଦିର ଭଳି ଲାଗିଥାଏ।

ଇଂରେଜ ସରକାରଙ୍କ ବିରୁଦ୍ଧରେ କରାଯାଇଥିବା ଆନ୍ଦୋଳନରେ ଏକତ୍ରିତ ଲୋକଙ୍କୁ ଜଣେ ବ୍ରିଟିଶ ଜେନେରାଲଙ୍କ ଆଦେଶରେ ବହୁତ ନିଷ୍ଠୁର ଭାବେ ଗୁଳି ମାରି ହତ୍ୟା କରାଯାଇଥିଲା। ୧୩ ଏପ୍ରିଲ ୧୯୧୯ର ଏହି ଘୃଣ୍ୟକାର୍ଯ୍ୟ ଆଜିବି ଜାଲିଆନାୱାଲାବାଗ୍ ର କାନ୍ଥରେ ଗୁଳିର ନିଶାନ ହୋଇ ଇଂରେଜ ଶାସକଙ୍କ କ୍ରୁରତାର ପରିଚୟ ପ୍ରଦାନ କରିଥାଏ।

ଏହି ହତ୍ୟାକାଣ୍ଡରେ ପ୍ରାୟ ୨୦୦୦ ନିରୀହ ଲୋକଙ୍କର ପ୍ରାଣ ଯାଇଥିଲା। ସ୍ୱାଧୀନତା ଆନ୍ଦୋଳନର ଏହି ଶହୀଦ୍‌ଙ୍କର ସ୍ମୃତିରେ ଜାଲିଆନାୱାଲାବାଗ୍ ଠାରେ ଏକ ସୁନ୍ଦର ଉଦ୍ୟାନ ନିର୍ମାଣ କରାଯାଇଛି। ଏହା ଭିତରେ ଏକ ଅମରଜ୍ୟୋତିକୁ ପ୍ରଜ୍ୱଳିତ କରାଯାଇଥାଏ, ଯାହାକି ପ୍ରତି ସମୟରେ ଜଳି ସେ ଶହୀଦ୍‌ମାନଙ୍କର ବଳିଦାନକୁ ସତେଜ କରାଇବା ସହିତ ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପିତ କରାଇଥାଏ।

ଅମୃତସରର ପଶ୍ଚିମରେ ପ୍ରାୟ ୧୧କିଲୋମିଟର ଦୂରରେ ଥିବା ରାମତୀର୍ଥ ରେ ଏକ ବଡ଼ ପୋଖରୀ ଓ କିଛି ମନ୍ଦିର ରହିଛି। ଏହି ସ୍ଥାନରେ ପ୍ରତିବର୍ଷ କା ିକ ପୂର୍ଣ୍ଣିମାରେ ଚାରିଦିବସୀୟ ମେଳା ବସିଥାଏ। ଦେଶର ବିଭିନ୍ନ ସ୍ଥାନରୁ ଏହି ପବିତ୍ର ସ୍ଥାନକୁ ଲୋକଙ୍କର ଆଗମନ ହୋଇଥାଏ।

ଅମୃତସର ହସ୍ତନିର୍ମିତ ବସ୍ତୁ ପାଇଁ ମଧ ପ୍ରସିଦ୍ଧି ଲାଭ କରିଛି। ବିଭିନ୍ନ ପ୍ରକାରର ପାରମ୍ପରିକ ଡ଼ିଜାଇନବାଲା ଚିତ୍ରିତ ବସ୍ତ୍ର ଏଠାକାର ସ୍ୱତନ୍ତ୍ର ପରିଚୟ। ଏହାଛଡ଼ା ପଞ୍ଜାବୀ ଜୋତା, ଆଭୂଷଣ ତଥା ସଜାସାମଗ୍ରୀ ମଧ ଆପଣ ଏହି ସ୍ଥାନରୁ କିଣିପାରିବେ।

ଅମୃତସର ଦେଶର ବିଭିନ୍ନ ଭାଗ ସହିତ ରେଳ ଓ ବିମାନଦ୍ୱାରା ସଂଯୋଜିତ। ତେଣୁ ଆପଣଙ୍କୁ ଏଠାକୁ ଯିବାରେ କୌଣସି ଅସୁବିଧା ନାହିଁ।

# ଭୁବନେଶ୍ୱର ରାଜ୍ୟର ଉତ୍ତପ୍ତ ସହର



ଭୁବନେଶ୍ୱର(ବ୍ୟୁରୋ): ବୁଧବାର ରାଜ୍ୟର ୧୫ ସହରର ତାପମାତ୍ରା ୩୫ ଡିଗ୍ରୀରୁ ଅଧିକ ରହିଥିବା ବେଳେ ରାଜଧାନୀ ଭୁବନେଶ୍ୱର ରେକର୍ଡ ଭାଙ୍ଗିଛି। ଆଜି ରାଜଧାନୀରେ ଦିନର ତାପମାତ୍ରା ୩୬.୪ ଡିଗ୍ରୀ ରେକର୍ଡ କରାଯାଇଛି। ଯାହାକି ସର୍ବୋଚ୍ଚ ତାପମାତ୍ରା। ସେହିପରି କଟକରେ ଆଜି ଦିନର ତାପମାତ୍ରା ୩୫ ଡିଗ୍ରୀ ରହିଥିଲା। ଆସନ୍ତାକାଲି ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାର କିଛି ଅଞ୍ଚଳରେ ଦିନ ସମୟରେ ଉଷ୍ଣ ଏବଂ ଆର୍ଦ୍ର ପାଣିପାଗ ସ୍ଥିତି ଲାଗି ରହିବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂତ୍ରରୁ ପ୍ରକାଶ। ଅନ୍ୟପକ୍ଷରେ ହିଟ୍‌ୱେଭ୍‌କୁ ନେଇ ଆଗୁଆ ସତର୍କ କରାଇଛନ୍ତି ଏସ୍ଆରସି ସତ୍ୟବ୍ରତ ସାହୁ। ସମସ୍ତ ଜିଲାପାଳ ଏବଂ ବିଭାଗୀୟ ଅଧିକାରୀଙ୍କୁ ପ୍ରସ୍ତୁତ ରହିବାକୁ ଏସ୍ଆରସି ନିର୍ଦ୍ଦେଶ ଦେଇଛନ୍ତି। ହିଟୱେଭ୍‌କୁ ସାମ୍ନା କରିବା ପାଇଁ ପ୍ରସ୍ତୁତ ରହିବା ସହ ଜନସଚେତନତା କରାଇବାକୁ ପରାମର୍ଶ ଦେଇଛନ୍ତି ଏସ୍ଆରସି।

# ବିଳମ୍ବ ହେଉଛି କପିଳପ୍ରସାଦ-ହରିରାଜପୁର ରାସ୍ତା ପ୍ରଶସ୍ତୀକରଣ



ଭୁବନେଶ୍ୱର(ବ୍ୟୁରୋ): ବହୁ ପ୍ରତୀକ୍ଷିତ କପିଳପ୍ରସାଦ-ହରିରାଜପୁର ରାସ୍ତା ପ୍ରଶସ୍ତୀକରଣ କାମ ୩ ମାସ ବନ୍ଦ ରହିବା ପରେ ପୁଣି ଆରମ୍ଭ ହୋଇଛି। ଜମି ଅଧିଗ୍ରହଣ ସାଙ୍ଗକୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ବିଳମ୍ବ ହେଉଥିବାରୁ ସମସ୍ୟା ବଢୁଛି। କିନ୍ତୁ ଏବେ ପୂର୍ତ୍ତ ବିଭାଗ ଜମି ମାପଚୁପ କରିବା ସହ ଜବରଦଖଲକାରୀଙ୍କ ସହ ଆଲୋଚନା କରିବା ପରେ ସମାଧାନର ବାଟ ବାହାରିଛି। ତେଣୁ ଏବେ ସବୁ କାମ ଠିକ୍ ସମୟରେ ସରିବ ବୋଲି କୁହାଯାଉଛି। ହରିରାଜପୁର ପଟୁ ରାସ୍ତାର ୨ କିଲୋମିଟର ପ୍ରଶସ୍ତୀକରଣ କାମ ଶେଷ ହୋଇଛି। ଏହାପରଠୁ ଜଗନ୍ନାଥଙ୍କ ଜମି ପଡ଼ିଥିଲା ଏବଂ କ୍ଷତିପୂରଣ ମିଳିନଥିବାରୁ ଶ୍ରୀମନ୍ଦିର ପ୍ରଶାସନ କାମ ବନ୍ଦ କରିଥିଲା। ପୂର୍ତ୍ତ ବିଭାଗ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରି ଏହି ସମସ୍ୟାର ସମାଧାନ କରିଛି। ସେହିପରି କିଛି ସ୍ଥାନୀୟ ଲୋକ ରାସ୍ତା କଡ଼ର ସରକାରୀ ଜମିକୁ ନିଜର ବୋଲି ଦାବି କରି କାମ ବନ୍ଦ କରାଇଥିଲେ। ପୂର୍ତ୍ତ ବିଭାଗ ଅନୁରୋଧରେ ରାଜସ୍ୱ ବିଭାଗ ପଟ୍ଟା ଓ ମାଲିକାନା ଯାଞ୍ଚ କରିବା ପରେ ସେସବୁ ସରକାରୀ ବୋଲି ଜଣାପଡ଼ିଥିଲା। ଏହାପରେ ସେମାନେ ନିଜ ଆଡୁ ଜବରଦଖଲ ଛାଡ଼ି ଦେଇଛନ୍ତି। କିନ୍ତୁ ପ୍ରଧାନସାହି, ଜାମୁକୋଳି, ନିରଞ୍ଜନପୁର ଆଦି ଗାଁର କିଛି ଲୋକଙ୍କ ସ୍ଥିତିବାନ ଜମିକୁ ନିୟମାନୁସାରେ ଅଧିଗ୍ରହଣ କରାଯିବ। ଅଧିଗ୍ରହଣ ବାବଦକୁ ସରକାରୀ ନିୟମାନୁସାରେ କ୍ଷତିପୂରଣ ଦିଆଯିବ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ସେମାନେ ବି ରାସ୍ତା ପ୍ରଶସ୍ତୀକରଣକୁ ସହଯୋଗ କରିବାକୁ ରାଜି ହୋଇଛନ୍ତି। ତେଣୁ ଏଣିକି କାମ ସୁରୁଖୁରୁରେ ଆଗେଇ ଚାଲିବ ବୋଲି ଆଶା କରାଯାଉଛି। ସୁନ୍ଦରପଦାରୁ ହରିରାଜପୁରର ଦୂରତା ୧୪ କିମି। ପ୍ରଥମ ପର୍ଯ୍ୟାୟରେ କୁହା ଗାଁ ଛକରୁ ହରିରାଜପୁର ଛକ ପର୍ଯ୍ୟନ୍ତ ୮ କିମି ରାସ୍ତାର ପ୍ରଶସ୍ତୀକରଣ ପାଇଁ ୪୪ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ହରିରାଜପୁର ପଟୁ ୮ କିଲୋମିଟର ରାସ୍ତାକୁ ୪ ଲେନ୍ କରାଯିବ। ଏବେ ପ୍ରଧାନସାହିରୁ କୁହା ପର୍ଯ୍ୟନ୍ତ ରାସ୍ତା କଡ଼ରେ ୨ କିଲୋମିଟର ପର୍ଯ୍ୟନ୍ତ ମାଟି ପକାଇବା ଆରମ୍ଭ ହୋଇଛି। ରାସ୍ତା କଡ଼ରେ ଥିବା ଗଛ କାଟିବା ପାଇଁ ବନ ବିଭାଗରୁ ଅନୁମତି ମିଳିସାରିଛି। ବୀରବନ୍ଧଠାରେ ଗଙ୍ଗୁଆ ନଈ ଉପରେ ୨ କୋଟି ୬୫ ଲକ୍ଷ ? ଟଙ୍କା ବ୍ୟୟରେ ବ୍ରିଜ୍ ନିର୍ମାଣ କାମ ସରିଛି। ସୂଚନାଯୋଗ୍ୟ ଯେ ୨୦୦୯ ମସିହାରେ ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଗଲା। ଏହା ଭିତରେ ଏହି ଅଞ୍ଚଳରେ ଜନବସତି ବଢ଼ିଗଲାଣି। ରାସ୍ତାର ଦୁଇ ପାର୍ଶ୍ୱରେ ନୂଆ ନୂଆ କଲୋନି, ଜାଭିୟର ବିଶ୍ୱବିଦ୍ୟାଳୟ ଭଳି ବଡ଼ବଡ଼ ଶିକ୍ଷାନୁଷ୍ଠାନ ଗଢ଼ିଉଠିଲାଣି। ଛକରେ ଛକରେ ଦୋକାନ, ବଜାର, ବ୍ୟାବସାୟିକ ପ୍ରତିଷ୍ଠାନ, ଗୋଦାମ ସଂଖ୍ୟା ମଧ୍ୟ ବଢ଼ିଗଲାଣି।

# ନନ୍ଦନକାନନରେ ବନ୍ଦହେବ ବଣଭୋଜି




ଭୁବନେଶ୍ୱର(ବ୍ୟୁରୋ): ନନ୍ଦନକାନନ ପରିସରରେ ଥିବା ଉଦ୍ଭିଦ ଉଦ୍ୟାନରେ ବଣଭୋଜି ବନ୍ଦ ହେବ। କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ(ସିଜେଡ୍ଏ)ଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ତେବେ ସେନେଇ ତାରିଖ ଧାର୍ଯ୍ୟ ହୋଇ ନ ଥିଲେ ମଧ୍ୟ ନନ୍ଦନକାନନ କର୍ତ୍ତୃପକ୍ଷ ବିକଳ୍ପ ସ୍ଥାନ ପ୍ରସ୍ତୁତ କରିବା ଆରମ୍ଭ କରିଦେଇଛନ୍ତି। ସମ୍ଭବତଃ ନୂଆକରି ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ମିଶିଥିବା ଚୂଡ଼ଙ୍ଗଗଡ଼ ଓ କୃଷ୍ଣନଗର ସଂରକ୍ଷିତ ଜଙ୍ଗଲର ଏକ ସ୍ଥାନକୁ ବଣଭୋଜି ପାଇଁ ସଂରକ୍ଷିତ ରଖିବାକୁ ନିଷ୍ପତ୍ତି ହୋଇଛି। ଏ ଦିଗରେ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଯାଇଛି। ଆସନ୍ତା ବଣଭୋଜି ଋତୁ ଆରମ୍ଭ ହେବା ପୂର୍ବରୁ ନୂତନ ସ୍ଥାନର ବିକାଶ କରାଯିବା ସହ ସେଠାରେ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ କରାଇବାକୁ ଲକ୍ଷ୍ୟ ରଖାଯାଇଥିବା ଜଙ୍ଗଲ ଓ ପରିବେଶ ବିଭାଗର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ନନ୍ଦନକାନନ ପ୍ରାଣୀ ଉଦ୍ୟାନ ବୁଲିବା ସହ ବଣଭୋଜି କରିବାକୁ ଉଦ୍ଭିଦ ଉଦ୍ୟାନରେ ବ୍ୟାପକ ସୁବିଧା ଉପଲବ୍ଧ କରାଯାଇଛି। ବଣଭୋଜି ପିଣ୍ଡି, ଭୋଜି କୁଟୀର ଓ ସ୍ୱତନ୍ତ୍ର ଭୋଜି ଗୃହ ରହିଛି। ପର୍ଯ୍ୟଟକମାନେ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ଟିକେଟ୍ କରି ଭୋଜି ପାଇଁ ପିଣ୍ଡି ବୁକିଂ କରିପାରୁଛନ୍ତି। ଏଠାରେ ଏବେ ୭୦ରୁ ଅଧିକ ପିଣ୍ଡି ରହିଛି। ୮ଟି ପିକ୍‌ନିକ୍ ସେଡ୍ ବା ରୋଷଶାଳା, ୯ଟି ଛୋଟ ସ୍ୱତନ୍ତ୍ର ପିଣ୍ଡି, ୨ଟି ହଲିଉଡ୍ କଟେଜ୍ ଓ ଗୋଟିଏ ଏଫ୍ଆରଏଚ୍ କଟେଜ୍ ଅଛି। ଅଧିକ ଲୋକ ଏଠାକୁ ବଣଭୋଜି ପାଇଁ ଆସୁଥିବାରୁ ଉଦ୍ଭିଦ ଉଦ୍ୟାନ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ ଖୋଲା ସ୍ଥାନରେ ଭୋଜି କରିବାକୁ ପର୍ଯ୍ୟଟକମାନଙ୍କୁ ଅନୁମତି ଦେଉଛନ୍ତି। ଏବେ ରୋପ୍ ୱେ ପୁଣିଥରେ ନୂଆରୂପରେ ଆରମ୍ଭ ହୋଇଥିବାରୁ ଦିନକୁ ଦିନ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଛି। ଅଧିକ ଗହଳି ବି ହେଉଛି। ବଡ଼ଦିନ, ନୂଆବର୍ଷ ପରି ଦିନରେ ଶତାଧିକ ଦଳ ଏଠାରେ ବଣଭୋଜି କରିବାକୁ ଆସୁଥିବାରୁ ପ୍ରବଳ ଭିଡ଼ ପରିଲକ୍ଷିତ ହୁଏ। ଲୋକେ ଭୋଜି କରିବା ସମୟରେ ସାମାନ୍ୟତମ ସଚେତନ ହେଉ ନାହାନ୍ତି। ଉଦ୍ଭିଦ ଉଦ୍ୟାନର ପରିବେଶକୁ ନଷ୍ଟ କରିବା ସହ ସାଉଣ୍ଡ ବକ୍ସ ବ୍ୟବହାର କରି ଶବ୍ଦ ପ୍ରଦୂଷଣ କରୁଛନ୍ତି। ଏହି କାରଣରୁ ଉଦ୍ଭିଦ ଉଦ୍ୟାନରେ ଥିବା ଶାଗୁଣା ପ୍ରଜନନ କେନ୍ଦ୍ର ଉପରେ କୁପ୍ରଭାବ ପଡୁଛି। ସେଠାରେ ବହୁବର୍ଷ ଧରି ଗବେଷଣା ଚାଲିଥିଲେ ମଧ୍ୟ ଆଶାଜନକ ସଫଳତା ମିଳିପାରୁ ନାହିଁ। ଖାଲି ସେତିକି ନୁହେଁ, ପର୍ଯ୍ୟଟକମାନେ ବଣଭୋଜି ପରେ ବ୍ୟବହୃତ ପ୍ଲାଷ୍ଟିକକୁ ନିକଟରେ ଥିବା ହ୍ରଦରେ ପକାଉଥିବାରୁ ତାହାର ପ୍ରଭାବ ମଧ୍ୟ ନନ୍ଦନକାନନର ଜୀବଜନ୍ତୁଙ୍କ ଉପରେ ପଡୁଛି। ସିଜେଡ୍ଏ ପ୍ରତିନିଧି ନନ୍ଦନକାନନ ଗସ୍ତ କରିବା ସମୟରେ ଏଭଳି ଦୃଶ୍ୟ ଦେଖିବା ପରେ ଉଦ୍ଭିଦ ଉଦ୍ୟାନରେ ବଣଭୋଜି ବନ୍ଦ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିକଳ୍ପ ଭାବେ ନନ୍ଦନକାନନ ପଛ ପାର୍ଶ୍ୱରେ ଥିବା ଉକ୍ତ ଦୁଇଟି ସଂରକ୍ଷିତ ଜଙ୍ଗଲର ଏକ ଘଞ୍ଚ ଅଞ୍ଚଳକୁ ବଛା ଯାଇଛି। ସାମିଲ ହୋଇଥିବା ଜଙ୍ଗଲକୁ ବିଭିନ୍ନ ବିଭାଗରେ ବିଭକ୍ତ କରାଯିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଜମି ଚିହ୍ନଟ କରାଯିବା ସହ ପାଚେରି ବୁଲାଯିବା କାର୍ଯ୍ୟ ଚାଲିଛି। ଜଙ୍ଗଲର ବିଭିନ୍ନ ସ୍ଥାନରେ ଖୁଆଡ଼ ନିର୍ମାଣ କରାଯିବ। ଚିହ୍ନଟ ହୋଇଥିବା ଜଙ୍ଗଲ ଅଞ୍ଚଳରେ ବିଭିନ୍ନ ପ୍ରଜାତିର ହରିଣ ରହିଥିବାରୁ ବିଶାଳ ହରିଣ ପାର୍କ କରିବାକୁ ନିଷ୍ପତ୍ତି ହୋଇଛି। ଚନ୍ଦକା-ଡମପଡ଼ା ଅଭୟାରଣ୍ୟରେ ବହୁ ପରିମାଣରେ ମୟୂର ରହିଥିବାରୁ ସେମାନଙ୍କ ଲାଗି ସ୍ୱତନ୍ତ୍ର ସଫାରି ଖୋଲି ସେମାନଙ୍କୁ ଖୁଆଡ଼ରେ ନ ରଖି ଜଙ୍ଗଲରେ ଛଡ଼ାଯିବ। ନନ୍ଦନକାନନରେ ଘଡ଼ିଆଳ ଓ ମଗର ପ୍ରଜାତିର କୁମ୍ଭୀର ଅଧିକ ଥିବାରୁ ସେମାନଙ୍କୁ ବିସ୍ତୀର୍ଣ୍ଣ ଅଞ୍ଚଳରେ ରଖିବା ପାଇଁ ଉକ୍ତ ଜଙ୍ଗଲରେ ନୂତନ ହ୍ରଦ ନିର୍ମାଣ ସହ କୁମ୍ଭୀର ପ୍ରଜନନକୁ ଗୁରୁତ୍ୱ ଦିଆଯିବ। ଏଥିସହ ପର୍ଯ୍ୟଟକ ଯେପରି ଅତି ନିକଟରୁ କୁମ୍ଭୀରଙ୍କୁ ଦେଖିବେ, ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ବି ଯୋଜନା ହେଉଥିବା ଅଧିକାରୀ ଜଣକ କହିଛନ୍ତି।

# ଖଣ୍ଡଗିରି କୁମ୍ଭମେଳାରେ ଚାଲିଛି ଅପେରା ଲଢ଼େଇ



ଭୁବନେଶ୍ୱର(ବ୍ୟୁରୋ): ଖଣ୍ଡଗିରି କୁମ୍ଭମେଳାରେ ଅପେରା ମହାକୁମ୍ଭ ଉଷ୍ମତା ବଢ଼ିବାରେ ଲାଗିଛି। ଯାତ୍ରା ମହାସମର ପ୍ରଥମ ପର୍ଯ୍ୟାୟ ୫ ରାତିରେ ପହଞ୍ଚିଲାଣି, ହେଲେ ସବୁଠି ଖେଳୁଛି ପୁରୁଣା ନାଟକ। ଦର୍ଶକମାନେ ପୁରୁଣାକୁ ଭଲ ପାଉଛନ୍ତି ସତ, ନୂଆ ନାଟକ ଦେଖିବାକୁ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। କିନ୍ତୁ ସବୁ ଅପେରା ଦଳ ବହି ରିପିଟ୍ କରି ଚାଲିଛନ୍ତି। ସବୁ ପାର୍ଟି ପକ୍ଷରୁ ନୂଆ ନାଟକ କଥା ବେଶ୍ ପ୍ରଚାର କରାଯାଉଛି ସିନା, ମଞ୍ଚସ୍ଥ ହେଉନି। ଏପଟେ ନୂଆ ନୂଆ ନାଟକର ବଡ଼ ବଡ଼ ଆକର୍ଷଣୀୟ ହୋର୍ଡ଼ିଂ ଦର୍ଶକଙ୍କ ଉତ୍କଣ୍ଠାକୁ ବଢ଼ାଇ ଚାଲିଛି। ପ୍ରତିଦିନ ଲୋକ ନୂଆ ବହି କେବେ ପଡ଼ିବ ବୋଲି ଟିକେଟ୍ କାଉଣ୍ଟରରେ ପଚାରୁଛନ୍ତି। କୋଣାର୍କ ଗଣନାଟ୍ୟ ୪ ରାତି ହେଲା 'ସେଇ ଗୋଟିଏ ଭୁଲ୍ ପାଇଁ' ପ୍ରଦର୍ଶନ କରୁଛି। ୨୩ ତାରିଖରେ ପାର୍ଟିରେ ଶେଷ ରଜନୀ ହେବ। ତେଣୁ ଆଉ ୨ ରାତିରେ ପ୍ରଚାର ହେଉଥିବା ଏହାର ନାଟକ 'ମିତଲୋ ତତେ ମିଛ ମତେ ସତ' ଓ 'ତୋ ବିନା ମୁଁ ଅଧାଅଧା' ମଞ୍ଚସ୍ଥ ହେବ ନା, ଦର୍ଶକ ବ୍ୟସ୍ତ ହେଉଛନ୍ତି। ସେହିଭଳି କଳିଙ୍ଗ ଗଣନାଟ୍ୟର 'କାନ୍ଦେନା ବାଇଆ ମନ' ହିଁ ଶେଷଯାଏ ମଞ୍ଚସ୍ଥ ହେବ ବୋଲି କମିଟି ପକ୍ଷରୁ ସ୍ପଷ୍ଟ କରା ଯାଇଛି। ଦୁର୍ଗା ମନ୍ଦିର ୨୩ ତାରିଖରେ ପ୍ରତିଯୋଗିତାରୁ ବିଦାୟ ନେବ। କିନ୍ତୁ ଏଯାଏ ଏହାର 'ଭୁଲିଗଲା ପରେ ଭଲରେ ଅଛି' ଓ 'ସନ୍ଦେହୀ ସିନ୍ଦୂର କରିଛି ପର' ମଞ୍ଚସ୍ଥ ହୋଇନାହିଁ। ଗେ?ରୀ ଗଣନାଟ୍ୟ ମଧ୍ୟ ୨୩ ତାରିଖରେ ବିଦାୟ ନେବାକୁ ଥିବାବେଳେ 'ଏଇ ଫଗୁଣରେ ବାଜିବ ବାଜା' ମଞ୍ଚସ୍ଥ କରିନାହିଁ। ପ୍ରଥମ ଦିନରୁ 'ରାଣୀ ପଣ୍ଡାକୁ ଖଣ୍ଡଗିରି ମନା' ହାଉସ୍ ଫୁଲ୍ ହେଉଥିବାରୁ ଆଉ ବହି ବଦଳିବା ଭଳି ମନେ ହେଉନାହିଁ। ସାଇ ସମ୍ରାଟ ଶେଷ ରାତିରେ ବହି ବଦଳାଇ 'ତୁ ଯୋଉଠି ଥିଲେ ବି ମୋର' ମଞ୍ଚସ୍ଥ କରି ବିଦାୟ ନେବାପରେ ଆସିଥିବା ଅଶୋକ ସମ୍ରାଟ ପ୍ରଥମ ରାତିରେ 'ବାଦାମବାଡ଼ିର ରିକ୍ସା ବାଲା' ମଞ୍ଚସ୍ଥ କରିଛି। ଦ୍ୱିତୀୟ ରାତିରେ ମଧ୍ୟ ସେହି ବହି ରିପିଟ୍ କରିବ। ସେଇ ୨ ରାତି ପରେ ପାର୍ଟି ବିଦାୟ ନେଉଥିବାରୁ 'ରକ୍ତ ସମ୍ପର୍କ' ଓ 'ସପନ ହାଟରେ ମିଳୁନି ବାଟ' ଦର୍ଶକ ଦେଖିବାକୁ ପାଇବେ ନାହିଁ ବୋଲି ଏକ ପ୍ରକାର ସ୍ପଷ୍ଟ ହୋଇଛି। ପ୍ରାୟ ସବୁ ପାର୍ଟି ପୁରୁଣା ନାଟକ ପରିବେଷଣ କରିବାକୁ ନେଇ ଦଶର୍କ ମହଲରେ ବିଭିନ୍ନ ଚର୍ଚ୍ଚା ହେଉଛି। କେହି କହୁଛନ୍ତି, ପୁରୁଣା ବହିର ଚାହିଦା ଏବେବି ଥିବାରୁ, ତା'କୁ ବଦଳେଇବାକୁ ପାର୍ଟିଗୁଡ଼ିକ ଚାହୁ ନାହାନ୍ତି। ସେଥିରୁ ଯଥାସମ୍ଭବ ବ୍ୟବସାୟ କରି ନେବାକୁ ସେମାନେ ଲକ୍ଷ୍ୟ ରଖିଛନ୍ତି। ଆଉ ଗୋଟିଏ ଶ୍ରେଣୀର ଦର୍ଶକ ମତ ଦେଉଛନ୍ତି ଯେ ନୂଆ ବହିକୁ ନେଇ ଆତ୍ମବିଶ୍ୱାସ ନାହିଁ। ତେଣୁ ରିସ୍କ ନନେଇ ହିଟ୍ ହୋଇ ସାରିଥିବା ପୁରୁଣା ବହିକୁ ପରିବେଷଣ କରାଯାଉଛି। ଏଥର ଖଣ୍ଡଗିରି ଅପେରା ଲଢ଼େଇରେ ଗୀତ 'ଆଲୋ ମୋ ଲଟକମଣୀ' ପୂରା ମାର୍କେଟ୍ ନେଇ ଯାଇଛି।

# ସକାଳେ ଖୋଲିବ ଅଙ୍ଗନବାଡ଼ି

ଭୁବନେଶ୍ୱର(ବ୍ୟୁରୋ): ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିସନର(ଏସ୍ଆରସି)ଙ୍କ ପକ୍ଷରୁ ଆଜି ସମସ୍ତ ବିଭାଗ ପାଇଁ ମାର୍ଗଦର୍ଶିକା ଜାରି ହୋଇଛି। ଗ୍ରୀଷ୍ମ ପ୍ରବାହଜନିତ ରୋଗ ଓ କ୍ଷୟକ୍ଷତି ରୋକିବାକୁ ଜନ ସଚେତନତା ଅଭିଯାନ ସହ ଅଂଶୁଘାତରେ ଯେପରି କାହାର ମୃତ୍ୟୁ ନ ହୁଏ ସେଥିପ୍ରତି ଆଗୁଆ ପଦକ୍ଷେପ ନେବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଏସ୍ଆରସି ସତ୍ୟବ୍ରତ ସାହୁ ଆଜି ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଳ ଅଭାବ ଥିବା ଅଞ୍ଚଳ(ଗାଁ/ପଡ଼ା/ୱାର୍ଡ)କୁ ଚିହ୍ନଟ କରିବା ଏବଂ ସେହି ଅଞ୍ଚଳକୁ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ ଜିଲ୍ଲା ପ୍ରଶାସନ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିବେ। ନଳକୂପ ଓ ପାଇପ୍ ଜଳ ଯୋଗାଣ ବ୍ୟବସ୍ଥାର ପ୍ରତିଷେଧକ, ରକ୍ଷଣାବେକ୍ଷଣ ଆରମ୍ଭ, ନଳକୂପ ଓ ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା ସମ୍ପର୍କିତ ଅଭିଯୋଗର ସମାଧାନ, ଆବଶ୍ୟକତା ଅନୁଯାୟୀ ଜଳଭଣ୍ଡାରରୁ କେନାଲ ମାଧ୍ୟମରେ ଜଳ ଛାଡିବା, ବଜାର, ବସଷ୍ଟାଣ୍ଡ ଓ ଅନ୍ୟାନ୍ୟ ସମାବେଶ ସ୍ଥଳରେ ସହରାଞ୍ଚଳରେ ସ୍ଥାନୀୟ ସଂସ୍ଥା/ଗ୍ରାମ ପଞ୍ଚାୟତ ପକ୍ଷରୁ ପାନୀୟ ଜଳ ସେବାକେନ୍ଦ୍ର ଖୋଲାଯିବ। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ସହରାଞ୍ଚଳ ଆଶ୍ରୟସ୍ଥଳୀ, ଗୋଷ୍ଠୀ କେନ୍ଦ୍ର ଓ ଅନ୍ୟାନ୍ୟ ସାର୍ବଜନୀନ ସ୍ଥାନଗୁଡ଼ିକୁ ବାସହୀନ/ଅସହାୟ ଲୋକଙ୍କ ପାଇଁ ଦିନ ସମୟରେ ବିଶ୍ରାମ ସ୍ଥଳୀ ଭାବେ ବ୍ୟବହାର କରାଯାଇପାରିବ। ସେଠାରେ ଲୋକଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଓ ଓଆରଏସ୍ ବ୍ୟବସ୍ଥା ହେବ। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏ ସଂକ୍ରାନ୍ତରେ ନିର୍ଦ୍ଦେଶନାମା ଜାରି କରିବେ। ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବାକୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଗ୍ରୀଷ୍ମ ଋତୁରେ ପଶୁମାନଙ୍କ ପାଇଁ ସତର୍କ ସୂଚନା ଜାରି କରିବା ସହ ଜନସଚେତନତା ଦିଗରେ କାର୍ଯ୍ୟ କରିବେ। ସ୍କୁଲ, କଲେଜ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନରେ ପାନୀୟ ଜଳର ଉପଲବ୍ଧତା ସୁନିଶ୍ଚିତ କରାଯିବ। ବିଦ୍ୟାଳୟ ପରିସରରେ ଥିବା ନଳକୂପ ମରାମତି, ସ୍କୁଲ ଓ କଲେଜରେ ପର୍ଯ୍ୟାପ୍ତ ଓଆରଏସ୍ ମହଜୁଦ, ଆଉଟଡୋର କାର୍ଯ୍ୟକଳାପ ଉପରେ କଟକଣା ଲାଗୁ କରାଯିବ। ପିଲାମାନେ ସ୍କୁଲ, କଲେଜ ଯିବା ସମୟରେ ସାଙ୍ଗରେ ପାଣି ବୋତଲ ନେଇ ଯିବାକୁ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ସଚେତନ କରାଇବେ। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଉପରୋକ୍ତ ବିଷୟ ଉପରେ ବିସ୍ତୃତ ନିର୍ଦ୍ଦେଶନାମା ଜାରି କରିବେ। ଅଙ୍ଗନବାଡ଼ି କେନ୍ଦ୍ର କେବଳ ସକାଳ ସମୟରେ ଖୋଲା ରହିବ ଓ ପାଣିର ଉପଲବ୍ଧତା ଯାଞ୍ଚ ଓ ସୁନିଶ୍ଚିତ କରାଯିବ ଏବଂ ପର୍ଯ୍ୟାପ୍ତ ଓଆରଏସ୍ ପ୍ୟାକେଟ୍ ମଧ୍ୟ ଉପଲବ୍ଧ ହେବ।

# ହାଉସିଙ୍ଗ.କମ ଭୁବନେଶ୍ୱରରେ ନିଜ କାର୍ଯ୍ୟ ପରିଚାଳନର ଶୁଭାରମ୍ଭ



ଭୁବନେଶ୍ୱର(ବ୍ୟୁରୋ): ହାଉସିଙ୍ଗ.କମ, ଭାରତର ଅଗ୍ରଣୀ ଡିଜିଟାଲ୍ ରିଅଲ୍ ଇଷ୍ଟେଟ୍ ଭୁବନେଶ୍ୱରରେ ନିଜ କାର୍ଯ୍ୟ ପରିଚାଳନର ଶୁଭାରମ୍ଭ ଘୋଷଣା କରୁଛି । ବୃଦ୍ଧିଶୀଳ ପ୍ରପର୍ଟି ବଜାର ଗୁଡିକରେ ନିଜର ଧ୍ୟାନ ବିସ୍ତାର ଉପରେ ଧ୍ୟାନଦେଇ, ଟିଅର-୨ ବଜାରରେ କଂପାନୀ ଆଗାମୀ ତିନିବର୍ଷ ଭିତରେ ଉଚ୍ଚ ଦୁଇ-ଅଙ୍କ ବିଶିଷ୍ଟ ବାର୍ଷିକ ଅଭିବୃଦ୍ଧି ଲକ୍ଷ୍ୟ ରଖିଛି । ସର୍ବଦିଗୀୟ ଡିଜିଟାଲ୍ ରିଅଲ୍ ଇଷ୍ଟେଟ୍ ମଂଚରେ ମଜଭୁତ ଭାବରେ ପାଦ ରଖିବା ଏବଂ ନିଜକୁ ଅଗ୍ରଣୀ ସ୍ଥିତିରେ ଅବସ୍ଥାପିତ କରିବା ସହିତ ହାଉସିଙ୍ଗ.କମ ବର୍ତ୍ତମାନ ଭୁବନେଶ୍ୱରର ବିସ୍ତାରଣଶୀଳ ରିଅଲ୍ ଇଷ୍ଟେଟ୍ ଅଫର୍ କରୁଥିବା ପର୍ଯ୍ୟାପ୍ତ ବ୍ୟବସାୟିକ ସୁଯୋଗ ନେବା ପାଇଁ ପ୍ରସ୍ତୁତ। ଭୁବନେଶ୍ୱରରେ, ଭିଲା , ପ୍ଲଟ୍ ଏବଂ ପର୍ଯ୍ୟାପ୍ତ ଆନୁସଙ୍ଗିକ ସୁବିଧା ଥିବା ବଡବଡ ଆପାର୍ଟମେଂଟ ପାଇଁ ଅନ୍‌ଲାଇନ୍ ହୋମ୍ ବାୟର୍ଙ୍କ ଆଗ୍ରହ ବଢି ବଢି ଚାଲିଛି । ସୁବିଧା ଏବଂ ସୁରକ୍ଷା ପ୍ରତି ପ୍ରାଥମିକତା ଦେଉଥିବା ପର୍ଯ୍ୟାପ୍ତ ଆନୁସଙ୍ଗିକ ସୁବିଧା, ପ୍ରଶସ୍ତ ଘର,ସୁସଜ୍ଜିତ ଲିଭିଙ୍ଗସ୍ପେସ୍ ଅଫର କରୁଥିବା ଗେଟେଡ୍ କମ୍ୟୁନିଟି ଏବଂ ପ୍ରୋଜେକ୍ଟ୍ ଆଡକୁ ଲୋକଙ୍କ ପସନ୍ଦ ବୃଦ୍ଧି ହୋଇ ଚାଲିଛି । ଅଧିକନ୍ତୁ, ଅଧିକରୁ ଅଧିକ ହୋମ୍ ବାୟର୍ ୨.୫ ଏବଂ ୩.୫ ବିଏଚକେ ଆପାର୍ଟମେଂଟ ପାଇଁ ସେମାନଙ୍କର ପସନ୍ଦ ପ୍ରଦର୍ଶନ। ପାଟିଆ, ପାହାଳ, ଖଣ୍ଡଗିରି, ପାତ୍ରପଡା, ଏବଂ ରସୁଲଗଡ ପ୍ରଭୃତି ଅଂଚଳରେ ସେମାନଙ୍କର ଅଭିବୃଦ୍ଧି ସମ୍ଭାବନା ଏବଂ ପୁଁ ବିନିଯୋଗ ସୁଯୋଗ ଯୋଗୁଁ ଲୋକଙ୍କ ଧ୍ୟାନ ଆକର୍ଷଣ କରୁଛି, ଏହାସହରର ଗତିଶୀଳ ରିଏଲ୍ ଇଷ୍ଟେଟ୍ ପ୍ରତିଛବି ପ୍ରତିଫଳନ କରୁଛି। ଏହାର ବିସ୍ତୃତ ବ୍ୟବସାୟ ସମ୍ପ୍ରସାରଣ ରଣନୀତିର ଏକ ଅଂଶ ଭାବରେ, ହାଉସିଙ୍ଗ.କମ ଫେବୃଆରୀ ୨୧, ୨୦୨୪ ରେ ଭୁବନେଶ୍ୱରରେ ଏକ ସାକ୍ଷାତ ଏବଂ ଅଭିବାଦନ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମରେ, ଅଂଚଳର ପ୍ରମୁଖ ରିଅଲ୍ ଇଷ୍ଟେଟ୍ ଡେଭେଲପର୍ ଏବଂ ପ୍ରପର୍ଟି ପରାମର୍ଶଦାତା ଯୋଗ ଦେଇଥିଲେ, ଫଳରେ ଏହା ନେଟ୍ ୱାର୍କ, ଏକ୍ସଚେ୍ ବିଷୟରେ ସୂଚନା ଦେବା ସହିତ ପ୍ରପର୍ଟି ଶିଳ୍ପର ତାଜା ପସନ୍ଦ-ଧାରା, ଟେକ୍‌ନୋଲୋଜି ଏବଂ ଉତମ କାର୍ଯ୍ୟ ଅଭ୍ୟାସ ବିଷୟରେ ଧାରଣା ଦେଇଥିଲା। ଏହି କାର୍ଯ୍ୟକ୍ରମ ଭାରତର ଟିଅର-୨ ବଜାରରେ ଏହାର ପ୍ରସାର ପାଇଁ ହାଉସିଙ୍ଗ.କମର ପ୍ରତିବଦ୍ଧତାକୁ ସୂଚିତ କରେ। ଶ୍ରୀ ଅମିତ ମାସଲଦାନ,ମୁଖ୍ୟ ରାଜସ୍ୱ ଅଧିକାରୀ ହାଉସିଙ୍ଗ.କମ ଅଭିବୃଦ୍ଧି ରଣନୀତି ଉତ୍ସାହର ଶିତ ବ୍ୟକ୍ତ କରି କହିଛନ୍ତି ଯେ 'ଭୁବନେଶ୍ୱରରେ ବିଳାସପୂର୍ଣ୍ଣ ଆପାର୍ଟମେଂଟ ଠାରୁ ଭିଲ୍ଲା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ଆବାସିକ ବିକଳ୍ପ ରହିଛି, ଯେଉଁଥିରେ ଇଂଟିଗ୍ରେଟେଡ୍ ଟାଉନସିପ୍ ଏବଂ ମିଶ୍ରିତ ବ୍ୟବହାର ପ୍ରକଳ୍ପ ମଧ୍ୟ ଅନ୍ତର୍ଭୁକ୍ତ । ଉଦୀୟମାନ ବଜାରରେ ଦୃଢ ବିସ୍ତାର, ବିଶେଷକରି ଭୁବନେଶ୍ୱର ସହରରେ ଆମର ସୁଯୋଗ ହଟସ୍ପଟ୍ ସୃଷ୍ଟି କ୍ଲରିଛି । ସୁଦୂର କାର୍ଯ୍ୟ ଧାରା ବୃଦ୍ଧି ପାଇବା ସହିତ ଭୁବନେଶ୍ୱରର ଶାନ୍ତିପୁର୍ଣ୍ଣ ବାତାକରଣ ଲୋକମାନଙ୍କୁ ଆକର୍ଷିତ କରୁଛି। ଏହାର ପ୍ରଭାବ ବିଷୟରେ ଶ୍ରୀ ମାସାଲଦାନ ଦୃଷ୍ଟିଆକର୍ଷଣ କରି କହିଛନ୍ତି ଯେ , ' ହାଉସିଙ୍ଗ.କମ ଏହାର ୱେବସାଇଟ୍ ହାଉସିଙ୍ଗ.କମରେ ଅଧିକରୁ ଅଧିକ ଅନଲାଇନ୍ ହୋମ୍ ସର୍ଚ୍ଚ ପ୍ରାପ୍ତ କରୁଛି ,ଏହା ଭୁବନେଶ୍ୱରର ଏକ ଅଗ୍ରଣୀ ସର୍ଚ୍ଚ ପ୍ଲାଟଫର୍ମ ଭାବରେ ଆମର ସ୍ଥିତିଦୃଢିଭୁତ କରିପାରିଛି। ମହାମାରୀ ଡିଜିଟାଲ୍ ମାଧ୍ୟମ ସମାଧାନକୁ ତ୍ୱରାନ୍ୱିତ କରିଛି, ଅନ୍‌ଲାଇନ ଚାହିଦା ବହୁଗୁଣିତକରିଛି। ନିଷ୍ଠାରସହିତ ଆମେ ଆମର ବିକ୍ରୟ ଏବଂ ମାର୍କେଟିଂ ପ୍ରୟାସକୁ ବୃଦ୍ଧି କରୁଛୁ, କ୍ରମାଗତ ଅଭିବୃଦ୍ଧି ଏବଂ ସଫଳତା ପାଇଁ ପ୍ରସ୍ତୁତହେଉଛୁ। ଶ୍ରୀମତୀ ଅଙ୍କିତା ସୁଦ୍, ରିସର୍ଚ୍ଚ ମୁଖ୍ୟ, ହାଉସିଙ୍ଗ.କମ କହିଲେ ଯେ ଓଡିଶାର ପୂର୍ବ ଉପକୂଳରେ ଭୁବନେଶ୍ୱର ଅବସ୍ଥିତ,ରାଜ୍ୟ ଭିତରେ ଆର୍ଥିକ ତଥା ଶିକ୍ଷାଗତ କାର୍ଯ୍ୟକଳାପ ପାଇଁ ଏକ ପ୍ରମୁଖ କାର୍ଯ୍ୟସ୍ଥଳ । ଆମର ଆଇଆରଆଇଏସ ସୂଚକାଙ୍କରେ ଶ୍ରେଷ୍ଠ ୪୨ ଟି ସହର ମଧ୍ୟରେ ଭୁବନେର୍ଶ୍ୱ ପ୍ରଭାବଶୀଳ ୧୨୬-ପଏଂଟ ଆଗରେ ଅଛି, ଉଚ୍ଚ-ମୁଲ୍ୟର ସମ୍ପତି କ୍ରୟ କାର୍ଯ୍ୟକଳାପରେ ଦୃଢ ଅଭିବୃଦ୍ଧି ପ୍ରଦର୍ଶନ କରୁଛି ।ଏହି ବର୍ଦ୍ଧିତ ଚାହିଦା ପ୍ରପର୍ଟି ମୂଲ୍ୟକୁ ମଧ୍ୟ ବୃଦ୍ଧି କରିଛି, ବିଶେଷତଃ, ପଟିଆ, ଖଣ୍ଡଗିରି ଏବଂ ପାହାଳ ଭଳି ଅଂଚଳର ଚାହିଦା ବୃଦ୍ଧି ପାଇଛି । ଶ୍ରୀମତୀ ସୁଦ ଆହୁରି ମଧ୍ୟ କହିଲେ ଯେ, 'ନିକଟ ଭବିଷ୍ୟତରେ, ସେବା କ୍ଷେତ୍ରର ଦ୍ରୁତ ସମ୍ପ୍ରସାରଣ ଏବଂ ଆଗାମୀ ମେଟ୍ରୋ ପ୍ରକଳ୍ପ ଯୋଗୁଁ ନନ୍ଦନକାନନ ରୋଡ୍ ଏବଂ ଏନଏଚ-୧୬ ସୀମାବର୍ତୀ ଅଂଚଳ ଯଥେଷ୍ଟ ଅଭିବୃଦ୍ଧି ହେବାର ଆଶଙ୍କା ଅଛି । ଏହି ବିକାଶ ଶେଷ-ଉପଭୋକ୍ତା ଏବଂ ନିବେଶକ, ଉଭୟ ପାଇଁ ଲାଭଜନକ ଆଶାର ପ୍ରତିଶୃତି ଦିଏ, ଏହି କ୍ଷେତ୍ରଗୁଡିକ ରିଅଲ୍ ଇଷ୍ଟେଟ୍ ବିକାଶ ପାଇଁ ମୂଖ୍ୟ ସ୍ଥାନ ଭାବରେ ନିଜକୁ ଉପସ୍ଥାପିତ କରିଛି। ହାଉସିଙ୍ଗ.କମ କ୍ରମ ଉନ୍ନତି ଏବଂ ଟେକ୍-ବ୍ୟାକ୍‌ଡ୍ ସମାଧାନ ଅଫର କରି ଭୁବନେଶ୍ୱର ବଜାରର ନିର୍ଦ୍ଦିଷ୍ଟ ଆବଶ୍ୟକତା ଏବଂ ପସନ୍ଦକୁ ପୂରଣ କରିବା ପାଇଁ ସୁସଜ୍ଜିତ, ଏବଂ ଏହା ମାଧ୍ୟମରେ କ୍ରେତା, ବିକ୍ରେତା, ଭଡ଼ାଟିଆ ଏବଂ ସହଯୋଗୀ ସେବା ପାଇଁ ଏକ ସହଜ ଏବଂ ସରଳ ରିଅଲ୍ ଇଷ୍ଟେଟ୍ ଅଭିଜ୍ଞତା ପ୍ରଦାନ ପାଇଁ ତତ୍ପର।

# ପ୍ରଦେଶ କଂଗ୍ରେସର ରାଜ୍ୟସ୍ତରୀୟ ମହିଳା ନ୍ୟାୟ ସମାବେଶ



ଭୁବନେଶ୍ୱର(ବ୍ୟୁରୋ): ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ଆଜି ରାଜ୍ୟସ୍ତରୀୟ ମହିଳା ନ୍ୟାୟ ସମାବେଶ ଅନୁଷ୍ଠିତ ହୋଇଛି। ଶତାଧିକ ମହିଳା କଂଗ୍ରେସ ସଦସ୍ୟା ନବୀନ ନିବାସ ଅଭିମୁଖେ ବାହାରି ଶକ୍ତି ପ୍ରଦର୍ଶନ କରିଥିଲେ। ରାଜମହଲ ଛକରେ ପୁଲିସ ସେମାନଙ୍କୁ ଅଟକାଇବାରୁ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପରେ ପୁଲିସ ମହିଳା କଂଗ୍ରେସ କର୍ମୀଙ୍କୁ ଗିରଫ କରିଥିଲା। ଏହା ପୂର୍ବରୁ କଂଗ୍ରେସ ଭବନରେ ରାଜ୍ୟସ୍ତରୀୟ ମହିଳା ନ୍ୟାୟ ସମାବେଶକୁ ଅଖିଳ ଭାରତ ଜାତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଅଳକା ଲାମ୍ବା ଉଦ୍‌ଘାଟନ କରିଥିଲେ। ଶ୍ରୀମତୀ ଲାମ୍ବା କହିଥିଲେ, ୨୦୦୦ ମସିହାରେ ଓଡ଼ିଶାରେ ମଦ ବିକ୍ରିରୁ ୧୧୪ କୋଟି ରାଜସ୍ୱ ପାଉଥିଲେ ସରକାର। ଏବେ ତାହା ବଢ଼ି ୬୪୫୫ କୋଟିରେ ପହଞ୍ଚିଲାଣି। ମଦର ବନ୍ୟା ପାଇଁ ବହୁ ଜୀବନ ଉଜୁଡ଼ି ଯାଉଛି। ମା' ଭଉଣୀ ସମସ୍ୟାର ସମ୍ମୁଖୀନ ହେଉଛି। ତେଣୁ ମଦ ବିକ୍ରିରୁ ମିଳୁଥିବା ଅର୍ଥରେ ବିକାଶ ଦରକାର ନାହିଁ। ଓଡ଼ିଶାରେ ପ୍ରତିଦିନ ୭ଜଣ ମହିଳା ଦୁଷ୍କର୍ମର ଶିକାର ହେଉଥିବା ବେଳେ ତହିଁରୁ ୪ଜଣ ହେଉଛନ୍ତି ନାବାଳିକା। ରାଜ୍ୟ ସରକାର ୭୩ଲକ୍ଷ ମହିଳାଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ କରି ଆର୍ଥିକ ବିକାଶ ହେଉଥିବା କଥା କହୁଛନ୍ତି। ହେଲେ ଯେଉଁସବୁ ତଥ୍ୟ ସାମ୍ନାକୁ ଆସୁଛି ତହିଁରେ ଓଡ଼ିଶାର ଏସ୍ଏଚ୍‌ଜି ଗ୍ରୁପ୍‌ର ଦୈନିକ ଆୟ ୧୭ଟଙ୍କା। ଏଭଳି ପରିସ୍ଥିତିରେ ମହିଳାମାନେ କିଭଳି ଅର୍ଥନୈତିକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇଛନ୍ତି ? ସେ କହିଥିଲେ, ମହିଳାଙ୍କୁ ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ନ୍ୟାୟ ପାଇଁ ମହିଳା କଂଗ୍ରେସ ପ୍ରତ୍ୟେକ ଜିଲ୍ଲା ଓ ବ୍ଲକ୍‌ସ୍ତରକୁ ଯିବ। ଏମିତିରେ ବି ଦରଦାମ ବୃଦ୍ଧି ପାଇଁ ହାଣ୍ଡିଶାଳକୁ ମାଡ଼ ହୋଇଛି। ୨୦୧୪ ମସିହାରେ ରନ୍ଧନ ଗ୍ୟାସର ମୂଲ୍ୟ ୪୨୦ ଟଙ୍କା ଥିବା ବେଳେ ଏବେ ତାହା ୧୧୫୦ ଟଙ୍କା। ଅଟା ୨୨ଟଙ୍କା ଥିଲା। ଏବେ ୫୦ ଛୁଇଁଲାଣି। ଲୋକଙ୍କ ରୋଜଗାର ନାହିଁ ଓ ଖର୍ଚ୍ଚ ବହୁ ପରିମାଣରେ ବଢ଼ିବା ଯୋଗୁଁ ପରିବାରରେ ଅଶାନ୍ତି ସୃଷ୍ଟି ହେଉଛି। ଆସନ୍ତା ନିର୍ବାଚନରେ ବିଧାନସଭା ଓ ଲୋକସଭାରେ ୫୦% ମହିଳାଙ୍କୁ ରାଜ୍ୟ କଂଗ୍ରେସରେ ଟିକେଟ୍ ଦେବା ପାଇଁ ତାଲିକା ଦିଆଯିବ ବୋଲି ଶ୍ରୀମତୀ ଲାମ୍ବା କହିଥିଲେ। ପିସିସି ସଭାପତି ଶରତ ପଟ୍ଟନାୟକ କହିଲେ, ବିଜେଡି ଶାସନରେ ରାଜ୍ୟର ମହିଳାମାନେ ସବୁଠାରୁ ଅଧିକ ଅବହେଳିତ। ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି କହିଥିଲେ, ରାଜ୍ୟର ୭୫ଭାଗ ମହିଳା ଅପପୁଷ୍ଟିର ଶିକାର ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ତାରାପ୍ରସାଦ ବାହିନୀପତି, ସୁରେଶ ରାଉତରାୟ, ଅନନ୍ତ ସେଠୀ, ବିଜୟ ପଟ୍ଟନାୟକ, ଶିବାନନ୍ଦ ରାୟ, ବିଶ୍ୱଜିତ ଦାଶ, ୟାସିର ନୱାଜ, ରଣଜିତ ପାତ୍ର, ଦାସରଥି ଗମାଙ୍ଗୋ, ବିଜୟଲକ୍ଷ୍ମୀ ସାହୁ, ରଶ୍ମି ମହାପାତ୍ର, ସସ୍ମିତା ବେହେରା, ଅନିତା ବିଶ୍ୱାଳ, ଗୀତାଞ୍ଜଳି ମହାନ୍ତି, ଶିଳ୍ପଶ୍ରୀ ହରିଚନ୍ଦନ, ଶ୍ରୀୟାସ୍ମିତା ପଣ୍ଡା, ଅଜୟନ୍ତୀ ପ୍ରଧାନ, ପ୍ରଣତି ମିଶ୍ର, ପ୍ରତିମା ମଲ୍ଲିକ, ସ୍ନେହଲତା ରାୟ ଚୌଧୁରୀ, ଜୟଶ୍ରୀ ପାତ୍ର, ଅପର୍ଣ୍ଣା ସେଠୀ, ଶୋଭାମୟୀ ସିଂହଳ, ମୌସୁମୀ ସାହୁ, ଆରତୀ ଦେଓ, କଳ୍ପନା ସେନ, ଦେବସ୍ମିତା ସାମଲ ଓ ଅନ୍ୟମାନେ ସାମିଲ ହୋଇଥିଲେ।

# ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଇଡିର ସପ୍ତମ 'ସମନ'

**ନୂଆଦିଲ୍ଲୀ:** ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ପିଛା ଛାଡୁନାହିଁ କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସି । କେଜ୍ରିୱାଲଙ୍କୁ ସପ୍ତମ ସମନ ପଠାଇଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆପ୍ ସୁପ୍ରିମୋଙ୍କୁ ଆସନ୍ତା ସୋମବାର ଅର୍ଥାତ୍ ଫେବୃଆରୀ ୨୬ ତାରିଖ ପୂର୍ବରୁ ଇଡିରେ ହାଜର ହେବାକୁ କୁହାଯାଇଛି । ପୂର୍ବରୁ କେଜ୍ରିୱାଲ, ଯାଞ୍ଚ ଏଜେନ୍ସିର ୬ଟି ସମନକୁ ଅଣଦେଖା କରିଛନ୍ତି । ସେତେବେଳେ ଇଡିର ସମନ ବେଆଇନ ବୋଲି କହି, ହାଜର ହୋଇନଥିଲେ । ଏହି ମାମଲା ଏବେ କୋର୍ଟରେ ରହିଛି, ତେଣୁ ରାୟ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଦଳୀୟ ନେତା କହିଥିଲେ । ବାରମ୍ବାର ସମନ ପଠାଇବା ପରେ ବି ଇଡିରେ ହାଜର ହେଉନାହାଁନ୍ତି ଆମ୍ ଆଦମୀ ପାର୍ଟି ନେତା । ଏହା ପୂର୍ବରୁ ଷଷ୍ଠ ନୋଟିସରେ ଫେବୃଆରୀ ୧୯ ତାରିଖରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟରେ ହାଜର ହେବାକୁ କୁହାଯାଇଥିଲା । ମାତ୍ର ଆପ୍ ସୁପ୍ରିମୋ ଏହାକୁ ଅଣଦେଖା କରିଥିଲେ । ଫେବୃଆରୀ ୧୭ ତାରିଖରେ କେଜ୍ରିୱାଲ ଇଡି କୋର୍ଟରେ ଭିଡିଓ କନଫରେନ୍ସିଂ ଜରିଆରେ ହାଜର ହୋଇଥିଲେ । ବିଧାନସଭାରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିବାରୁ ସେ ଉପସ୍ଥିତ ହୋଇପାରୁନାହାନ୍ତି ବୋଲି ତାଙ୍କ ଓକିଲ କୋର୍ଟଙ୍କୁ ଜଣାଇଥିଲେ । ପରବର୍ତ୍ତୀ ତାରିଖରେ ସେ ନିଜେ କୋର୍ଟରେ ହାଜର ହେବେ ବୋଲି କହିଛନ୍ତି । ଅବକାରୀ ନୀତିରେ ଦିଲ୍ଲୀ ସରକାର ପରିବର୍ତ୍ତନ ଆଣିଥିଲେ । ଏହା ଦ୍ୱାରା ବହୁ ବ୍ୟବସାୟୀଙ୍କୁ ଫାଇଦା ହୋଇଥିଲା । ଏହାରି ମାଧ୍ୟମରେ ସରକାର ବେଆଇନ ଭାବେ ଅର୍ଥ ଠୁଳ କରିଥିବା ଅଭିଯୋଗ ହୋଇଥିଲା । ଯାହାକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏକ ମାମଲା ରୁଜୁ କରି ମଦ ଦୁର୍ନୀତି ନେଇ ମନି ଲଣ୍ଡ୍ରିଂ ମାମଲାର ଯାଞ୍ଚ ଆରମ୍ଭ କରିଥିଲା । ଏନେଇ କେଜ୍ରିୱାଲଙ୍କୁ ପ୍ରଥମ ସମନ ନଭେମ୍ବର ୨ତାରିଖ ୨୦୨୩ ଆସିଥିଲା । ଦ୍ୱିତୀୟ ସମନ ଡିସେମ୍ବର ୨୧ ତାରିଖରେ, ତୃତୀୟ ସମନ ଜାନୁଆରୀ ୩ ତାରିଖରେ, ଚତୁର୍ଥ ସମନ ଜାନୁଆରୀ ୧୮ରେ ପଞ୍ଚମ ସମନ ଫେବୃଆରୀ ୨ ତାରିଖରେ ଏବଂ ଷଷ୍ଠ ସମନ ଫେବୃଆରୀ ୧୯ ତାରିଖରେ ଇଡି ପଠାଇଥିଲା ।



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ । ଏହି ମାମଲାରେ ଏବେ କୋର୍ଟରେ ଶୁଣାଣି ଜାରି ରହିଥିବାରୁ ଚୂଡାନ୍ତ ନିଷ୍ପତ୍ତି ଆସିବା ଯାଏ ଅପେକ୍ଷା କରିବାକୁ ଯାଞ୍ଚ ଏଜେନ୍ସିକୁ କହିଛନ୍ତି

# ଦିଲ୍ଲୀରୁ ୩୦୦୦ କୋଟି ଟଙ୍କାର ନିଷିଦ୍ଧ ଡ୍ରଗ୍ସ ଜବତ




**ପୁଣେ:** ଦିଲ୍ଲୀ ଓ ପୁଣେ ପୁଲିସର ସ୍ୱତନ୍ତ୍ର ଟିମ୍ ଆଜି ୧୧୦୦ କିଲୋଗ୍ରାମ ନିଷିଦ୍ଧ ନିଶାଦ୍ରବ୍ୟ 'ମିଉ ମିଉ' ଜବତ କରିଛି । ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ଜଣେ କାରଖାନା ମାଲିକଙ୍କ ସହ ୬ଜଣଙ୍କୁ ଗିରଫ କରାଯାଇଛି । ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ପ୍ରାୟ ୩ ହଜାର କୋଟି ଟଙ୍କା ହେବ ବୋଲି ପୁଲିସ କହିଛି । ପୁଣେ ପୁଲିସ କମିସନର ଅମିତେଶ କୁମାର ଏନେଇ ସୂଚନା ଦେଇ କହିଛନ୍ତି, ନିକଟରେ ଗିରଫ ହୋଇଥିବା ଜଣେ ବ୍ୟକ୍ତିଙ୍କୁ ଜେରାରୁ ମିଳିଥିବା ତଥ୍ୟ ଭିତ୍ତିରେ ମଙ୍ଗଳବାର ପୁଣେର ଭୈରବୀ ନଗର, ବିଶ୍ରାନ୍ତୱାଦୀ ଅଞ୍ଚଳ ଓ କୁରକୁମ୍ଭ ଏମ୍ଆଇଡିସିର ଏକ କାରଖାନାରେ ଚଢ଼ଉ କରାଯାଇଥିଲା । ଏହି ସ୍ଥାନରୁ ୭ଶହ କିଲୋଗ୍ରାମ 'ମିଉ ମିଉ' ଜବତ କରାଯିବା ସହ କାରଖାନାର ମାଲିକ ଅନିଲ ସାବଲେଙ୍କ ସହ ଦୁଇଜଣଙ୍କୁ ଗିରଫ କରାଯାଇଛି । ସେମାନଙ୍କ ଠାରୁ ମିଳିଥିବା ତଥ୍ୟ ଆଧାରରେ ଦକ୍ଷିଣ ଦିଲ୍ଲୀର ହଜ୍‌ଖାସ ଠାରେ ଥିବା ଏକ ଗୋଦାମରେ ଚଢ଼ଉ କରାଯାଇ ସେଠାରେ ମହଜୁଦ ଥିବା ୪ ଶହ କିଲୋଗ୍ରାମ 'ମିଉ ମିଉ' ଜବତ କରାଯାଇଛି । ଏହି ମାମଲାରେ ଆଉ ତିନିଜଣଙ୍କୁ ଗିରଫ କରାଯାଇଛି । ଏତେ ପରିମାଣରେ ଏହି ନିଷିଦ୍ଧ ଡ୍ରଗ୍ସ ଜବତ କରାଯିବା କେବଳ ମହାରାଷ୍ଟ୍ର ନୁହେଁ ସମଗ୍ର ଦେଶରେ ସର୍ବାଧିକ ଅଟେ । ଏହି ଜବତ ପରେ ବିଭିନ୍ନ ରାଜ୍ୟର ପୁଲିସ ଓ ଗୁଇନ୍ଦା ବିଭାଗକୁ ନେଇ ଯୁଗ୍ମ ଭାବେ ଅନୁସନ୍ଧାନ ଆରମ୍ଭ କରାଯାଇଛି । ଗିରଫ ୬ଜଣଙ୍କ ମଧ୍ୟରୁ ୫ ଜଣ ଏହି ନିଶା ଦ୍ରବ୍ୟ ନେବା ଆଣିବା କାମ କେବଳ କରୁଥିଲେ । ପୁଣେରୁ ଏହି ନିଶାଦ୍ରବ୍ୟ ଦିଲ୍ଲୀକୁ ପଠାଯାଉଥିଲା ଓ ସେଠାରେ ଏହା ମହଜୁଦ ରଖାଯାଇ ଅନ୍ୟ ସ୍ଥାନକୁ ପଠାଇବା ବ୍ୟବସ୍ଥା କରାଯାଉଥିଲା ବୋଲି କମିସନର କହିଛନ୍ତି ।

# ସୁନା ଖଣିରେ ଭୟଙ୍କର ଭୂସ୍ଖଳନ ମାଟି ଅତଡ଼ା ଖସି ୨୩ ମୃତ !



**ନୂଆଦିଲ୍ଲୀ:** ଦକ୍ଷିଣ ଆମେରିକୀୟ ଦେଶ ଭେନେଜୁଏଲାରେ ଭୟଙ୍କର ଭୂସ୍ଖଳନ । ଏକ ସୁନା ଖଣିରେ ମାଟି ଅତଡ଼ା ଭୁଶୁଡ଼ିବା ଯୋଗୁ ପ୍ରାୟ ୨୩ଜଣଙ୍କ ମୃତ୍ୟୁ ହୋଇଛି । ଓପନ କାଷ୍ଟ ମାଇନ୍ସ ଭିତରରେ ଅନେକ ଲୋକ ପଶିଥିବା କୁହାଯାଉଛି । ରେସକ୍ୟୁ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଜାରି ରଖିଛି । ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଉଛି । ଖବର ଏଜେନ୍ସି ଅଲଜଜିରା ରିପୋର୍ଟ ମୁତାବକ, ଭେନେଜୁଏଲାର ବୋଲିଭାର୍ ରାଜ୍ୟରେ ଥିବା ଏକ ସୁନା ଖଣିରେ ମଙ୍ଗଳବାର ଭୂସ୍ଖଳନ ହୋଇଛି । ବୁଲ୍ଲା ଲୋକା ଜଙ୍ଗଲ ଭିତରେ ଥିବା ଏହି ମାଇନ୍ସରେ ବେଆଇନ ଭାବେ ସୁନା ଉତ୍ତୋଳନ ହେଉଥିବା ସମୟରେ ମାଟି ଆତଡ଼ା ଖସିଥିଲା । ଭୂସ୍ଖଳନ ବେଳେ ଏଥିରେ ପ୍ରାୟ ଡଜେନରୁ ଅଧିକ ଶ୍ରମିକ କାର୍ଯ୍ୟ କରୁଥିଲେ । ଅଲଜଜିରା ଖବର ଅନୁଯାୟୀ, ପ୍ରାୟ ୨୩ଜଣଙ୍କ ମୃତଦେହ ରେସକ୍ୟୁ ଟିମ୍ ଉଦ୍ଧାର କରିଛି । ତେବେ ଫଶିଥିବା ଲୋକଙ୍କୁ ଖଣି ଭିତରରୁ ଉଦ୍ଧାର କରାଯାଉଛି ।

# ଖାର୍ଗେଙ୍କୁ ଜେଡ ପ୍ଲସ ସୁରକ୍ଷା



**ନୂଆଦିଲ୍ଲୀ :** କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସୁରକ୍ଷା ବୃଦ୍ଧି କରାଯାଇଛି । ତାଙ୍କୁ ଗୃହ ମନ୍ତ୍ରଣାଳୟର ପାରାମିଲିଟାରୀ ଫୋର୍ସ ଦ୍ୱାରା ଜେଡ ପ୍ଲସ ସୁରକ୍ଷା ଦିଆଯାଇଛି । ଆଇବିର ଥ୍ରେଡ ପରସେପ୍ସନ ରିପୋର୍ଟ ଆଧାରରେ ସିଆରପିଏଫର ଏହି ଜେଡ ପ୍ଲସ ବର୍ଗର ସୁରକ୍ଷା ବ୍ୟବସ୍ଥା କଂଗ୍ରେସ ଅଧ୍ୟକ୍ଷଙ୍କୁ ପ୍ରଦାନ କରାଯାଇଛି । ସିଆରପିଏଫର ମୋଟ ୫୮ କମାଣ୍ଡୋ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ୨୪ ଘଣ୍ଟା ସୁରକ୍ଷା ଯୋଗାଇବ । କଂଗ୍ରେସ ଅଧ୍ୟକ୍ଷଙ୍କୁ ସାରା ଦେଶରେ ଜେଡ ପ୍ଲସ ବର୍ଗ ସୁରକ୍ଷା ପ୍ରଦାନ କରାଯିବ । ଜେଡ ପ୍ଲସ ସୁରକ୍ଷାରେ ସାଧାରଣତଃ ୫୫ ଯବାନ ରହିଥାଆନ୍ତି, ଯେଉଁଥିରେ ନ୍ୟାଶନାଲ ସିକ୍ୟୁରିଟି ଗାର୍ଡର କମାଣ୍ଡୋ ଓ ପୋଲିସ ଯବାନ ସାମିଲ ହୋଇଥାଆନ୍ତି । ଏମାନଙ୍କୁ ସମସ୍ତ ପ୍ରକାର ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଦିଆଯାଇଥାଏ । ଟିମ୍‌ର ପ୍ରତ୍ୟେକ ସଦସ୍ୟ ମାର୍ଶଲ ଆର୍ଟ ଓ ଯୁଦ୍ଧ ଦକ୍ଷତା ଉପରେ ପାରଦର୍ଶୀ ଥାଆନ୍ତି ।

# ବଦଳିଲା ଆଗ୍ରାର ଜାମା ମସଜିଦ ମେଟ୍ରୋ ଷ୍ଟେସନର ନାମ

**ଆଗ୍ରା :** ଉତ୍ତର ପ୍ରଦେଶ ଅଗ୍ରାର ୟୁପିଏମଆରସି ତରଫରୁ ଜାମା ମସଜିଦ ମେଟ୍ରୋ ଷ୍ଟେସନର ନାମ ବଦଳାଇଦିଆଯାଇ ମନକାମେଶ୍ୱର ମେଟ୍ରୋ ଷ୍ଟେସନ ନାମରେ ନାମିତ କରାଯାଇଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନିର୍ଦ୍ଦେଶକ୍ରମେ ଏବେ ଷ୍ଟେସନରେ ଲାଗିଥିବା ପୁରୁଣା ହୋର୍ଡିଂକୁ ବଦଳାଇ ଦିଆଯାଇଛି । କିଛିଦିନ ଧରି ଜାମା ମସଜିଦ୍ ମେଟ୍ରୋ ଷ୍ଟେସନର ନାମ ବଦଳାଇବାକୁ ଦାବି ହୋଇଆସୁଥିଲା । ଷ୍ଟେସନ ନିକଟରେ ମନକାମେଶ୍ୱର ନାଥ ମହାଦେବ ମନ୍ଦିର ଥିବାରୁ ଏହି ନାମରେ ଷ୍ଟେସନର ନାମକରଣ କରିବାକୁ ଦାବି ହେଉଥିଲା । କେବଳ ମନକାମେଶ୍ୱର ମହାଦେବ ନୁହଁନ୍ତି କିଛି ଲୋକ ଏହା ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ନାମରେ ନାମିତ କରିବାକୁ ଦାବି କରିଆସୁଥିଲେ । ସେପଟେ ଜାମା ମସଜିଦ ନିକଟରେ ଥିବା ମେଟ୍ରୋ ଷ୍ଟେସନର ନାମ ବଦଳିବା ପରେ ଏବେ ଇଦଗାହ ଷ୍ଟେସନର ନାମ ବଦଳାଇବାକୁ ଦାବି ହେଉଛି । ଛାବନୀ ବିଧାୟକ ଡା.ଜିଏସ୍ ଧର୍ମେଶ ଏହି ଷ୍ଟେସନର ନାମ ରାବଲୀ ମହାଦେବ ଷ୍ଟେସନ ରଖିବାକୁ ଦାବି କରିଛନ୍ତି ।




# ସନ୍ଦେଶଖାଲି ପୀଡ଼ିତାଙ୍କୁ ଭେଟିବେ ମୋଦି !



**କୋଲକାତା :** ପଶ୍ଚିମବଙ୍ଗର ସନ୍ଦେଶଖାଲି ମାମଲାକୁ ନେଇ ଚାରିଆଡେ ଚର୍ଚ୍ଚା ଜୋର ଧରିଛି । ଏଠାକାର ମହିଳାଙ୍କୁ କଥିତ ରୂପେ ଯୌନ ଉତ୍ପୀଡନ ଓ ହିଂସା ମାମଲାକୁ ନେଇ ପୂରା ଦେଶରେ ବିବାଦ ଉପୁଜିଛି । ବିଜେପି, ବସପା ସମେତ ଅନେକ ରାଜନୈତିକ ଦଳ ଏହି ମାମଲାକୁ ନେଇ ମମତା ସରକାରଙ୍କୁ ବିରୋଧ କରୁଛନ୍ତି । ଏଥିସହ ତଦନ୍ତ ଦାବି କରୁଛନ୍ତି । ଏହାରି ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସନ୍ଦେଶଖାଲି ପୀଡିତାଙ୍କୁ ଭେଟିବେ ବୋଲି ସୂଚନା ମିଳିଛି । ଆସନ୍ତା ମାର୍ଚ୍ଚ ୬ ତାରିଖରେ ପଶ୍ଚିମବଙ୍ଗ ଗସ୍ତରେ ଯାଇପାରନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ସେ ଏଠାକାର ଉତ୍ତର ୨୪ ପରଗଣା ଜିଲ୍ଲାର ବାରାସାତରେ ମହିଳା ରାଲିକୁ ସମ୍ବୋଧିତ କରିବେ । ଏହି ସମୟରେ ସେ ସନ୍ଦେଶଖାଲି ପୀଡିତାଙ୍କୁ ଭେଟିପାରନ୍ତି ବୋଲି କହିଛନ୍ତି ପଶ୍ଚିମବଙ୍ଗ ବିଜେପି ଅଧ୍ୟକ୍ଷ ସୁକାନ୍ତ ମଜୁମଦାର । ପିଟିଆଇ ରିପୋର୍ଟ ମୁତାବକ, ସନ୍ଦେଶଖାଲିର ମହିଳାମାନେ ଯଦି ମୋଦିଙ୍କୁ ଭେଟିବାକୁ ଚାହିଁବେ ତେବେ ନିଶ୍ଚିତ ରୂପେ ଏହାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ବିଜେପି ନେତା ସୁକାନ୍ତ ମଜୁମଦାର । ଉଲ୍ଲେଖଯୋଗ୍ୟ, ସନ୍ଦେଶଖାଲିର ଶତାଧିକ ମହିଳା ତୃଣମୂଳ କଂଗ୍ରେସ ନେତା ଶାହଜାହାଁ ଶେଖ ଓ ତାଙ୍କ ସମର୍ଥକଙ୍କ ବିରୋଧରେ ଜମି ହଡପ କରିବା ଓ ଯୌନ ଉତ୍ପୀଡନ ଅଭିଯୋଗ ଆଣିଛନ୍ତି । ଏହି ଘଟଣା ସାମ୍ନାକୁ ଆସିବା ପରେ ଅନେକ ରାଜନେତା ସନ୍ଦେଶଖାଲି ଯାଇ ପୀଡିତାଙ୍କୁ ଭେଟଇବାକୁ ଚେଷ୍ଟା କରିଛନ୍ତି । କିନ୍ତୁ ପଶ୍ଚିମବଙ୍ଗ ପ୍ରଶାସନ ପ୍ରାରମ୍ଭରେ ସେମାନଙ୍କୁ ସେଠାକୁ ଯିବାକୁ ଦେଇନଥିଲା । କିନ୍ତୁ ହାଇକୋର୍ଟଙ୍କ ଅନୁମତି ପରେ ବିଜେପି ନେତା ସୁଭେନ୍ଦୁ ଅଧିକାରୀ ଓ କିଛି ନେତା ପ୍ରତିପକ୍ଷ ସନ୍ଦେଶଖାଲି ଯାଇ ସେଠାକାର ଲୋକଙ୍କୁ ଭେଟିଛନ୍ତି । ସେପଟେ ଏହି ମାମଲାକୁ ନେଇ ଲଗାତର ବିଜେପି ସମେତ ବିଭିନ୍ନ ଦଳର ନେତାମାନେ ମାମତା ସରକାରଙ୍କୁ ଟାର୍ଗେଟ କରିବା ସହ ତାଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି । ବହୁଜନ ସମାଜବାଦୀ ପାର୍ଟି ସୁପ୍ରିମୋ ମାୟାବତୀ ମଧ୍ୟ ଏହି ଘଟଣାର ତଦନ୍ତ କରିବାକୁ ଦାବି କରିଛନ୍ତି ।

# ନୂଆଦଳ ଗଢ଼ିଲେ ସ୍ୱାମୀ ପ୍ରସାଦ ମୌର୍ଯ୍ୟ



**ନୂଆଦିଲ୍ଲୀ :** ବହୁବର୍ଷ ଧରି ବହୁଜନସମାଜବାଦୀ ପାର୍ଟି ପରେ ସମାଜବାଦୀ ପାର୍ଟି ପରେ ଏବେ ୭୦ ବର୍ଷିୟ ବରିଷ୍ଠ ନେତା ସ୍ୱାମୀପ୍ରସାଦ ମୌର୍ଯ୍ୟ ନୂଆଦଳ ଗଠନ କରିଛନ୍ତି । ନୂଆଦଳର ନାମ 'ରାଷ୍ଟ୍ରୀୟ ଶୋଷିତ ସମାଜ ପାର୍ଟି' ରଖିଛନ୍ତି । ଏହାସହ ଦିଲ୍ଲୀରେ ଅନୁଷ୍ଠିତ କାର୍ଯକର୍ତ୍ତା ସମ୍ମିଳନୀରେ ଆଗାମୀ ଲୋକସଭା ନିର୍ବାଚନ ନେଇ ରଣନୀତି ପ୍ରସ୍ତୁତ କରିଛନ୍ତି । ତିନିଦିନ ପୂର୍ବରୁ ସ୍ୱାମୀ ପ୍ରସାଦ ମୌର୍ଯ୍ୟ ସମାଜବାଦୀ ପାର୍ଟିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ । ବାସ୍ତବରେ ରାଷ୍ଟ୍ରୀୟ ଶୋଷିତ ସମାଜ ପାର୍ଟି ଔପଚାରିକ ଭାବେ ୨୦୧୩ ରେ ଗଠନ କରାଯାଇଥିଲା । ଏହି ପାର୍ଟିର ଗଠନ ସାହେବ ସିଂ ଘନଗର ଅଲ୍ଲିଗଡରେ କରିଥିଲେ । ହେଲେ ସେତେବେଳେ ଏହି ପାର୍ଟି ଆଗକୁ ବଢିପାରି ନଥିଲା । ଏବେ ସ୍ୱାମୀପ୍ରସାଦ ମୌର୍ଯ୍ୟ ଏହି ପାର୍ଟିକୁ ଆଗକୁ ନେବେ । କେବଳ ସେତିକି ନୁହେଁ ଆଗାମୀ ଲୋକସଭା ନିର୍ବାଚନରେ ଏହି ପାର୍ଟି ଅଖିଳେଶ ଯାଦବଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିପାରେ । ସ୍ୱାମୀପ୍ରସାଦ ମୌର୍ଯ୍ୟ ୨୦ ବର୍ଷ ଧରି ବହୁଜନସମାଜବାଦୀ ପାର୍ଟିର ବଡ ପଦ ପଦବୀରେ ରହିଥିଲେ । ଏହାସହ ମାୟାବତୀଙ୍କ ସରକାରରେ କ୍ୟାବିନେଟ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଛନ୍ତି ମଧ୍ୟ । ହେଲେ ୨୦୧୭ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ସ୍ୱାମୀପ୍ରସାଦ ବିଏସପି ଛାଡି ବିଜେପିରେ ଯୋଗ ଦେଇଥିଲେ । ଯୋଗୀ ଆଦିତ୍ୟନାଥଙ୍କ ସରକାର ଗଠନ ହେବା ପରେ ସ୍ୱାମୀପ୍ରସାଦଙ୍କୁ ମନ୍ତ୍ରୀପଦ ମିଳିଥିଲା । ହେଲେ ୫ବର୍ଷ ପରେ ୨୦୨୨ ବିଧାନସଭା ନିର୍ବାଚନ ପୂର୍ବରୁ ସ୍ୱାମୀପ୍ରସାଦ ବିଜେପି ଛାଡି ସମାଜବାଦୀ ପାର୍ଟିରେ ଯୋଗ ଦେଇଥିଲେ ।

# ହିଂସାତ୍ମକ ମୋଡ଼ ନେଉଛି କୃଷକ ଆନ୍ଦୋଳନ

**ନୂଆଦିଲ୍ଲୀ:** ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବା ଏମଏସପି ଗ୍ୟାରେଣ୍ଟି ଆଇନ ଦାବିରେ ପୁଣି ଚାଷୀ ସଂଗଠନଗୁଡ଼ିକ ପକ୍ଷରୁ ଆରମ୍ଭ ହୋଇଥିବା 'ଦିଲ୍ଲୀ ଚଲୋ' ଅଭିଯାନ ହିଂସାତ୍ମକ ମୋଡ଼ ନେଇଛି । ଏଥିରେ ପୁଲିସ ଓ ଆନ୍ଦୋଳନକାରୀ ମୁହାଁମୁହିଁ ହୋଇଛନ୍ତି । ପୁଲିସ ସହ ସଂଘର୍ଷରେ ଆନ୍ଦୋଳନରତ କୃଷକ ଶୁଭକରନ ସିଂହ ପ୍ରାଣ ହରାଇଛନ୍ତି । ହେଲେ ହରିଆଣା ପୁଲିସ ଏହି ମୃତ୍ୟୁକୁ ଅସ୍ୱୀକାର କରିଛି । ଏହାପରେ କୃଷକ ନେତା ସରୱାନ ସିଂହ ପାଣ୍ଡେର ସାମ୍ବାଦିକ ସମ୍ମିଳନୀ କରି କୃଷକ ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି । ଖାନୌରୀ ଘଟଣାର ସମୀକ୍ଷା ପରେ ପରବର୍ତ୍ତୀ ରଣନୀତି ପ୍ରସ୍ତୁତ କରାଯିବ । ଏବେ କୃଷକ ଆନ୍ଦୋଳନକୁ ଆଜି ଏବଂ ଆସନ୍ତାକାଲି ଅର୍ଥାତ ଦୁଇ ଦିନ ପାଇଁ ସ୍ଥଗିତ ରଖାଯାଇଛି ବୋଲି ଘୋଷଣା ହୋଇଛି । ସେ କହିଛନ୍ତି ଯେ ସେ ପ୍ରଥମେ ଖାନୌରୀରେ ଏହି ଘଟଣା ବିଷୟରେ



ଆଲୋଚନା କରିବେ, ତେଣୁ ସେ ଦୁଇ ଦିନ ପର୍ଯ୍ୟନ୍ତ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ ନାହିଁ । ଚାଷୀଙ୍କୁ ଅଟକାଇବା ପାଇଁ ପୁଲିସ ଅନେକ ରାଉଣ୍ଡ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା । ରବର ବୁଲେଟ୍ ମଧ୍ୟ ମାଡ଼ ହୋଇଥିଲା । ଅନ୍ୟପକ୍ଷରେ ଚାଷୀମାନଙ୍କ ଆକ୍ରମଣରେ ୧୨ ଜଣ ପୁଲିସକର୍ମୀ ଆହତ ହୋଇଛନ୍ତି । ଚାଷୀମାନେ ନିଆଁରେ ଲଙ୍କାଗୁଣ୍ଡ ପକାଇ ପୁଲିସକୁ ଅସ୍ତବ୍ୟସ୍ତ କରିଦେଇଥିବା ସୂଚନା ମିଳିଛି । ସେପଟେ କେନ୍ଦ୍ର କୃଷିମନ୍ତ୍ରୀ ଅର୍ଜୁନ ମୁଣ୍ଡା ପୁଣି ଥରେ ଚାଷୀଙ୍କୁ ଆଲୋଚନା ପାଇଁ ନିମନ୍ତ୍ରଣ ପଠାଇଛନ୍ତି । ଶମ୍ଭୁ ସୀମାରେ ଅନୁଷ୍ଠିତ ବୈଠକରେ ଚାଷୀମାନେ କେନ୍ଦ୍ରର ପ୍ରସ୍ତାବ ଉପରେ ବିଚାର କରୁଛନ୍ତି ବୋଲି କହିଛନ୍ତି ।

# ୪ ରାଜ୍ୟରେ ଏକାଠି ମିଶି ନିର୍ବାଚନ ଲଢିବେ ଏଏପି-କଂଗ୍ରେସ

**ନୂଆଦିଲ୍ଲୀ :** ଉତ୍ତରପ୍ରଦେଶରେ ସମାଜବାଦୀ ପାର୍ଟି ଏବଂ କଂଗ୍ରେସ ମଧ୍ୟରେ ମେଣ୍ଟ ହେବା ପରେ ବର୍ତ୍ତମାନ ଆମ ଆଦମୀ ପାର୍ଟି (ଏଏପି) ଏବଂ କଂଗ୍ରେସ ମଧ୍ୟରେ ମଧ୍ୟ ଏକ ମେଣ୍ଟ ଦେଖାଯାଉଛି । ବିଶେଷ କଥା ହେଉଛି ଏହି ମେଣ୍ଟ କେବଳ ଦିଲ୍ଲୀରେ ସୀମିତ ରହିବ ନାହିଁ, ଏହା ଗୁଜୁରାଟ, ଗୋଆ, ହରିୟାଣା ଏବଂ ଚଣ୍ଡିଗଡ଼ରେ ମଧ୍ୟ ଉଭୟ ଦଳ ଏକାଠି ନିର୍ବାଚନ ଲଢିବେ । ପଞ୍ଜାବରେ ଉଭୟ ଦଳ ପାରସ୍ପରିକ ସହମତି ଅନୁଯାୟୀ ପୃଥକ ଭାବରେ ନିର୍ବାଚନ ଲଢିବେ । ସୂଚନାନୁସାରେ, ଦୁଇ ଦଳ ମଧ୍ୟରେ ହୋଇଥିବା ଚୁକ୍ତିନାମା ଅନୁଯାୟୀ, ୪/୩ ସୂତ୍ରରେ ଦିଲ୍ଲୀରେ ନିର୍ବାଚନ ଲଢାଯିବ । ଯଦି ଆମ ଆଦମୀ ପାର୍ଟି ଦିଲ୍ଲୀ, ନୂଆଦିଲ୍ଲୀ, ଦକ୍ଷିଣ ଦିଲ୍ଲୀ, ପଶ୍ଚିମ ଦିଲ୍ଲୀ ଏବଂ ଉତ୍ତର-ପଶ୍ଚିମ ଦିଲ୍ଲୀର ଚାରୋଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ, ତେବେ କଂଗ୍ରେସ ପୂର୍ବ ଦିଲ୍ଲୀ, ଉତ୍ତର-ପୂର୍ବ ଏବଂ ଚାନ୍ଦିନୀ ଚୌକ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବାର ସୁଯୋଗ ପାଇବ ।





ତେବେ କେବଳ ଦିଲ୍ଲୀରେ କୌଣସି ମେଣ୍ଟ ହେବ ନାହିଁ ବୋଲି ଏଏପି ସ୍ପଷ୍ଟ କରିଛି । ଏହା ଅନ୍ୟ ରାଜ୍ୟରେ କରିବାକୁ ହେବ (ଯେଉଁଠାରେ ଏଏପିର ପ୍ରଭାବ ମଧ୍ୟ ଅଛି) । ଏହା ପରେ ଗୁଜରାଟରେ ଦୁଇଟି ସିଟ ଏବଂ ହରିୟାଣାରେ ଗୋଟିଏ ସିଟ ଏଏପିକୁ ଦେବାକୁ ରାଜି ହୋଇଥିଲା । ଗୁଜୁରାଟର ଭରୁଚ ଏବଂ ଭାବନଗର ଆସନରେ ଏଏପି ନିର୍ବାଚନ ଲଢିବ । ଏହା ବ୍ୟତୀତ ହରିୟାଣାର ଗୋଟିଏ ସିଟ ମଧ୍ୟ ଏଏପିକୁ ଆସିବ । ସୂଚନାନୁସାରେ, ଚଣ୍ଡିଗଡ଼କୁ କଂଗ୍ରେସକୁ ଆସନ ଦେବା ପାଇଁ ଏକ ଚୁକ୍ତିନାମା ହୋଇଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଏଏପି ଏଠାରେ ମେୟର ହୋଇଛନ୍ତି, କିନ୍ତୁ ଚୁକ୍ତିନାମା ଅନୁଯାୟୀ, ଏଏପି ଏଠାରେ କଂଗ୍ରେସକୁ ସମର୍ଥନ କରିବାକୁ ରାଜି ହୋଇଛି । ଦକ୍ଷିଣ ଗୋଆ ଉପରେ ନିଜର ଦାବି ଛାଡିବାକୁ ମଧ୍ୟ ଏଏପି ନିଷ୍ପତ୍ତି ନେଇଛି । ବର୍ତ୍ତମାନ ସୂତ୍ରରୁ ପ୍ରକାଶ ଯେ ଖୁବ ଶୀଘ୍ର ଏକ ଆନୁଷ୍ଠାନିକ ଘୋଷଣା କରାଯାଇପାରେ ।

## ଜମ୍ମୁ-କଶ୍ମୀର ଗୁଲମର୍ଗରେ ଭୟଙ୍କର ହିମସ୍ଖଳନ

# ଜଣେ ମୃତ, ଅନେକ ନିଖୋଜ

**ଜମ୍ମୁ କାଶ୍ମୀର :** ଜମ୍ମୁ-କଶ୍ମୀର ଗୁଲମର୍ଗରେ ଭୟଙ୍କର ହିମସ୍ଖଳନ । ଏଥିଯୋଗୁ ଜଣେ ପର୍ଯ୍ୟଟଙ୍କ ମୃତ୍ୟୁ ହୋଇଛି । ସେହିପରି ଅନ୍ୟ ୬ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଅନେକ ନିଖୋଜ ଅଛନ୍ତି । ସୂଚନା ମୁତାବକ, ଗୁଲମର୍ଗର କୋଙ୍ଗଦୁରି ପର୍ବତାଞ୍ଚଳ ନିକଟରେ ବ୍ୟାପକ ହିମସ୍ଖଳନ ହୋଇଛି । ଫଳରେ ସ୍କିଂ(ବରଫରେ ସ୍କେଟିଂ) କରିବାକୁ ଯାଇଥିବା କିଛି ବିଦେଶୀ ପର୍ଯ୍ୟଟକ ଏଥିରେ ଫସି ଯାଇଥିଲେ । ବରଫ ଭିତରେ ପୋତି ହୋଇ ଜଣେ ବିଦେଶୀ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଛି । ମୃତକ ଜଣକ ରୁଷର ନାଗରିକ ବୋଲି ଜଣାପଡିଛି । ସେପଟେ ଖବର ପାଇ



ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରଖାଯାଇଛି । ଉଦ୍ଧାର କାମରେ ସେନା ଓ ସ୍ଥାନୀୟ ପୁଲିସ ନିୟୋଜିତ ଅଛନ୍ତି । ସେନା ହେଲିକପ୍ଟର ଜରିଆରେ ବରଫ ଭିତରେ ଫଶି ରହିଥିବା ୬ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ସେହିପରି ପାଖାପାଖି ଅନ୍ୟ ୬ ଜଣ ଏବେବି ନିଖୋଜ ଅଛନ୍ତି । ସମସ୍ତ ପର୍ଯ୍ୟଟକ ବିଦେଶରୁ ଆସିଥିବା କୁହାଯାଉଛି । ସେମାନଙ୍କ ସର୍ଚ୍ଚ ଅପରେସନ୍ ଜାରି ରହିଛି । ଫେବୃଆରୀ ପ୍ରଥମ ସପ୍ତାହରେ ଗୁଲମର୍ଗରେ ପ୍ରବଳ ତୁଷାରପାତ ପରେ କଶ୍ମୀର ଘାଟିର ବିଭିନ୍ନ ପର୍ବତାଞ୍ଚଳରେ ହିମସ୍ଖଳନ ଚେତାବନୀ ଜାରି କରିଥିଲା ପ୍ରଶାସନ । ତେବେ ଏହା ସତ୍ତ୍ୱେ ମଧ୍ୟ ସ୍ଥାନୀୟ ଲୋକଙ୍କ ବିନା ସହାୟତାରେ କିଛି ବଦେଶୀ ପର୍ଯ୍ୟଟକ ସ୍କିଂ କରିବା ପାଇଁ ଯାଇଥିଲେ । ଜାନୁଆରୀ ମାସରେ ଗୁଲମର୍ଗରୁ ଗାଏବ ହୋଇଯାଇଥିଲା ବରଫ । ଏଠାରେ ବରଫ ଦେଖିବାକୁ ମିଳିନଥିଲା । ଫଳରେ ଏଠାକୁ ବୁଲିବାକୁ ଆସିଥିବା ପର୍ଯ୍ୟଟକମାନେ ନିରାଶ ହୋଇଥିଲେ । ହେଲେ ଜାନୁଆରୀ ମାସ ଶେଷ ଆଡକୁ ତୁଷାରପାତ ପରେ ପୁଣିଥରେ ବରଫର ମୋଟା ଚାଦରରେ ଢ଼ାଙ୍କି ହୋଇଯାଇଛି ଗୁଲମର୍ଗ ।



# ବନ୍ଦାଳୋ-ଏଣ୍ତରପଦା ରାସ୍ତା ଉନ୍ନତିକରଣ କାର୍ଯ୍ୟର ଶୁଭାରମ୍ଭ ଓ ଯାତ୍ରୀ ନିବାସ ଉଦ୍‌ଘାଟନ



**ଚଣ୍ଡିଖୋଲ( ଅମୃତ ମିଡିଆ ):** ପଶ୍ଚିମ ବଡଚଣା ର ଏକ ପ୍ରମୁଖ ରାସ୍ତା ଭାବେ ପରିଚିତ ବନ୍ଦାଳୋ – ଏଣ୍ଡରପଦା ପୂର୍ତ୍ତ ବିଭାଗ ରାସ୍ତାର ପ୍ରଶସ୍ତି ଓ ଉନ୍ନତିକରଣ କାର୍ଯ୍ୟ ର ଶୁଭାରମ୍ଭ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଶୁଭାରମ୍ଭ କାର୍ଯ୍ୟରେ ବିଭାଗୀୟ ସହକାରୀ ଯନ୍ତ୍ରୀ ତପନ କୁମାର ସେଠୀ ପ୍ରାରମ୍ଭିକ ସୂଚନା ଦେଇ ୧୬ କିମି ବିଶିଷ୍ଟ ଏହି ରାସ୍ତାଟିର ପ୍ରଶସ୍ତି ଓ ଉନ୍ନତିକରଣ ପାଇଁ ୧୦/୧୦୦ କିମି ରୁ ୧୬/୯୮୨ କିମି ଦୂରତ୍ୱ ରାସ୍ତାର କାର୍ଯ୍ୟକ୍ରମ ୯ କୋଟି ୬୨ ଲକ୍ଷ ୬୦ ହଜାର ବ୍ୟୟ ବରାଦରେ ଏହି କାର୍ଯ୍ୟକ୍ରମଟି ଆରମ୍ଭ ହେବ ବୋଲି କହିଥିଲେ । ମୁଖ୍ୟ ଅତିଥି ବିଧାୟକ ଅମର ପ୍ରସାଦ ଶତପଥୀ ନିଜ ବକ୍ତବ୍ୟରେ ଏହି ରାସ୍ତା ଟିରେ ଦୈନନ୍ଦିନ ହଜାର ହଜାର ଲୋକେ ଯାତାୟାତ କରନ୍ତି । ପଶ୍ଚିମ ବଡଚଣା ର ବିଭିନ୍ନ ପଞ୍ଚାୟତବାସୀଙ୍କର ଏହା ଏକ ମୁଖ୍ୟ ରାସ୍ତା । ଖାଲି ବଡଚଣା ନୁହେ ଏହି ରାସ୍ତା ଉପରେ ଢେଙ୍କାନାଳ ଜିଲ୍ଲାର ବହୁ ଜନସାଧାରଣ ମଧ୍ୟ ଯାତାୟାତ କରନ୍ତି । ଆଗାମୀ ଦିନରେ ଏହାର ପ୍ରଶସ୍ତି ଓ ଉନ୍ନତି କରଣ ହେଲେ ଅଞ୍ଚଳବାସୀଙ୍କର ବହୁ ଉପକାର ହେବ ବୋଲି ଶ୍ରୀ ଶତପଥୀ କହିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟ ଯତିନ୍ଦ୍ର ପ୍ରସାଦ ନାୟକ, ଅରବିନ୍ଦ ସମଲ,ପଞ୍ଚାୟତ ସମିତି ଅଧକ୍ଷ୍ୟା ମିନତୀ ସେନାପତି, ଉପଧାକ୍ଷ ବିଭାସ ଚନ୍ଦ୍ର ନନ୍ଦ, ସମାଜସେବୀ ବିବେକ ରଞ୍ଜନ ଶୁବୁଦ୍ଧି, ପ୍ରଶାନ୍ତ ବଳ, ରମେଶ ଚନ୍ଦ୍ର ଶତପଥୀ, ଆଶିଷ ରଞ୍ଜନ ଶୁବୁଦ୍ଧି, କ୍ଷୀରୋଦ ରାଉତ ପ୍ରମୁଖ ଏଥିରେ ଯୋଗଦେଇ ଏହି ରାସ୍ତା ଟିର କାର୍ଯ୍ୟ ପାଇଁ ଦୀର୍ଘ ଦିନ ହେଲା ଅଞ୍ଚଳବାସୀ ଦାବି କରୁଥିଲେ । ଅଳ୍ପ ଦିନ ଭିତରେ ଏହି କାର୍ଯ୍ୟ ସମାପନ ହେଲେ ଅଞ୍ଚଳବାସୀ ଉପକୃତ ହେବା ସହ ବହୁ ଜନସାଧାରଣ ମଧ୍ୟ ଉପକୃତ ହେବେ ବୋଲି ପ୍ରମୁଖ ଅତିଥିମାନେ କହିଥିଲେ । ପରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ପାର୍ଥ ସାରଥି ପ୍ରହରାଜ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଶାଳପଡା ବଜାର ଠାରେ ବିଧାୟକଙ୍କ ଉନ୍ନୟନ ପାଣ୍ଠି ଓ ଆମ ଓଡିଶା ନବୀନ ଓଡିଶା ପକ୍ଷରୁ ଅର୍ଥ ବ୍ୟୟ ବରଦାରେ ନିର୍ମାଣ କରାଯାଇଥିବା ଯାତ୍ରୀ ନିବାସକୁ ବିଧାୟକ ଅନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ପ୍ରତ୍ୟହ ଦିନ ଏହି ରାସ୍ତାରେ ଯାଉଥିବା ଯାତ୍ରୀମାନେ ଯାତାୟାତ କରିବା ପାଇଁ ବସକୁ ଅପେକ୍ଷା କରି ଖରାରେ ଓ ବର୍ଷାରେ ଛିଡା ହେଉଥିଲେ, ଅଞ୍ଚଳବାସୀ ଏଠାରେ ଏକ ଯାତ୍ରୀ ନିବାସ କରିବାପାଇଁ ଜଣାଇଥିଲେ । ବିଧାୟକ ଶ୍ରୀ ଶତପଥୀ ସ୍ଥାନୀୟ ଅଞ୍ଚଳବାସୀଙ୍କର ସମସ୍ୟାକୁ ନଜର ରଖି ନିଜସ୍ୱ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଓ ଆମ ଓଡିଶା ନବୀନ ଓଡିଶାର କିଛି ଅର୍ଥ ବ୍ୟୟ ବରାଦରେ ଏହି ଯାତ୍ରୀ ନିବାସଟି ବ୍ଲକ ପ୍ରଶାସନ ଓ ସ୍ଥାନୀୟ ଲୋକଙ୍କ ଦ୍ୱାରା ନିର୍ମାଣ କରାଇଥିଲେ । ଏହି ଯାତ୍ରୀ ନିବାସଟିକୁ ଉଦ୍ଘାଟନ କରି ବିଧାୟକ ଶ୍ରୀ ଶତପଥୀ ଏହାର ଉଚିତ ରକ୍ଷଣ ବେକ୍ଷଣ ସହ ଯତ୍ନ ନେବା ପାଇଁ ଅଞ୍ଚଳବାସୀଙ୍କୁ କହିଥିଲେ । ଯାତ୍ରୀ ନିବାସଟି ଉଦ୍ଘାଟନ ପରେ ଅଞ୍ଚଳବାସୀ ବିଧାୟକ ଶ୍ରୀ ଶତପଥୀଙ୍କୁ କୃତଜ୍ଞତା ଓ ସାଧୁବାଦ ଜଣାଇଥିଲେ ।

# ଅଗ୍ନିଶମ କାର୍ଯ୍ୟାଳୟ ଠାରେ କର୍ମଚାରୀଙ୍କ ଧାରଣା



**ଚଣ୍ଡିଖୋଲ( ଅମୃତ ମିଡିଆ ):** ଦୁଇ ଦଫା ଦାବି ନେଇ ରାଜ୍ୟ ଅଗ୍ନିଶମ କର୍ମଚାରୀମାନେ ଧାରଣା ଆରମ୍ଭ କରିଛନ୍ତି । ସେହିପରି ଚଣ୍ଡିଖୋଲ ଅଗ୍ନିଶମ କର୍ମଚାରୀ କାଯ୍ୟାଳୟ ଠାରେ କର୍ମଚାରୀମାନେ ଧାରଣା ଦେଇଛନ୍ତି । ଗତ କାଲି ଠାରୁ ଆରମ୍ଭ ହୋଇଥିବା ଏହି ଧାରଣା ଗୁରୁବାର ମଧ୍ୟ ଜାରି ରହିଛି । ଧାରଣ ସକାଳ ୬ଟାରୁ ଆରମ୍ଭ ହୋଇ ସଂଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ । ପୂର୍ବରୁ ସେମାନେ ନିଜ ଦାବି ସମ୍ପର୍କରେ ରାଜ୍ୟପାଳ,ମୂଖ୍ୟମନ୍ତ୍ରୀ ଓ ଅଗ୍ନିଶମ ମହାନିର୍ଦ୍ଦେଶକଙ୍କୁ ଅବଗତ କରାଇଥିଲେ ମଧ୍ୟ ଏହାର ସମାଧାନ ହୋଇନାହିଁ । ଦାବି ପୂରଣ ନହେବା ଯାଏଁ ଧାରଣ ଚାଲୁ ରହିବ ବୋଲି ଧାରଣାରତ କର୍ମଚାରୀ ମାନେ ପ୍ରକାଶ କରିଛନ୍ତି ।

# ଟ୍ରେଲରକୁ ଧକ୍କା ଦେଲା ଟ୍ରକ: ଟ୍ରକ ଡ୍ରାଇଭର ଗୁରୁତର

**ଚମ୍ପୁଆ (ଅମୃତ ମିଡିଆ) :** ଚମ୍ପୁଆ ଥାନା ଅନ୍ତର୍ଗତ ୨୦ନମ୍ବର ଜାତୀୟ ରାଜପଥ ରଜିଆ ଜଙ୍ଗଲ ନିକଟରେ ଏକ ଟ୍ରଲକୁ ଟ୍ରକ ଧକ୍କା ହେବା ଫଳରେ ଟ୍ରକ ଡ୍ରାଇଭର ଗରୁତର ଆହତ ହୋଇଥିବା ଜଣା ପଡିଛି । ଖବର ଅନୁସାରେ, ଝାରଖଣ୍ଡ ପଟୁ ଚମ୍ପୁଆ ଦେଇ ଯାଉଥିବା ଏକ ଟ୍ରକ ରଜିଆ ଜଙ୍ଗଲ ନିକଟରେ ରିମୁଳି ପଟୁ ଆସୁଥିବା ଏକ ଟ୍ରଲର ଡାଲାରେ ଧକ୍କା ହୋଇଥିଲା । ଫଳରେ ଟ୍ରକ ର ସାମନା ପଟ ଭାଙ୍ଗି ଚୁରମାର ହୋଇ ଥିବା ବେଳେ ଡ୍ରାଇଭର ଗାଡ଼ି ଭିତରେ ରେ ଫସି ରହିଥିଲା । ରାସ୍ତା ରେ ଯାଉଥିବା ଅନ୍ୟ ଗାଡ଼ିର ଡ୍ରାଇଭର ମାନେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଡ୍ରାଇଭରକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ କୁ ପଠାଇଥିଲେ । ଡ୍ରାଇଭର ଜଣକ ବିହାର ରାଜ୍ୟର ରଙ୍ଗନାଥପୁର ଥାନା ଅନ୍ତର୍ଗତ ଫୁଲରିଆ ଗ୍ରାମର ବିଟୁ ଯାଦବ ବୋଲି ଜଣା ପଡିଛି । ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତା'ଙ୍କୁ ଜିଲ୍ଲା ମୁଖ୍ୟାଳୟ ଡାକ୍ତର ଖାନା କୁ ସ୍ଥାନାନ୍ତରିତ କରାଯାଇଛି । ଖବର ପାଇ ଚମ୍ପୁଆ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛି ।

# ୪୧୭୨ ଜଣଙ୍କୁ ମିଳିଲା ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର




**ବାରିପଦା(ଅମୃତ ମିଡିଆ):** ମିଳିବ ସମ୍ମାନ, ବଢିବ ଉତ୍ସାହ, ଆଣିବ ଆଗ୍ରହ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଓ ଏହି ଆହ୍ୱାନେର ବାରିପଦା ତକତପୁର ସ୍ଥିତ ଏ ପି ଜେ ଅବଦୁଲ କାଲାମ ପଡିଆରେ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି ଓ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱେର ଅନୁଷ୍ଠିତ ଉଦଘାଟନୀ ଉତ୍ସବେର ମୁଖ୍ୟ ଅତିଥି ଭବେ ଯୋଗ ଦେଇ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏକାଗ୍ରତା, କଠିନ ପରିଶ୍ରମ ଓ ଆତ୍ମବିଶ୍ୱାସ କୁ ପଥେୟ କରିପାରିଲେ ଜେଣ ନିଶ୍ଚୟ ବଡ଼ ମଣିଷ ହୋଇପାରିବ ବୋଲି ଛାତ୍ରଛାତ୍ରୀ ମାନଙ୍କୁ ଉଦେବାଧନ ଦେଇଥିଲେ ଓ ଅନ୍ୟ ମାନଙ୍କ ମଧ୍ୟେର ମାନ୍ୟବର ରାଜ୍ୟସଭା ସାଂସଦ ମମତା ମହାନ୍ତ, ମୋରଡା ବିଧାୟକ ରାଜକିଶୋର ଦାସ, ଉଦଳା ବିଧାୟକ ଭାସ୍କର ମେଢଇ, ସାରସକଣା ବିଧାୟକ ବୁଢାନ ମୁର୍ମୁ, ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଦେବାଶିଷ ମାର୍ଣ୍ଡି ଓ ନୂଆ ଓଡିଶାର ଜିଲ୍ଲା ସଂଯୋଜକ ସୁନୀଲ ଦାଶ ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ/ଶିକ୍ଷୟତ୍ରୀ, ପୁରାତନ ଛାତ୍ରଛାତ୍ରୀ, ବିଦ୍ୟାଳୟ ଶିକ୍ଷା କମିଟି ତଥା ସରପଞ୍ଚ ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ଓ ରଞ୍ଜନ କୁମାର ନନ୍ଦ ଓ ହେରନ୍ଦ୍ର ମହାନ୍ତ ମଞ୍ଚ ପରିଚାଳନା କରିଥିଲେ ଓ ଏହି ଅବସରେର ୨୧୦ ଜଣଙ୍କୁ ଜିଲ୍ଲାସ୍ତରୀୟ ଛାତ୍ର ପୁରସ୍କାର, ୨୬୩୨ ଜଣ ବ୍ଲକସ୍ତରୀୟ ଛାତ୍ର ପୁରସ୍କାର, ୧୦୫୫ ଜଣଙ୍କୁ ଲିଡରସିପ ପୁରସ୍କାର, ୭୮ ଉଚ୍ଚ ମାଧମିକ ବିଦ୍ୟାଳୟ ପୁରସ୍କାର, ୭୧ ପ୍ରାଥମିକ ବିଦ୍ୟାଳୟ ପୁରସ୍କାର, ୨୩ ଗ୍ରାମ ପଂଚାୟତ ପୁରସ୍କାର, ୨୫ ପୁରାତନ ଛାତ୍ରଛାତ୍ରୀ ପୁରସ୍କାର, ୨୬ ବିଦ୍ୟାଳୟ ଶିକ୍ଷା କମିଟି, ୨୬ ଉଚ୍ଚ ମାଧମିକ ସ୍ତରୀୟ ପ୍ରଧାନ ଶିକ୍ଷକ ପୁରସ୍କାର ତଥା ୨୬ ପ୍ରାଥମିକ ବିଦ୍ୟାଳୟ ସ୍ତରୀୟ ଶିକ୍ଷକ ପୁରସ୍କାର ସେମତ ମୋଟ ୪୧୭୨ ଜଣଙ୍କୁ ପୁରସ୍କାର ପ୍ରଦାନ କରାଗଲା ଓ ଏମ ଟି କେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱାଗତ ସଂଗୀତ ପରବେଷଣ କରିଥିବା ବେଳ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ପରବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ଆକର୍ଷଣୀୟ ହୋଇଥିଲା ଓ ଅପରାହ୍ନେର ଅତିଥି ଭବେ ଯୋଗେଦଇ ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ପୁରସ୍କାର ବିତରଣ କରିବା ସହ ଛାତ୍ରଛାତ୍ରୀ ମାନଙ୍କର ଜୀବନେର ସଫଳତା କାମନା କରିଥିଲେ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ପ୍ରଶାନ୍ତ କୁମାର ମହାନ୍ତି ଓ ନିତ୍ୟାନନ୍ଦ ବାରିକ ତଥା ଶ୍ରୀମା ମହିଳା ମହାବିଦ୍ୟାଳୟର ପ୍ରଧାପକ ଶ୍ରୀକାନ୍ତ ରାଉତ, ବାଙ୍ଗିରିପୋଷି ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌତମ ପାତ୍ର ଛାତ୍ରଛାତ୍ରୀ ମାନଙ୍କ ସଫଳ ଜୀବନଯାତ୍ରା ପାଇଁ ପ୍ରେରଣାତ୍ମକ ଉପେଦଶ ଦେଇଥିଲେ ଓ ଜିଲ୍ଲା ବିଜ୍ଞାନ ପରିଦଶର୍କ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ଜିଲ୍ଲା ଶାରୀରିକ ଅଧିକାରୀ ଭାଗିରଥି ମଲ୍ଲିକ, ଜିଲ୍ଲା ଆଦିବାସୀ ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି, ଜିଲ୍ଲା ଭିନ୍ନକ୍ଷମ ସଂଯୋଜକ ନିରଞ୍ଜନ ନାୟକ, ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀକାନ୍ତ ପ୍ରଧାନ ସେମତ ସମସ୍ତ ବି ଇ ଓ, ଏ ବି ଇ ଓ, ସମସ୍ତ ସି ଆର ସି ସି, ଶିକ୍ଷକ / ଶିକ୍ଷୟତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ

# ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଶ୍ୱ ମାତୃଭାଷା ଦିବସ ପାଳିତ



**ବାରିପଦା(ଅମୃତ ମିଡିଆ):** ସ୍ଥାନୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି । କେଲଜର ଅଧକ୍ଷ ପ୍ରେଫସର ମୁକ୍ତିକାନ୍ତ ପଣ୍ଡା ଆନୁଷ୍ଠାନିକ ଭବେ ଏହି ସଭାକୁ ଉଦଘାଟନ କରିଥିବା ବେଳ, ଅତିଥି ଭାବେର ଭୂତତ୍ତ୍ୱ ବିଭାଗର ପ୍ରେଫସର ପ୍ରେମାଦ ଚନ୍ଦ୍ର ସାହୁ ଯୋଗ ଦେଇ ଭାଷାର ଦିଗ ବିଦିଗ ସମ୍ପକକର୍ରେ ଅାଲୋକପାତ କରିଥିଲେ । ଛାତ୍ର ଧନଞ୍ଜୟ ସି ମଞ୍ଚ ସଞ୍ଚାଳନ କରିଥିବା ବେଳ ଇନ୍ଦ୍ରଜିତ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଭାଗର ଅଧାପକ ଡ. ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର ବିଶ୍ୱର ବିଭିନ୍ନ ଭାଷାର ଗୁରୁତ୍ୱ ଓ ପ୍ରଭାବକୁ ନିଜ ବକ୍ତବ୍ୟେର ପ୍ରକାଶ କରିଥିଲେ. ବିଭାଗର ମୁଖ୍ୟ ଡ. ରୀନା ମୁର୍ମୁ ଅନ୍ୟ ଅଧାପକ,ଅଧାପିକା ଛନ୍ଦିତା ବିଶ୍ୱାଳ, ଡ. ଦୟାନିଧି ପରିଡା, ଅଜୟ କୁମାର ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏହି ଅବସର ରେ ବିଭିନ୍ନ ପ୍ରତଯୋଗିତା ଅନୁଷ୍ଠିତ ହୋଇଥିବା ବେଳ, ସାନ୍ତାଳୀ, କୁଡୁମୀ, ସମ୍ବଲପୁରୀ ଆଦି ଭାଷାେର ଛାତ୍ରଛାତ୍ରୀ ମାେନ ବକ୍ତବ୍ୟ ରଖିଥିଲେ । ଶେଷେର ଛାତ୍ର ମାନସ କୁମାର ନାୟକ ଧନ୍ୟବାଦ ଅପର୍ଣ କରିଥିଲେ ।

# ଭାଲିଆଗୁଡା ନୂତନ ପ୍ରାଥମିକ ବିଦ୍ୟାଳୟ କୋଠା ଉଦ୍‌ଘାଟିତ



**ଜୟପୁର(ଅମୃତ ମିଡିଆ):** ଜୟପୁର ବ୍ଲକ ଅନ୍ତର୍ଗତ ଭାଲିଆଗୁଡା ନୁତନ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣିଗୃହ ଆଜି ଉଦଘାଟନ ହୋଇଛି । ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଛନ୍ତି । ଅହି କାଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷ ତିଳୋତ୍ତମା ମୁଦୁଲି, ବିଇଓ ଚନ୍ଦନ କୁମାର ନାୟକ, ବିଡିଓ ଶକ୍ତି ମହାପାତ୍ର, ଜିଲା ପରିଷଦ ସଭ୍ୟା, ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ ।

# ମହାମହିମ ରାଷ୍ଟ୍ରପତିଙ୍କ ଖିଚିଂ ଗସ୍ତ ପାଇଁ ପ୍ରଶାସନିକ ପ୍ରସ୍ତୁତିର ସମୀକ୍ଷା କଲେ ଜିଲ୍ଲାପାଳ ଓ ଏସ୍‌ପି



**ବାରିପଦା(ଅମୃତ ମିଡିଆ):** ମୟୁରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା କିଚେକଶ୍ୱରୀ ଙ୍କ ଦଶର୍ନ ପାଇଁ ଆସନ୍ତା ୨୯ ତାରିଖ ମହାମହିମା ରାଷ୍ଟ୍ରପତି ଦୌପଦି ମୁର୍ମୁ ଖିଚିଂ ଆସୁଥିବା ଦୃଷ୍ଟି କୋଣ ରୁ ସ୍ଥିତି ପରଖିବା ପାଇଁ ଗତ ୧୯ ତାରିଖ ସୋମବାର ମୟୁରଭଞ୍ଜ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ଏସ ସୁଶ୍ରୀ ଖିଚିଂ ଗସ୍ତ କରି ଯାଇଥିବା ବେଳ ଆଜି ପୂର୍ବାହ୍ନ ୮ ଘଟିକା ସମୟେର ମୟୁରଭଞ୍ଜ ଜିଲ୍ଲାପାଳ ଆଶିଷ ଠାକେର ଶୁକ୍ରୁଳି ବ୍ଲକ ର ପାଣ୍ଡାରଶିଳ ଠାେର ହେବାକୁ ଥିବା ଆସ୍ଥାଇ ହେଲିପ୍ୟାଡ଼ କୁ ପରଖିବା ପେର ସେଠାରୁ ୬ କି ମି ଦୂର ଖିଚିଂ ଠାେର ଥିବା ମା କିଚେକଶ୍ୱରି ମନ୍ଦିର ରେ ପହଂଚି ଆଗାମୀ ୨୯ ତାରିଖ ରେ ରାଷ୍ଟ୍ରପତି ଙ୍କ ଗସ୍ତ କିଭଳି ସୁଚାରୁ ରୂପେ ସମାପନ ହେବ ହେବ ବିଭାଗିୟ ଅଧିକାରୀ ଙ୍କ ସହିତ କଥାପାର୍ତ୍ତା ହୋଇ ଫେରିଯାଇଛନ୍ତି । ଜିଲ୍ଲାପାଳ ଙ୍କ ଗସ୍ତ ସମୟେର ପାଞ୍ଚପିଢ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ,ଏସ ଡି ପି ଓ ସୁବ୍ରତ କୁମାର, ଶୁକ୍ରୁଳି ବିଡ଼ିଓ ବ୍ରହ୍ମାନନ୍ଦ ବେହେରା, ଶୁକ୍ରୁଳି ତହସିଲଦାର, ରରୁଆଁ ଥାନା ଅଧିକାରୀ ସୁମନ୍ତ ସେଠି ମନ୍ଦିର ପରିଛା ଅଜୟ କୁମାର ସାହୁ ପୂଜକ ଦିଲ୍ଲୀପ କୁମାର ପାଣିଗ୍ରାହୀ ଙ୍କ ସହିତ ବିଭିନ୍ନ ଅଧିକାରୀ ମେନ ଉପସ୍ଥିତ ଥିଲେ । ରାସ୍ତାଘାଟ ସହିତ ବିଭିନ୍ନ ଫୁଲ ରେ ମନ୍ଦିର ସାଜସଜ୍ୟା, ସୁରକ୍ଷା, ପାନୀୟ ଜଳ ସମସ୍ୟା ସମସ୍ତ ବିଷୟେର ଦୃଷ୍ଟି ରଖିବାକୁ ବିଭାଗିୟ ଅଧିକାରୀ ମାନଙ୍କୁ ନର୍ଦେଶ ଦେଇଥିବାର ଜଣାଯାଇଛି ।

# ଖାନନଗର ପଞ୍ଚାୟତରେ ସଚେତନତା ଶିବିର

**ଦଶରଥପୁର(ଅମୃତ ମିଡିଆ):** ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅଧିନସ୍ଥ ଖାନନଗର ପଞ୍ଚାୟତରେ ଆମ ଓଡିଶା ନବିନ ଓଡିଶା ଯୋଜନା ଅନ୍ତର୍ଗତ ପଂଚାୟତ ସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭା ଯୁବନେତା



ବିରଜା ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ ଏହି ସଭାରେ ମୁଖ୍ୟ ଅତିଥି ଭାବରେ ଓଡିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ପ୍ରମିଳା ମଲ୍ଲିକ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କ ରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ । ସମ୍ମାନିତ ଅତିଥିଭାବେ ଦଶରଥପୁର ବ୍ଲକ ଅଧକ୍ଷ ଦିଗାମ୍ବର ମଲ୍ଲିକ, କମାରଡିହି ସମବାୟ ସମିତିର ସଭାପତି ଭାଗିରଥି ସାହୁ,ସରପଞ୍ଚ ଶୁଭଶ୍ରୀ ମଲ୍ଲିକ,ସମିତି ସଭ୍ୟା ଜ୍ୟୋସ୍ନାରାଣୀ ଦାସ, ଜୋନ ସଭ୍ୟା ନିନାରାଣୀ ସାମଲ, ପୂର୍ବତନ ସରପଂଚ ପ୍ରଶାନ୍ତ କୁମାର ସାହୁ, ଛାତ୍ର ନେତା ଚିନ୍ମୟ ମାହୁନ୍ତ,ସମାଜସେବୀ ଚୌବନ ବାରିକ୍, ଯୁବନେତା ହିମାଂଶୁ ପରିଡା ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ କୃଷକ, ଶିକ୍ଷାବିତ, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ଛାତ୍ର ଛାତ୍ରୀ ମାନଙ୍କୁ ବାଚସ୍ପତିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ସଭା ଶେଷରେ ପିଇଓ ଅଭୟ କୁମାର ବଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଧାର ନଥିବା ଯୋଗୁଁ ବିଦ୍ୟାଳୟ ଆସିବାକୁ ମନାକଲେ ଶିକ୍ଷକ
# ଦାଦନ ଖଟିବାକୁ ଗଲେ ବାପ ଛେଉଣ୍ଡ ପୁତ୍ର 'ପ୍ରଫୁଲ'



**ବାରିପଦା /ଉଦଳା (ଅମୃତ ମିଡିଆ) :** ଉଦଳା ବ୍ଲକର କୋଚିଲାଡ଼ିହା ପଂଚାୟତ ଅନ୍ତର୍ଗତ ପ୍ରଫୁଲଚନ୍ଦ୍ରପୁର ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ରାମ ମାର୍ଣ୍ଡିଙ୍କର ଦେହାନ୍ତ ହୋଇଯିବା ଫଳରେ ତାଙ୍କର ୧୩ ବର୍ଷ ବୟସର ପୁତ୍ର 'ପ୍ରଫୁଲ' ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏପରିକି ନିକଟରେ ପ୍ରଫୁଲ ପାଠ ପଢ଼ାରେ ଡ଼ୋରି ବାନ୍ଧି ଦାଦନ ଖଟିବା ପାଇଁ ବାହାରକୁ ଯାଇଥିବାର କଥା ମାତା ସଲମା ମାର୍ଣ୍ଡି ଜଣାଇଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି, ବିଦ୍ୟାଳୟର ଶିକ୍ଷକ ନିୟମିତ ଆଧାର କାର୍ଡ଼ ମାଗିଲେ । ଆଧାର କାର୍ଡ଼ ଦେଇ ନପାରିବାରୁ ଶିକ୍ଷକ ବିରକ୍ତ ହୋଇ 'ତୁମର ଆଉ ବିଦ୍ୟାଳୟକୁ ଆସିବା ଦରକାର ନାହିଁ' ବୋଲି କହିଲେ । ଫଳରେ ପ୍ରଫୁଲ ବିଦ୍ୟାଳୟକୁ ଯିବା ବନ୍ଦ କରିଦେଲେ । ସେପଟେ ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ୧୩ ବର୍ଷ ବୟସର ଶିଶୁ ପ୍ରଫୁଲ କାମ କରିବା ପାଇଁ ବାହାରକୁ ଯିବାକୁ ବାଧ ହେଲେ ବୋଲି ମାତା ସଲମା ଜଣାଇଛନ୍ତି । କତୃପକ୍ଷ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

## ଲୋକକଳା ମାଧ୍ୟମରେ ପ୍ରଚାର ଚାଲିଛି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା
### ରାଜ୍ୟ ସରକାରଙ୍କ ପ୍ରତିନିଧି ଡ. ଧୀରେନ ମହାନ୍ତି କଲେ ପର୍ଯ୍ୟବେକ୍ଷଣ



**ବାରିପଦା (ଅମୃତ ମିଡିଆ) :** ଲୋକକଳା ମାଧ୍ୟମରେ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା ମାନ ଜନପ୍ରସାରି କରିବାପାଇଁ ମୟୂରଭଞ୍ଜ ଜିଲ୍ଲାରେ ଅନେକ କଳାକାର ପ୍ରତ୍ୟେକ ବ୍ଲକରେ ବିଭିନ୍ନ କାର୍ଯ୍ୟକ୍ରମ ମାନ କରୁଛନ୍ତି । ଏହି ପରିପ୍ରେକ୍ଷୀରେ, ବାରିପଦା ବ୍ଲକର ବଡ଼ଯୋଡ଼, ଖଡିଶୋଲ, କରଞ୍ଜିଆ, ତଥା ବଡ଼ ସାହି ବ୍ଲକର ବାଥୁଡ଼ିବନ୍ଧ, ନୟାବ୍ରଜ ନନ୍ଦନପୁର, ଖୁଣ୍ଟା ବ୍ଲକର ବଡପଥରା, ତାଳମୁଣ୍ଡା ଠାରେ ସରକାରଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା କରାଯାଇଥିଲା । ସରକାରଙ୍କର ବିଭିନ୍ନ ଯୋଜନା ଯଥା ଆଦର୍ଶ ବିଦ୍ୟାଳୟ, ମଧୁବାବୁ ପେନସନ, ଶିଶୁ ସୁରକ୍ଷା, ଫସଲ ବୀମା, କ୍ରୀଡା, ଲକ୍ଷ୍ମୀ ବସ୍, ବିଦ୍ୟାଳୟ ରୁପାନ୍ତରିକରଣ, ମମତା ଯୋଜନା ଭଳି ୧୫ଟି ଯୋଜନା ଆଦି ସବୁକୁ ଓଡ଼ିଆ, ଆଦିବାସୀ, ଏବଂ ଲୋକକଥା ମାଧ୍ୟମରେ ଜିଲ୍ଲା ଏବଂ ବ୍ଲକ କଳା ସଂସ୍କୃତି ସଂଘର କଳାକାର ମାନେ ପରିବେଷଣ କରି ସ୍ଥାନୀୟ ଲୋକ ମାନଙ୍କୁ ସଚେତନ କରିଥିଲେ । ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ସମସ୍ତକୁ ପର୍ଯ୍ୟବେକ୍ଷଣ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରତିନିଧି ଡଃ. ଧିରେନ ମହାନ୍ତି ଆସିଥିବା ବେଳେ ଜିଲ୍ଲାରେ ହେଉଥିବା କାର୍ଯ୍ୟକ୍ରମ ଦେଖି ସନ୍ତୋଷ ପ୍ରକାଶ କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ପ୍ରସାଦ ସେଠୀ ଓ ଜିଲ୍ଲା ସଂସ୍କୃତି ସଂଘ ଉପସଭାପତି ଲମ୍ବୋଦର ନନ୍ଦ କାର୍ଯ୍ୟକ୍ରମ ନିରୀକ୍ଷଣ କରିଥିଲେ ।

## କୃଷି ମହାବିଦ୍ୟାଳୟରେ ବିଶ୍ୱ ମାତୃଭାଷା ଦିବସ ପାଳନ




**ଭୁବନେଶ୍ୱର (ବ୍ୟୁରୋ) :** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍)ର ସାମାଜିକ ଓ ସାଂସ୍କୃତିକ ଶାଖା କ୍ରିଏଟିଭୋ ପକ୍ଷରୁ ବୁଧବାର 'ବିଶ୍ୱ ମାତୃଭାଷା ଦିବସ' ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀ ତଥା ଓଡିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ଗୀତିକବି ଶ୍ରୀ ମନୋଜ ମହାନ୍ତି ଯୋଗ ଦେଇ ଓଡିଆ ଭାଷା ସୁରକ୍ଷା ଦିଗରେ ଯୁବ ସମାଜର ଭୂମିକା ବିଷୟରେ ଆଲୋକପାତ କରିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନିରୋଦ କୁମାର ଧଳ ଯୋଗ ଦେଇ ଏହି ଉଦ୍ୟମକୁ ପ୍ରଶଂସନୀୟ ବୋଲି କହିଥିଲେ । ଏହାର ପ୍ରଥମ ଅଧିବେଶନରେ ଶ୍ରୀ ସୁବ୍ରତ ସେନାପତିଙ୍କ ତତ୍ୱାବଧାନରେ ମହା ବିଦ୍ୟାଳୟ ସ୍ତରୀୟ କବିତା ଆସର ଅନୁଷ୍ଠିତ କରାଯାଇଥିଲା । ଏହାକୁ ପ୍ରଫେସର ବିଜୟ କୁମାର ମିଶ୍ର ଉଦ୍‌ଘାଟନ କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରଫେସର ଅଶୋକ ମହାପାତ୍ର, ପ୍ରଫେସର ଅଜୟ ପଟ୍ଟନାୟକ ଓ ପ୍ରଫେସର ସରୋଜ କୁମାର ମହାନ୍ତି ଯୋଗ ଦେଇଥିଲେ । ଡକ୍ଟର ନନ୍ଦିତା ଜେନା, ଡକ୍ଟର ସତ୍ୟ ନାରାୟଣ ଶତପଥୀ, ଅଦିତି ରଥ, ଲୋପାମୁଦ୍ରା ମହାନ୍ତି, ବିଷ୍ଣୁପ୍ରିୟା ପ୍ରଧାନ, ଆଶିଷ ବିଶ୍ୱାଳ, ତନିଶା ପୁରୋହିତ, ଅନନ୍ୟା ସୁବୁଦ୍ଧି, ସ୍ୱଦେଶ ବେହେରା, ମାନସ ଦାସ ପ୍ରମୁଖ କବିତା ଆବୃତ୍ତି କରିଥିଲେ । କ୍ରିଏଟିଭୋର ମୁଖ୍ୟ ସଂଯୋଜକ ଡକ୍ଟର ଭୁବନାନନ୍ଦ ଅଧିକାରୀଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଫେସର ପ୍ରଭାତ କୁମାର ଷଡଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଡକ୍ଟର ରାମକୃଷ୍ଣ ବସ୍ତିଆ, ଶୁଭମ୍ ପ୍ରକାଶ, ସ୍ନେହା ରତାମ୍ବରା ଓ ବିଶ୍ୱଜିତ୍ ମିଶ୍ର ପରିଚାଳନା କରିଥିଲେ । ବୈଷ୍ଣବୀ ବେହେରା, ଅନ୍ୱେଷା, ସୌମ୍ୟ ରଂଜନ, ଚନ୍ଦନ, ସୌମ୍ୟାଶ୍ରୀ ମହାନ୍ତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଡକ୍ଟର ସୁଚିସ୍ମିତା ମହାପାତ୍ର ଓ ଡକ୍ଟର ଦୀପାଳି ଦାଶ ମଂଚ ସଂଯୋଜନା କରିଥିବାବେଳେ ଡକ୍ଟର ବିଷ୍ଣୁପ୍ରିୟା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଖାଦ୍ୟ ସୁରକ୍ଷାରୁ ବଂଚିତ ଦିନ ମଜୁରିଆ ଲକ୍ଷ୍ମୀଧରଙ୍କ ପରିବାର



**ବାରିପଦା /ଉଦଳା (ଅମୃତ ମିଡିଆ) :** ଉଦଳା ବ୍ଲକର କୋଚିଲାଡ଼ିହା ପଂଚାୟତ ଅନ୍ତର୍ଗତ ପ୍ରଫୁଲଚନ୍ଦ୍ରପୁର ଗ୍ରାମର ବାସିନ୍ଦା ଲକ୍ଷ୍ମୀଧର ସୋରେନଙ୍କ ପରିବାର ଖୁବ୍ ଦୟନିୟ ଅବସ୍ଥାରେ ଚଳୁଛନ୍ତି । ଦିନେ କାମକୁ ନଗଲେ ଘରେ ଚୁଲି ଜଳୁନଥିବା ଏହି ପରିବାର ଏ ପର୍ଯ୍ୟନ୍ତ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରି ନାହାଁନ୍ତି । ଫଳରେ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇବାରୁ ଏହି ପରିବାର ବଂଚିତ ଅଛନ୍ତି । ଏବାବଦରେ ଗ୍ରାମପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବାର କଥା ଲକ୍ଷ୍ମୀଧର ଅଭିଯୋଗ କରିଛନ୍ତି । ବିଭାଗୀୟ କତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି ।

## ସୋଆ କୃଷି ସଙ୍ଗମ – ୨୦୨୪ ପୋଷ୍ଟର ଉନ୍ମୋଚିତ



**ଭୁବନେଶ୍ୱର (ବ୍ୟୁରୋ) :** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍) ପକ୍ଷରୁ ଆସନ୍ତା ମାର୍ଚ୍ଚ ୧୨ ତାରିଖ ଠାରୁ ୧୪ ତାରିଖ ପର୍ଯ୍ୟନ୍ତ କୃଷି ମହାବିଦ୍ୟାଳୟ ପରିସରରେ 'ସୋଆ କୃଷି ସଙ୍ଗମ -୨୦୨୪' ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ଗୁରୁବାର 'ସୋଆ କୃଷି ସଙ୍ଗମ -୨୦୨୪' ପୋଷ୍ଟର ଉନ୍ମୋଚିତ ହୋଇଯାଇଛି । ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ ଭିତିକ ଜାତୀୟ ଆଲୋଚନା ଚକ୍ର, କୃଷକ ବୈଜ୍ଞାନିକ ଆଲୋଚନା ଚକ୍ର, କୃଷି ପ୍ରଦର୍ଶନୀ ଓ ଏଗ୍ରି ଷ୍ଟାର୍ଟ ଅପ୍ ମିଟ୍ ସହିତ ଆନ୍ତ ମହାବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହା ବ୍ୟତୀତ କୃଷକଙ୍କୁ ମଧ୍ୟ ସମ୍ବର୍ଦ୍ଧନା କରାଯିବ । ଏହି ପୋଷ୍ଟର ଉନ୍ମୋଚନ କାର୍ଯ୍ୟକ୍ରମରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ ସାଇନ୍‌ସେସ୍ (ଆଇଏଏସ୍)ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଂଜନ ଦାସ, କୃଷି ସଙ୍ଗମ କାର୍ଯ୍ୟକ୍ରମ ର ଆବାହକ ପ୍ରଫେସର ସରୋଜ କୁମାର ମହାନ୍ତି, ସଂଯୋଜକ ଡକ୍ଟର ଅଂଶୁମାନ ଜେନାଙ୍କ ସମେତ ଏହାର ପରିଚାଳନା କମିଟି ର ସଦସ୍ୟ ଡକ୍ଟର ଭୁବନାନନ୍ଦ ଅଧିକାରୀ, ଲୋପାମୁଦ୍ରା ମହାନ୍ତି, ଡକ୍ଟର ଏସପି ମୋନାଲିସା ଓ ଡକ୍ଟର ସ୍ୱୟମ ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

## ମାଗଣା ଚକ୍ଷୁ ପରୀକ୍ଷା ଶିବିର




**ଜୟପୁର (ଅମୃତ ମିଡିଆ) :** ଜୟପୁର ଟାଉନ ହଲ ଠାରେ ରୋଟାରି କ୍ଲବ ପ୍ରାଇଡ ତରଫରୁ ଏକ ମାଗଣା ଚକ୍ଷୁ ଶିବିର ଆୟୋଜନ ହୋଇଛି । ଏହି ପରୀକ୍ଷଣ ଶିବିରରେ ପ୍ରାୟ ୧୦୪ ଜଣ ରୋଗିଙ୍କ ମାଗଣା ଚକ୍ଷୁ ପରୀକ୍ଷା କରାଯାଇଥିଲା । ଏହି ଶିବିରରେ ରୋଟାରି କ୍ଲବର ସଭ୍ୟ ମୁରଲି ଧର ସାବତ, ରତ୍ନା କର ଚୌଧୁରି, ପ୍ରଭାକତ ଚୌଧୁରି, ପ୍ରଦିପ କୁମାର ସାନ୍ତରାୟ, ସୁରେଶ ଚନ୍ଦ୍ର ପାଣିଗ୍ରାହୀ, କେ ବ୍ରହ୍ମା, ପ୍ରଦିପ କୁମାର ସାହୁ, ସଞ୍ଜିବ ମିଶ୍ର, ରବି ନାରାୟଣ ନନ୍ଦ, କାକୁରାମ ପଣ୍ଡା, ସ୍ୱାତି ହୋତା, ଚିନ୍ମୟି ସାହୁ, ପୁଣ୍ଡ ଚନ୍ଦ୍ର ପଟ୍ଟନାୟକ, ନରେଶ ମହାକୁଳ, ଦିନେଶ ପାତ୍ର, ଜ୍ୟୋତି ସୋରୁପ ଭୋଇ ପ୍ରମୁଖ ସଭ୍ୟ ଯୋଗ ଦେଇ ଶିବିର ପରିଚାଳନା କରିଥିଲେ । ଏହି ଶିବିର ନମ୍ରତା ଚକ୍ଷୁ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ, ଓ ସହାୟକଙ୍କ ସହ ଯୋଗରେ ରକ୍ତ ଚାପ, ରକ୍ତ ସର୍କରା ଚକ୍ଷୁ ପରୀ କରାଯାଇଥିଲା । ଏହି ଶିବିରରେ ସ୍ଥାନୀୟ ଜୟପୁର ମୁଖ୍ୟ ରାସ୍ତା ସ୍ଥିତ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆର ଶଖା ଦ୍ୱାର ଏକ ରିଟେଲ ଏକ୍ସପୋ ବ୍ୟବସାୟୀର ମେଳାର ଉଦଘାଟନ ହୋଇଥିଲା ।

# ବହୁ ବିଜେଡି ନେତା ଓ କର୍ମୀ କଂଗ୍ରେସରେ ଯୋଗଦେଲେ




**ଭୁବନେଶ୍ୱର (ବ୍ୟୁରୋ) :** ଆଜି ବଡ଼ମ୍ବା ନରସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଶ୍ରୀ ସଂଜୟ କୁମାର ସାହୁଙ୍କ ନେତୃତ୍ୱରେ ଶତାଧିକ ବିଜେଡ଼ି ନେତା ଓ କର୍ମୀ କଂଗ୍ରେସ ଦଳରେ ଯୋଗଦାନ କରିଛନ୍ତି । ଏହି ଅବସରରେ ଆୟୋଜିତ ଏକ ମିଶ୍ରଣ କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ସମସ୍ତଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି କଂଗ୍ରେସ ଦଳରେ ଗ୍ରହଣ କରିନେଇଥିଲେ । ଏହି ଅବସରରେ ଶ୍ରୀ ପଟ୍ଟନାୟକ କହିଲେ ଯେ ଆପଣମାନଙ୍କର ଯୋଗଦାନ କଂଗ୍ରେସ ଦଳକୁ ଅଧିକ ସୁଦୃଢ଼ କରିବ । କଂଗ୍ରେସ ଦଳରେ ଯୋଗଦେଇଥିବା ନେତା ଓ କର୍ମୀମାନେ କଂଗ୍ରେସ ଦଳକୁ ସୁଦୃଢ଼ କରିବା ସହ ପିସିସି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବେ ବୋଲି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ । ଯୋଗଦେଇଥିବା ନେତା ଓ କର୍ମୀ ହେଲେ ସର୍ବଶ୍ରୀ ସଂଜୟ କୁମାର ସାହୁ, ଅଖିଳ ପଣ୍ଡା ପୂର୍ବତନ ସରପଂଚ, ଦାସରଥି ସାହୁ, ନିତେଶ ସାହୁ ଛାତ୍ର ନେତା, ପିତବାସ ପ୍ରଧାନ, ନିଳମଣି କଟୁଆଳ, ରେଖା ସାହୁ, ନନ୍ଦିନୀ ସେଠୀ,ଲକ୍ଷ୍ମିପ୍ରିୟା ପ୍ରଧାନ, ସନ୍ତୋଷୀ ପ୍ରଧାନ, ଶ୍ରୀବତ୍ସ କଟୁଆଳ, ଭରତ ସିଂ, ସାରଙ୍ଗ ଦାସ ପ୍ରମୁଖ ଶତାଧିକ ନେତା ଓ କର୍ମୀ । ଆଜିର ଏହି କାର୍ଯକ୍ରମରେ କଂଗ୍ରେସ ନେତା ସର୍ବଶ୍ରୀ ବିଭୁତି ମିଶ୍ର, ଜିଆଉଲ ହକ, ମିହିର ଆଚାର୍ଯ୍ୟ, ପ୍ରଦୀପ୍ତ ଦାସ, ତରୁଣ ମିଶ୍ର, ବିନୋଦ ପାଣି ପ୍ରମୁଖ ଉପସ୍ଥିତ ଥିଲେ ।

## କସ୍ତୁରବା ଗାନ୍ଧୀ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଓ ଅବଦୁଲ କଲାମ ଆଜାଦଙ୍କୁ ଶ୍ରଦ୍ଧାଞ୍ଜଳି



**ଜଗତସିଂହପୁର (ଅମୃତ ମିଡିଆ) :** ଭାରତମାତାର ତିନି ଯୋଗଜନ୍ମା ପ୍ରତିଭାଧାରୀ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସହଧର୍ମିଣୀ କସ୍ତୁରବା ଗାନ୍ଧୀ, ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଓ ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ଅବୁଲ କଲାମ ଆଜାଦଙ୍କ ଶ୍ରାଦ୍ଧୋତ୍ସବ ଆଜି ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ସ୍ଥାନୀୟ ଦେଭୋଗସ୍ଥିତ ଗୁରୁକୁଳ ଶିକ୍ଷା ମନ୍ଦିର ପରିସରରେ ପାଳିତ ହୋଇଅଛି । ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପଲତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଆଲୋଚନାରେ ଭାଗନେଇ ଭାରତର ମୁକ୍ତି ସଂଗ୍ରାମରେ କସ୍ତୁରବା ଗାନ୍ଧୀ ଉତ୍କଳ ପ୍ରଦେଶ ଗଠନ ଓ ଜଣେ ପ୍ରଜାବତ୍ସଳ ମହାରାଜା ଏବଂ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ଭାବେ ଆଜାଦଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ସେମାନେ ସବୁଦିନ ପାଇଁ ଅବିସ୍ମରଣୀୟ ହୋଇ ରହିବେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ମଧୁସ୍ମିତା ପାଣ୍ଡେ, ଗୀତାଞ୍ଜଳୀ ନାୟକ, ରୋନକ ମହାନ୍ତି ଓ ଛାତ୍ରମାନଙ୍କ ମଧ୍ୟରୁ ରାହୁଲ ବେହେରା, ପ୍ରସନ୍ନଜିତ୍ ମାନ୍ନା, ସତ୍ୟପ୍ରକାଶ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ଅନୁଷ୍ଠାନର ପରିଚାଳକ ସୁବାସ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ ।

## ଓଡିଶା ମିଲେଟ ମିଶନ ପକ୍ଷରୁ ସେପାକ ଟାକରୋ ପ୍ରତିଯୋଗିତା

**ବାରିପଦା (ଅମୃତ ମିଡିଆ) :** ବେତନଟୀ ବ୍ଲକ ମିଲେଟ ମିଶନ ପକ୍ଷରୁ ପୁରୁଣା ଦମକଳ ଖେଳ ପଡିଆ ପରିସରରେ ସେପାକ ଟାକରୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତିତ୍ୱ ଅର୍ଜନ କରିଥିବା ଖେଳାଳି ମାନଙ୍କୁ ପୁରସ୍କାର ବିତରଣ କରାଯିବା ସହିତ ମାନପତ୍ର ପ୍ରଦାନ କରାଯାଇଥିଲା । ଲଘୁ ଶସ୍ୟ ମାଣ୍ଡିଆ, ସୁଆଁ, କାଙ୍ଗୁ, ଜହ୍ନା ଆଦି ଜାତୀୟ ଖାଦ୍ୟ ଯେପରି ସ୍ୱାସ୍ଥ୍ୟକର ଓ ପୁଷ୍ଟିକର, ଖେଳାଳୀ ମାନଙ୍କ ପାଇଁ ଏହା ଅତ୍ୟନ୍ତ ଉପଯୋଗୀ ବୋଲି ଅତିଥି ମାନେ ସେମାନଙ୍କ ବକ୍ତବ୍ୟ ରେ କହିଥିଲେ । ତେଣୁ ବର୍ତ୍ତମାନ ସମୟରେ ପାରମ୍ପରିକ ଖାଦ୍ୟ ଶସ୍ୟ ଉତ୍ପାଦନ ହ୍ରାସ ପାଇ ଚାଲିଥିବା ହେତୁ ମାଣ୍ଡିଆ ଜାତୀୟ ଖାଦ୍ୟଶସ୍ୟ ଅଧିକ ଉତ୍ପାଦନ ପାଇଁ ମିଲେଟ ମିଶନ ପକ୍ଷରୁ ପରାମର୍ଶ ପ୍ରଦାନ କରାଯାଇଥିଲା । ଏହାକୁ ନିତିଦିନିଆ ଖାଦ୍ୟରେ ବ୍ୟବହାର କରିବା ପାଇଁ ଗୁରୁତ୍ୱ ଦେବାକୁ ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀକାନ୍ତ ମହାନ୍ତ ଅତିରିକ୍ତ ଜିଲ୍ଲା ପ୍ରକଳ୍ପ ସଂଯୋଜକ ତ୍ରିଲୋଚନ ଶବର ମୟୂରଭଞ୍ଜ ଜିଲ୍ଲା ସେପାକ ଟାକରୋ ମିଶନର ସଭାପତି ଇଶ୍ୱର ଚନ୍ଦ୍ର ମହାନ୍ତ ଖେଳାଳି ମାନଙ୍କୁ ପରାମର୍ଶ ଦେଇଥିଲେ । ଏହି କ୍ରୀଡା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀ ମାନଙ୍କୁ ମାଣ୍ଡିଆ ରେ ତିଆରି ହୋଇଥିବା ଶୁଖିଲା ଖାଦ୍ୟ ପ୍ରଦାନ କରା ଯାଇଥିଲା ।

## ରାଷ୍ଟ୍ରପତିଙ୍କ ଓଡିଶା ଗସ୍ତ ପରିପ୍ରେକ୍ଷୀରେ ପ୍ରଶାସନିକ ପ୍ରସ୍ତୁତି ସଂପର୍କରେ ସମୀକ୍ଷା ବୈଠକ



**ଭୁବନେଶ୍ୱର (ବ୍ୟୁରୋ) :** ଚଳିତ ଫେବୃୟାରୀ ୨୮ ରୁ ଆଗାମୀ ମାର୍ଚ୍ଚ ୨ ତାରିଖ ମଧ୍ୟରେ ଭାରତର ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କର ଓଡ଼ିଶା ଗସ୍ତ ଓ ମୟୂରଭଂଜ, କେନ୍ଦୁଝର, ବ୍ରହ୍ମପୁର, ଭୁବନେଶ୍ୱର,କଟକ ଓ ସମ୍ବଲପୁରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାକୁ ଥିବା ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ନରେ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ପ୍ରଶାସନିକ ପ୍ରସ୍ତୁତି ସଂପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଦେଓ ରଞ୍ଜନ କୁମାର ସିଂ, ସଂପୃକ୍ତ ବିଭିନ୍ନ ବିଭାଗର ଶାସନ ସଚିବ, ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ଶ୍ରୀ ଅରୁଣ କୁମାର ଷଡଙ୍ଗୀଙ୍କ ସମେତ ରାଜ୍ୟ ପୁଲିସର ବରିଷ୍ଠ ପଦାଧିକାରୀ ,ସଂପୃକ୍ତ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ରାଜ୍ୟ ଗୃହ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଡଃ. ସନ୍ତୋଷ ବାଲା ମାନ୍ୟବର ରାଷ୍ଟ୍ରପତିଙ୍କ ଓଡିଶାରେ ରହିଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ମାନ୍ୟବର ରାଷ୍ଟ୍ରପତିଙ୍କ ପ୍ରମୁଖ କାର୍ଯ୍ୟକ୍ରମ ମଧ୍ୟରେ ଫେବୃୟାରୀ ୨୮ ତାରିଖରେ ରାଇରଙ୍ଗପୁରରେ କେତେକ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି । ୨୯ ତାରିଖ ସକାଳେ ମା' କୀଚକେଶ୍ୱରୀ ମନ୍ଦିର ପରିଦର୍ଶନ, କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟରେ କେନ୍ଦୁଝରର ଜନଜାତିଙ୍କ ଉପରେ ଆୟୋଜିତ ଏକ ଜାତୀୟ ସ୍ତରୀୟ ଆଲୋଚନା ଚକ୍ରକୁ ଉଦଘାଟନ କରିବେ । ସେହି ଦିନ ଅପରାହ୍ନରେ ଭୁବନେଶ୍ୱର ଯାତ୍ରା କରି ଉତ୍କଳ ବିଶ୍ୱବିଦ୍ୟାଳୟର ୫୩ ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ । ମାର୍ଚ୍ଚ ୧ ତାରିଖରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୨୫ ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ । ମାନ୍ୟବର ରାଷ୍ଟ୍ରପତିଙ୍କର ମାର୍ଚ୍ଚ ୨ ତାରିଖରେ ସମ୍ବଲପୁର ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ମାନ୍ୟବର ରାଷ୍ଟ୍ରପତି ଓଡିଶାରେ ପହଁଚିବାଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ରାଜ୍ୟ ପ୍ରଶାସନ ଏବଂ ସଂପୃକ୍ତ ଜିଲ୍ଲା ପ୍ରଶାସନ ତରଫରୁ ବ୍ୟାପକ ସୁରକ୍ଷା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରସ୍ତୁତି ସଂପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକମାନେ ଆଭାସୀ ମାଧ୍ୟମରେ ବୈଠକରେ ଯୋଗଦେଇଥିଲେ । ମାନ୍ୟବର ରାଷ୍ଟ୍ରପତିଙ୍କର ବିଭିନ୍ନ ସ୍ଥାନରେ ଏକାଧିକ କାର୍ଯ୍ୟକ୍ରମ ଥିବାରୁ ସବୁ ସ୍ଥାନଗୁଡିକୁ ପୂର୍ବରୁ ଭଲଭାବେ ଯାଂଚ କରିବା ସହ ସମସ୍ତ ବ୍ୟବସ୍ଥାକୁ ଅନୁଧ୍ୟାନ କରି ତଦନୁସାରେ ପ୍ରସ୍ତୁତି କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀଯୁକ୍ତ ଜେନା ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଏସପିମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ବୈଠକରେ ମାନ୍ୟବର ରାଷ୍ଟ୍ରପତିଙ୍କର ରହଣି, ସୁରକ୍ଷା ବ୍ୟବସ୍ଥା, କାର୍ଯ୍ୟକ୍ରମର ଗଣମାଧ୍ୟମରେ ପ୍ରକାଶନ ଓ ପ୍ରସାରଣ, ସ୍ୱାସ୍ଥ୍ୟସେବା ଓ ଚିକିତ୍ସା, ଆମ୍ବୁଲାନ୍ସ, ଉତ୍ସବ ସ୍ଥଳକୁ ଯାତାୟତ ରାସ୍ତାର ରକ୍ଷଣାବେକ୍ଷଣ ତଦାରଖ, ରାସ୍ତାର ପରିମଳ ବ୍ୟବସ୍ଥା ସଂପର୍କରେ ଆଲୋଚନା କରାଯାଇଛି । ସମସ୍ତ କାର୍ଯ୍ୟକ୍ରମ ସ୍ଥଳରେ ନିରବଚ୍ଛିନ୍ନ ବିଦ୍ୟୁତ ସରବରାହକୁ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । କାର୍ଯ୍ୟକ୍ରମ ସ୍ଥଳରେ ପାନୀୟଜଳ ଯୋଗାଣ, ବସିବା ବ୍ୟବସ୍ଥା, ବେରିକେଡିଂ ବ୍ୟବସ୍ଥା, ଆବଶ୍ୟକ ପାସ୍ ବ୍ୟବସ୍ଥା, ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରମୁଖ ଉତ୍ସବ ସ୍ଥଳରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଗଣମାଧ୍ୟମକୁ ପ୍ରଦାନ କରିବା ପାଇଁ ସୁବିଧା କରାଯିବା, କାର୍ଯ୍ୟକ୍ରମ ସ୍ଥଳକୁ ଇଣ୍ଟରନେଟ୍ ସୁବିଧା, ଅଗ୍ନି ନିର୍ବାପକ ବ୍ୟବସ୍ଥା ସଂପର୍କରେ ବୈଠକରେ ବ୍ୟାପକ ଆଲୋଚନା କରାଯାଇଥିଲା । ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଂପାଦନ କରିବା ପାଇଁ ଗୃହ ବିଭାଗ ତରଫରୁ ଏକ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରିବ ବୋଲି ସୂଚନା ଦିଆଯାଇଛି ।




# ଅନୁଷ୍ଠାନ ଆମର: ପଞ୍ଚମ ସନ୍ଧ୍ୟାରେ ମଞ୍ଚସ୍ଥ ନାଟକ 'ଭାବ ନୁ ଅଭାବ'

**ପୁରୀ (ବ୍ୟୁରୋ):** ଅନୁଷ୍ଠାନ ଆମର ପକ୍ଷରୁ ୧୬ ତମ ରାଜ୍ୟସ୍ତରୀୟ ମଞ୍ଚ ନାଟକ ର ପଞ୍ଚମ ସନ୍ଧ୍ୟା ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଇଞ୍ଜିନିୟର ବଳରାଜ୍ ତ୍ରିପାଠୀ, ଡ଼ ରାଧେଶ୍ୟାମ ରଥ,ବରିଷ୍ଠ ସେବାୟତ ଭଗବାନ ସୁଆର,ସଂଘର ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ଏବଂ ଅନୁଷ୍ଠାନର ସଭାପତି ଭରତ କୁମାର ନାୟକ ଯୋଗଦାନ କରି ମହାପ୍ରଭୁ ଙ୍କ ନିକଟରେ ପ୍ରଦୀପ ପ୍ରଯୋଳନ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭ ଉଦ୍ଘାଟନ କରିଥିଲେ ।ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ଆଉ ୯ ବର୍ଷ ପରେ ତାର ଶତବାର୍ଷିକ ପାଳନ କରିବାକୁ ଯାଉଛି ।ଓଡ଼ିଆ ମଞ୍ଚ ନାଟକ ବଞ୍ଚି ରହିବା ପାଇଁ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ, ମଞ୍ଚ ବଞ୍ଚି ରହିଲେ କଳାକାର ବଞ୍ଚି ରହିବ ବୋଲି ଅତିଥି ମାନେ ଅଭିବ୍ୟକ୍ତ ପ୍ରଦାନ କରିଥିଲେ ।ଏହାପରେ ଅଦୃଶ୍ୟ ନାଟ୍ୟ ଆଶ୍ରମ ସମ୍ବଲପୁର ର ନାଟ୍ୟ ନିର୍ଦ୍ଦେଶକ ଅତିସ୍ କୁମାର ଶତପଥୀ ଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯିବା ସହ ୭ ହଜାର ଟଙ୍କା ଉପସ୍ଥାପନା ଖର୍ଚ୍ଚ ପ୍ରଦାନ କରାଯାଇଥିଲା





।ଏହାପରେ ଯେଉଁ କଳାକାର ମାନେ ପ୍ରତ୍ୟୁକ ଦିନ ଯାତ୍ରା ଶେଷ ପର୍ଯ୍ୟନ୍ତ ଦେଖିବେ ସେମାନଙ୍କୁ ୱାଣ୍ଡର ୱାଲ୍ଡ ୱାଟର ପାର୍କ ପକ୍ଷରୁ ୫ ଜଣଙ୍କୁ ମାଗଣାରେ ମାଳତିପାଟପୁର ସ୍ଥିତ ୱଣ୍ଡର ୱାଲ୍ଡ ୱାଟର ପାର୍କ ବୁଲିଯିବାର ସୁଯୋଗ ଦିଆଯାଇଥିଲା ।ଆଜିର ବିଜେତା ଭାବେ ଉମା ଶଙ୍କର ପଞ୍ଚ ,ରୁଚିଶ୍ମିତା ନାୟକ, ପ୍ରଭୁଦତ୍ତ ପଟ୍ଟନାୟକ,ସୁଶାନ୍ତ ରଥ,ଗୁରୁ ନାରାୟଣ ଛୋଟରାୟ ଙ୍କୁ ଚୟନ କରାଯାଇଥିଲା ଏବଂ ୱାଟର ପାର୍କ ଯିବାର ସୁଯୋଗ ଦିଆଯାଇଥିଲା ।ଏହାପରେ ଅଦୃଶ୍ୟ ନାଟ୍ୟ ଆଶ୍ରମ ସମ୍ବଲପୁର ପକ୍ଷରୁ ପରିବେଷଣ



ହୋଇଥିଲା ନାଟକ 'ଭାବ ନୁ ଅଭାବ' ।ଯାହାକୁ ରଚନା ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଅତିସ କୁମାର ଶତପଥୀ ।ନାଟକରେ ଭାବ ଭିତରେ ଗୋଟିଏ କୁଟୁମ୍ବ ଗଢି ଉଠିଛି ,ସୁଖ ଦୁଃଖ ହସ କାନ୍ଦ ଭିତରେ ଜୀବନର ଡଙ୍ଗା ବହି ଚାଲିଛି ।ଡଙ୍ଗା ସବୁବେଳେ ତାର ବନ୍ଧୁ ମାନଙ୍କୁ ଗୋଟିଏ କୂଳରୁ ନେଇ ଅନ୍ୟଏକ କୂଳରେ ଛାଡେ ହେଲେ ନିଜେ କେବେ ଥକି ପଡେ ନାହିଁ ।ହେଲେ ଡଙ୍ଗା ଯେଉଁ ଭାବରେ ନେଇ ତା ବନ୍ଧୁ ମାନଙ୍କୁ ସହଯୋଗ କରେ ସେମାନେ କେତେବେଳେ ନିଜର ରଙ୍ଗ ବଦଳାଉଛନ୍ତି ସେ ଜାଣି ପାରୁନାହିଁ ଏହାର ଭିତରେ ତାର ବନ୍ଧୁ ମାନେ ବାଟ ବଣା ହୋଇ ଯାଇଛନ୍ତି ।ଦଶରଥ ବୁଢ଼ା ଏବଂ ରଘୁବିର ମଧ୍ୟରେ ବିଶ୍ୱାସ ଏକ ଆଶାବାଡି ପାଲଟି ଯାଇଛି ହେଲେ କିଛି ସ୍ୱାର୍ଥ ପାଇଁ ଉଭୟଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଛି ।ଏହା ଭିତରେ ଶିବା ମେଡାନ୍ ଅଦିନିଆ ମେଘ ପରି ତାଙ୍କ ମଝିରେ ଫସି ଆସିଛି ଆଉ ସେଥିରୁ ସୃଷ୍ଟି ହୋଇଛି ବିଷୟ 'ଭାବ ନୁ ଅଭାବ' ।ନାଟକର ଶେଷରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରି କାର୍ଯ୍ୟକ୍ରମକୁ ସମାପ୍ତ କରିଥିଲେ ।

## କାଳିଆ...

କ୍ୟାବିନେଟ ବୈଠକରେ ମୋଟ ୧୩ଟି ବିଭାଗର ୧୬ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଅନ୍ୟପକ୍ଷରେ କ୍ୟାବିନେଟରେ ସେମିକଣ୍ଡକ୍ଟର ଶିଳ୍ପକୁ ପ୍ରାଧାନ୍ୟ ଦିଆଯାଇଛି । ନିଷ୍ପତ୍ତି ଅନୁଯାୟୀ, ଜାତୀୟ ଦକ୍ଷତା ତାଲିମ ପାଇଁ ରାଜ୍ୟ ସରକାର ଜଟଣୀ ମଦନପୁରରେ ୭ ଏକରରୁ ଅଧିକ ଜମି ଯୋଗାଇ ଦେବେ । ଅନ୍ୟ ଏକ ନିଷ୍ପତ୍ତି ଅନୁଯାୟୀ, ପଞ୍ଚାୟତ ଅଧିକାରୀଙ୍କୁ ପଦୋନ୍ନତି ଦିଆଯିବ । ପଞ୍ଚାୟତରେ କାର୍ଯ୍ୟରତ ପିଇଓ ଓ ଭିଏଲ୍‌ଡବ୍ଲୁଙ୍କୁ ପଦୋନ୍ନତି ଦିଆଯିବ । ଏଥିଲାଗି ଚାକିରି ପାଇଁ ଶିକ୍ଷାଗତ ଯୋଗ୍ୟତା +୩କୁ ବୃଦ୍ଧି କରାଯାଇଛି । ସେହି ଅଧିକାରୀମାନଙ୍କୁ ପ୍ରତି ୫ ଓ ୮ ବର୍ଷ ପରେ ପଦୋନ୍ନତି ଦିଆଯିବ । ସେହିପରି ନୂଆ-ଓ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଲାଗି ୩୧୫ କୋଟିର ପାଣ୍ଠି ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ରାଜ୍ୟ ସରକାର ୨୦୧୪ର ଅନୁଦାନପ୍ରାପ୍ତ ଶିକ୍ଷକ, କର୍ମଚାରୀଙ୍କ ଦରମା ବଢ଼ାଇବା ନେଇ ନିଷ୍ପତ୍ତି ନେଇଛନ୍ତି । ସଂପୃକ୍ତ କଲେଜ, ଜୁନିଅର କଲେଜ ଶିକ୍ଷକ ଓ କର୍ମଚାରୀଙ୍କ ଦରମା ବଢ଼ିବ । ମୋଟ ୧୭୮୯ ଜଣ ଶିକ୍ଷକ ଓ କର୍ମଚାରୀଙ୍କ ୭ମ ବେତନ କମିସନ ହାରରେ ଦରମା ବଢ଼ିବ । ବର୍ଦ୍ଧିତ ଦରମା ପାଇଁ ୨୭.୩୭ କୋଟି ଟଙ୍କା ଖର୍ଚ୍ଚ ହେବ । ସେହିପରି ପଞ୍ଚାୟତରେ ନିୟମିତ ୮ ବର୍ଷ କାର୍ଯ୍ୟରତ ଥିବା ପଞ୍ଚାୟତ ଏକ୍‌ଜ୍ୟୁକେଟିଭ୍ ଅଫିସର (ପିଇଓ) ଓ ଭିଏଲ୍‌ଡବ୍ଲୁଙ୍କ ପଦୋନ୍ନତି ହେବ । ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୩କୁ ବୃଦ୍ଧି ସହ ପଦୋନ୍ନତି ବ୍ୟବସ୍ଥା ଲାଗୁ ନିଷ୍ପତ୍ତି ।ଓଡ଼ିଶାରେ...

ଶାନ୍ତି ପ୍ରତିଷ୍ଠା ହୋଇପାରିଛି । କାଶ୍ମୀର ସମସ୍ୟାର ସମାଧାନ ହୋଇଛି । ସୀମାରେ ସେନାଙ୍କ ମନୋବଳକୁ ବୃଦ୍ଧି ହୋଇଛି ।ଦେଶର ଆର୍ଥିକ ବ୍ୟବସ୍ଥା ସୁଧୁରୁଛି । ଦେଶରେ ଜିଡ଼ିପି ବୃଦ୍ଧି ଘଟିଛି । ମହିଳାଙ୍କ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଜୀ ବିଭିନ୍ନ ଯୋଜନା କରିଛନ୍ତି । ସେହିପରି ଓଡ଼ିଶାର ବିକାଶ ପାଇଁ ମୋଦୀ ଜୀ ସବୁବେଳେ ଚିନ୍ତା କରୁଛନ୍ତି । ୯ ବର୍ଷରେ ଓଡିଶାକୁ ୧୮ ଲକ୍ଷ କୋଟି ଅନୁଦାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଯେଉଁ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି ସେହି ପ୍ରକଳ୍ପର ଉଦଘାଟନ ବି କରୁଛନ୍ତି । ୯ ବର୍ଷରେ ଦେଶରୁ ୨୫ କୋଟି ଗରିବ ହଟିଛନ୍ତି ।ଏହାପୂର୍ବରୁ କେନ୍ଦ୍ରରେ ଥିବା ସରକାର ଏଭଳି ବିକାଶ କରିପାରିନଥିଲେ । ଓଡିଶାକୁ ବେଶୀ ଭଲ ପାଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଅଯୋଧ୍ୟାରେ ରାମଲୀଲା ମନ୍ଦିର ପ୍ରତିଷ୍ଠା ହୋଇଛି । ଆଦିତ୍ୟନ, ଚନ୍ଦ୍ରାୟନରେ ପହଞ୍ଚି ପାରିଛି ଭାରତ । ବୈଜ୍ଞାନିକଙ୍କ ମନୋବଳ ଆହୁରି ଦୃଢୀଭୀତ ହୋଇଛି । ଏପିରିକି କରୋନା ସମୟରେ ଟୀକା ବାହାର କରି ବିଶ୍ୱର କବଚ ସାଜିଥିଲା ଭାରତ ।୩୬୮...

ସ୍ୱଚ୍ଛ ଓ ତ୍ୱରିତ୍ୱ ପ୍ରକ୍ରିୟାରେ ନିଯୁକ୍ତି ପ୍ରକ୍ରିୟା ଶେଷ ହୋଇଥିବାରୁ, ସେମାନେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଥିଲେ ଏବଂ ପିଲାମାନଙ୍କ ଭବିଷ୍ୟତ ପାଇଁ ପ୍ରତିବଦ୍ଧତାର ସହ ଶିକ୍ଷା ପ୍ରଦାନ କରିବେ ବୋଲି କହିଥିଲେ ।

# ମୌଳିକ ଅଧିକାର ପାଇଁ ମୂଳନିବାସୀ ୟୁନାଇଟେଡ୍ ଫୋରମ୍‌ର

## ବିଶାଳ ଆମ ଅଧିକାର ସମାବେଶ

**ଭୁବନେଶ୍ୱର (ବ୍ୟୁରୋ):** ସମ୍ବିଧାନ ପ୍ରଦତ ମୂଳନିବାସୀ ଯଥା ଅନୁସୂଚିତ ଜାତି, ଜନମତି ମୌଳିକ ଅଧିକାର ଦାବୀରେ ମୂଳନିବାସୀ ୟୁନାଇଟେଡ ଫୋରମ ଓଡିଶା ତରଫରୁ ଅଧିକାର ହାସଲ ପାଇଁ "ଆମ ଅଧିକାର ମହା ସମାବେଶ ଓ ଗଣଧାରଣା" ରାଜ୍ୟ ରାଜଧାନୀର ଲୋଏର୍ ପି.ଏମ୍.ଜିରେ ହଜାର୧୫ ହଜାର ରୁ ଉର୍ଦ୍ଧ ଜନତାଙ୍କୁ ନେଇ ଆନ୍ଦୋଳନ କରାଯାଇଥିଲା । ମାଷ୍ଟର କ୍ୟାଂଟିନ୍ ଛକ ନିକଟରୁ ଏକ ବିଶାଳ ଶୋଭାଯାତ୍ରାରେ ସରକାରଙ୍କ ନୀତି ଓ ଅଣଦେଖା ବିରୁଦ୍ଧରେ ନାରାବାଜୀ ସହ ପ୍ଲାକାର୍ଡ଼ ସହ ବଡ଼ବଡ଼ ତୋରଣ ଧରି ଶ୍ରୀଯାଛକ ଦେଇ ଧରଣାସ୍ଥଳକୁ ଆସିଥିଲା । ଦିନ ୧ଟାରେ ଆୟୋଜିତ ଧାରଣାସ୍ଥଳରେ ଏକ ବିଦ୍ୟାଧର ଦେହୁରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ପ୍ରାକ୍ତନ କେନ୍ଦ୍ର ମନ୍ତ୍ରୀ ଭଜମନ ବେହେରା ସରକାରୀ ଦଳ ଓ ବିଧାୟକ ସାଂସଦମାନେ ଏହି ବର୍ଗଙ୍କ ଦାବୀ ପ୍ରତି କର୍ଣ୍ଣପାତ କରୁନାହାନ୍ତି ଏପରିକି ଟିକେଟ ଉପରେ ଗୋଲାମୀ ସାଜିଛନ୍ତି । ରାଜ୍ୟରେ ୪୨ ଭାଗ ଏସ.ସି /ଏସ.ଟିଙ୍କ ଉପରେ ନିର୍ଯ୍ୟାତନା ବୃଦ୍ଧି ପାଉଛି । ଏହି ବର୍ଗର ଭୁମିହୀନଙ୍କୁ ଜମିପଟ୍ଟା ବାସଗୃହ ସହ ସ୍ୱତନ୍ତ୍ର ଅର୍ଥନୈତିକ ବିକାଶ ପାଇଁ ବିଭିନ୍ନ ଯୋଜନା ମାନ କରାଯିବାର ନିୟମ ଅଛି । ମାତ୍ର ରାଜ୍ୟ ସରକାର ଏହା କାର୍ଯ୍ୟକାରୀ ନକରି ଏହି ବର୍ଗଙ୍କ ପାଇଁ ସ୍ୱତନ୍ତ୍ର ସାମ୍ବିଧାନିକ କେନ୍ଦ୍ରୀୟ ଅର୍ଥ ଓ ରାଜ୍ୟ ଅର୍ଥିକୁ ବାଟ ମାରଣା କରି ମଠ, ମନ୍ଦିର ନିର୍ମାଣ କରି ଅଲମ୍ପିକ କ୍ରୀଡା,, ସେତୁ ଓ କଲ୍ୟାଣ ମଣ୍ଡପ ଏପରିକି ପ୍ରତି ପଂଚାୟତକୁ ୫୦ ଲକ୍ଷ ଟଙ୍କା ସହ ଅନ୍ୟାନ୍ୟ ଯୋଜନାରେ ବାଟମାରଣା କରାଯାଉଛି । ଅନୁସୂଚିତ ଜାତି ଜନଜାତିଙ୍କ ୨୭ ଗୋଟି ଦାବୀ ଉପସ୍ଥାପନ କରାଯାଇଥିଲା । ମୂଳନିବାସୀ ମାନଙ୍କ ଦାବୀ ଗୁଡ଼ିକ ମଧ୍ୟରେ "ମେହେନ୍ତର" ଜାତିକୁ ଏସ.ସି ଓ ସାରା ଜାତିକୁ ସଂଶୋଧନ କରି "ସଅର" କରି ଏସ.ଟି ତାଲିକାଭୁକ୍ତ, "ଶବର ସଂସ୍କୃତି ପିଠ" ପ୍ରତିଷ୍ଠା,ସଫେଇ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ,ଅବସରପରେ ୫ ଲକ୍ଷ ସହାୟତା ଓ ୧୦ ଲକ୍ଷ ବୀମା,ବକେୟା ଦରମା ପ୍ରଦାନ,ଭୂମିହୀନକୁ ୮ ଡ଼ିସିମିଲ ଜମିପଟା ,୩ ଏକର ଚାଷ ଜମି,ବାସହରାକୁ ଗୃହ,ଘରୋଇ ସଂସ୍ଥା ଓ ଠିକା ଏଜେନ୍ସି ନିଯୁକ୍ତିରେ ସ୍ଥାନ ସଂରକ୍ଷଣ ସହ ସରକାରୀ ନୁକ୍ତିରେ ସଂଖ୍ୟାନୁପାତିକ ୪୨ ଭାଗ ସଂରକ୍ଷଣ,,ସଫେଇ କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ଓ ସହରାଂଚଳ କ୍ଷତିଗ୍ରସ୍ତକୁ ଜମି,ରାଜଧାନୀ ସମେତ ସମସ୍ତ ବ୍ଲକରେ ଆମ୍ବେଦକର ଭବନ ନିର୍ମାଣ ,ଜାତିଗତ ନିର୍ଯ୍ୟାତନା ମାମଲାରେ ବ୍ୟକ୍ତିଗତ ମୁଚାଲିକା ଜାମିନୀ ଦେବା ବନ୍ଦ ସହ ୬୦ ଦିନରେ ଚାର୍ଜସିଟ୍ ଓ ସହାୟତା ରାଶି ବୃଦ୍ଧି,କଳିଙ୍ଗନଗର ବିସ୍ଥାପିତଙ୍କୁ ସ୍ଥାୟୀ ଜମିପଟ୍ଟା, ଏହି ବର୍ଗର କୁଶଳୀ ଓ ଅଣକୁଶଳୀଙ୍କୁ ନିଯୁକ୍ତି, କେନ୍ଦୁଝର ଜିଲ୍ଲାର ସିଲିଯୋଡ଼ା ଓ କଳାମାଟିଆରେ ବଳପୁର୍ବକ ଦଖଲ ରେ ଥିବା "ଡ଼ିବି ମିନେରାଲସ୍ କମ୍ପାନୀ"କୁ କଳା ତାଲିକା ଭୁକ୍ତ କରିବା,ଉଚ୍ଚଶିକ୍ଷା, ମେଡିକାଲ, ଇଂଜିନିୟରିଂ, ଆଇନ, ୪୨% ସ୍ଥାନ ସଂରକ୍ଷଣ, ଏସ୍‌ସି କମିଶନର କାର୍ଯ୍ୟାଳୟ ଖୋଲିବା,ଜମିର ମୁଲ୍ୟ ଆକାଶଛୁଆଁ ହୋଇଥିଲା ବେଳେ ନିଜ ସଂପର୍କୀୟ ଜାତିଙ୍କ ଠାରୁ ଜମି କିଣିଲା ବେଳେ ରେଜିଷ୍ଟ୍ରେସନ ଫି ଲକ୍ଷ ଲକ୍ଷ ଟଙ୍କା ପଡୁଥିବାରୁ ବିକ୍ରି ଓ କ୍ରୟ ଡିକସ୍ ମୁକ୍ତ କରିବା,ନିର୍ମାଣ ଶ୍ରମିକ ମାନଙ୍କ ମଜୁରୀ ୮ ଶହ ଟଙ୍କାକୁ ବୃଦ୍ଧି ସହ ବିବାହ ପ୍ରୋତ୍ସାହନ ବୃଦ୍ଧି, କଳିଙ୍ଗନଗର ବିସ୍ଥାପିତଙ୍କୁ ଓ ମୃତକ ପରିବାରକୁ ନିଯୁକ୍ତି, କଳିଙ୍ଗନଗର ଗୁଳିକାଣ୍ଡର ମୃତକଙ୍କ ପରିବାରକୁ ହାତପାପୁଲି ଡ଼ିଏନ୍ ପରୀକ୍ଷା କରି ଫେରସ୍ତ ଶିକ୍ଷା କ୍ଷେତ୍ରରେ ଦେଖିଲେ ଛାତ୍ରଛାତ୍ରୀଙ୍କ ବୃତି ବୃଦ୍ଧି, ନିର୍ଯ୍ୟାତନା




ନିବାରଣ ସହାୟତା ରାଶି ବୃଦ୍ଧି ଓ ବିବାହ ପ୍ରୋତ୍ସାହନ ରାଶି ବୃଦ୍ଧି ସହ ବହୁ ଦାବୀ ସମୂହ କରାଯାଇଥିଲା । ପ୍ରାକ୍ତନ କେନ୍ଦ୍ର ମନ୍ତ୍ରୀ ଭଜମନ ବେହେରା ,ରାଜ୍ୟ କାର୍ଯ୍ୟକାରୀ ଅଧକ୍ଷ ମନୋରଞ୍ଜନ ଜେନା ଓ ଗୌତମ ଗୋପାଳ,ସଫେଇ କର୍ମଚାରୀ ସଂଘ ସଭାପତି ମୋହନ ନାୟକ,ଏଲଡ଼ିଏ ସଭାପତି ଲବ ସୁନା,ସଂମ୍ପାଦକ ମୁକେଶ ସୁନା, ସବର ସଂଘ ବିଷ୍ଣୁଚରଣ ନାୟକ,ଟୁକୁ ମାଝୀ,କାର୍ଯ୍ୟକାରୀ ସଭାନେତ୍ରୀ ଅଂଜଳି ସ୍ବାଇଁ,ଉପସଭାନେତ୍ରୀ ଉର୍ମିଳା ନାୟକ,ଦାଣ୍ଡିମାଳ ସେବକ ସଂଘ ସଭାପତି ପ୍ରକାଶ ନାୟକ, ସଂପାଦକ ଶୁରେଶ ଚନ୍ଦ୍ର ନାୟକ,ସେକ ଇକବାଲ ହୁସେନ୍, ମୁଳନିବାସୀ ଯୁବଛାତ୍ର ସମତା ପରିଷଦ ସଭାପତି ବିଭ୍ରାନ୍ତ ବିଶ୍ୱଜିତ୍, ଜଗତସିଂହପୁର ସଭାପତି ସେକ୍ ନାସିରୁଦ୍ଦିନ,ସସ୍ମିତା ଜେନା,ଭୀମ୍ ଆର୍ମୀ ନେତା କୁନାଲ ରାବଣ,ଡ଼କ୍ଟର ଆମ୍ବେଦକର ସେବକ ସଂଘ କାର୍ଯ୍ୟାରୀ ସଭାପତି ଦୈତାରୀ ନାୟକ,କମଳିନୀ ପାଟ୍ଟଶାହାଣୀ,ଉମାକାନ୍ତ ମଲ୍ଲିକ,ସୁଜାତା ନାୟକ,ରଶ୍ମୀପ୍ରଭା ନାୟକ,ଆଡ଼ଭୋକେଟ୍ ଦେବେନ୍ଦ୍ର ମଲ୍ଲିକ,ପ୍ରତାପ ଦାସ,ଗୋଲଖ ନାୟକ,ଲକ୍ଷ୍ମଣ ମଲ୍ଲିକ୍,ବିଶ୍ୱରଂଜନ ଜେନା,ସହଦେବ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଶାସନ ପକ୍ଷରୁ ୮ ଜଣିଆ ପ୍ରତିନିଧି ମଣ୍ଡଳୀଙ୍କ ସହ ସଚୀବ ରୁପାରୋନ ସାହୁ ଆଲୋଚନା କରି ଏକ ସପ୍ତାହ ମଧ୍ୟରେ ପ୍ରଶାସନିକ ପଦକ୍ଷେପ ନେବାକୁ ପ୍ରତିଶୃତି ଦେଇଥିଲେ । ପରେ ଧାରଣାକରୀ ମାନେ ସଂନ୍ଧ୍ୟାରେ ପ୍ରସ୍ଥାନ କରିଥିଲେ ।

## ଭାରତର ବିକାଶ ଦ୍ରୁତ ଗତିରେ ହେଉଛି - ରାଜନାଥ ସିଂହ

**ବାରିପଦା (ଅମୃତ ମିଡ଼ିଆ):** ଆଜି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ବାରିପଦା ଗସ୍ତରେ ଆସି ବାରିପଦା ଛଉ ପଡିଆ ଠାରେ ଆୟୋଜିତ ମୟୁରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଏବଂ ଭଦ୍ରକ ଲୋକସଭା କ୍ଷେତ୍ର ପାଇଁ ସଂକଳ୍ପ ସମାବେଶ ରେ ଯୋଗଦେଇ ପ୍ରଧାନ ମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତ ବିକାଶ ଦ୍ରୁତ ଗତିରେ ହେଉଛି ବୋଲି କହିବା ସହିତ କଂଗ୍ରେସର ନୀତିକୁ ସମାଲୋଚନା କରି କଂଗ୍ରେସ ଏକ ଭ୍ରଷ୍ଟ ଦଳ ଭାରତବର୍ଷ ପରି ଏକ ବିକାଶ ଶିଳ ରାଷ୍ଟ୍ରକୁ ମୋଦିଙ୍କ ପରି ଉର୍ଜାବାନ ନେତାଙ୍କର ଆବଶ୍ୟକତା ରହିଛି ବୋଲି କହିଥିଲେ. କଂଗ୍ରେସ ଶାସନ ସମୟରେ ଅନ୍ତରାଷ୍ଟ୍ରୀୟ କ୍ଷେତ୍ରରେ ଭାରତ କୁ ଅନ୍ୟଦେଶ ମାନେ ଖାତିର କରୁନଥିବା ବେଳେ ମୋଦିଙ୍କର ୯ବର୍ଷର ଶାସନ ମଧ୍ୟରେ ସାରା ବିଶ୍ୱ ଆଜି ଭାରତକୁ ପ୍ରଶଂସା କରୁଛି. ସେହିପରି କଂଗ୍ରେସ ସମୟରେ ବିଶ୍ୱର ଅର୍ଥନୀତି ତାଲିକାରେ ଭାରତ ୧୧ତମ ସ୍ଥାନରେ ଥିବା ବେଳେ ଆଜି ମୋଦିଙ୍କ ନେତୃତ୍ୱରେ ଭାରତ ପଞ୍ଚମ ସ୍ଥାନକୁ ପହଞ୍ଚିଛି ଏବଂ ୨୦୨୭ ମସିହା ସୁଦ୍ଧା ଭାରତ ବିଶ୍ୱର ପ୍ରମୁଖ ୩ଟି ଦେଶ ଭିତରେ ରହିବ. ମୋଦିଙ୍କ ଅମଳରେ ଦେଶରୁ ତିନି ତଲାକ, ୩୭୦ଧାରା ଆଦି ଉଛେଦ ହେବା ସହ ଅଯୋଧ୍ୟାରେ ଭବ୍ୟ ରାମ ମନ୍ଦିର ପ୍ରତିଷ୍ଠା ହୋଇ ପାରିଛି. ଦେଶର ସବୁବର୍ଗର ଲୋକଙ୍କ ହିତପାଇଁ ମୋଦୀ ସଂକଳ୍ପବଦ୍ଧ. ମହିଳା, ଆଦିବାସୀ, ଚାଷୀ, ଶ୍ରମିକ ସମସ୍ତଙ୍କ ପାଇଁ କେନ୍ଦ୍ର ସରକାର କଲ୍ୟାଣ ମୂଳକ ଯୋଜନା ମାନ ପ୍ରଣୟନ କରିଛନ୍ତି. ଓଡିଶା ତଥା ମୟୁରଭଞ୍ଜ ଜିଲ୍ଲାର ଜଣେ ଆଦିବାସୀ ମହିଳାଙ୍କୁ ସମ୍ବିଧାନର ସର୍ବୋଚ୍ଚ ସାମ୍ବିଧାନିକ ପଦ ରାଷ୍ଟ୍ରପତି ପ୍ରାର୍ଥୀ ଭାବରେ ଚୟନ କରିବା, ମହିଳା ମାନଙ୍କୁ ୩୩ ଶତକଡା ସଂରକ୍ଷଣ ଦେବା ମୋଦୀଙ୍କର ମହାନତାକୁ ଦର୍ଶାଉଛି. ଲୋକଙ୍କ ପାଇଁ ଶିକ୍ଷା, ଗମନାଗମନ, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ ଆଦି କ୍ଷେତ୍ରରେ ଭାରତ କଂଗ୍ରେସ ଅମଳରେ ବହୁ ପଛରେ ପଡ଼ିଥିବା ବେଳେ ଏବେ ମୋଦୀଙ୍କ ନେତୃତ୍ୱରେ ଦ୍ରୁତ ଗତିରେ ଆଗଉଛି. କଂଗ୍ରେସ ଅମଳରେ ରାଜ୍ୟମାନେ ବହୁ କମ ଆର୍ଥିକ ଅନୁଦାନ ପାଉଥିବା ବେଳେ, ଏବେ ମୋଦୀ ହାତ ଖୋଲି ଦେଇଛନ୍ତି. ଗତ ୨୦୧୯ ସାଧାରଣ ନିର୍ବାଚନ ରେ ୩୭୦ ଆସନ ନେଇ କେନ୍ଦ୍ରରେ ବିଜେପି ସରକାର ଗଠନ କରିବା ପରେ ସେହି ଧାରାରେ ୨୦୨୪ ନିର୍ବାଚନ ରେ ୪୦୦ ରୁ ଅଧିକ ଲୋକସଭା ଆସନରେ ଭାରତୀୟ ଜନତା ପାର୍ଟି ବିଜୟ ଲାଭ କରିବାର ସଂକଳ୍ପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନେଇଛନ୍ତି. ସେହି ସଂକଳ୍ପକୁ ସମସ୍ତେ ମିଶି ପୂରଣ କରିବାକୁ ସମବେତ କର୍ମୀଙ୍କୁ ଉଦବୋଧନ ଦେଇଥିଲେ.

# ଦଳୀୟ ଟିକେଟ ପାଇଁ ପ୍ରାର୍ଥୀ ଚୟନ

**ଆସିକା (ଅମୃତ ମିଡ଼ିଆ):** ଆଜି ଗଞ୍ଜାମ ଜିଲ୍ଲା ପଶ୍ଚିମ ଭାଗ ଜିଲ୍ଲା ସଭାପତି ରବିନ୍ଦ୍ର ନାଥ ଶର୍ମା ନିଜ ବାସଗୃହ ଠାରେ ପୋଲସରା ଜିଲ୍ଲା ସାଧାରଣ ସମ୍ପାଦକ ଅଗସ୍ତି ବରାଡ, ଭଞ୍ଜନଗର ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବିଷୋୟୀଙ୍କ ଉପସ୍ଥିତିରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରିଛନ୍ତି । ସେ ତାଙ୍କ ବିବୃତିରେ କଂଗ୍ରେସ ଦଳ ଆଗାମୀ ସାଧାରଣ ନିର୍ବାଚନରେ ଏ.ଆଇ.ସି.ସିର ନିଷ୍ପତିରେ ବିଧାୟକ ଓ ସାଂସଦ ଟିକଟ କାହାକୁ ଦିଆଯିବ ତାହା ନିଷ୍ପତି କରିବା ସହ ଡି.ସି.ସି କିମ୍ବା ପି.ସି.ସି କୌଣସି ହସ୍ତକ୍ଷେପ କରିପାରିବେନି । ଏ.ଆ.ସି.ସି ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ସମସ୍ତ ଆଶାୟୀ ପ୍ରାର୍ଥୀଙ୍କ ତଥ୍ୟ ସଂଗ୍ରହ କରୁଛି । ଉପଯୁକ୍ତ ପ୍ରାର୍ଥୀଙ୍କ ସମସ୍ତ ତଥ୍ୟକୁ ଆଧାର କରି ଦଳ ନିଷ୍ପତି ନେବ । କୌଣସି ବିଶୃଙ୍ଖଳା ଦଳ ବରଖାସ୍ତ କରିବ ନାହିଁ । ସମସ୍ତ ମନାନ୍ତର ମତାନ୍ତର ଦୂର କରି କର୍ମୀଙ୍କୁ କଂଗ୍ରେସ ଦଳ ପାଇଁ କାମ କରିବାକୁ ସେ ନିଜ ମତବ୍ୟକ୍ତ ପ୍ରଦାନ କରିଥିଲେ । ପ୍ରକାଶ ଥାଉକି କଂଗ୍ରେସ ଦଳ ଆସିକାରେ ନବକଳେବର ହୋଇଛି । ନିଜ ସମସ୍ତ ପୁରୁଣା କଂଗ୍ରେସ ଦଳକୁ ବହୁମତରେ ଜୟଯୁକ୍ତ କରିବାକୁ ସମସ୍ତ



ଚେଷ୍ଟା କରାଯିବ ବୋଲି ମତ ପ୍ରକାଶ କରାଯାଇଥିଲା । କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ହେବା ପାଇଁ ଅନଲାଇନ ଆପ ମାଧ୍ୟମରେ ଆବେଦନ ଗ୍ରହଣ କରାଯାଉଥିଲା । ତାହା ବର୍ତମାନ ଶେଷ ହୋଇଥିବା ପ୍ରକାଶ କରିଥିଲେ । ଜିଲ୍ଲାର ସମସ୍ତ ବିଧାନସଭା ଓ ଲୋକସଭାରେ ଦଳୀୟ ପ୍ରାର୍ଥୀ ନିର୍ବାଚନ ଲଢିବେ । କିନ୍ତୁ ଦଳୀୟ ପ୍ରାର୍ଥୀ ଟିକେଟ ଦେବାର ଅଧିକାର ଜିଲ୍ଲା ବା ରାଜ୍ୟ ନେତୃତ୍ୱ ପାଖରେ ନାହିଁ । ଏହା କେବଳ ନିର୍ଭର କରୁଛି କେନ୍ଦ୍ରୀୟ ନେତୃତ୍ୱଙ୍କ ଉପରେ । ଯେଉଁ ମାନେ ଆବେଦନ କରୁଛନ୍ତି, କେନ୍ଦ୍ରୀୟ ନେତୃତ୍ୱ ତର୍ଜମା କରି ଉପଯୁକ୍ତ ପ୍ରାର୍ଥୀଙ୍କୁ ଟିକେଟ ପ୍ରଦାନ କରିବେ । ତେଣୁ ଦଳୀୟ ଟିକେଟକୁ ନେଇ କେହି ମନରେ ଦ୍ୱନ୍ଦ ରଖନ୍ତୁ ନାହିଁ ବୋଲି ସୁଚନା ପ୍ରଦାନ କରାଯାଇଥିଲା ।

# ମା' ବୁଢୀ ବାସୁଳେଇ କ୍ଲବର ନୂତନ ଗୃହ ଉଦ୍‌ଘାଟିତ

**କେନ୍ଦ୍ରାପଡ଼ା(ଅମୃତ ମିଡ଼ିଆ):**କେନ୍ଦ୍ରାପଡା ପୌରା ଳ ଅନ୍ତର୍ଗତ ମାଧପୁର ଗ୍ରାମର ମା'ବାସୁଳେଇ କ୍ଲବର ନବ ନିର୍ମିତ ଗୃହ ଆଜି ଅପରାହ୍ନରେ ଉଦଘାଟିତ ହୋଇଯାଇଛି । ଏହି ଉପଲକ୍ଷେ କ୍ଲବ ପରିସରରେ ୧୦ନମ୍ବର ୱାର୍ଡର କାଉନସିଲର ରଶ୍ମିତା ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ଆ ଳିକ ପାଣ୍ଠିରେ ନିର୍ମିତ ମା' ବାସୁଳେଇ କ୍ଲବର ନବ ନିର୍ମିତ ଗୃହକୁ ଉଦଘାଟନ କରିଥିଲେ । ଏହି ଉତ୍ସବରେ ପୌରାଧକ୍ଷା ସରିତା ସାହୁ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ ଆଜି ସକାଳୁ ଉଦଘାଟନୀ ଫଳକରେ କାଉନସିଲରଙ୍କ ନାମ ଲେଖାଯାଇନଥିଲା ।





ଏସମ୍ପର୍କରେ ଜଣାପଡିବା ପରେ ସାଧାରଣରେ ପ୍ରତିକ୍ରୀୟା ପ୍ରକାଶ ପାଇଥିଲା । ଖବର ପାଇ ଦଳୀୟ ସଭାପତିଙ୍କ ଠାରୁ ଆରମ୍ଭ କରି ବିଧାୟକ, ପୌରାଧକ୍ଷା ସମସ୍ତେ ଏଭଳି କାର୍ଯ୍ୟର ନାପସନ୍ଦ କରିବାରେ ପୁଣି ସେହି ଫଳକରେ କାଉନସିଲରଙ୍କ ନାମ ଲେଖାଯାଇଥିଲା । ଏହାଦ୍ୱାରା ଦଳରେ କାଉନସିଲରଙ୍କ ଦବ୍‌ଦବା ରହିଥିବା ପୁଣି ଥରେ ପ୍ରମାଣିତ ହୋଇଛି । ଅନ୍ୟମାନଙ୍କ ମଧ୍ୟରେ ସାହି କମିଟି ସଭାପତି କୁଳମଣୀ ବେହେରା, ସମ୍ପାଦକ ହରିଲାଲ ଅଗ୍ରୱାଲ, କ୍ଲବର ପ୍ରତିଷ୍ଠାତା ସଭାପତି ସଚ୍ଚିଦାନନ୍ଦ ବେହେରା, ପୂର୍ବତନ କାଉନସିଲର ପ୍ରଶାନ୍ତ କୁମାର ସିଂହ, ଚକ୍ରଧର ସାହୁ, ନରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଫାତିମାତୁଜହରା କନ୍‌ଫରେନ୍‌ସ ମହିଳା ଇସ୍ତେମା ଅନୁଷ୍ଠିତ

**ନିଶ୍ଚିନ୍ତକୋଇଲି (ଅମୃତ ମିଡ଼ିଆ):** ଫାତିମାତୁଜହରା କନଫରେନସ (ମହିଳା ଇସ୍ତେମା) ଓ ସନ୍ଧ୍ୟା ୭ଟାରୁ ମଧ୍ୟରାତ୍ର ପର୍ଯ୍ୟନ୍ତ ଏମାମ ଏହମହରଜା କନଫେରନସ ଆଲାହଜରତ ସୁନି ମିଶନ କମିଟି ପାରସାଇଲୋ ତରଫରୁ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୩ହଜାର ରୁ ଅଧିକ ମହିଳା ଇସ୍ତେମାରେ ଯୋଗ ଦେଇ ଧର୍ମ ଆଲୋଚନାରେ ଭାଗ ନେଇଥିଲେ । କଟିକଟା ପ ।ୟତର ସମାଜସେବୀ ମନୋରଂଜନ ଭୂୟାଁ , ରଘୁନାଥ ସିଂହ,ସରପ ଚି ରଂଜନ ମଲିକ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ପାରଶାଇଲୋ ଗ୍ରାମର ମୁରବୀ ସେକ ଅମିରୁଦ୍ଦିନ୍



, ସେକ ବସିରୁଦ୍ଦିନ୍, ସେକ କଫିରୁଦ୍ଦିନ୍,ସେକ କମରଅଲ୍ଲୀ,ସେକ୍ ତାଜୁଦ୍ଦିନ,ସେକ ଅନଓ୍ୱର ଉଦ୍ଦିନ୍, ସେକ ସମସୁଦିନ,ସେକ୍ କୁତୁବୁଦିନ,ସେକ କଲିମୁଦିନ,ନଓ୍ୱାଜ ଖାନ,ସରଫରାଜ ଖାଁ,ସେକ ସରଓ୍ୱର,ସେକ ସାହାବୁଦ୍ଦିନ, ଆବିତ ଖାଁ, ସେକ ଫକିରୁଦ୍ଦିନ୍ , ସେକ ଅମରଲ୍ଲୀ,ନେଜାମୁଦ୍ଦିନ ଖାଁ,ସେକ ସୁନିକ ରଜା ପ୍ରମୁଖ ଙ୍କ ସମେତ ସମସ୍ତ ମୁସଲମାନ ଭାଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ୩୭୫ ଲିଟର ମଦ ଜବତ

## ଆନୁମାନିକ ମୂଲ୍ୟ ୭୫୦୦୦ ଟଙ୍କା

**ଟାଙ୍ଗୀ - ଚୌଦ୍ୱାର (ଅମୃତ ମିଡ଼ିଆ):** ଚୌଦ୍ୱାର ଅବକାରୀ ବିଭାଗ କୁ ବଡ଼ ସଫଳତା ମିଳିଛି । କଟକ ଅବକାରୀ ବିଭାଗ ଓ ଚୌଦ୍ୱର୍ ଅବକାରୀ ଥାନା ଆଇ ସି ଆଶୁତୋଷ ଜେନା ଙ୍କ ନେତୃତ୍ୱ ରେ ଏକ ଟିମ ଗଠନ କରାଯାଇ ଚୌଦ୍ୱାର ତଳବଜ଼ାର ନିକଟସ୍ଥ ଏକ ସ୍ଥାନରେ କୈଳାଶ ଚନ୍ଦ୍ର ବେହେରା (କୟା) ଘରେ ଅଚାନକ ରେଡ ହୋଇଥିଲା ବେଳେ ସେଠାରୁ ବହୁ ପରିମାଣର ମଦ ଜବତ କରାଯାଇଛି । ଯାହାର ଆନୁମାନିକ ମୂଲ୍ୟ ୭୫୦୦୦ ହଜାର ଟଙ୍କା । ମଦ ବେପାରୀ କୟା ନାଁ ରେ ଚୌଦ୍ୱାର ଥାନା ଓ ଚୌଦ୍ୱାର ଅବକାରୀ ଥାନା ରେ ବହୁ କ୍ରିମିନାଲ କେସ ରହିଛି । ଘଟଣା ସ୍ଥଳରେ ତାକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଉକ୍ତ ଚଢ଼ାଉ ରେ କଟକ ଅବକାରୀ



ବିଭାଗର ଡି.ଏସ.ଇ ଶ୍ରୁତିକାନ୍ତ ରାଉତ, ରୁରାଲ ରେଞ୍ଜ ର ଅଧିକାରୀ ମାନସୀ ନାୟକ, ମୋବାଇଲ ୟୁନିଟ ର ଅଧିକାରୀ ଅଭିରାମ ସାହୁ,ଚୌଦ୍ୱାର ଅବକାରୀ ଥାନା ଏ ଏସ୍ ଆଇ ଆଶୁତୋଷ ଜେନା, ବିଷ୍ଣୁ ମାଝୀ, ସୁଭଦର୍ଶିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଟମ୍ କ୍ରୁଜ୍‌ଙ୍କୁ ପସନ୍ଦ କରନ୍ତି ଅମୀଷା



ବଲିଉଡ୍ ଅଭିନେତ୍ରୀ ଅମୀଷା ପଟେଲ୍। ସେ ପ୍ରାୟତଃ ପର୍ସନାଲ ଲାଇଫ୍‌କୁ ନେଇ ଚର୍ଚ୍ଚାରେ ରହିଛନ୍ତି। ବର୍ତ୍ତମାନ ସେ ଏକ ଖବର ପାଇଁ ଆଲୋଚନାକୁ ଆସିଛନ୍ତି। ତାହା ପୁଣି ଫିଲ୍ମ ପାଇଁ ନୁହେଁ ବରଂ ପର୍ସନାଲ ଲାଇଫ୍‌କୁ ନେଇ । ଅଭିନେତ୍ରୀ ନିଜେ ଖୁଲାସା କରି ଏମିତି କିଛି କହିଛନ୍ତି । ଯାହାକୁ ନେଇ ହଇଚଇ ସୃଷ୍ଟି ହୋଇଛି । ତାଙ୍କ ପ୍ରଶଂସକ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ନିକଟରେ ଅଭିନେତ୍ରୀ ଏକ ସାକ୍ଷାତକାରରେ ଶକିଂ ଖୁଲାସା କରି କହିଛନ୍ତି କି ସେ ବିବାହିତ। ଯାହା ଶୁଣିବା ପରେ ପ୍ରଶଂସକମାନେ ଚକିତ ହୋଇଯାଇଥିଲେ। କିନ୍ତୁ କହିବାକୁ ଗଲେ ଏହା ସତ ନୁହେଁ। ସେ କାହାକୁ ବି ବିବାହ କରି ନାହାନ୍ତି। ବରଂ ନିଜ ଭାବନରେ ଭିତରେ ବୁଡି ଯାଇ କାହାକୁ ମନ ଦେଇ ଦେଇଛନ୍ତି। ହଲିଉଡ୍ ଅଭିନେତା ଟମ୍ କ୍ରୁଜ୍‌ଙ୍କୁ ସେ ବହୁତ ପସନ୍ଦ କରନ୍ତି। ଅଭିନେତ୍ରୀ ତାଙ୍କ ପାଇଁ ଖୁବ୍ ଦିୱାନା । ସେ ତାଙ୍କୁ ବହୁତ ଭଲ ପାଆନ୍ତି। ଏହା ମଧ୍ୟ କହିଥିଲେ କି ତାଙ୍କ ହୃଦୟରୁ ସେ ଟମ୍‌ଙ୍କୁ ବିବାହ କରି ସାରିଛନ୍ତି । ପୂର୍ବରୁ ହିଁ ସେ ବିବାହିତ । ଅମିଷାଙ୍କ ଏହି କଥା ଶୁଣିବା ପରେ ସମସ୍ତେ ଆଶ୍ଚର୍ଯ୍ୟ । ସଭିଏଁ ତାଙ୍କୁ ନା ନା ପ୍ରକାରର କମେଣ୍ଟ କରୁଛନ୍ତି । କହିବାକୁ ଗଲେ ଅମିଷାଙ୍କ ପୂର୍ବରୁ ଦୀପିକା ମଧ୍ୟ ଏମିତି କିଛି କହିଥିଲେ । ଯାହା ଖୁବ୍ ଚର୍ଚ୍ଚାକୁ ଆସିଥିଲା ।

# ମାର୍ଚ୍ଚ ୨୨ରେ ଆରମ୍ଭ ହେବ ଆଇପିଏଲ୍



**ନୂଆଦିଲ୍ଲୀ :** ଚଳିତ ବର୍ଷ ଦେଶରେ ସାଧାରଣ ନିର୍ବାଚନ ହେବ। ଏହାକୁ ଦୃଷ୍ଟିରେ ରଖି ପ୍ରଥମେ କେବଳ ୨୧ଟି ମ୍ୟାଚ ପାଇଁ ସୂଚୀ ଜାରି କରାଯାଇଛି। ଆଇପିଏଲର ୧୭ତମ ସଂସ୍କରଣର ପ୍ରଥମ ୨୧ଟି ମ୍ୟାଚ୍ ପାଇଁ ଆଜି ସୂଚୀ ଜାରି କରାଯାଇଛି। ଡିଫେଣ୍ଡିଂ ଚାମ୍ପିୟନ ମହେନ୍ଦ୍ର ସିଂହ ଧୋନିଙ୍କ ଚେନ୍ନାଇ ଓ ବିରାଟ କୋହଲିଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ଖେଳାଯିବ ପ୍ରଥମ ମ୍ୟାଚ୍। ମାର୍ଚ୍ଚ ୨୨ରେ ଏମ ଚଦାମ୍ବରମ ଷ୍ଟାଡିୟମରେ ଆଇପିଏଲ ୨୦୨୪ର ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହେବ। ଚଳିତ ବର୍ଷ ଦେଶରେ ସାଧାରଣ ନିର୍ବାଚନ ହେବ। ଏହାକୁ ଦୃଷ୍ଟିରେ ରଖି ପ୍ରଥମେ କେବଳ ୨୧ଟି ମ୍ୟାଚ ପାଇଁ ସୂଚୀ ଜାରି କରାଯାଇଛି। ନିର୍ବାଚନ ତାରିଖ ଘୋଷଣା ହେବା ପରେ ବାକି ମ୍ୟାଚ୍ ଗୁଡ଼ିକର ସ୍ଥାନ ଓ ତାରିଖ ଜାରି କରାଯିବ ବୋଲି ଆଇପିଏଲର ଅଧ୍ୟକ୍ଷ ଅରୁଣ ଧୂମାଲ କହିଛନ୍ତି। ୨୨ ତାରିଖରୁ ଆଇପିଏଲ ଆରମ୍ଭ ହେଉଥିବା ବେଳେ ୨୩ ତାରିଖରେ ଦୁଇଟି ମ୍ୟାଚ୍ ଖେଳାଯିବ। ପ୍ରଥମେ ପଞ୍ଜାବ କିଙ୍ଗସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମୋହାଲିରେ ମୁହାଁମୁହିଁ ହେବେ। ଏହି ମ୍ୟାଚ୍‌ଟି ଦିନ ୩.୩୦ରେ ଆରମ୍ଭ ହେବ। ସେହିପରି ସନ୍ଧ୍ୟା ୭.୩୦ରେ କୋଲକାତା ନାଇଟ ରାଇଡର୍ସ ଓ ସନ ରାଇଜର୍ସ ହାଇଦ୍ରାବାଦ ମ୍ୟାଚ୍ ଖେଳିବେ। ରବିବାର ଅର୍ଥାତ ମାର୍ଚ୍ଚ ୨୪ରେ ମଧ୍ୟ ଡବଲ ହେଡର ରହିଛି। ରାଜସ୍ଥାନ ରୟାଲ୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟସ ଏବଂ ଗୁଜରାଟ ଟାଇଟନ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ଲଢ଼େଇ କରିବେ। ପ୍ରଥମ ଦଫାରେ ଏପ୍ରିଲ ୭ ଯାଏ ହେବାକୁ ଥିବା ମ୍ୟାଚ୍ ଗୁଡ଼ିକର ସୂଚୀ ଜାରି କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଦିଲ୍ଲୀ କ୍ୟାପିଟାଲ୍ସ ପ୍ରଥମ ଦୁଇ ସପ୍ତାହ ମଧ୍ୟରେ କୌଣସି ମ୍ୟାଚ୍‌ର ହୋଷ୍ଟ କରିବ ନାହିଁ। ଅରୁଣ ଜେଟଲୀ ଷ୍ଟାଡିୟମ ବର୍ତ୍ତମାନ ଡବଲ୍ୟୁପିଏଲ ମ୍ୟାଚ୍‌ଗୁଡ଼ିକ ପାଇଁ ପ୍ରସ୍ତୁତ ହୋଇ ରହିଛି। ମାର୍ଚ୍ଚ ୧୭ରେ ଡବଲ୍ୟୁପିଏଲର ଫାଇନାଲ ମ୍ୟାଚ୍ ମଧ୍ୟ ଦିଲ୍ଲୀରେ ଖେଳାଯିବ। ଫାଇନାଲ ଶେଷ ହେବା ପରେ ଆଇପିଏଲ ପାଇଁ ଷ୍ଟାଡିୟମକୁ ପ୍ରସ୍ତୁତ କରାଯିବ। କୁହାଯାଉଥିଲା ଯେ ଦିଲ୍ଲୀ ତା'ର ଗୋଟିଏ ମ୍ୟାଚ୍ କଟକର ବାରବାଟୀ ଓ ଆଉ ଗୋଟିଏ ମ୍ୟାଚ୍ ପୁଣେରେ ଖେଳିବ। କିନ୍ତୁ ପ୍ରଥମ ୨୧ ମ୍ୟାଚ୍ ପାଇଁ ଜାରି ହୋଇଥିବା ସୂଚୀରେ କଟକ ସ୍ଥାନ ପାଇ ନାହିଁ।

# ଆଇପିଏଲ୍-୨୦୨୪ରୁ ବାଦ୍ ପଡ଼ିଲେ ଫାଷ୍ଟ ବୋଲର ମହମ୍ମଦ ସାମି



**ନୂଆଦିଲ୍ଲୀ :** ଆଇପିଏଲ-୨୦୨୪ରୁ ବାଦ ପଡ଼ିଲେ ଭାରତର ଷ୍ଟାର ଫାଷ୍ଟ ବୋଲର ମହମ୍ମଦ ସାମି। ଆଇପିଏଲ ୨୦୨୪ ଆରମ୍ଭ ହେବା ପୂର୍ବରୁ ଏହି ବଡ ଖବର ସାମ୍ନାକୁ ଆସିଛି। ପୂର୍ବ ମ୍ୟାଚରେ ତାଙ୍କ ବାମ ଗୋଡରେ ଆଘାତ ଲାଗିଥିଲା। ଏଥିପାଇଁ ସାମି ବ୍ରିଟେନରେ ନିଜର ଅସ୍ତ୍ରୋପଚାର କରାଇବେ। ଏହି କାରଣରୁ ତାଙ୍କୁ ଆଇପିଏଲରୁ ବାଦ୍ ଦିଆଯାଇଥିବା ଜଣାପଡ଼ିଛି। ୩୩ବର୍ଷୀୟ ସାମି ଇଂଲଣ୍ଡ ବିପକ୍ଷରେ ଚାଲିଥିବା ଟେଷ୍ଟ ସିରିଜର ମଧ୍ୟ ଅଂଶ ନୁହଁନ୍ତି। ସେ ଶେଷ ଥର ପାଇଁ ନଭେମ୍ବରରେ ଅଷ୍ଟ୍ରେଲିଆ ବିପକ୍ଷ ଓଡିଆଇ ବିଶ୍ୱକପ ଫାଇନାଲରେ ଭାରତ ପାଇଁ ଖେଳିଥିଲେ। କୁହାଯାଉଛି ଯେ, ଗୋଡ଼ରେ ଲାଗିଥିବା ଆଘାତ ପାଇଁ ଇଞ୍ଜେକ୍ସନ ନେବାକୁ ଲଣ୍ଡନ ଯାଇଥିଲେ ସାମି। ୩ସପ୍ତାହ ପରେ ଦୌଡ଼ି ପାରିବ ବୋଲି ତାଙ୍କୁ କୁହାଯାଇଥିଲା। ହେଲେ ୩ସପ୍ତାହ ପରେ ତାଙ୍କ ସମସ୍ୟାର ସମାଧାନ ନହେବାରୁ ଏବେ ତାଙ୍କର ଅସ୍ତ୍ରୋପଚାର ହେବ ବୋଲି ଜଣାପଡ଼ିଛି। ଏଥିପାଇଁ ସେ ଖୁବଶୀଘ୍ର ବ୍ରିଟେନ ଯିବେ। ତେଣୁ ସେ ଆଇପିଏଲ ଖେଳିପାରିବେ ନାହିଁ। ସାମି ବାଦ୍ ପଡ଼ିବା ନିଶ୍ଚିତ ଭାବେ ଗୁଜରାଟ ଟାଇଟନ୍ସ ପାଇଁ ଭଲ ଖବର ନୁହେଁ।

# T-୨୦ କ୍ରିକେଟରେ ଚମକିଲେ 'ବେବି ମାଲିଙ୍ଗା'



**ମୁମ୍ବାଇ :** ଶ୍ରୀଲଙ୍କାର ଦ୍ରୁତ ବୋଲର ମଥିଶା ପଥିରାନା । ଇଣ୍ଟରନ୍ୟାସନାଲ କ୍ରିକେଟରେ ଜାରି ରହିଛି ଭଲ ପ୍ରଦର୍ଶନ । ଆଫଗାନିସ୍ତାନ ବିପକ୍ଷରେ ପଥିରାନୀ ୩ ମ୍ୟାଚ୍ ଖେଳି T-୨୦ ସିରିଜ୍‌ରେ ୧୧ ପ୍ରତିଶତରେ ୮ ୱିକେଟ ନେଇଛନ୍ତି । ପଥିରାନା ଏବେ T-୨୦ ଫର୍ମାଟରେ ସବୁଠୁ ଅଧିକ ଶ୍ରୀଲଙ୍କାର ୱିକେଟ ଟେକର ହେବାରେ ରେକର୍ଡ କରିଛନ୍ତି । ପଥିରାନା ଲସିଥ ମାଲିଙ୍ଗାଙ୍କୁ ବି ପଛରେ ପକାଇଛନ୍ତି । ଯିଏକି ୨୦୧୯ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୩ ମ୍ୟାଚ୍‌ରୁ ୭ ୱିକେଟ ନେଇଛନ୍ତି । ଏହାପୂର୍ବରୁ ୨୦୧୯ ଓ ୨୦୨୨ରେ ନୁବାନ ପ୍ରଦାପ ଏବଂ ଦୁଷ୍ମନ୍ଥା ଚମିରା ୭-୭ ୱିକେଟ୍ ନେଇଛନ୍ତି । ଧୋନୀଙ୍କ ଧୂରନ୍ଧର 'ବେବି ମାଲିଙ୍ଗା' ଭାବେ ବେଶ୍ ଫେମସ ହୋଇଥିଲେ ମଥିଶା ପରିଥାନା । ୨୦୨୩ରେ ସେ ଚେନ୍ନାଇ ସୁପର କିଙ୍ଗ୍ସରେ ଜବରଦସ୍ତ ପ୍ରଦର୍ଶନ କରିଥିଲେ । ମଥିଶା ପଥିରାନା ଆଇପିଏଲ୍‌ରେ ୨୦୨୩ରେ ମୋଟ୍ ୧୨ ମ୍ୟାଚ୍ ଖେଳି ୮ ପ୍ରତିଶତ ଇକୋନମି ୧୯ ୱିକେଟ ହାସଲ କରିଥିଲେ । ମଥିଶା ପଥିରାନାଙ୍କ ବୋଲିଂ ଷ୍ଟାଇଲ୍ ବିଲ୍‌କୁଲ ଶ୍ରୀଲଙ୍କାର ବୋଲର ଲାସିଥ ମାଲିଙ୍ଗାଙ୍କ ଭଳି ।

# ଆଜିଠୁ ଖେଳାଯିବ ଚତୁର୍ଥ ଟେଷ୍ଟ



**ରାଞ୍ଚି :** ଆଜିଠୁ ଖେଳାଯିବ ଚତୁର୍ଥ ଟେଷ୍ଟ୍ । ଫେବ୍ରୁଆରୀ ୨୩ ତାରିଖରୁ ୨୭ ଯାଏଁ ଏହି ମ୍ୟାଚ୍ । ରାଞ୍ଚି ଟେଷ୍ଟ ପାଇଁ ପ୍ରସ୍ତୁତ ହେଉଛନ୍ତି ଟିମ୍ ଇଣ୍ଡିଆ । ସମସ୍ତ ଖେଳାଳି ଅଭ୍ୟାସ୍ ଜାରି ରଖିଛନ୍ତି । ଏହି ମ୍ୟାଚରେ ଯଶପ୍ରିତ୍ ବୁମରାଙ୍କୁ ବିଶ୍ରାମ ଦିଆଯାଇଥିବାରୁ ନୂଆ ମୁହାଁ ଭାବେ ଆକାଶଦୀପଙ୍କୁ ସୁଯୋଗ ମିଳିପାରେ । ସେହିପରି ଡେବ୍ୟୁଟାଣ୍ଟ ଦେବଦତ୍ତ ପାଡିକଲ ମଧ୍ୟ ଜୋରଦାର ଅଭ୍ୟାସ ଜାରି ରଖିଛନ୍ତି । ରାଞ୍ଚ ଟେଷ୍ଟରେ ଉଭୟ ଟେଷ୍ଟ ଡେବ୍ୟୁ କରିପାରନ୍ତି । ଟିମ୍ ଇଣ୍ଡିଆ ଏହି ମ୍ୟାଚକୁ ଜିତି ସିରିଜ୍ ସିଲ୍ କରିବା ଲକ୍ଷ୍ୟରେ ରହିଛି । ସେପଟେ ସିରିଜକୁ ଫେରିବାକୁ ବ୍ୟାକୁଳ ହେଉଛି ଭ୍ରମଣକାରୀ ଇଂଲିଶ୍ ଟିମ୍ । ଭାରତୀୟ ବ୍ୟାଟରଙ୍କୁ ଅଟକାଇଲା ପାଇଁ ନୂଆ ରଣନୀତି ପ୍ରସ୍ତୁତ କରିଛି ଇଂଲଣ୍ଡ । ଆଣ୍ଠୁରେ ଅପରେସନ ପରେ ଭାରତ ବିରୋଧରେ ଏପର୍ଯ୍ୟନ୍ତ ବୋଲିଂ କରିନଥିବା ଇଂଲଣ୍ଡ ଅଧିନାୟକ ଚତୁର୍ଥ ଟେଷ୍ଟରେ ବୋଲିଂ କରିପାରନ୍ତି । ତେଣୁ ସେ ମ୍ୟାଚ୍ ପୂର୍ବରୁ ରାଞ୍ଚି କିଛି ଓଭର ବୋଲିଂ ଅଭ୍ୟାସ କରିଛନ୍ତି । ଫର୍ମ ହରାଇଥିବା ଜନି ବେୟାରଷ୍ଟୋଙ୍କୁ ତାଙ୍କୁ ସାମ୍ନା କରିଛନ୍ତି । ଚତୁର୍ଥ ଟେଷ୍ଟ ଜିତି ସିରିଜକୁ ବରାବର କରିବା ଲକ୍ଷ୍ୟରେ ରହିଛି ଭ୍ରମଣକାରୀ ଦଳ । ଏନେଇ ଦଳରେ ବଡ଼ ପରିବର୍ତ୍ତନ ହୋଇପାରେ । ଚତୁର୍ଥ ଟେଷ୍ଟକୁ ଜିତି ପାଇଁ ଆପ୍ରାଣେ ଉଦ୍ୟମ କରୁଛି ଇଂଲଣ୍ଡ । ବୁଧବାର ଇଂଲିଶ୍ ଟିମର କୋଚ୍ ବ୍ରେଣ୍ଡନ୍ ମ୍ୟାକୁଲମ୍ ଓ ଜନି ବେୟାରିଷ୍ଟୋ ପିଚ୍ ନିକଟରେ ପହଞ୍ଚି ନିରୀକ୍ଷଣ କରିଥିଲେ । ପିଚ୍ ?ରେ ଲାଗିଥିବା ଦୋଉଡ଼ିକୁ ହଟାଇ ପ୍ରାୟ ୨୦ ମିନିଟ୍ ବିଭିନ୍ନ କୋଣରୁ ନିରୀକ୍ଷଣ କରିଥିଲେ । ମ୍ୟାଚ ସମୟରେ ପିଚ୍ ତାହାର ପ୍ରକୃତି ପରିବର୍ତ୍ତନ କରିବ କି ନାହିଁ ଦେଖିଥିଲେ । ପରେ ଏହି ଫରେନ୍ସିକ୍ ଯାଞ୍ଚରେ ଓଲି ପୋପ୍ ଓ ଜୋ ରୁଟ୍ ମଧ୍ୟ ସାମିଲ୍ ହୋଇଥିଲେ । ସ୍ଥାନୀୟ କ୍ରିକେଟ୍ ସମୀକ୍ଷକ ମଧ୍ୟ ରାଞ୍ଚି ପିଚକୁ ନେଇ ସମୀକ୍ଷା କରିଛନ୍ତି । ବ୍ୟାଟିଂ ପିଚରେ ସାମାନ୍ୟ ଶୁଖିଲା ଘାସ ସହିତ କିଛି କ୍ରାକ୍ ଥିବା ଜଣାପଡ଼ିଛି । ତେବେ ରାଞ୍ଚି ପିଚ୍ ସ୍ପିନରଙ୍କୁ ସୁହାଇବ ବୋଲି କୁହାଯାଉଛି । ମ୍ୟାଚର ଦୁଇ ଦିନ୍ ପୂର୍ବରୁ ପିଚ୍‌ରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି ।

# ଟେଷ୍ଟ ଖେଳିବାରୁ ବୁମ୍‌ରାଙ୍କୁ କରାଗଲା ବଞ୍ଚିତ



**ନୂଆଦିଲ୍ଲୀ :** ଭାରତ ରାଞ୍ଚିରେ ଶୁକ୍ରବାର ଠାରୁ ଇଂଲଣ୍ଡ ବିପକ୍ଷ ପାଞ୍ଚ ମ୍ୟାଚ ଟେଷ୍ଟ ସିରିଜର ଚତୁର୍ଥ ମ୍ୟାଚ ଖେଳିବ। ଏହି ଟେଷ୍ଟ ପୂର୍ବରୁ ବିସିସିଆଇ କହିଛି ଯେ ସିରିଜର ଅବଧିକୁ ବିଚାର କରି ବମ୍‌ରାଙ୍କୁ ଚତୁର୍ଥ ଟେଷ୍ଟ ପାଇଁ ଦଳରୁ ମୁକ୍ତ କରାଯାଇଛି। କିନ୍ତୁ ବର୍ତ୍ତମାନ ଏକ ବଡ ଖୁଲାସା ରିପୋର୍ଟରେ ପ୍ରକାଶ ପାଇଛି ଯେଉଁଥିରେ କୁହାଯାଇଛି ଯେ ବୁମ୍‌ରା ସିରିଜର ସମସ୍ତ ପାଞ୍ଚଟି ଟେଷ୍ଟ ଖେଳିବାକୁ ଚାହୁଁଛନ୍ତି କିନ୍ତୁ ତଥାପି ତାଙ୍କୁ ବିଶ୍ରାମ ଦିଆଯାଇଛି। 'ହିନ୍ଦୁସ୍ତାନ ଟାଇମ୍ସ'ରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି , ବୁମ୍‌ରା ସିରିଜର ସମସ୍ତ ପାଞ୍ଚଟି ଟେଷ୍ଟ ଖେଳିବାକୁ ଚାହୁଁଥିଲେ କିନ୍ତୁ ରାଞ୍ଚିରେ ଖେଳାଯିବାକୁ ଥିବା ଚତୁର୍ଥ ଟେଷ୍ଟ ପାଇଁ ତାଙ୍କୁ ଦଳରୁ ମୁକ୍ତ କରାଯାଇଛି। ରିପୋର୍ଟରେ ଦର୍ଶାଯାଇଛି, ବୁମ୍‌ରା ସମସ୍ତ ମ୍ୟାଚ ଖେଳିବାକୁ ଇଚ୍ଛୁକ। ଦ୍ୱିତୀୟ ଏବଂ ଚତୁର୍ଥ ମ୍ୟାଚ ଶେଷରେ ଦୁଇ-ଆଠ ଦିନର ବିରତି ଦ୍ୱାରା ସେ ପ୍ରଭାବିତ ହୋଇଥିଲେ। ତେବେ ଜୁନରେ ଖେଳାଯିବାକୁ ଥିବା ଟି - ୨୦ ବିଶ୍ୱକପ୍‌କୁ ଧ୍ୟାନରେ ରଖି ବୁମ୍‌ରାଙ୍କୁ ଚତୁର୍ଥ ଟେଷ୍ଟରୁ ବିଶ୍ରାମ ଦିଆଯାଇଛି। ଆପଣଙ୍କୁ କହିରଖୁଛୁ ଯେ ରାଜକୋଟରେ ଖେଳାଯାଇଥିବା ତୃତୀୟ ଟେଷ୍ଟ ଦଳରୁ ବାଦ୍ ପଡିଥିବା ବୁମ୍‌ରାଙ୍କ ସ୍ଥାନରେ ମୁକେଶ କୁମାରଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଥିଲା। ଏହାପୂର୍ବରୁ ବିଶାଖା ପାଟନମରେ ଖେଳାଯାଇଥିବା ସିରିଜର ଦ୍ୱିତୀୟ ମ୍ୟାଚରୁ ମହମ୍ମଦ ସିରାଜଙ୍କୁ ବିଶ୍ରାମ ଦିଆଯାଇଥିଲା।

# ଆଜିଠୁ ଆରମ୍ଭ ହେବ ମହିଳା ପ୍ରିମିୟର ଲିଗ୍

**ନୂଆଦିଲ୍ଲୀ :** ପ୍ରଥମ ସଂସ୍କରଣରେ ବିଦେଶୀ ଖେଳାଳିଙ୍କ ଜଲୱା ଦେଖାଇଥିଲେ। ଏଥର ଭାରତୀୟ ଯୁବ ଖେଳାଳି ଆଗକୁ ଆସିବେ ବୋଲି ସମସ୍ତେ ଆଶା ରଖିଛନ୍ତି। ମହିଳା ପ୍ରିମିୟର ଲିଗ(ଡବ୍ଲ୍ୟୁପିଏଲ)ର ୨୦୨୪ ସଂସ୍କରଣ ଆଜି ଠାରୁ ଆରମ୍ଭ ହେବ। ଡବ୍ଲ୍ୟୁପିଏଲର ଦ୍ୱିତୀୟ ସଂସ୍କରଣର ପ୍ରଥମ ମ୍ୟାଚ୍ ?ରେ ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଓ ରନର୍ସଅପ ଦିଲ୍ଲୀ କ୍ୟାପିଟାଲ୍ସ ଲଢ଼େଇ କରିବେ। ଭାରତୀୟ ସମୟ ସନ୍ଧ୍ୟା ୭.୩୦ରେ ଏହି ବହୁପ୍ରତିକ୍ଷୀତ ମ୍ୟାଚ୍ ? ଆରମ୍ଭ ହେବ। ପ୍ରଥମ ସଂସ୍କରଣରେ ବିଦେଶୀ ଖେଳାଳିଙ୍କ ଜଲୱା ଦେଖାଇଥିଲେ। ଏଥର ଭାରତୀୟ ଯୁବ ଖେଳାଳି ଆଗକୁ ଆସିବେ ବୋଲି ସମସ୍ତେ ଆଶା ରଖିଛନ୍ତି। ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ପାଖରେ ଉଭୟ ଅଭିଜ୍ଞ ଓ ଯୁବ ଖେଳାଳି ରହିଛନ୍ତି। ମୁମ୍ବାଇ ପାଖରେ ଥିବା ପ୍ରିୟଙ୍କା ବାଲା, ସାଇକା ଇସକା ଓ ୟାସ୍ତିକା ଭାଟିଆଙ୍କ ଭଳି ଯୁବ ଖେଳାଳିଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ। ସେହିପରି ଦିଲ୍ଲୀ ପାଖରେ ଶେଫାଳି ବର୍ମା, ଜେମିମା ରୋଡ୍ରିଗସ ଓ ତିତାସ ସାଦ୍ଧୁଙ୍କ ଭଳି ଭାରତୀୟ ମହିଳା ଟିମର ଷ୍ଟାର କ୍ରିକେଟରମାନେ ରହିଛନ୍ତି। ହରମନପ୍ରୀତ କୌରଙ୍କ ମୁମ୍ବାଇ ଇଣ୍ଡିଆନ୍ସ ୨୦୨୩ ଫାଇନାଲରେ ଦିଲ୍ଲୀକୁ ବେଶ ଚମତ୍କାର ଢଙ୍ଗରେ ହରାଇ ଚାମ୍ପିୟନ ହୋଇଥିଲା। ଏଥର ଦିଲ୍ଲୀ ପାଖରେ ଏହାର ପ୍ରତିଶୋଧ ନେବାକୁ ସୁଯୋଗ ରହିଛି। ଦିଲ୍ଲୀର ଅଧିନାୟକ ମେଗ ଲାନିଙ୍ଗ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇ ସାରିଛନ୍ତି। କିନ୍ତୁ ସେ ଡବ୍ଲ୍ୟୁପିଏଲ ଖେଳିବାକୁ ବେଶ ଉତ୍ସାହିତ। ଦଳକୁ ଚାମ୍ପିୟନ କରିବାର ଲକ୍ଷ୍ୟ ତାଙ୍କର ଗତଥର ଅଧା ରହି ଯାଇଥିଲା। ଏଥର ସେ ଏହାକୁ ପୂରଣ କରିବା ମୁଡରେ ଅଛନ୍ତି। ଲାନିଙ୍ଗଙ୍କ ବ୍ୟତୀତ ଅଭିଜ୍ଞ ମାରିଜାନେ କାପ୍ପ, ଆନାବେଲ ସଦରଲ୍ୟାଣ୍ଡ ଓ ଆଲିସ କାପସିଙ୍କ ଭଳି ଖେଳାଳି ଦିଲ୍ଲୀ ପାଖରେ ରହିଛନ୍ତି। ନାଟ ସ୍କିଭରବ୍ରଣ୍ଟ, ପୂଜା ବସ୍ତ୍ରକର, ଆମେଲିଆ କେର ଓ ହାୟଲେ ମ୍ୟାଥୁସଙ୍କୁ ନେଇ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟ ବେଶ ଶକ୍ତିଶାଳୀ। ତେଣୁ ଆସନ୍ତାକାଲି ପ୍ରଥମ ମ୍ୟାଚ୍ ବେଶ ରୋମାଞ୍ଚକର ରହିବ ବୋଲି ଆଶା କରାଯାଉଛି।

# ବାରବାଟୀରେ ଖେଳାଯିବ ଆଇପିଏଲ ମ୍ୟାଚ୍ !



**କଟକ :** ଓଡ଼ିଆ କ୍ରିକେଟ ପ୍ରେମୀଙ୍କୁ ମିଳିପାରେ ଖୁସି ଖବର। କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇପାରେ ଆଇପିଏଲ ମ୍ୟାଚ୍। ଦିଲ୍ଲୀ କ୍ୟାପିଟାଲ୍ସ ତା'ର ପ୍ରଥମ ଦୁଇଟି ମ୍ୟାଚ୍ ପୁଣେ ଓ କଟକରେ ଖେଳିପାରେ ବୋଲି ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଦିଲ୍ଲୀର ଘରୋଇ ଗ୍ରାଉଣ୍ଡ ହେଉଛି ଅରୁଣ ଜେଟଲୀ କ୍ରିକେଟ ଷ୍ଟାଡିୟମ। ଏଠାରେ ଦଳ ତା'ର ଅଧିକାଂଶ ମ୍ୟାଚ୍ ଖେଳିବ। କିନ୍ତୁ ପ୍ରଥମ ଦୁଇଟି ମ୍ୟାଚ୍ ଭିନ୍ନ ସ୍ଥାନରେ ଅନୁଷ୍ଠିତ ହେବ। କାରଣ ଅରୁଣ ଜେଟଲୀ କ୍ରିକେଟ ଷ୍ଟାଡିୟମରେ ମହିଳା ପ୍ରିମିୟର ଲିଗ୍‌ର ଫାଇନାଲ ମ୍ୟାଚ୍ ମାର୍ଚ୍ଚ ୧୭ ତାରିଖରେ ଅନୁଷ୍ଠିତ ହେବ। ମାର୍ଚ୍ଚ ୨୦ରୁ ୨୨ ମଧ୍ୟରେ ଆଇପିଏଲ ଆରମ୍ଭ ହୋଇପାରେ। ତେଣୁ ଏତେ କମ ସମୟ ମଧ୍ୟରେ ଆଇପିଏଲ ପାଇଁ ଷ୍ଟାଡିୟମକୁ ପ୍ରସ୍ତୁତ କରିବା କର୍ତ୍ତୃପକ୍ଷଙ୍କ ପାଇଁ ସହଜ ହେବନି। ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀ କ୍ୟାପିଟାଲ୍ସ ତା'ର ପ୍ରଥମ ଦୁଇଟି ମ୍ୟାଚ୍ ପୁଣେ ଓ କଟକରେ ଖେଳିବାକୁ ଯାଉଥିବା କୁହାଯାଇଛି। କିନ୍ତୁ ଏକଥା ଆଜି ଘୋଷଣା ହେବାକୁ ଥିବା ଆଇପିଏଲ ମ୍ୟାଚ୍ ସୂଚୀ ଘୋଷଣା ହେବା ପରେ ସ୍ପଷ୍ଟ ହେବ। ଡେକାନ ଚାର୍ଜସ(ଏବେ ସନ ରାଇଜର୍ସ ହାଇଦ୍ରାବାଦ) ଏକଦା ବାରବାଟୀକୁ ତା'ର ହୋମ ଗ୍ରାଉଣ୍ଡ କରିଥିଲେ। ଏଥିଯୋଗୁ କଟକରେ ଆଇପିଏଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା।

# ରାଜନୀତି କରିବେ ଯୁବରାଜ !



**ନୂଆଦିଲ୍ଲୀ :** ଲୋକ ସଭା ନିର୍ବାଚନ ପୂର୍ବରୁ ପଞ୍ଜାବର ରାଜନୀତିରେ ଗତ କିଛି ଦିନ ହେବ ଚର୍ଚ୍ଚାର ବଜାର ଗରମ ହୋଇଛି। ଅନେକ ନେତାଙ୍କ ଗୋଟିଏ ଦଳ ଛାଡି ଅନ୍ୟ ଦଳରେ ଯୋଗଦେବାର ଖବର ମଧ୍ୟ ରହିଛି। ଏହା ପୂର୍ବରୁ ପଞ୍ଜାବ କଂଗ୍ରେସର ପୂର୍ବତନ ମୁଖ୍ୟ ନବଜୋତ ସିଂ ସିଦ୍ଧୁ ଭାରତୀୟ ଜନତା ପାର୍ଟି ସହିତ ହାତ ମିଳାଇପାରନ୍ତି ବୋଲି ଆଲୋଚନା ହୋଇଥିଲା, କିନ୍ତୁ ସିଦ୍ଧୁ ଏହାକୁ ସଂପୂର୍ଣ୍ଣ ଭାବେ ଅସ୍ୱୀକାର କରିଥିଲେ। ଏବେ ରାଜନୈତିକ ସର୍କଲରେ ଏକ ଆଲୋଚନା ଚାଲିଛି ଯେ ପୂର୍ବତନ ଭାରତୀୟ କ୍ରିକେଟର ଯୁବରାଜ ସିଂ ଭାଜପାରେ ଯୋଗ ଦେଇପାରନ୍ତି କିନ୍ତୁ କ୍ରିକେଟର ଏପର୍ଯ୍ୟନ୍ତ ଏହାକୁ ନିଶ୍ଚିତ କରିନାହାଁନ୍ତି। ଚର୍ଚ୍ଚା ହେଉଛି ଯେ ଲୋକ ସଭା ନିର୍ବାଚନ ପୂର୍ବରୁ ଯୁବରାଜ ଭାଜପାରେ ଯୋଗ ଦେଇପାରନ୍ତି ଏବଂ ତାଙ୍କୁ ଗୁରୁଦାସପୁର ଲୋକ ସଭା ଆସନରୁ ଫିଲ୍ଡିଂ କରାଯାଇପାରେ। ଗତ ଲୋକ ସଭା ନିର୍ବାଚନରେ ଅଭିନେତା ସନ୍ନି ଦେଓଲ ଗୁରୁଦାସପୁର ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରି ଜିତିଥିଲେ। ଏହି ଆସନରୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଦେଓଲ ଆଗ୍ରହୀ ନୁହଁନ୍ତି, ଯେଉଁ କାରଣରୁ ଭାଜପା ଗୁରୁଦାସପୁର ଆସନ ପାଇଁ ନୂଆ ଚେହେରା ଖୋଜିବା ଆରମ୍ଭ କରି ଦେଇଛି। ଏହାପୂର୍ବରୁ ଏମ୍ ?ପି ମନୀଷ ତିୱାରୀ ମଧ୍ୟ ଭାଜପାରେ ଯୋଗଦେବା ନେଇ ଚର୍ଚ୍ଚା ହେଉଥିଲା।

କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085 (News).

ସମ୍ପାଦକ: ନିରଞ୍ଜନ ପାତ୍ର
Editor: Niranjan Patra

# ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମେଳା ଆରମ୍ଭ



**ଢେଙ୍କାନାଳ(ଅମୃତ ମିଡିଆ):** ବିଶ୍ୱ ପ୍ରସିଦ୍ଧ ମହିମାଧର୍ମର ପୀଠ ଢେଙ୍କାନାଳ ଜିଲାର ଯୋରନ୍ଦାଠାରେ ମାଘମେଳା ୨୨ ତାରିଖ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହା ୨୪ ତାରିଖ ଯାଏ ୩ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ମହିମା ସାଧୁ ସନ୍ନ୍ୟାସୀ ଓ ଶ୍ରଦ୍ଧାଳୁଙ୍କ ସମାଗମରେ ମହିମାଗାଦି ଯୋରନ୍ଦା ଚଳଚଞ୍ଚଳ ହୋଇଉଠିଛି। ମାଘମେଳାର ପ୍ରଥମ ଦିନ ଗୁରୁବାର ସନ୍ଧ୍ୟା ୫ଟା ୫ରେ ବିଶ୍ୱ କଲ୍ୟାଣ ପାଇଁ ଘୃତାହୂତି କରାଯାଇ ଗାଦି ମନ୍ଦିରରେ ମହିମା ସନ୍ନ୍ୟାସୀମାନେ ଝାଡ଼ଦୀପ ପ୍ରଜ୍ୱଳନ କରି ବିଶ୍ୱ କଲ୍ୟାଣ ନିମନ୍ତେ ପ୍ରାର୍ଥନା କରିବେ। ଏଥିପାଇଁ ଭୋର ସମୟରୁ ହିଁ ନୀତିକାନ୍ତି ଆରମ୍ଭ ହେବ। ମାନସିକଧାରୀମାନେ ଶିଶୁଙ୍କୁ ମୁଣ୍ଡନ କରି ମହିମା ସନ୍ନ୍ୟାସୀଙ୍କ ଆଶୀର୍ବାଦ ନେବେ। ଚଳିତବର୍ଷ ଓଡ଼ିଶା ସମେତ ଆନ୍ଧ୍ର, ଛତିଶଗଡ଼, ପଶ୍ଚିମବଙ୍ଗ, ବିହାର ଓ ଆସାମ ଆଦି ରାଜ୍ୟରୁ ବହୁ ସଂଖ୍ୟାରେ ସାଧୁସନ୍ନ୍ୟାସୀ ଓ ଶ୍ରଦ୍ଧାଳୁମାନଙ୍କ ଆଗମନ ହେଲାଣି। ସେହିପରି ଚଳିତବର୍ଷ ପ୍ରଥମ କରି ଜିଲା ପ୍ରଶାସନ ପକ୍ଷରୁ ମହିମାଗାଦି ଯୋରନ୍ଦାରେ ଏକ ପଲ୍ଲିଶ୍ରୀ ମେଳାର ଆୟୋଜନ କରାଯାଇଛି। ମେଳାସ୍ଥଳରେ ବିଭିନ୍ନ କିସମର ଦୋଳି, ଉଠା କୋଦାନ ପଡ଼ିଥିବାବେଳେ ମନୋରଞ୍ଜନ ପାଇଁ ଅପେରା ପାର୍ଟି ପହଞ୍ଚିସାରିଛି। ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାକୁ ଥିବାରୁ ଗାଦି ମନ୍ଦିର ଭିତରେ ଧାଡ଼ିରେ ପ୍ରବେଶ ପାଇଁ ବ୍ୟାରିକେଟ୍ ନିର୍ମାଣ କରାଯାଇଛି। ପାନୀୟଜଳ, ଆଲୋକୀକରଣ, ଆଶୁ ଚିକିତ୍ସା, ଟ୍ରାଫିକ ନିୟନ୍ତ୍ରଣ, ପରିମଳ ବ୍ୟବସ୍ଥା ସହ ଯାତ୍ରୀଙ୍କ ଠାରୁ ଅଧିକ ଭଡ଼ା ଆଦାୟ ନ କରିବା ପ୍ରତି ଗୁରୁତ୍ୱ ପ୍ରଦାନ କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇ ଏସ୍‌ପି ମଡକର ସନ୍ଦୀପ ସମ୍ପଦଙ୍କ ନେତୃତ୍ୱରେ ୨ଜଣ ଅତିରିକ୍ତ ଏସ୍‌ପି, ୫ ଡିଏସ୍‌ପି, ୧୩ ଇନ୍‌ସପେକ୍ଟର, ଏସ୍ଆଇ ଓ ଏଏସ୍ଆଇଙ୍କୁ ମିଶାଇ ୫୬ଜଣଙ୍କ ସମେତ ୧୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଆଇନଶୃଙ୍ଖଳା ସମ୍ପର୍କରେ ଏସ୍‌ପି କହିଛନ୍ତି, ଟ୍ରାଫିକ ନିୟନ୍ତ୍ରଣ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ। ଜିଲାପାଳ ମନୋରଞ୍ଜନ ମଲ୍ଲିକ କହିଛନ୍ତି, ମାଘ ମେଳା ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ନିକଟବର୍ତ୍ତୀ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ, ହସ୍ତଶିଳ୍ପ କାରିଗରଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏକ ପଲ୍ଲିଶ୍ରୀ ମେଳା ଆୟୋଜନ କରାଯାଇଛି।

# ପ୍ରାଣୀଧନ ଚିକିତ୍ସା ପ୍ରତି ଅବହେଳା

**ପଟ୍ଟାମୁଣ୍ଡାଇ(ଅମୃତ ମିଡିଆ):** ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ସରକାର ପ୍ରାଣୀଧନ ପାଳନକୁ ପ୍ରୋତ୍ସାହନ ଦେଉଛନ୍ତି। ଏଥିପାଇଁ ଚାଷୀମାନଙ୍କୁ ବ୍ୟାଙ୍କ ଜରିଆରେ ଋଣ ସହାୟତା ଯୋଗାଇ ଦିଆଯାଉଛି। କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବ୍ୟାଙ୍କଗୁଡ଼ିକ ଦ୍ୱାରା ସମୟୋପଯୋଗୀ ଋଣ ବ୍ୟବସ୍ଥା କରାଯାଉ ନ ଥିବାରୁ ରାଜ୍ୟ ପ୍ରାଣୀଧନ ପାଳନକାରୀମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଅନ୍ୟପକ୍ଷରେ ଯେଉଁମାନେ ନିଜସ୍ୱ ପ୍ରାଣୀଧନ ପାଳନ କରୁଛନ୍ତି, ସେହି ପ୍ରାଣୀଙ୍କ ସ୍ୱାସ୍ଥ୍ୟର ଯତ୍ନ ଓ ସୁରକ୍ଷା ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ପଟ୍ଟାମୁଣ୍ଡାଇର ବିଭିନ୍ନ ଅଞ୍ଚଳରେ ପ୍ରାଣୀ ଚିକିତ୍ସାଳୟ ଥିଲେ ହେଁ କେଉଁଠି ଭିତ୍ତିଭୂମି ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି ତ ଆଉ କେଉଁଠାରେ ଡାକ୍ତର, କର୍ମଚାରୀଙ୍କ ଅଭାବ ପରିଲକ୍ଷିତ ହେଉଛି। କୃଷକ ନେତା ବିଜୟ ଦାସ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଅଧିକାଂଶ ଲୋକ କୃଷି ଉପରେ ନିର୍ଭରଶୀଳ। ପ୍ରାଣୀ ସମ୍ପଦ ହେଉଛି କୃଷି ବିଭାଗର ମେରୁଦଣ୍ଡ। ଗାଈ, ଛେଳି, ମେଣ୍ଢା, କୁକୁଡ଼ା, ବତକ, ଘୁଷୁରି ଆଦି ପ୍ରାଣୀ ପାଳନ କରି ବହୁ ପରିବାର ପ୍ରତିପୋଷଣ ହେଉଛନ୍ତି। କିନ୍ତୁ ପ୍ରାଣୀ ସମ୍ପଦର ଚିକିତ୍ସା କ୍ଷେତ୍ରରେ



ଦେଖାଯାଇଥିବା ଅବହେଳାରୁ ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ପରି ମନେହେଉଛି। ପ୍ରାଣୀ ଚିକିତ୍ସାଧିକାରୀଠାରୁ ଆରମ୍ଭ କରି ନିରୀକ୍ଷକ ପର୍ଯ୍ୟନ୍ତ ପ୍ରାୟ ୭୦% ପଦବୀ ଖାଲି ପଡ଼ିଥିବାରୁ ପ୍ରାଣୀ ଚିକିତ୍ସା ସଙ୍କଟ ମଧ୍ୟରେ ଗତି କରୁଛି। ଫଳରେ ପ୍ରାଣୀ ସମ୍ପଦକୁ ଜୀବିକା ଭାବେ ଗ୍ରହଣ କରିଥିବା ଲୋକ ଏବେ ଏହି ବୃତ୍ତିରୁ ମୁହଁ ଫେରାଇବାକୁ ଲାଗିଲେଣି। ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର କୃଷକ ନେତା ଚିତ୍ତରଞ୍ଜନ ମଲ୍ଲିକ, ନରେନ୍ଦ୍ର ଧଳ, ଖଡିଅଣ୍ଟାର ପ୍ରଭାକର ସେଠୀ ପ୍ରମୁଖ କହିଛନ୍ତି, ପଟ୍ଟାମୁଣ୍ଡାଇ ପ୍ରାଣୀ ଚିକିତ୍ସା କେନ୍ଦ୍ର ଅଧୀନରେ ଅଣ୍ଡରା, ଦାଣ୍ଡିସାହି, ନପଙ୍ଗ, ଅଠରବାଟିଆ, ଡାମରପୁର, ଶ୍ରୀରାମପୁର ପ୍ରଭୃତି ଅଞ୍ଚଳରେ ଏଲ୍ଆଇ ସେଣ୍ଟର ରହିଛି। ସେହିପରି ବଡପଡ଼ା ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଅରଡପଲ୍ଲୀ, ବିଲିକଣା, ସାନଜରିଆ, ଖଡ଼ଇଣ୍ଟା ଏଲ୍ଆଇ ସେଣ୍ଟର ଅଛି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୨ଟି ପ୍ରାଣୀ ଚିକିତ୍ସାଳୟ ଓ ୧୦ ଏଲ୍ଆଇ ସେଣ୍ଟର ରହିଥିବା ବେଳେ ୪ ଜଣ ଡାକ୍ତର, ୪ ଜଣ ଏଲ୍ଆଇରେ ସମସ୍ତ କେନ୍ଦ୍ର ଚାଲିଛି। ୧୦ବର୍ଷ ତଳେ ଖଡ଼ଇଣ୍ଟା ଏଲ୍ଆଇ ସେଣ୍ଟର ୪ ଲକ୍ଷ ଟଙ୍କା ବ୍ୟୟରେ ଗୃହ ନିର୍ମାଣ ହୋଇଥିଲା। ମାତ୍ର ସରକାର ଡାକ୍ତର କିମ୍ବା ଏଲ୍ଆଇ ନିଯୁକ୍ତ କରିବାକୁ ଭୁଲିଗଲେ। ଗୃହ ନିର୍ମାଣ ପରଠୁ ଏହି ପ୍ରାଣୀ ସହାୟକ କେନ୍ଦ୍ର ଜବରଦଖଲ ହୋଇରହିଥିବା ବେଳେ କବାଟ, ଝରକା ନଷ୍ଟ ହେବାକୁ ବସିଲାଣି। ନିମ୍ନମାନର କାର୍ଯ୍ୟ ଯୋଗୁ ଛାତରୁ ପାଣି ଗଳୁଥିବା ଅଭିଯୋଗ ହେଉଛି। ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ ହୋଇ ନ ଥିବା ବେଳେ ଭଲ ରାସ୍ତା ନାହିଁ। ସେହିପରି ଅଳପୁଆ କେନ୍ଦ୍ର ୧୦ ବର୍ଷ ହେବ ହସ୍ତାନ୍ତର ନ ହୋଇ ତାଲା ଝୁଲୁଛି। ଏହି କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଥିଲେ ଅଳପୁଆ, ତରଡ଼ିପାଳ ପଞ୍ଚାୟତର ୨୩ଟି ଗ୍ରାମ ଓ ପଡ଼ାର ପ୍ରାୟ ୧୦ ହଜାରରୁ ଅଧିକ ଗୃହପାଳିତ ପ୍ରାଣୀ ଉପକୃତ ହୋଇଥାନ୍ତେ। ତେଣୁ ଖଡିଅଣ୍ଟା ଓ ଅଳପୁଆ ପ୍ରାଣୀଧନ ଚିକିତ୍ସାଳୟରେ ଜଣେ ଜଣେ ସ୍ଥାୟୀ ଡାକ୍ତର ନିଯୁକ୍ତି ସହ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଥିବା ପ୍ରାଣୀ ଚିକିତ୍ସାଳୟଗୁଡ଼ିକରେ ଡାକ୍ତର ନିଯୁକ୍ତ କରିବା ସହ ତୁରନ୍ତ କୋଠା ମରାମତି କରିବାକୁ ଦାବି କରିଛନ୍ତି। ପଟ୍ଟାମୁଣ୍ଡାଇ ପ୍ରାଣୀ ଚିକିତ୍ସକ ପ୍ରଦୀପ ଜେନାଙ୍କୁ ପଚାରିବାରେ ପଟ୍ଟାମୁଣ୍ଡାଇ ଓ ବଡପଡ଼ା ଚିକିତ୍ସାଳୟରେ ୪ଜଣ ଡାକ୍ତର ୨ରୁ ୩ ସେଣ୍ଟର ପାଇଁ ଜଣେ ଲେଖାଏଁ ଏଲ୍ଆଇ କାର୍ଯ୍ୟ ତୁଲାଉଛନ୍ତି ବୋଲି ସେ କହିଛନ୍ତି।

## ଆରମ୍ଭ ହେଲା ହେମୋପରଫ୍ୟୁଜନ୍ ପ୍ରକ୍ରିୟା

**ସମ୍ବଲପୁର(ଅମୃତ ମିଡିଆ):** ଭିମ୍‌ସାରର ନେଫ୍ରୋଲୋଜି ବିଭାଗର ହେମୋପରଫ୍ୟୁଜନ୍ ସେବା ଭଳି ଅତ୍ୟାଧୁନିକ ଚିକିତ୍ସା ସେବା ଆରମ୍ଭ ହୋଇଛି। ବିଷପାନ ତଥା ମାତ୍ରାଧିକ ନିଶାସେବନ କରିଥିବା ଲୋକଙ୍କ ଚିକିତ୍ସା କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଡାଇଲେସିସ୍ ଜରିଆରେ ରକ୍ତରୁ ବିଷକୁ ସହଜରେ ଅଲଗା କରାଯାଇପାରିବ। ଏଥିପାଇଁ ୧୮ ହଜାର ଟଙ୍କାର ଏକ ଦାମୀ କ୍ୟାଟ୍ରିଜ୍ ବ୍ୟବହାର ହୋଇଥାଏ। ଉକ୍ତ କ୍ୟାଟ୍ରିଜ୍ ଜରିଆରେ ଖୁବ୍ କମ୍ ସମୟ ମଧ୍ୟରେ ଏବଂ ସହଜରେ ରୋଗୀଙ୍କ ଶରୀରରୁ ବିଷ, ମାଦକ ଦ୍ରବ୍ୟ ଆଦି ଅଲଗା କରାଯାଇ ରୋଗୀଙ୍କ ଜୀବନ ବଞ୍ଚାଯାଇପାରିବ ବୋଲି ଡାକ୍ତର ସୌରଭ ସୃଷ୍ଟି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଂଚଳରୁ ବିଷପାନ ତଥା କ୍ଷେତରେ କୀଟନାଶକ ସିଂଚନ ସମୟରେ ଏହାର ପ୍ରଭାବରେ ଗୁରୁତର ଅବସ୍ଥାରେ ରୋଗୀମାନେ ଭିମ୍‌ସାରକୁ ଆସିଥାନ୍ତି। ଡାକ୍ତରଖାନାରେ ପହଂଚିବାରେ ବିଳମ୍ବଜନିତ କାରଣରୁ ବିଷ/ମାଦକଦ୍ରବ୍ୟ ରୋଗୀଙ୍କ ଶରୀରରେ ଥିବା ରକ୍ତ ସହିତ ମିଶିଯାଇଥାଏ। ଆଉ ଏହାର ପ୍ରଭାବରେ ରୋଗୀଙ୍କ ମୃତ୍ୟୁ ଘଟିଥାଏ ବୋଲି କୁହାଯାଇଛି।



# ବିକ୍ରି ହେବ ଆଧୁନିକ ମେଟାଲିକ୍ସ !

**ରାଉରକେଲା(ଅମୃତ ମିଡିଆ):** ସୁନ୍ଦରଗଡ଼ କୁଆରମୁଣ୍ଡା ବ୍ଲକ ଅନ୍ତର୍ଗତ ଚାର୍ଡିହରିହରପୁରସ୍ଥ ଆଧୁନିକ ମେଟାଲିକ୍ସ କାରଖାନା ବିକ୍ରି ହେବାକୁ ଯାଉଛି। କ୍ଷତିର ଆଳ ଦେଖାଇ ବନ୍ଦ ହୋଇଯାଇଥିବା ଆଧୁନିକ ମେଟାଲିକ୍ସକୁ କିଣିଥିବା ଲିବର୍ଟି ହାଉସ୍ ଏବେ କାରଖାନା ବିକ୍ରି କରିବାକୁ ନିଷ୍ପତ୍ତି ନେଇଛି। ନିର୍ବାଚନ ପାଇଁ ସଉଦା ଅଟକି ରହିଥିଲାବେଳେ ଭୋଟ ପରେପରେ ଏହାକୁ ବିକ୍ରି କରିବାକୁ ସ୍ଥିର ହୋଇଛି। ସ୍ପଞ୍ଜ ଆଇରନ୍, ଷ୍ଟିଲ୍ ଓ ଫେରୋକ୍ରୋମ୍ ପ୍ରସ୍ତୁତ ହେଉଥିବା ଏହି ବଡ଼ କାରଖାନାକୁ ମାତ୍ର ୩ ବର୍ଷ ଚଳାଇବା ପରେ ଆଧୁନିକ ମେଟାଲିକ୍ସ ପରି ସମାନ ପନ୍ଥା ଆପଣାଇବାକୁ ଯାଉଛି ଲିବର୍ଟି ହାଉସ୍। ୪୨୦ କୋଟି ଟଙ୍କାରେ କିଣିଥିବା କାରଖାନାକୁ ୧୭୦୦ କୋଟି ଟଙ୍କାରେ ବିକିବାକୁ ଲିବର୍ଟି ହାଉସ୍ କର୍ତ୍ତୃପକ୍ଷ ମସୁଧା ଚଳାଇଛନ୍ତି। ରୁଙ୍ଗଟା, ପଶ୍ଚିମବଙ୍ଗର ରଶ୍ମି ଷ୍ଟିଲ ଲିମିଟେଡ୍, ଶ୍ରୀ ଗଣେଶ ପ୍ରାଇଭେଟ୍ ଲିମିଟେଡ୍ ପରି ଦେଶର ୫ରୁ ଅଧିକ ବଡବଡ଼ କମ୍ପାନି କାରଖାନା କିଣିବାକୁ ଆଗ୍ରହ ଦେଖାଇଥିବା କାରଖାନାରେ କାର୍ଯ୍ୟରତ କର୍ମଚାରୀମାନେ କହିଛନ୍ତି। ହେଲେ ଲିବର୍ଟି ହାଉସ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳି ନାହିଁ।



ପୂର୍ବରୁ ଛାଡି ଚାଲି ଯାଇଥିଲେ ହେଁ ସିଭିଲଟାଉସିପ୍‌ର ୮୦ କୋଟିର ମୂଲ୍ୟବାନ ଜମି ଏଲ୍‌ଏସିକୁ ଫେରୁନି। ୨୦୦୩ରୁ କାର୍ଯ୍ୟକ୍ଷମ ଆଧୁନିକ ମେଟାଲିକ୍ସ ୨୦୧୭ ମେ'ରେ ବନ୍ଦ ହୋଇ ଯାଇଥିଲା। ସେତେବେଳେ ଲିବର୍ଟି କର୍ତ୍ତୃପକ୍ଷ କାରଖାନାକୁ ୪ ଗୁଣା ଅଧିକ ଦାମ୍‌ରେ ବିକ୍ରି କରିବାକୁ ଆପାତତଃ ଯୋଜନା ପ୍ରସ୍ତୁତ କରିସାରିଛି। କାରଖାନା ବିକ୍ରି ହେବା କଥା ଶୁଣିବା ପରେ ଆଧୁନିକ ମେଟାଲିକ୍ସରେ କାର୍ଯ୍ୟରତ କର୍ମଚାରୀଙ୍କ ଚିନ୍ତା ବଢ଼ିଯାଇଛି। କାରଣ ୧୧୦୦ କର୍ମଚାରୀଙ୍କ ଗତ ୩ ବର୍ଷର ବକେୟା ପାଉଣା ବାବଦରେ ୫୦ କୋଟିରୁ ଅଧିକ ଟଙ୍କା ବାକି ପଡ଼ିଛି। ଆଜି ପର୍ଯ୍ୟନ୍ତ କର୍ମଚାରୀମାନେ ଟଙ୍କାଟିଏ ବି ବକେୟା ପାଉଣା ପାଇନାହାନ୍ତି। ଯାହା ବର୍ତ୍ତମାନ କୋର୍ଟରେ ବିଚାରାଧୀନ ରହିଛି। ସେପଟେ ଯଦି ନୂଆ କମ୍ପାନି ପୁରୁଣା କର୍ମଚାରୀଙ୍କୁ ପୁନଃନିଯୁକ୍ତି ନକରେ ତା'ହେଲେ, ଆଧୁନିକ ମେଟାଲିକ୍ସ ପରି ବଡଧରଣ ଆନ୍ଦୋଳନ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ଆଧୁନିକ ମେଟାଲିକ୍ସ ୨୦୦୩ରେ କାରଖାନା ପ୍ରତିଷ୍ଠା କରିଥିଲା। ସେତେବେଳେ ସ୍ଥାୟୀ ଓ ଅସ୍ଥାୟୀ ପ୍ରାୟ ୫ ହଜାରରୁ ଅଧିକ କର୍ମଚାରୀ କାମ କରୁଥିଲେ। ୧୨୮ ଏକର ଜାଗାରେ କାରଖାନା ଗଢ଼ି ଉଠିଥିଲା। କାରଖାନାକୁ ଯେତିକି ଜାଗା ମିଳିଥିଲା କମ୍ପାନି ତା'ର ୩୦% ଅର୍ଥାତ୍ ପ୍ରାୟ ୪୦ ଏକରୁ ଅଧିକ ସରକାରୀ ଓ ଘରୋଇ ଜମିକୁ ମାଡ଼ିବସିଛି। କେବଳ ଏତିକି ନୁହେଁ ଆଧୁନିକ ମେଟାଲିକ୍ସ ରାଉରକେଲା ସିଭିଲଟାଉସିପ୍‌ରେ ଆଧୁନିକ ମେଟାଲିକ୍ସ ରିସର୍ଚ୍ଚ ସେଣ୍ଟର ନାଁରେ ଲ୍ୟାଣ୍ଡ ଆଲଟମେଣ୍ଟ କମିଟି (ଏଲ୍‌ଏସି)ରୁ ୧ ଏକର ମୂଲ୍ୟବାନ ଜମି ହାତେଇନେଇଛି। ମାଲିକ ୮ ବର୍ଷ କାରଖାନାରେ କାମ କରୁଥିବା ପ୍ରାୟ ୧୨୦୦ରୁ ଅଧିକ ସ୍ଥାୟୀ ଶ୍ରମିକ ଜୀବିକା ହରାଇଥିଲେ। ୨୦୨୦ ମାର୍ଚ୍ଚରେ ଲିବର୍ଟି ହାଉସ୍ କାରଖାନାକୁ କିଣିଥିଲା। ଲିବର୍ଟି ହାଉସ୍ କାରଖାନା ନେବା ପରେ ସମ୍ପ୍ରସାରଣ ନାଁରେ ପ୍ରାୟ ୪୦ ଏକର ସରକାରୀ ଜାଗାକୁ ନିଜ କବ୍‌ଜାକୁ ନେଇ ପାଚେରି ନିର୍ମାଣ କରିଥିଲା। ଯାହାକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ କଡ଼ା ବିରୋଧ କରିଥିଲେ। ବାଧ୍ୟ ହୋଇ କାରଖାନା କର୍ତ୍ତୃପକ୍ଷ ପାଚେରି ନିର୍ମାଣ କାମ ଅଧାରୁ ବନ୍ଦ କରି ଦେଇଥିଲେ। ଏବେ ଲିବର୍ଟି ହାଉସ୍ କାରଖାନା ସହ ଉକ୍ତ ବେଆଇନ ଜବଦରଖଲ ଜାଗାକୁ ବି ବିକ୍ରି କରିବା ଯୋଜନା କରୁଛି।

# ଆଗକୁ ମହାଶିବରାତ୍ରି, ନିର୍ମାଣ କାମ ମନ୍ଥର

**ଚନ୍ଦନେଶ୍ୱର(ଅମୃତ ମିଡିଆ):** ଆଉ କେଇଟା ଦିନ ପରେ ମହାଶିବରାତ୍ରି ଓ ବାବା ଚନ୍ଦନେଶ୍ୱର ଜିଉଙ୍କ ବିଶ୍ୱ ପ୍ରସିଦ୍ଧ ଚଡ଼କ ମେଳା। ଏବେରୁ ସେଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ତେବେ ମେଳା ପରିଚାଳନା ନେଇ ବୁଦ୍ଧିଜୀବୀ ଚିନ୍ତା ପ୍ରକଟ କରିଛନ୍ତି। କାରଣ; ମନ୍ଦିର ଓ ଏହାର ବିକାଶମୂଳକ କାମ ମନ୍ଥର ଗତିରେ ଚାଲିଛି। ଶିବରାତ୍ରି ଓ ମେଳା ବେଳକୁ ସରିବା ନେଇ ସଂଦେହ ସୃଷ୍ଟି ହୋଇଛି। ଯଦି କାମ ନସରେ; ଲକ୍ଷ ଲକ୍ଷ ଭକ୍ତ କିପରି ଠାକୁରଙ୍କ ଦର୍ଶନ କରିବେ ଏବଂ ନୀତିକାନ୍ତି କିପରି ସଂପନ୍ନ ହେବ, ସେନେଇ ପ୍ରଶ୍ନ ଉଠିଛି। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ଚନ୍ଦନେଶ୍ୱରରେ ରହିଛି ବାବା ଚନ୍ଦନେଶ୍ୱର ଜିଉଙ୍କ ମନ୍ଦିର। ଏଠାରେ ପ୍ରତିବର୍ଷ ମହାଶିବରାତ୍ରି ଓ ବିଶ୍ୱ ପ୍ରସିଦ୍ଧ ଚଡ଼କ ମେଳା ହୋଇଥାଏ। ଯେଉଁଠି ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୁଏ। ଏଥର ମଧ୍ୟ ଭକ୍ତଙ୍କ ବେଶ୍ ଭିଡ଼ ଜମିବ ବୋଲି ଆକଳନ କରାଯାଉଛି। ତେବେ ଶିବରାତ୍ରି ଓ ମେଳା ପରିଚାଳନା ନେଇ ଅନେକ ବୁଦ୍ଧିଜୀବୀ ଚିନ୍ତା ପ୍ରକଟ କରିଛନ୍ତି। କାରଣ ରାଜ୍ୟ ସରକାର ଦୁଇଟି ପର୍ଯ୍ୟାୟରେ ଦେଇଥିବା ମୋଟ ୯ କୋଟି ୩୫ ଲକ୍ଷ ଟଙ୍କାରେ ହେଉଥିବା ବିକାଶମୂଳକ କାମ ମନ୍ଥର ଗତିରେ ଚାଲିଛି। ନୀଳ ପୋଖରୀର ପାହାଚ ନିର୍ମାଣ ଓ ଆଲୋକୀକରଣ ସହ କିଛି ସୌନ୍ଦର୍ଯ୍ୟୀକରଣ କାମ ସରିଛି। ହେଲେ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ କାମ ସହ ମନ୍ଦିରର ଗର୍ଭଗୃହ ସୌନ୍ଦର୍ଯ୍ୟୀକରଣ, ମୁଣ୍ଡନ ପୋଖରୀରେ ପାହାଚ ନିର୍ମାଣ, ମୁଣ୍ଡନ ଗୃହ ନିର୍ମାଣ, ଭକ୍ତମାନଙ୍କ ପଦଧୁଆ ପରିସର, ପାର୍କ, ଭକ୍ତଙ୍କର ବସ୍ତ୍ର ପରିବର୍ତ୍ତନ ଗୃହ କାମ ସରିବାକୁ ଆହୁରି ବେଶ୍ ? କିଛିଦିନ ଲାଗିବ। ଏପରି ସମୟରେ ଚନ୍ଦନେଶ୍ୱର ମନ୍ଦିର ପରିସର ଭଗ୍ନସ୍ତୁପର ଭ୍ରମ ସୃଷ୍ଟି କରୁଛି। ଉଲ୍ଲେଖ ଥାଉକି ଉପଯୁକ୍ତ ଶୌଚାଳୟ ବ୍ୟବସ୍ଥା ନଥିବାରୁ ଭକ୍ତମାନେ ନୀଳ ପୋଖରୀ ହୁଡ଼ାରେ ଥିବା ନିର୍ମାଣାଧୀନ ବସ୍ତ୍ର ପରିବର୍ତ୍ତନ ଗୃହରେ ପରିସ୍ରା କରୁଛନ୍ତି। ଫଳରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ସେହିପରି ମୁଣ୍ଡନ ପୋଖରୀରୁ ପଙ୍କ ଉଦ୍ଧାର ନକରି ପୂର୍ତ୍ତ ବିଭାଗ ପାଚେରି ନିର୍ମାଣ କରୁଛି। ତେବେ ପ୍ରଶାସନର ଏପରି ମନମୁଖି ଓ ଦାୟିତ୍ୱହୀନ କାମକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଅନ୍ୟପଟେ ଚନ୍ଦନେଶ୍ୱର ଭଣ୍ଡାରୀ ସେବାୟତ ଓ ସେବାୟତ ସଂଘର ସଦସ୍ୟଙ୍କ ସହ ସେବାୟତ ବୁଦ୍ଧଦେବ ପଣ୍ଡା, ଅରୁଣ ପଣ୍ଡା, ଗୌତମ ପଣ୍ଡା ପ୍ରମୁଖ ଯୁଦ୍ଧକାଳୀନ ଭିତ୍ତିରେ କାମ ସାରିବାକୁ ଦାବି କରିଛନ୍ତି। ଏ ନେଇ ମନ୍ଦିର ମୌରସୀ ତପନ କୁମାର ପଣ୍ଡାଙ୍କ ପ୍ରତିକ୍ରିୟା ନିଆଯାଇଥିଲା। ସେ କହିଥିଲେ, ଶୀଘ୍ର କାମ ନସରିଲେ ମହାଶିବରାତ୍ରି ଓ ଚଡ଼କ ମେଳାରେ ଭକ୍ତମାନେ ନାନା ସମସ୍ୟାରେ ପଡ଼ିବେ। କେବଳ ସେତିକି ନୁହେଁ, ମନ୍ଦିର ପରିଚାଳନା କମିଟି ଭିଡ଼ ନିୟନ୍ତ୍ରଣ କରିବାରେ ଅସମର୍ଥ ହେବ। ଏପରି ସମୟରେ ଅଘଟଣ ଘଟିବାର ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇପାରିବନି। ସେହିପରି ମନ୍ଦିର ପରିଚାଳନା କମିଟି କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଭୋଗରାଇ ତହସିଲଦାର ହିମାଂଶୁ ଗିରିଙ୍କ ପ୍ରତିକ୍ରିୟା ନିଆଯାଇଥିଲା। ସେ କହିଛନ୍ତି, ପର୍ବ ପୂର୍ବରୁ କେମିତି ସବୁ କାମ ସରିବ, ସେ ନେଇ ବ୍ୟବସ୍ଥା କରାଯାଉଛି। ଭକ୍ତମାନଙ୍କର କୌଣସି ଅସୁବିଧା ହେବନି।



# ବିପଦରେ ଭିତରକନିକାର ବନ୍ୟଜନ୍ତୁ

**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** କେନ୍ଦ୍ରାପଡ଼ା ଜିଲା ଜାତୀୟ ଉଦ୍ୟାନ ଭିତରକନିକାରେ ବନ ବିଭାଗ କଟକଣାକୁ ଶିକାରୀ ଫୁ କରି ଅବାଧରେ ଶିକାର କରୁଛନ୍ତି। ୩ଦିନ ତଳେ ଭିତରକନିକା ମଧ୍ୟରୁ ହରିଣ ଶିକାର ଅଭିଯୋଗରେ ଶୈଳେନ୍ଦ୍ରସରାଇ ଗାଁର ସୁରେନ୍ଦ୍ର ଦାସଙ୍କଠାରୁ ବନ ବିଭାଗ ଟିମ୍ ୧୨ କିଗ୍ରା ମାଂସ ଜବତ ସହ ଗିରଫ କରିଥିଲେ। ମାସକ ମଧ୍ୟରେ ରାଜନଗର ବନଖଣ୍ଡ ଅଧୀନ ଭିତରକନିକା ଅଞ୍ଚଳରୁ ଅବାଧରେ ହରିଣ, ବାରହା ଆଦି ଶିକାର କରୁଥିବା ଅଭିଯୋଗରେ ୩ ଅଭିଯୁକ୍ତଙ୍କୁ ବନ ବିଭାଗ ଗିରଫ କରିଛି। ସେହିପରି ଦୁଇ ଦଶନ୍ଧି ମଧ୍ୟରେ ଜାତୀୟ ଉଦ୍ୟାନ ଭିତରକନିକା ମଧ୍ୟରୁ ବନ୍ୟ ଓ ସାମୁଦ୍ରିକ ପ୍ରାଣୀ, ଦେଶୀ ବିଦେଶୀ ପ୍ରଜାତିର ପକ୍ଷୀ ଆଦି ଶିକାର କରି ବନ ବିଭାଗ ଦ୍ୱାରା ୪୦୦ରୁ ଅଧିକ ଶିକାରୀ ଧରାପଡ଼ିଛନ୍ତି। ଏମାନେ ଗିରଫ ହେଉଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଦୋଷୀ ଭାବେ ପ୍ରମାଣିତ କରିବା ଓ ତାଙ୍କୁ ଦଣ୍ଡବିଧାନ କରିବା ବନ ବିଭାଗ ପକ୍ଷରୁ ଯଥେଷ୍ଟ ଉଦ୍ୟମ ହେଉନାହିଁ। ଫଳରେ ପ୍ରତିବର୍ଷ ୧୦ରୁ ୩୦ଟି ଶିକାର ଘଟଣାରେ



ଅଭିଯୁକ୍ତ ଗିରଫ ହେଉଥିଲେ ମଧ୍ୟ ଏହାର ସୁପ୍ରଭାବ ପଡୁନାହିଁ। ବନ୍ୟଜନ୍ତୁ ସଂରକ୍ଷଣ ଆଇନ ବିଭାଗୀୟ କାଗଜପତ୍ରରେ ସୀମିତ ରହିଥିବା ବେଳେ ଜାତୀୟ ଉଦ୍ୟାନର ଜୀବଜନ୍ତୁ ବିପଦରେ ଅଛନ୍ତି ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି। ସାମୁଦ୍ରିକ କଇଁଛ ଓ ହେନ୍ତାଳବଣ ସଂରକ୍ଷଣ ସମିତିର ସମ୍ପାଦକ ହେମନ୍ତ କୁମାର ରାଉତ, ପରିବେଶବିତ୍ ଲକ୍ଷ୍ମୀକାନ୍ତ ସ୍ୱାଇଁ, ସୁବାସ ସ୍ୱାଇଁ, ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ରାଧାକାନ୍ତ ମହାନ୍ତି ପ୍ରମୁଖ କହିଛନ୍ତି, ୨୦୧୫ରେ ୨ଜଣ ବ୍ୟକ୍ତି ୪ଟି ବଗ ମାରିବା ଅଭିଯୋଗରେ କିଛିଦିନ ପାଇଁ ଜେଲ ଯାଇଥିଲେ। ତେବେ ତଥ୍ୟ ଅନୁଯାୟୀ ୫ ବର୍ଷ ମଧ୍ୟରେ ୬ଜଣ ଅଭିଯୁକ୍ତ କୁମ୍ଭୀର ଓ ହରିଣ ମାରିଥିବା ଅଭିଯୋଗରେ ବନ ବିଭାଗ ଗିରଫ କରିଥିଲେ ମଧ୍ୟ ସେମାନେ ଦୋଷମୁକ୍ତ ହୋଇଛନ୍ତି। ଅପରପକ୍ଷରେ ଶତାଧିକ ମାମଲା କୋର୍ଟରେ ଅଛି। ଏଗୁଡ଼ିକ ତୁରନ୍ତ ବିଚାର କରି ଦଣ୍ଡ ବିଧାନ କରାଗଲେ ଶିକାରୀ ଆଇନ ପ୍ରତି ସଚେତନ ହୋଇପାରନ୍ତେ। ଭିତରକନିକାରେ ଏବେ ୨୦୦ରୁ ଅଧିକ ବନ୍ୟ ଓ ସାମୁଦ୍ରିକ ପ୍ରାଣୀଙ୍କ ଉପରେ ଏହି ଶିକାରୀଙ୍କ ନଜର ପଡ଼ିଛି। ପ୍ରତିବର୍ଷ ବାରହା, ଠେକୁଆ, ହରିଣ ଆଦି ଶିକାର କରାଯାଉଥିବା ବେଳେ ସରୀସୃପ, କଇଁଛ, ଶାମୁକା, ନୀଳରକ୍ତ କଙ୍କଡ଼ା ଆଦିର ଚୋରା ଚାଲାଣ ବଢ଼ିଛି। ଏଠାରେ ବିଭିନ୍ନ ଉପାୟରେ ଶିକାର ଚାଲିଛି। ବାରହା, ହରିଣ, ଠେକୁଆ ଆଦି ବନ୍ୟ ଜନ୍ତୁଙ୍କୁ ଧରିବା ପାଇଁ ଫାଶ ଓ ପୋଷା କୁକୁର ବ୍ୟବହାର ହେଉଛି। ପ୍ଲାଷ୍ଟିକ ରଶି ଅଥବା ବାଇକ୍‌ର କ୍ଲଚ ୱେୟାରକୁ ଫାଶ ଭାବେ ବ୍ୟବହାର କରାଯାଉଥିବା ବେଳେ ଶିକାରକୁ ଘଉଡ଼ାଇବା ପାଇଁ କୁକୁରଙ୍କୁ ଲଗାଯାଉଛି। ସେହିପରି ବିଭିନ୍ନ ପଶୁପକ୍ଷୀଙ୍କ ପାଇଁ ଜାଲ ଓ ଯନ୍ତାର ସାହାରା ନିଆଯାଉଛି। ବନ୍ୟ ଓ ସାମୁଦ୍ରିକ ପ୍ରାଣୀ ଭିତରକନିକାରୁ କମିବା କାରଣରୁ ପ୍ରକୃତି ସନ୍ତୁଳିତ ହୋଇ ରହୁନାହିଁ। ବିଭିନ୍ନ ଜୀବଜନ୍ତୁଙ୍କ ପାଇଁ ଜଙ୍ଗଲ ଅଧିକ ଘଞ୍ଚ ହୋଇଥାଏ। ତେବେ ଏମାନଙ୍କ ସୁରକ୍ଷା ଦାୟିତ୍ୱ ବନ ବିଭାଗର କେବଳ କାଗଜପତ୍ରରେ ସୀମିତ ଥିବା ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ବନ୍ୟ ପ୍ରାଣୀ ଆଇନ ବିଶାରଦ ତଥା ଆଇନଜୀବୀ ସୁଶ୍ରୀ କୁମାରୀ ନାୟକ କହିଛନ୍ତି, ଦୋଷୀଙ୍କୁ ଦଣ୍ଡ ବିଧାନ ପାଇଁ ଉପଯୁକ୍ତ ପ୍ରମାଣ ଆବଶ୍ୟକ। ମାମଲାର ଶୁଣାଣି ପାଇଁ ଅଧିକ ସମୟ ନିଆଯାଉଥିବାରୁ ଅଧିକାଂଶ ପ୍ରମାଣ ନଷ୍ଟ ହେଉଛି। ସେହିପରି ଫରେନ୍‌ସିକ ଟେଷ୍ଟ ରିପୋର୍ଟର ଅଭାବ, ସାକ୍ଷୀଙ୍କ ଅସହଯୋଗ ଶିକାରୀଙ୍କୁ ଦୋଷମୁକ୍ତ କରୁଛି। ବନ ବିଭାଗ ପକ୍ଷରୁ କେବେହେଲେ ଆଙ୍ଗୁଠି ଛାପ ନିଆଯାଉ ନ ଥିବା ବେଳେ ଆର୍ମସ ଆକ୍ଟ ଲଗାଯାଉନାହିଁ। ସେହିପରି ତଦନ୍ତ ଅଧିକାରୀଙ୍କ ବୟାନ ମାମଲାର ସୁପରିଚାଳନା ପାଇଁ ଅଧିକ ଗୁରୁତ୍ୱ ବହନ କରେ। ତେବେ ଏସବୁ ମାମଲାରେ ଡିଏଫ୍ ?ଓଙ୍କୁ ସାମିଲ କରାଉଛି ବୋଲି ସେ ମତ ଦେଇଛନ୍ତି। ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରେ ବନ୍ୟ ଜୀବଜନ୍ତୁଙ୍କ ସୁରକ୍ଷାକୁ ସର୍ବଦା ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ କର୍ତ୍ତବ୍ୟ ନିଷ୍ଠାର ସହ କର୍ମଚାରୀ କାର୍ଯ୍ୟ କରୁଛନ୍ତି ବୋଲି ସେ କହିଛନ୍ତି।

# ‘ସ୍ୱୟମ୍’ ଯୋଜନାକୁ କାର୍ଯ୍ୟକ୍ଷମ କରିବା ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ



**ଭୁବନେଶ୍ୱର (ବ୍ୟୁରୋ) :** ରାଜ୍ୟର ଯୁବଗୋଷ୍ଠୀଙ୍କୁ ସ୍ୱତନ୍ତ୍ର ଯୁବ ଉଦ୍ୟମୀରେ ପରିଣତ କରିବା ପାଇଁ ଓଡିଶା ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ‘ସ୍ୱୟମ୍’ ଯୋଜନାକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ରାଜ୍ୟ ସରକାର ଓ କ୍ରେଡିଟ୍ ଗ୍ୟାରେଣ୍ଟି ଫଣ୍ଡ ଟ୍ରଷ୍ଟ ଫର ମାଇକ୍ରୋ ଆଣ୍ଡ ସ୍ମଲ୍ ଏଣ୍ଟରପ୍ରାଇଜେସ୍ କର୍ତ୍ତୃପକ୍ଷଙ୍କ ସହ ଏକ ବୁଝାମଣା ପତ୍ର ଆଜି ଲୋକସେବା ଭବନ ସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ ସମ୍ମିଳନୀ କକ୍ଷରେ ସ୍ୱାକ୍ଷର ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଅଧ୍ୟକ୍ଷତା କରିଥିଲେ ଏବଂ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି. ମାଥିଭାଥାନନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ ଓ ବିଭିନ୍ନ ବ୍ୟାଙ୍କର କର୍ତ୍ତୃପକ୍ଷମାନେ ଉପସ୍ଥିତ ଥିଲେ। ଏହି ବୁଝାମଣା ପତ୍ରକୁ ଉଏଞ୍ଚଗଝର ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦିପ ବର୍ମାଙ୍କ ସହ ରାଜ୍ୟ ସରକାରଙ୍କ ତରଫରୁ ନିର୍ଦ୍ଦେଶକ, ଅନୁଷ୍ଠାନିକ ଅର୍ଥ , ଅର୍ଥ ବିଭାଗ ଡଃ. ପ୍ରଜ୍ଞାସ୍ମିତା ସାହୁ ସ୍ୱାକ୍ଷର କରିଥିଲେ। ବୁଝାମଣା ପତ୍ର ଅନୁଯାୟୀ ସ୍ୱୟଂ ଯୋଜନାରେ ଉଏଞ୍ଚଗଝର ସ୍ୱୟମ୍ ଯୋଜନା ଋଣର ୮୫% ଅର୍ଥ ଗ୍ୟାରେଣ୍ଟି ଆକାରରେ ପ୍ରଦାନ କରିବେ ଓ ରାଜ୍ୟ ସରକାର ଅବଶିଷ୍ଟ ୧୫% ଗ୍ୟାରେଣ୍ଟି ପ୍ରଦାନ କରିବେ । ଏଥିସହ ଗ୍ୟାରେଣ୍ଟି ଅଂଶ ବାବଦ ବାର୍ଷିକ ଗ୍ୟାରେଣ୍ଟି ଦେୟ ଋଣ ଗ୍ରହିତାଙ୍କ ତରଫରୁ ରାଜ୍ୟ ସରକାର ବହନ କରିବେ। ପ୍ରମୁଖ ଶାସନ ସଚିବ, ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ଯୋଜନା ସମ୍ପର୍କରେ ରାଜ୍ୟର ସମସ୍ତ ବ୍ୟାଙ୍କ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ। ଏହି ଯୋଜନାରେ ଋଣର ସମସ୍ତ ସୁଧଭାର ରାଜ୍ୟ ସରକାର ବହନ କରୁଥିବା ବିଷୟ ବ୍ୟାଙ୍କ ଅଧିକାରୀ ମାନଙ୍କୁ ଜଣାଇ ଦିଆଯାଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ,ସ୍ୱୟମ୍ ଯୋଜନାରେ ୧୮ ରୁ ୩୫ ବର୍ଷ ବୟସ୍କ ଯୁବକ ଯୁବତୀଙ୍କୁ ନୂଆ କିମ୍ବା ଚାଲୁ ରହିଥିବା ବ୍ୟବସାୟକୁ ବଢାଇବା ନିମନ୍ତେ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି। ଅନୁସୂଚିତ ଜାତି/ଜନଜାତି/ଭିନ୍ନକ୍ଷମ / ସହରାଞ୍ଚଳର କିନ୍ନରମାନଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମା ୪୦ ବର୍ଷ ଅଟେ । ଏହି ଋଣ ନିମନ୍ତେ ଋଣ ଗ୍ରହିତାଙ୍କୁ ବ୍ୟାଙ୍କରେ କୌଣସି ବନ୍ଧକ ରଖିବାକୁ ପଡିବ ନାହିଁ କିମ୍ବା ବ୍ୟାଙ୍କକୁ କୌଣସି ପ୍ରୋସେସିଂ ଦେୟ ଦେବାକୁ ପଡିବ ନାହିଁ । ଯୋଜନାର ଋଣ ପରିଶୋଧ ଅବଧି ୪ ବର୍ଷ ଯେଉଁଥିରେ ବ୍ୟାଙ୍କର ପ୍ରଚଳିତ ନିୟମ ଅନୁଯାୟୀ ୩ ରୁ ୬ ମାସ ପର୍ଯ୍ୟନ୍ତ ରିହାତି ଅବଧି ରହିଛି

# କ୍ଷେତ ଅଧିକାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ



**ହିନ୍ଦୋଳ (ଅମୃତ ମିଡିଆ) :** ରାଜ୍ୟ ସଂଘର ଆହ୍ୱାନକ୍ରମେ ରାଜ୍ୟର ସମସ୍ତ କ୍ଷେତ ଅଧିକାରୀ ମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନର ଡାକରା ଦେଇଥିବା ବେଳେ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ତହସିଲ ମଧ୍ୟରେ ଥିବା କ୍ଷେତ ଅଧିକାରୀ ମାନେ ମଧ୍ୟ ହିନ୍ଦୋଳ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନରେ ବସିଥିଲେ। ସଂଘ ପକ୍ଷରୁ ୬ ଦଫା ଦାବି ସରକାରଙ୍କ ନିକଟରେ ଉପସ୍ଥାପନା କରାଯାଇଛି। ସରକାରଙ୍କ ସହ ରାଜ୍ୟ ସଂଘ ଦାବିଗୁଡିକ ସଂପର୍କରେ ବିଚାରବିମର୍ଶ କରି ସମାଧାନ କରିବା ପାଇଁ ପ୍ରସ୍ତାବ ରଖିଥିବା ବେଳେ ରାଜ୍ୟ ସଂଘର ନିର୍ଦ୍ଦେଶକ୍ରମେ ୨୨ ଗୁରୁବାର ଦିନ ଆନ୍ଦୋଳନ ପ୍ରତ୍ୟାହୃତ କରାଗଲା। ଯଦି ଦାବି ଗୁଡ଼ିକ ସମାଧାନ ନହୁଏ ତେବେ ପୁନର୍ବାର ଫେବୃଆରୀ ୨୯ ତାରିଖ ପର ଠାରୁ ପୁନର୍ବାର ଆନ୍ଦୋଳନ ଚାଲୁରହିବ। ପ୍ରମୁଖ ଦାବି ଗୁଡ଼ିକ ମଧ୍ୟରେ କ୍ୟାଡ଼ର ପୁନରଗଠନ, ବର୍ଦ୍ଧିତ ହାରରେ ଦରମା ପ୍ରଦାନ ଓ ରାଜସ୍ୱ ସୁପରଭାଇଜର ପୋଷ୍ଟକୁ ଅତିରିକ୍ତ ତହସିଲଦାର ପଦବୀକୁ ପରିବର୍ତ୍ତନ କରିବା ଆଦି ରହିଅଛି। ଏହି କାର୍ଯ୍ୟବନ୍ଦ ଆନ୍ଦୋଳନରେ ରାକେଶ କୁମାର ଗଡ଼ନାୟକ (ଆ.ର ଆଇ. ସୁପରଭାଇଜର) ଓ ଶଶିଭୂଷଣ ବେହେରା ରାଜସ୍ୱ ନିରୀକ୍ଷକ ଗଣ୍ଡାନାଳୀ ଙ୍କ ସମେତ ହିନ୍ଦୋଳ ତହସିଲର ସମସ୍ତ ରାଜସ୍ୱ ନିରୀକ୍ଷକ ଅଧିକାରୀ ମାନେ ଯୋଗଦେଇଥିଲେ।

# ଖୋର୍ଦ୍ଧାର ଭାଷା ହିଁ ଶୁଦ୍ଧ ସମୃଦ୍ଧ ମାନକ ଭାଷା - ଗ୍ରୀୟରସନ

**ଖୋର୍ଦ୍ଧା (ଅମୃତ ମିଡିଆ) :** ଉନବିଂଶ ଶତାବ୍ଦୀର ବିଶ୍ୱର ସ୍ୱନାମଧନ୍ୟ ଭାଷାବିତ୍ ଜର୍ଜ ଗ୍ରୀୟରସନ୍ ସ୍ୱପ୍ରଣିତ ‘ଲିଙ୍ଗୁଇଷ୍ଟିକ୍ ସର୍ଭେ ଅଫ୍ ଇଣ୍ଡିଆ’ ଗ୍ରନ୍ଥରେ ଭାରତରେ ବିଭିନ୍ନ ଭାଷା ସମେତ ଓଡ଼ିଆ ଭାଷାର ତୁଳନାତ୍ମକ ଅଧ୍ୟୟନ କରି ଖୋରଧାର ଭାଷାକୁ ମାନକ ଭାଷା ରୂପେ ଅଭିହିତ କରିଛନ୍ତି । ଏହି ଭାଷାର ସୁରକ୍ଷା ସମୃଦ୍ଧି ଓ ଆବିଶ୍ୱ ପ୍ରସାର ଆମର ଧ୍ୟେୟ ହେଉ ବୋଲି ଖୋରଧା ସାହିତ୍ୟ ସଂସଦ ଦ୍ୱାରା ଆୟୋଜିତ ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ସଂସଦର ସଭାପତି ଐତିହ୍ୟ ଗବେଷକ ଗୋପାଳକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ସଂସଦର ସଦନ ଠାରେ ଆୟୋଜିତ ଉତ୍ସବରେ ସମ୍ପାଦକ ରାଜ୍ୟ ଶିକ୍ଷା ବିଭାଗ ଦ୍ୱାରା ସମ୍ବର୍ଦ୍ଧିତ ଶିଶୁ ସାହିତ୍ୟିକ ବିଭୂ ପ୍ରସାଦ ହରିଚନ୍ଦନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କବି ଓ ସାହିତ୍ୟିକ ବୈକୁଣ୍ଠନାଥ ରାଜଗୁରୁ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିବା ପରେ ମୁଖ୍ୟ ଅତିଥି ଆଇନଜ୍ଞ ଶିବସୁନ୍ଦର ପଟ୍ଟନାୟକ ସଂସ୍କୃତ ଭାଷାର ଭିତ୍ତି ଓ ପ୍ରାଚୀନ ଓଡ଼ିଆ ଭାଷାର ବୈଶିଷ୍ଟ ସମ୍ପର୍କରେ ଅଭିଭାଷଣ ଦେଇଥିଲେ । ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ଡ. ଭଗବାନ ଖିଲାର ମାତୃଭାଷାର ଔଜଲ୍ୟ ଜୀବନପଥକୁ କିପରି ଆଲୋକ ଉଜ୍ଜ୍ୱଳ କରିଥାଏ ସେ ସମ୍ପର୍କରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ସମ୍ବର୍ଦ୍ଧିତ ସତ୍ୟବାଦୀ ବଳିୟାରସିଂହ ସଂପ୍ରତି କ୍ରମକ୍ଷୟିଷ୍ଣୁ ଓଡ଼ିଆ ଭାଷାର ସୁରକ୍ଷା ଏକ ଜାତୀୟ ଆହ୍ୱାନ ବୋଲି କହିଥିଲେ । ଏହି ଅବସରରେ ଡ. ପ୍ରମୋଦ ଚନ୍ଦ୍ର ଦାଶ, ଡ. ନିରଞ୍ଜନ ମହାନ୍ତି, ଡା ଯୋଗେଶ ଚନ୍ଦ୍ର ରଥ, ଗାଳ୍ପିକ ଡ. ତପନ ମହାପାତ୍ର, ଡ. ଗୁରୁପ୍ରସାଦ ମହାପାତ୍ର, ପ୍ରାଣୀବିଜ୍ଞାନ ଛାତ୍ରୀ ସ୍ୱାଗତିକା ସୁନ୍ଦରାୟ ପ୍ରମୁଖ ମାତୃଭାଷାର ବିକାଶରେ ଆମର କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଉପସଭାପତି ଇତିଶ୍ରୀ ସାହୁ ଓ ନିଳାଦ୍ରୀନାଥ ଜଗଦେବଙ୍କ ସଂଯୋଜନାରେ ଡ. ଚପଳା ପଣ୍ଡା, ଆରତୀ ମଞ୍ଜରୀ ଦାସ, ଡ. ପ୍ରଫୁଲ୍ଲ ସାମନ୍ତରାୟ, ସୌଦାମିନି ପଟ୍ଟନାୟକ, ନାରାୟଣ ଦାସ, ବାସୁଦେବ ସାହୁ, ପ୍ରଭାଷ ଚନ୍ଦ୍ର ମଙ୍ଗରାଜ, କୈଳାସ ଚନ୍ଦ୍ର ପୃଷ୍ଟି, ଡ. ବୃନ୍ଦାବନ ପଣ୍ଡା ପ୍ରଭୃତି ବିଶ୍ୱ ମାତୃଭାଷା ସମ୍ପର୍କିତ କବିତାବୃତ୍ତି କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ଗବେଷକ ଲକ୍ଷ୍ମୀଧର ବଡ଼ଜେନା ।

# ମନରେଗାରେ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା



**ବାରିପଦା (ଅମୃତ ମିଡିଆ) :** ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାର ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଓ ଜାତୀୟ ଖାଦ୍ୟ ନିରାପତ୍ତା ଆଇନ ୨୦୧୩ ଆଧାରରେ ଜନଶୁଣାଣୀ ୨୨ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଠାକୁରମୁଣ୍ଡା ବିଡ଼ିଓ ମନୋଜ କୁମାର କାର୍ଜିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜନଶୁଣାଣୀରେ ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା, ଉପାଧକ୍ଷ ସନ୍ତୋଷ କୁମାର ମହାନ୍ତ, ଏପିଓ ଧାନ ଚନ୍ଦ୍ର ମହାନ୍ତ, ବ୍ଲକ ସାମାଜିକ ସମୀକ୍ଷା ଅଧିକାରୀ ଧର୍ମେନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦେଇ ସାମାଜିକ ସମୀକ୍ଷାରେ ଭାଗ ନେଇଥିଲେ। ୧୮ ଟି ଗ୍ରାମପଞ୍ଚାୟତରେ ଭିଆରପି ମାନଙ୍କ ଦ୍ୱାରା କରାଯାଇଥିବା ଅନୁଧାନ ଗୃହରେ ଉପସ୍ଥାପନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ କ୍ଷେତ୍ରରେ ମଜୁରୀ ମିଳିନଥିବା ଅଭିଯୋଗ ଆସିଥିଲା। ସେଥିରେ ସରକାର ଅର୍ଥ ଛାଡ଼ିନଥିବାରୁ ବକେୟା ରହିଥିବା ଏବଂ ଆସିବା ମାତ୍ରେ ପଇଠ ହେବ ବୋଲି ବିଡ଼ିଓ କହିଥିଲେ କ୍ଷ ପଞ୍ଚାୟତ ସ୍ତରରେ କେଶ ରେକର୍ଡ ସଠିକ ନଥିବା ଭିଆରପି ମାନେ ଦର୍ଶାଇଥିଲେ ଏବଂ ଆଗାମୀ ସାତ ଦିନ ମଧ୍ୟରେ କେଶ ରେକର୍ଡ ଅପଡେଟ କରିବାକୁ ବିଡ଼ିଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ଏପିଓ ଧାନ ଚନ୍ଦ୍ର ମହାନ୍ତ ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ।

# ସୁସ୍ଥ ସମାଜ ଗଠନ ପାଇଁ ଅଣ୍ଟା ଭିଡିଲେ ମହିଳା

## ଖଲିଗଡ଼ ଭତରା ସମାଜ ପକ୍ଷରୁ ନାରୀ କମିଟି ଗଠନ



**କୋକସରା (ଅମୃତ ମିଡ଼ିଆ) :** ନାରୀ ଶକ୍ତିକୁ ମଜବୁତ କରିବା ପାଇଁ ତଥା ସୁସ୍ଥ ସମାଜ ଗଠନ ଦିଗରେ ନାରୀ ମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ପାଇଁ ଅଣ୍ଟା ଭିଡିଛନ୍ତି ଆଦିବାସୀ ମହିଳା ମାନେ । ମହିଳା ମାନଙ୍କ ଏଭଳି ଏକ ମହତ ପୂର୍ଣ୍ଣ ଉଦ୍ଦେଶ୍ୟ ନେଇଁ ସଂଗଠିତ ହେଉଥିବା ଦେଖିବାକୁ ମିଳିଛି କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ଖଲିଗଡ଼ ଗୌନ୍ତିଆପଡା ଭତରା ସମାଜ ଠାରେ । ଏହି ସମାଜର ଶତାଧିକ ମହିଳା ଏକତ୍ରିତ ହୋଇ ଏକ ନାରୀ କମିଟି ଗଠନ କରିଥିଲେ। ସମାଜର ସଂସ୍କୃତି ପରମ୍ପରା, ନାରୀ ଶିକ୍ଷା ଏବଂ ସୁସ୍ଥ ସମାଜ ଗଠନ ଉପରେ ବିଶେଷ ଗୁରୁତ୍ୱ ଦେବା ନେଇଁ ଆଲୋଚନା କରିଥିଲେ। ଏହି କ୍ରମରେ ନୂତନ ଭାବେ ନାରୀ କମିଟି ଗଠନ ହୋଇଥିଲ। ସର୍ବସମ୍ମତିକ୍ରମେ ସଭାନେତ୍ରୀ ଭାବେ ଜମ୍ମୁ ମାଝୀ ମନୋନୀତ ହୋଇଥିଲେ। ସମ୍ପାଦିକା ଭାବରେ ଦଶମତୀ ମାଝୀ, କୋଷାଧକ୍ଷ ଭାବରେ ଗୁଛେ ମାଝୀ ମନୋନୀତ ହୋଇଥିଲେ। ଲୋଚନା ମାଝୀ, ମଞ୍ଜୁଳା ମାଝୀ, ଉଲ୍ଲାସ ମାଝୀ, ଧରିତ୍ରୀ ମାଝୀ, ଯଶୋଦା ମାଝୀ, ଗୋମତୀ ମାଝୀ, ହୀରା ମଝୀ, ପୂର୍ଣ୍ଣିମୀ ମାଝୀ, ପଦ୍ମନୀ ମାଝୀ, ଗୁରୁ ମାଝୀ, କୌଶଲ୍ୟା ମାଝୀ ପ୍ରମୁଖ ସଦସ୍ୟା ରହିଛନ୍ତି।

# ଗ୍ରାମୀଣ ଦକ୍ଷତା ଭିତ୍ତିକ ତାଲିମ୍ କାର୍ଯ୍ୟକ୍ରମ

**ବାଲିଗୁଡା (ଅମୃତ ମିଡିଆ) :** କୃଷି ବିଜ୍ଞାନ କେନ୍ଦ୍ର କନ୍ଧମାଳ, ତରଫରୁ କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି କୃଷି ବିଜ୍ଞାନ କେନ୍ଦ୍ର କାର୍ଯ୍ୟାଳୟ ରେ ଜିଲ୍ଲାର ବିଭିନ୍ନ ବ୍ଲକ ର ଶିକ୍ଷତ ଯୁବତୀ ଓ ମହିଳା ମାନଂକୁ ମାଷ୍ଟର ଟ୍ରେନର ଭାବରେ ଦୀର୍ଘ ସାତ ଦିନ ଧରି ଏକ ତାଲିମ୍ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ତାଲିମ୍ ଦାତ୍ରୀ ଭାବରେ ଗୃହ ବୈଜ୍ଞାନିକ ଶ୍ରୀମତୀ ସୁମିତ୍ରା ହେମ୍ବ୍ରମ ଛତୁ ଚାଷ ତାଲିମ୍ ପ୍ରଧାନ କରିଥିଲେ ଏବଂ ସହଯୋଗ କରିଥିଲେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ନାରାୟଣ ବାର, କ୍ଷେତ୍ର ବୈଜ୍ଞାନିକ ସିପାଲି ପ୍ରଧାନ, ଉପ ଉଦ୍ୟାନ ଅଧିକାରୀ ଜି ଉଦୟଗିରି ଲିପସା ଦଳବେହେରା, ଉପ ଉଦ୍ୟାନ ଅଧିକାରୀ ଟିକାବାଲି ରାଜେଶ ବିଶ୍ୱାଳ, କୃଷି ଜିଲ୍ଲା ଅଧିକାରୀ ଘୁ. ଉଦୟଗିରି ସୁବାଷଚନ୍ଦ୍ର ବେହେରା। ଏଠାରେ ୧୫ ଜଣ ମହିଳା ତାଲିମ୍ ନେଇ ମାଷ୍ଟର ଟ୍ରେନର ରୂଭ ‘Mushroom cultivation‘ ର ସାର୍ଟିଫିକେଟ ହାସଲ କରିଲେ। ଏହି ତାଲିମ୍ ପରେ ନିଜେ ଚାଷ କରିବେ ଏବଂ ଗାଁ ଗାଁ ରେ ମହିଳା ମାନଂକୁ ଛତୁ ଚାଷ ର ତାଲିମ୍ ଓ ତାର ଉପକାରିତା ଓ ଛତୁ ଚାଷ କରି କିପରି ଲାଭ ବାନ ହୋଇପାରିବା ସେନେଇ ତାଲିମ୍ ଅନୁଷ୍ଠିତ ହୋଇଥିଲା।




# ସ୍କାଉଟ୍ସ ଓ ଗାଇଡ୍ସଙ୍କ ଦ୍ୱାରା ‘ଚିନ୍ତନ ଦିବସ’ ପାଳନ




**ଭୁବନେଶ୍ୱର (ବ୍ୟୁରୋ) :** ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ. କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ‘ଚିନ୍ତନ ଦିବସ’ ଟିକୁ ରାଜ୍ୟ କାର୍ଯ୍ୟାଳୟ ପରିସରରେ ପାଳିତ କରାଯାଇଅଛି । ଏହି ଅବସରରେ ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ସ୍କାଉଟ, ଗାଇଡ, ରୋଭର, ରେଞ୍ଜର ଏବଂ ସେମାନଙ୍କ ସ୍କାଉଟ ମାଷ୍ଟର ଏବଂ ଗାଇଡ୍ କ୍ୟାପଟେନଙ୍କ ତତ୍ତ୍ୱାବଧାନରେ ରାଜ୍ୟ କାର୍ଯ୍ୟାଳୟ ପରିସରରେ ସମବେତ ହୋଇ ସର୍ବଧର୍ମ ପ୍ରାର୍ଥନା ସଭାରେ ଯୋଗଦାନ କରିଥିଲେ । ପରେ ପରେ ସ୍କାଉଟ/ଗାଇଡ୍ ମାନଙ୍କ ମଧ୍ୟରେ (ସୁସ୍ଥ ପରିବେଶ) ଉପରେ ଏକ ବକ୍ତୃତା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶେଷରେ ସ୍କାଉଟ୍ ଗାଇଡ୍ ମାନଙ୍କ ମଧ୍ୟରେ ହୋଇଥିବା ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ର ରାଜ୍ୟ ସମ୍ପାଦକ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ପାଇକରାୟ ଏବଂ ସହ ସମ୍ପାଦକ ଶ୍ରୀଯୁକ୍ତ ମିହିର ରଞ୍ଜନ ପଟ୍ଟନାୟକଙ୍କ ଦ୍ୱାରା ପ୍ରମାଣପତ୍ର ଓ ଫଳକ ଦିଆଯାଇ ପୁରସ୍କୃତ କରାଯାଇଥିଲା । ରାଜ୍ୟ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ସହଯୋଗିତା କରିଥିଲେ ।

# ବ୍ୟାଗ କିଣାରେ ୨୦୦ କୋଟିର ଦୁର୍ନୀତି ଅଭିଯୋଗ କଲା କଂଗ୍ରେସ




**ଭୁବନେଶ୍ୱର (ବ୍ୟୁରୋ) :** ରାଜ୍ୟରେ ନବୀନ ସରକାରଙ୍କ ଦ୍ୱାରା ସାଧାରଣ ବଂଟନ ବ୍ୟବସ୍ଥାରେ ଖାଦ୍ୟ ସାମଗ୍ରୀ ପାଉଥିବା ପରିବାରକୁ ଦୁଇଗୋଟି ଝୋଟ ବ୍ୟାଗ ଦେବାପାଇଁ ନିଆଯାଇଥିବା ନିଷ୍ପତି ପଛରେ ଏକ ବଡ଼ ଧରଣର ଘୋଟାଲା ହୋଇଥିବାର ଅଭିଯୋଗ ଆଣିଛି କଂଗ୍ରେସ। ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ବିଭାଗ ସଂପାଦକ ତଥା ମୁଖପାତ୍ର ପ୍ରଶାନ୍ତ ଶତପଥି ଏ ସମ୍ପର୍କରେ ତଥ୍ୟ ପ୍ରଦାନ କରି କହିଥିଲେ ଯେ ରାଜ୍ୟ ସରକାର ସମୁଦାୟ ୨ କୋଟି ଝୋଟ ବ୍ୟାଗ କିଣିବାପାଇଁ ଯେଉଁ ନିଷ୍ପତି ନେଇଛନ୍ତି ତାହା ପଛରେ ୨୦୦ କୋଟି ଟଙ୍କାର ଏକ ବଡ଼ଧରଣର ଦୁର୍ନୀତି ହୋଇଛି। ରାଜ୍ୟରେ ପାଖାପାଖି ୧ କୋଟି ପରିବାରକୁ ୨ଟି ଲେଖାଏ ବ୍ୟାଗ ଦିଆଯିବ ଏବଂ ଏଥିପାଇଁ ୩ଶହ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରାଯାଇଛି। କିନ୍ତୁ ଯେଉଁ ବ୍ୟାଗ ସରକାର ଲୋକଙ୍କୁ ଦେଉଛନ୍ତି ତାହାର ବଜାର ଦର ସାଧାରଣ ଲୋକଙ୍କ ପାଇଁ ଅତିବେଶୀରେ ୧ଶହ ଟଙ୍କା ହେବ। ସାଧାରଣ ଜନତା ୧୦୦ ଟଙ୍କା ମୂଲ୍ୟରେ ସେହିଭଳି ଝୋଟବ୍ୟାଗ ମାର୍କେଟରୁ ପାଉଥିବା ବେଳେ ସରକାର କିଭଳି ଭାବରେ ଗୋଟିଏ ବ୍ୟାଗ ପିଛା ୧୫୦ ଟଙ୍କା ଖର୍ଚ୍ଚ କରୁଛନ୍ତି ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସାଧାରଣ ଭାବରେ ଗୋଟିଏ ଦୁଇଟି ବ୍ୟାଗ କିଣିବାପାଇଁ ଯେତିକି ଟଙ୍କା ଦେବାକୁ ପଡ଼େ ଏକାଦି କ୍ରମେ ଲକ୍ଷ ଲକ୍ଷ ବ୍ୟାଗ ହୋଲସେଲ ଦରରେ କ୍ରୟ କରାଗଲେ ତାହାର କ୍ରୟ ମୂଲ୍ୟ ଅଧାରୁ ବି କମ ହୁଏ। ଏଭଳି ସ୍ଥିତିରେ ସରକାର ଯେଉଁ ବ୍ୟାଗ ସ୍ୱତନ୍ତ୍ର ଭାବେ ବରାଦ ଦେଇ ଟେଣ୍ଡର କରି ରାଜ୍ୟ ବାହାରୁ କିଣୁଛନ୍ତି ତାହାର ଦାମ ଅତି ବେଶୀରେ ୫୦ ଟଙ୍କାରୁ ଅଧିକ ହେବ ନାହିଁ। ଅର୍ଥାତ ଗୋଟିଏ ବ୍ୟାଗ ପିଛା ୧୦୦ ଟଙ୍କାର ଘୋଟାଲା କରାଯାଉଛି ଏବଂ ୨ କୋଟି ବ୍ୟାଗ ପିଛା ସରକାର ୨୦୦ କୋଟିର ଘୋଟାଲା କରିବାପାଇଁ ବ୍ୟବସ୍ଥା କରିଛନ୍ତି। ଶ୍ରୀ ଶତପଥି ସରକାରଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ ସରକାର ଏହି ଝୋଟ ବ୍ୟାଗ ଭାରତବର୍ଷର କେଉଁ ରାଜ୍ୟରୁ, କେଉଁ କମ୍ପାନୀରୁ ଏବଂ ବାସ୍ତବରେ କେତେ ଟଙ୍କାରେ ଆଣୁଛନ୍ତି ତାହାର ହିସାବ ସାର୍ବଜନୀନ କରିବେକି ? ନବୀନ ବାବୁଙ୍କ ସମୟରେହିଁ ଓଡ଼ିଶାର ସବୁ ଝୋଟକଳ ବନ୍ଦ ହୋଇଯାଇଛି। ଏହି ଝୋଟ ବ୍ୟାଗ ଦେବା ପଛରେ ଦର୍ଶାଯାଇଥିବା କାରଣ ଗୁଡ଼ିକ ଯଥା ସବୁଜ ଓଡ଼ିଶା ଗଠନ କରାଯିବ, ପରିବେଶ ପଲିଥିନ ମୁକ୍ତ ହେବ ଏବଂ ସୁରକ୍ଷିତ ରହିବ ଓ ଅଳିଆ ଆବର୍ଜନାରୁ ମୁକ୍ତି ମିଳିବ ଯଦି ତର୍ଜମା କରାଯାଏ ତାହାହେଲେ ସରକାରଙ୍କର ଦାବି ଯେ ସଂପୂର୍ଣ୍ଣ ତାହା ମିଛ ସେକଥା ସ୍ପଷ୍ଟ ଅନୁମେୟ। ପରିବେଶକୁ ପଲିଥିନ ମୁକ୍ତ କରିବାପାଇଁ ଦୁଇଗୋଟି ଝୋଟ ବ୍ୟାଗର ସାହାରା ନେଉଥିବା ବିଜେଡ଼ି ସରକାର ମୁଖ୍ୟମନ୍ତ୍ରୀ ଏବଂ ବିଜେଡ଼ି ଦଳର ତମାମ ନେତାଙ୍କର ଫଟୋ ଥିବା ଦଳୀୟ ବ୍ୟାନର, ପୋଷ୍ଟର, ପତାକା ଓ ବଡ଼ ବଡ଼ ହୋର୍ଡିଂ ଆଦି ପଲିଥିନ ଯୁକ୍ତ ନା ପଲିଥିନ ମୁକ୍ତ ବୋଲି ଶ୍ରୀ ଶତପଥି ପ୍ରଶ୍ନ କରିଥିଲେ। ଯଦି ପରିବେଶ ପାଇଁ ଏତେ ଚିନ୍ତା ତାହାହେଲେ ବିଜେଡ଼ି ତାଙ୍କର ଦଳୀୟ କାର୍ଯ୍ୟକ୍ରମ ପାଇଁ ଝୋଟ ନିର୍ମିତ ପ୍ରଚାର ପ୍ରସାର ସାମଗ୍ରୀକୁ ନିର୍ବାଚନରେ ବ୍ୟବହାର କରିବାପାଇଁ ସେ ଆହ୍ୱାନ ଦେଇଥିଲେ। ଢେଙ୍କାନାଳ ଜିଲ୍ଲାରେ ମଦ କମ୍ପାନୀର ନିର୍ମାଣ ପାଇଁ ହଜାର ହଜାର ଗଛ କାଟିଦିଆଯିବା, ଭୁବନେଶ୍ୱର ଶିଖରଚଣ୍ଡି ପାହାଡ଼ରେ ବିନା ଅନୁମତିରେ ହଜାର ହଜାର ଗଛ କାଟି ପଦା କରିଦେବା, ଖଣିପାଇଁ ଗଛକଟା ଏବଂ ଯାଜପୁର ଜିଲ୍ଲାରେ ଶାଳଜଙ୍ଗଲକୁ କାଟି ନଷ୍ଟ କରିବା ହେତୁ ଜାତୀୟ ସବୁଜ ପ୍ରାଧିକରଣ (ଏନ.ଜି.ଟି) ଓଡ଼ିଶା ସରକାରଙ୍କୁ ଏକ କୋଟି ଟଙ୍କାର ଫାଇନ ଦେବାପାଇଁ ନିର୍ଦ୍ଦେଶ ଦେବା ଆଦି ସରକାରଙ୍କର ସବୁଜ ଓଡ଼ିଶାର ବାସ୍ତବ ଚିତ୍ରକୁ ପ୍ରତିପାଦିତ କରେ। ଏହି ଝୋଟ ବ୍ୟାଗର ଘୋଟାଲା ଆମକୁ କୋଭିଡ ସମୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ଅତ୍ୟଧିକ ଦାମ ଦେଇ କଟନ ମାସ୍କ କିଣିବା ଏବଂ ସେଥିରେ ହୋଇଥିବା ଦୁର୍ନୀତିକୁ ମନେପକାଇ ଦିଏ। ବିଳମ୍ବରେ ହେଲେ ମଧ୍ୟ ରାଜ୍ୟରେ ଉକ୍ତ ଦରବୃଦ୍ଧି ହେତୁ ସାଧାରଣ ଜନତା ହନ୍ତସନ୍ତ ହେଉଛନ୍ତି ଏ କଥାକୁ ନବୀନ ସରକାର ପରୋକ୍ଷରେ ସ୍ୱୀକାର କରିଛନ୍ତି। ଉକ୍ତ ଦର ବୃଦ୍ଧିରୁ ଆସ୍ୱସ୍ତି ପାଇବାପାଇଁ ହଜାରେ ଟଙ୍କା ପ୍ରତି ରାସନକାର୍ଡଧାରୀ ପରିବାରକୁ ଦିଆଯିବାର ଯେଉଁ ନିଷ୍ପତି ସରକାର ନେଇଛନ୍ତି ତାହା ସାଧାରଣ ଜନତାଙ୍କର ଗରିବି ପ୍ରତି ଉପହାସ। ଆଜିର ଦିନରେ ଗୋଟିଏ ଗ୍ୟାସ ସିଲିଣ୍ଡରର ମୂଲ୍ୟ ହଜାରେ ଟଙ୍କାରୁ ଅଧିକ ଥିଲା ବେଳେ ନିର୍ବାଚନ ଦୁଇମାସ ଥାଇ ସରକାରଙ୍କର ଦରଦାମବୃଦ୍ଧି କଥା ମନେପଡ଼ିବା ଅତ୍ୟନ୍ତ ହାସ୍ୟାସ୍ପଦ ଏବଂ ଭୋଟ ହାତେଇବା ପାଇଁ ଏକ ବିଫଳ ପ୍ରୟାସ। ସବୁଠାରୁ ଆଶ୍ଚର୍ଯ୍ୟର କଥା ନିକଟରେ ଆଗତ ହୋଇଥିବା ବଜେଟରେ ଏ ସମସ୍ତ ବ୍ୟବସ୍ଥା ପାଇଁ ବ୍ୟୟବରାଦ କରାନଯାଇ ପରବର୍ତୀ ଅବସ୍ଥାରେ କ୍ୟାବିନେଟ ବୈଠକରେ ନିଷ୍ପତି କରାଯିବା ସରକାରଙ୍କର ସାଧୁତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଆଜିର ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସାମାଜିକ ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଅମୀୟ ପାଣ୍ଡବ ଓ ଅନ୍ୟତମ ମୁଖପାତ୍ର ରଶ୍ମି ମହାପାତ୍ର ଉପସ୍ଥିତ ଥିଲେ।

# ବେଆଇନ ଚୋରାଚାଲାଣ ବେଳେ ୬ବ୍ୟାରେଲ କିରାସିନି ଗାଡ଼ି ଜବତ

**ନୀଳଗିରି (ଅମୃତ ମିଡିଆ) :** ଏବେ କିରାସିନି ଚୋରା ମାଫିଆ ସକ୍ରିୟ ହୋଇ ଉଠିଛନ୍ତି। ଏପରିକି ଚୋରା କିରାସିନି ମାଫିଆ ମାନେ ୪ଚକିଆ ଯାନ ଯୋଗେ ରାଜ୍ୟ ତଥା ରାଜ୍ୟ ବାହାରକୁ ଚଢ଼ା ଦରରେ ଚାଲାଣ କରି ମାଲେମାଲ ହେଉଛନ୍ତି। କିରାସିନି ଚୋରା ଚାଲାଣ କରିବା ପାଇଁ ସଂପୂର୍ଣ୍ଣ ବେଆଇନ ଥିବା ବେଳେ ମାଫିଆ ମାନେ କିରାସିନି କେଉଁଠି ଆଣୁଛନ୍ତି ଏବଂ କିଏ ତାଙ୍କୁ ଦେଉଛି ତାହାକୁ ନେଇ ବିରାଟ ପ୍ରଶ୍ନବଚି ସୃଷ୍ଟି କରିଛି। ଯାହା ଜଣପଡୁଛି ଗାଁ ଗହଳିରେ ଥିବା ଡିଲର



ମାନେ ଉପୋଭୋକ୍ତ ମାନକୁ କିରାସିନି ନଦେଇ ତାଙ୍କ ଖାତାରେ ଚଢାଇ ମାଫିଆ ମାନଙ୍କୁ ଯୋଗାଉ ଥିବାର ଅଭିଯୋଗ ଉଠିଛି। ଗତକାଲି ମୟୁରଭଞ୍ଜ ଜିଲ୍ଲା ବାରିପଦା ଅଞ୍ଚଳରୁ ଓ ଆର ୦୪ଏଫ୍-୨ ୨୮୩ନମ୍ବର ଏକ ଚାରିଚକିଆ ଗାଡ଼ିରେ ବେଆଇନ୍ ଭାବେ କିରାସିନି ବାଲେଶ୍ୱରକୁ ଚୋରା ଚାଲାଣ ହେଉଥିବା ବେଳେ ବାରହମପୁର ଥାନାର ହାବିଲଦାର ଅଞ୍ଜନ ମିଶ୍ର ଗାଡ଼ିକୁ ଅଟକାଇ କଣ ବ୍ୟାରେଲ୍ରେ ଯାଉଛି ବୋଲି ପଚାରିବାରୁ ଡ୍ରାଇଭର ଜଣଙ୍କ ହଡବଡେଇ ଯାଇଥିଲେ। ପରେ ତନଖି ଦେଖିବାରୁ କିରାସିନି ଭର୍ତ୍ତି ହୋଇଥିବାର ଜଣାପଡିବା ପରେ କାଗଜପତ୍ର ମାଗିଥିଲେ। ଡ୍ରାଇଭର ଜଣଙ୍କ କାଗଜ ପତ୍ର ଦେଖାଇ ନପାରିବାରୁ ଗାଡ଼ିଟିକୁ ଜବତ କରି ଥାନାକୁ ଆଣିଥିଲେ। ଉକ୍ତ ଗାଡ଼ିରେ ୬ବ୍ୟାରେଲ କିରାସିନି ଆନୁମାନିକ ୧୦୦୦ହଜାର ଲିଟର ଥିବାର ଜଣାପଡ଼ିଛି। ଯାହାର ଆନୁମାନିକ ମୂଲ୍ୟ ୧ଲକ୍ଷ୍ୟ ୨୦ହଜାର ଟଙ୍କା ହେବ ବୋଲି ବରହମପୁର ଥାନା ଅଧିକାରୀ ଶୁଭେନ୍ଦୁ ମିଶ୍ର ସୂଚନା ଦେଇଛି। ଉକ୍ତ ଗାଡିଟି କପ୍ତିପଦା ଥାନା ଅଧୀନ ପେଡ଼ାଗଡି ଗ୍ରାମର ଅକ୍ଷୟ ରାଉତଙ୍କର ବୋଲି ଜଣାପଡିଛି। ଯଦି ପୋଲିସ ଅଧିକ ତଦନ୍ତ କରିବ ତେବେ ସକ୍ରିୟ ହୋଇ ଉଠିଥିବା କିରାସିନି ଚୋରା ଚାଲାଣର ସୂତ୍ରଧର କିଏ ଜଣାପଡ଼ିବ।

# ମନ୍ଦାକିନୀ ବାଣୁଆ ହେଲେ କନ୍ଧମାଳର ଯୁବ କଂଗ୍ରେସ ପ୍ରଭାରୀ

**କଳାହାଣ୍ଡି (ଅମୃତ ମିଡ଼ିଆ) :** ଭବାନୀପାଟଣା ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦିକା ଦାୟିତ୍ୱରେ ଥିବା କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରର ମନ୍ଦାକିନୀ ବାଣୁଆଙ୍କୁ କନ୍ଧମାଳ ଜିଲ୍ଲା ଯୁବ କଂଗ୍ରେସ ର ପ୍ରଭାରୀ ଭାବେ ନିଯୁକ୍ତ କରାଯାଇଛି। ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ଙ୍କ ଅନୁମୋଦନ କ୍ରମେ ତାଙ୍କୁ ଏହି ଦାୟିତ୍ୱ ମିଳିଛି । ମନ୍ଦାକିନୀ କଳାହାଣ୍ଡି ଜିଲା କଂଗ୍ରେସରେ ଜଣେ ସକ୍ରିୟ ନାରୀନେତ୍ରୀ ରହିଥିବାବେଳେ ବିଭିନ୍ନ ସାମାଜିକ କାର୍ଯ୍ୟ କରିବା ସହ ଗରିବଙ୍କ ନ୍ୟାୟ ପାଇଁ ସବୁବେଳେ ଲଢେଇ କରିଥାନ୍ତି। ସେ ପ୍ରଥମେ ଜିଲ୍ଲା ଯୁବ କଂଗ୍ରେସ ର ଉପ ସଭାନେତ୍ରୀ ଥିଲେ, ୨୦୨୨ ପୌର ନିର୍ବାଚନ ରେ ସେ ଭବାନୀପାଟଣା ପୌର ଅଧକ୍ଷା ଭାବେ



କଂଗ୍ରେସ ପାର୍ଟି ତରଫରୁ ନିର୍ବାଚନ ଲଢ଼ିଥିଲେ ଏପରିକି ଦଳରେ ଯୁବ କର୍ମକର୍ତ୍ତା ଙ୍କୁ ସଙ୍ଗଠିତ କରିବାରେ ତାଙ୍କ ର ପ୍ରମୁଖ ଭୂମିକା ରହିଛି। ଏତେ କମ ବୟସରେ ସେ ସେ ରାଜନୀତି ରେ ବହୁତ ଆଗକୁ ଜାଇଛନ୍ତି ଏଥିପାଇଁ ସେ ତାଙ୍କର ନେତା ଶ୍ରୀଯୁକ୍ତ ଭକ୍ତ ଚରଣ ଦାସ ଓ ସାଗର ଚରଣ ଦାସ ଙ୍କୁ ଶ୍ରେୟ ଦେଇଛନ୍ତି କନ୍ଧମାଳ ଜିଲ୍ଲା ଯୁବ କଂଗ୍ରେସ ପ୍ରଭାରୀ ଭାବେ ଦାୟିତ୍ୱ ମିଳିବା ପରେ ସେ ଆଗାମୀ ଦିନରେ ଓଡିଶାର ଯୁବକଙ୍କର ହକ୍ ଅଧିକାର ନ୍ୟାର୍ଯ୍ୟ ଦାବି ପାଇଁ ଲଢେଇ ଜୋରଦାର ଜାରି ରଖିବା ସହ ଯୁବକମାନଙ୍କୁ କଂଗ୍ରେସ ପ୍ରତି ଆକୃଷ୍ଟ କରାଇ ତୃଣମୂଳ ସ୍ତରରେ ଦଳକୁ ମଜବୁତ କରିବେ ବୋଲି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ।

# ଡକାୟତି ମାମଲା ପର୍ଦ୍ଦାଫାସ, ୨ଗିରଫ



**ଜୟପୁର (ଅମୃତ ମିଡିଆ) :** ଜୟପୁର ସଦର ଥାନା ଅନ୍ତର୍ଗତ ଓସିସି କୋଲନିରେ ଡକାୟତି ମାମଲାର ପ୍ରଦାଫାସ କରିଛି ପୋଲିସ । ଏହି ମାମଲାରେ ଦୁଇ ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଡେଭିଡ ଖରା (୨୧) ଆଜୟ ବାଘ (୨୨) । ପୋଲିସ ସୁଚନା ଅନୁଯାଇ ଜୟପୁର ସଦର ଥାନା ଅନ୍ତର୍ଗତ ଓସିସି କୋଲନିରେ ରହୁଥିବା ରଞ୍ଜନ ହରିଜନ ଙ୍କ ଘରେ ଡକାୟତି ହୋଇଥିବା ନେଇ ଜୟପୁର ସଦର ଥାନାରେ ଗତ ୧୯ ତାରିଖ ରେ ଅଭିଯୋଗ ହୋଇଥିଲା ରଞ୍ଜନ ହରିଜନ ଓ ପରିବାର ଲୋକେ ଶୋଇଥିବା ବେଳେ ୮ ରୁ ୧୦ ଜଣ ମୁଖାଧାରି ଘରେ ତାଲା ଭାଙ୍ଗି ପଶିଥିଲେ । ଖଣ୍ଡା, କାତି , ବନ୍ଧୁକ ଧରି ଘରେ ପାଶି ମାରପିଟ କରିଥିଲେ। ୫ ତୁଳାର ସୁନା ଗହଣା, ୫୦ ହଜାର ଟଙ୍କା ଲୁଟ କରି ନେଇଥିଲେ । ଏନେଇ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସାଇଣ୍ଟିଫିକ ଟିମ, ସନ୍ଧାନି କୁକୁର ତଦନ୍ତକରି ଥିଲା । ଆଜି ୨ ଅଭିଯୁକ୍ତ କୁ ଗିରଫ କରାଯାଇ ସେମାନଙ୍କ ଠାରୁ ମୋବାଇଲ, ଖୋଲନା ବନ୍ଧୁକ, ବାଇକ, ସିଫ୍ଟ ଡିଜାଇର କାର ଜବତ କରାଯାଇଥିବା ବିଷୟ ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

# 'ଆମ ଓଡିଶା ନବୀନ ଓଡିଶା' କାର୍ଯ୍ୟକ୍ରମ




**ରଘୁନାଥପୁର (ଅମୃତ ମିଡିଆ) :** ରଘୁନାଥପୁର ବ୍ଲକର ଜଗନ୍ନାଥପୁର ପଂଚାୟତରେ ଆଜି ଆମ ଓଡିଶା ନବିନ ଓଡିଶା ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି। ରଘୁନାଥପୁର ବ୍ଲକର ସମସ୍ତ ପଂଚାୟତଠାରୁ ଏହି ପଂଚାୟତରେ ସର୍ବୋତମ ଅନୁଷ୍ଠିତ ଆମ ଓଡିଶା, ନବିନ ଓଡିଶା କାର୍ଯ୍ୟକ୍ରମରେ ସରପଂଚ ଜଗବନ୍ଧୁ ମଲ୍ଲିକ ସଭାପତିତ୍ୱ କରିଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ଉପାଧ୍ୟକ୍ଷ ଦେବାଶୀଷ ତ୍ରୀପାଠି, ଏବିଡିଓ ଜ୍ଞାନଦା ନାୟକ ଯୋଗଦେଇ ଓଡିଶାର ସାଢେ ଚାରିକୋଟି ଜନମାନସର ନେତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଣିଷ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ମମତାଠାରୁ ହରିଶ୍ଚନ୍ଦ୍ର ପର୍ଯ୍ୟନ୍ତ ଯୋଜନା ପ୍ରଚଳନ କରିଛନ୍ତି। ସମସ୍ତ ଯୋଜନାର ସୁଫଳ ଜନସାଧାରଣ ନେବା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ସଦସ୍ୟା ରୀନାରାଣୀ ମଲ୍ଲିକ, ଇତିଶ୍ରୀ ମଲ୍ଲିକ, ସାଦେଇପୁର ସରପଞ୍ଚ ପ୍ରଭାସିନୀ ପ୍ରଧାନ, ରାଢ଼ଙ୍ଗ ସରପଂଚ ସୁଶିଲ କୁମାର ବାରିକ, ସମିତି ସଭ୍ୟା ପ୍ରମିଳା ବେହେରା, ସମିତି ସଭ୍ୟା ପ୍ରିୟତମା ରାଉତ, ସମିତି ସଭ୍ୟା ମୀତାଞ୍ଜଳି ପଣ୍ଡା, ଛାତ୍ରନେତା ଯୋସେଫ ସ୍ୱାଇଁ, ବିଜେଡି କର୍ମୀ ଜାହାଙ୍ଗିର ଖାଁ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଗୁଡିକ ସଂମ୍ପର୍କରେ ପଂଚାୟତବାସୀଙ୍କ ନିକଟରେ ଉପସ୍ଥାପିତ କରିଥିଲେ। ଏହି କାର୍ଯ୍ୟକ୍ରମରେ କଳାକାର ଚାମେଲିଙ୍କୁ ଦେଖିବା ପାଇଁ ମହିଳା ଦର୍ଶକଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଏଥି ସହିତ ପାଲା ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଲୋକମାନଙ୍କୁ ଅବଗତି କରା ଯାଇଥିଲା। ମୁଖ୍ୟ ଅତିଥିଙ୍କ ଦ୍ୱାରା ବରିଷ୍ଠ ନାଗରିକ ମାନଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ଏହି ପଂଚାୟତରେ ବହୁ ଶିଶୁ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପାଲା ପରିବେଷଣ ହୋଇଥିଲା। ଏହି ଉତ୍ସବରେ ୩ହଜାରରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳାମାନେ ଯୋଗଦେଇଥିଲେ।

# ପୁଣି ବିଧାୟକ ହେବେ ବିଷ୍ଣୁବ୍ରତ, କହିଲେ ସମର୍ଥକ

**ବାସୁଦେବପୁର (ଅମୃତ ମିଡିଆ) :** ଆଗାମୀ ସାଧାରଣ ନିର୍ବାଚନ ମଣ୍ଡଳୀ ବୀଗୁଲ୍ ବାଜି ନାହିଁ କିନ୍ତୁ ବାସୁଦେବପୁର ରେ ଆରମ୍ଭ ହେଲାଣି ନିର୍ବାଚନ ଚର୍ଚ୍ଚା । ଏହି କ୍ରମରେ ବାସୁଦେବପୁର ବିଜେଡ଼ି ର ବିଧାୟକ ବିଷ୍ଣୁ ବ୍ରତ ରାଉତ ରାୟ ପୁଣି ଥରେ ବିଜେଡ଼ି ଟିକେଟ ନେଇ ଦଶ ହଜାର ରୁ ଉର୍ଦ୍ଧ୍ ଭୋଟ ରେ ବିଜୟୀ ହେବେ ବୋଲି ବିଜେଡ଼ି କର୍ମୀ ଓ ସମର୍ଥକ ମାନେ କହିଛନ୍ତି। ସ୍ୱର୍ଗତ ବିଜୟ ଶ୍ରୀ ରାଉତରାୟଙ୍କ ପରେ ବାସୁଦେବପୁର ରେ ବିଜେଡ଼ିର ମଙ୍ଗ ଧରି ଛନ୍ତି ଯୁବ ବିଧାୟକ ବିଷ୍ଣୁ ବ୍ରତ। ତିହିଡି ନ ପଞ୍ଚାୟତ ଓ ବାସୁଦେବପୁର ର ଛତିଶ ପଞ୍ଚାୟତ ପୌର ପରିଷଦର ତେଇସି ୱାର୍ଡକୁ ନେଇ ବାସୁଦେବପୁର ନିର୍ବାଚନ ମଣ୍ଡଳୀ ଗଠନ ହୋଇଥିବା ବେଳେ ବିଧାୟକ ବିଷ୍ଣୁ ବ୍ରତ ରାଉତ ରାୟ ତାଙ୍କର ବହୁ ଉନ୍ନୟନ ମୂଳକ କାର୍ଯ୍ୟ କରି ଛନ୍ତି। ବାସୁଦେବପୁର ରେ ବିଜେଡ଼ି ସଂଗଠନ କୁ ମଜବୁତ୍ କରି ପଞ୍ଚାୟତ ସମିତି ଅଧକ୍ଷ, ପୌର ଅଧକ୍ଷ, ସମସ୍ତ ଜିଲ୍ଲା ପରିଷଦଙ୍କୁ ବିଜେଡ଼ି ଟିକେଟରେ ବିଜୟ କରାଇଛନ୍ତି। ମୁଖ୍ୟ ମନ୍ତ୍ରୀ ନବୀନ



ପଟ୍ଟନାୟକଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଲୋକ ମାନଙ୍କଙ୍କ ପାଖରେ ପହଞ୍ଚାଇବା ସହ ସଫଳ ରୂପାୟନ ବାସୁଦେବପୁରରେ ବିଧାୟକ ବିଷ୍ଣୁ ବ୍ରତ କରିପାରିଛନ୍ତି ବୋଲି ସମର୍ଥକ ମାନେ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗୁଡ଼ ବୁକ୍‌ରେ ବିଷ୍ଣୁବ୍ରତ ରାଉତ ରାୟ ଅଛନ୍ତି ଓ ପୁଣି ଥରେ ବିଜେଡ଼ି ଟିକେଟ ନେଇ ଅଧିକରୁ ଅଧିକ ଭୋଟ ବ୍ୟବଧାନ ରେ ବିଜୟୀ ହେବେ ଓ ଷଷ୍ଠ ଥର ପାଇଁ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକ ହେବେ ବୋଲି ବିଜେଡ଼ି ସମର୍ଥକ ଓ କର୍ମୀ କହୁଛନ୍ତି। ତେବେ ଦେଖିବାକୁ ବାକି ରହିଲା ବିଜେଡ଼ି ସୁପ୍ରିମ କଣ ନିଷ୍ପତି ନେଇଛନ୍ତି ପୁଣି ଥରେ ବିଧାୟକ ବିଷ୍ଣୁବ୍ରତ ରାଉତ ରାୟଙ୍କୁ ଭରଷା କରି ବିଜେଡ଼ି ଟିକେଟ ଦେଉଛନ୍ତି କି ନାହିଁ।

# ବିଜେପିରୁ ଇସ୍ତଫା ଦେଲେ ପୂର୍ବତନ ବିଧାୟକ

**ବାରିପଦା (ଅମୃତ ମିଡିଆ) :** ମୟୂରଭଞ୍ଜ ଜିଲା ବଡସାହି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ମନୋରଞ୍ଜନ ସେଠୀ ଭାରତୀୟ ଜନତା ପାର୍ଟିର ପ୍ରାଥମିକ ସଦସ୍ୟ ପଦରୁ ବୁଧବାର ଇସ୍ତଫା ଦେଇଥିବା ଜଣାଯାଇଛି । ସେ ତାଙ୍କ ଇସ୍ତଫା ପତ୍ର ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିକଟକୁ ଏବଂ ଜିଲା ବିଜେପି ସଭାପତି କାନ୍ଧ୍ରା ସୋରେନଙ୍କ ନିକଟକୁ ପଠାଇଥିବା ସହିତ ସ୍ଥାନୀୟ ଗଣମାଧ୍ମକୁ ମଧ ସୂଚନା ପ୍ରଦାନ କରିଛନ୍ତି। ଶ୍ରୀ ସେଠୀ ୨୦୧୪ ରୁ ୨୦୧୯ ବିଜୁ ଜନତା ଦଳ ଟିକେଟରେ



ନିର୍ବାଚନ ଲଢି ବିଜୟୀ ଲାଭ କରିଥିଲେ। ମାତ୍ର ପରେ ବିଜେଡି ଛାଡି ବିଜେପି ରେ ଯୋଗ ଦେଇଥିଲେ । ବିଜେପି ରେ ତାଙ୍କୁ ଅବହେଳିତ କରାଯିବାରୁ ଦଳ ଛାଡିଲେ ବୋଲି ଜଣାଯାଇଛି । ସେ ଏବେ କେଉଁ ଦଳରେ ଯୋଗ ଦେବେ ବୋଲି ସ୍ପଷ୍ଟ କରି ନ ଥିଲେ ସୁଦ୍ଧା ପୁଣି ବିଜେଡିକୁ ଫେରିବାର ସମ୍ଭାବନା ଥିବା ଦଳୀୟ ସୂତ୍ରରୁ ଜଣାପଡିଛି। ସେ ବିଜେଡିରେ ଯୋଗଦେଲେ ବଡ଼ସାହି ନିର୍ବାଚନ ମଣ୍ଡଳୀରେ ଆଗାମୀ ନିର୍ବାଚନ ପୂର୍ବରୁ ଦଳ ଅଧିକ ମଜବୁତ ହେବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଜଣେ ଭଲ ବିଧାୟକ ତଥା ସଂଗଠକ ଭାବେ ସେ ପରିଚିତ ଥିଲେ।

# ନବନିଯୁକ୍ତ ବିଜେଡି ଜିଲ୍ଲା ସଭାପତି ଧୀରେନ ସାହୁଙ୍କୁ ଶୁଭେଚ୍ଛା

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କେନ୍ଦ୍ରାପଡା ପୌର ପରିଷଦର ପୂର୍ବତନ ନଗରପାଳ ଧିରେନ କୁମାର ସାହୁଙ୍କୁ ବିଜେଡି ଜିଲ୍ଲା ସଭାପତି ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିବାରୁ ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ ଭି.କେ.କାର୍ତ୍ତିକେୟନ ପାଣ୍ଡିଆନ, ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ମନ୍ତ୍ରୀ ପ୍ରତାପ କେଶରୀ ଦେବ, ବିଧାୟକ ଶଶିଭୂଷଣ ବେହେରା, ବିଧାୟିକା ସାବିତ୍ରୀ ଅଗ୍ରୱାଲ, ବିଧାୟକ ଧ୍ରୁବ ଚରଣ ସାହୁ, ଜିଲ୍ଲା ପର୍ଯ୍ୟବେକ୍ଷକ ତଥା ବିଧାୟକ ପ୍ରତାପ କୁମାର ଜେନା ପ୍ରମୁଖଙ୍କୁ ଶ୍ରୀ ସାହୁ କୃତଜ୍ଞତା ଅର୍ପଣ କରିଛନ୍ତି। ଶ୍ରୀ ସାହୁଙ୍କୁ କେନ୍ଦ୍ରାପଡା ଜିଲ୍ଲା ବିଜେଡି ସଭାପତି ଦାୟୀତ୍ୱ ମିଳିବା ପରେ ଦଳୀୟ ମହଲରେ ଖୁସିର ଲହରୀ ଖେଳି ଯାଇଛି। ଏହି ଦାୟୀତ୍ୱ ଶ୍ରୀ ସାହୁଙ୍କୁ ମିଳିଥିବାରୁ



ଜିଲ୍ଲା ପରିଷଦ ସଭାପତି ଗିତାଞ୍ଜଳି ସେଠୀ, ପୌରାଧକ୍ଷା ସରିତା ସାହୁ, ବ୍ଲକ ଅଧକ୍ଷା ରଶ୍ମିତା ସେଠୀ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ମାନସ ପରିଡା, ଯୁବ ବିଜେଡି ସଭାପତି ରାଜେଶ ଦାସ, ମମତାରାଣୀ ଧଳ, ଛାତ୍ର ବିଜେଡି ସଭାପତି ପ୍ରଦୀପ ସାହୁ, ରାଜ୍ୟ ସମ୍ପାଦକ ରଞ୍ଜିତ ସାହୁ, ଶ୍ରୀକାନ୍ତ ପଣ୍ଡା, ଜୀବନବିନ୍ଦୁ ମୋ ପରିବାର ସଂଯୋଜକ ହିରଣ୍ୟ ପଣ୍ଡା, କାଉନସିଲର ପୁଷ୍ପାଞ୍ଜଳି ବସ୍ତିଆ, ରଶ୍ମିତା ସିଂହ, କାଳି ପ୍ରସାଦ ମିଶ୍ର, ଉମେଶ ଚନ୍ଦ୍ର ନାୟକ, ପ୍ରଶାନ୍ତ କୁମାର ସିଂହ, ରବିନାରାୟଣ ପଣ୍ଡା, ଯଯାତି କେଶରୀ ମହାନ୍ତି, ରଞ୍ଜନ କୁମାର ପୃଷ୍ଟି, ସୁରେଶ ମର୍ଦ୍ଦରାଜ, ବିଜୟ ପତି, ବିଜୟ ମଣ୍ଡଳ, ଦେବାଶିଷ କୁବେର, ମହମ୍ମଦ ସେକ ଇନାୟତ୍(ଚନ୍ଦନ), ରଞ୍ଜନ କର, ରେବତୀରମଣ ଦାସ, ସୁରେନ୍ଦ୍ର ବେହେରା, ଅସିତବନ୍ଧୁ ଧଳ, ମହେନ୍ଦ୍ର ମିଶ, ନିରଞ୍ଜନ ସୁଆର, ଦୁର୍ଗା ପ୍ରସାଦ ପତି, ସେକ ରହେମତ, ଶରତ ବେହୁରା, ମାନସରଞ୍ଜନ ଦାସ, ସାହେବ ସାହିଲ ରାଉତ, ପ୍ରଦୀପ୍ତ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ମଧୁଛନ୍ଦା ମହାନ୍ତି, ପ୍ରିୟଦର୍ଶିନୀ ତରାଇ, ଲିଲିତା ଦାସ, ନିର୍ମଳା ମହାନ୍ତି, ରଶ୍ମିରଞ୍ଜନ ରାଉତ, ବ୍ଲକ ସଭାପତି ଆଲୋକ ସାହୁ, ସବିତା ସାହୁ, ସେକ ମୋଇନି, ଅଭିମନ୍ୟୁ ନାୟକ ପ୍ରମୁଖ ଜିଲ୍ଲାର ସମସ୍ତ ମନ୍ତ୍ରୀ ଓ ବିଧାୟକମାନଙ୍କୁ କୃତଜ୍ଞତା ପ୍ରଦାନ କରିବା ସହ ସଭାପତି ଶ୍ରୀ ସାହୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆଇନଜୀବୀ ଧ୍ରୁବ ଚରଣ ଜେନା, ପ୍ରଭାତ ଅଧିକାରୀ, ଅକ୍ଷୟ ନାଥ, ସରୋଜରାଜ ସିଂ, ରବିନାରାୟଣ ମହାନ୍ତି, ଗୋକୁଳିରଞ୍ଜନ ଦାସ, ନିତ୍ୟାନନ୍ଦ ସ୍ୱାଇଁ, ଚନ୍ଦ୍ରଭାନୁ ବରାଳ, ସଞ୍ଜୟ କୁମାର ଜେନା, ଦେବ ପ୍ରସାଦ ସାମନ୍ତରାୟ, ଶାନ୍ତିସ୍ୱରୂପ ଭୂୟାଁ, ହାଡିବନ୍ଧୁ ସିଂ, ଦିନେଶରାଜ ସିଂହ, ରାଜୀବ ପାତ୍ର, ରଞ୍ଜନ ସାମଲ, ଗୁଣନିଧି ନାୟକ ପ୍ରମୁଖ ଆଇନଜୀବୀ ବନ୍ଧୁମାନେ ଶ୍ରୀ ସାହୁଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ୨୫ରେ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଆବିର୍ଭାବ ମହୋତ୍ସବ




**ଯାଜପୁର (ଅମୃତ ମିଡିଆ) :** ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଯାଜପୁର ଜିଲ୍ଲାସ୍ତରୀୟ ପୁଣ୍ୟ ୧୩୬ତମ ଆବିର୍ଭାବ ମହୋତ୍ସବ ଏବଂ ୨୫ ତମ ଶ୍ରୀମନ୍ଦିର ଉଦ୍‌ବୋଧନୀ (ରଜତ ଜୟନ୍ତୀ) ସ୍ମୃତି ମହୋତ୍ସବ ଫେବୃୟାରୀ ୨୫ ତାରିଖ ଯାଜପୁର ସତ୍ସଙ୍ଗ ବିହାର ସନ୍ନିକଟ ନହରପଦା ଗ୍ରାମ ପଡ଼ିଆଠାରେ ଅନୁଷ୍ଠିତ ହେବ ବୋଲି ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଅଛି । ଏହି ଉପଲକ୍ଷେ ଯାଜପୁର ସତ୍ସଙ୍ଗ ବିହାର ପରିସରରେ ଉତ୍ସବ କମିଟିର ଉପଦେଷ୍ଟା ଡ. ବିଜୟ କୁମାର ନାୟକଙ୍କ ଅଧକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ସତ୍ସଙ୍ଗ ବିହାର ସଭାପତି ଗୋବିନ୍ଦ ଚନ୍ଦ୍ର ବାରିକ, ସମ୍ପାଦକ ଅଚ୍ୟୁତାନନ୍ଦ ପତି, ଉତ୍ସବ କମିଟି ସମ୍ପାଦକ ସଞ୍ଜୟ ପଣ୍ଡା, ସଭ୍ୟ ଶିଶିର ରଞ୍ଜନ ମାନଧାତା ପ୍ରମୁଖ ସାମ୍ବାଦିକମାନଙ୍କୁ ସୂଚନା ପ୍ରଦାନ କରିଥିଲେ । ଦେଇଥିବା ସୂଚନା ଅନୁଯାୟୀ ଆସନ୍ତା ୨୫ ତାରିଖ ରବିବାର ଦିବସବ୍ୟାପୀ କାର୍ଯ୍ୟକ୍ରମରେ ପ୍ରତ୍ୟୁଷରେ ଉଷା କୀର୍ତ୍ତନ ପରେ ୮ଟାରେ ଉତ୍ସବ ଉଦ୍‌ଘାଟନ ପରେ ଦିନ ୧୧.୩୦ମି. ସମୟରେ ସତ୍ସଙ୍ଗ ସାଧାରଣ ସଭା ଅନୁଷ୍ଠିତ ହେବ । ଏହି ଉତ୍ସବରେ ପୂଜନୀୟ ଅଜିତାଭ ଚକ୍ରବର୍ତ୍ତୀ, ମୁଖ୍ୟ ଅତିଥି ସତ୍ସଙ୍ଗର ସହ-ସମ୍ପାଦକ ଡ. ବିନାୟକ ମହାପାତ୍ର, କେନ୍ଦ୍ର ସତ୍ସଙ୍ଗ ଦେଓଘର ନିୟତ କର୍ମୀ ଶ୍ରୀଧର ସୁନ୍ଦର ମିଶ୍ରଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କଙ୍କ ସହ ବିହାର, ବେଙ୍ଗଲ ଓ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଏହି ଉତ୍ସବରେ ପାଖାପାଖି ୩୦ ହଜାର ଭକ୍ତ ଓ ଶ୍ରଦ୍ଧାଳୁ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

# ଭାରତୀୟ ଆଦର୍ଶଗତ ପରମ୍ପରା ଉପରେ ସ୍ୱତନ୍ତ୍ର ବକ୍ତୃତା ଶୃଙ୍ଖଳା ଆରମ୍ଭ

**ଜୟପୁର (ଅମୃତ ମିଡିଆ) :** ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦୨୪ ଫେବ୍ରୁଆରି ୨୧ ତାରିଖରେ ସୁନାବେଡ଼ା ପରିସରରେ ଭାରତୀୟ ଆଦର୍ଶଗତ ପରମ୍ପରା ' ଶୀର୍ଷକ ଏକ ସ୍ୱତନ୍ତ୍ର ବକ୍ତୃତା ଶୃଙ୍ଖଳାର ଶୁଭାରମ୍ଭ ହୋଇଯାଇଛି। ଭାଗବତ ଗୀତାର ନୈତିକଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦେଇ ବୃନ୍ଦାବନର ସମ୍ମାନୀୟ ସନ୍ଥ ସ୍ୱାମୀ ମାଧବାନନ୍ଦ ମହାରାଜଜୀ ଏକ ସାରଗର୍ଭିକ ବକ୍ତୃତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଅଧକ୍ଷତା କରିବା ସହ ସଭାପତିତ୍ୱ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରଫେସର ତ୍ରିପାଠୀ ଶିକ୍ଷାକ୍ଷେତ୍ରରେ ସକାରାତ୍ମକ ଚିନ୍ତାଧାରା ଓ ସମାଲୋଚନାତ୍ମକ ଅନୁସନ୍ଧାନର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ ସମାଜକୁ ସଠିକ ମାର୍ଗରେ ଆଗେଇ ନେବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ କରିବାରେ ଏଭଳି ଆଭିମୁଖ୍ୟ ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶାର ସନ୍ଥକବି ଭୀମ ଭୋଇଙ୍କ ରଚିତ 'ମୋ



ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ' ପଂକ୍ତିରେ ବର୍ଣ୍ଣିତ କାଳଜୟୀ ଆଦର୍ଶକୁ ମନେ ପକାଇ ଥିଲେ, ଯାହା ସାରା ବିଶ୍ୱକୁ ମାନବସମାଜ ପାଇଁ ଭାରତ ବର୍ଷର ଏକ ମହାନ ବାର୍ତ୍ତା ପ୍ରଦାନ କରିଛି । ତେଣୁ ବିଦ୍ୟାର୍ଥୀ ସମାଲୋଚନାତ୍ମକ ଆଲୋଚନାରେ ନିୟୋଜିତ ହେବା ସମୟରେ ସମ୍ମାନ ଓ ସହନଶୀଳତାର ମୂଲ୍ୟବୋଧକୁ ବଜାୟ ରଖିବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କରିଥିଲେ। ସ୍ୱାମୀ ମାଧବାନନ୍ଦ ମହାରାଜଜୀ ତାଙ୍କ ଅଭିଭାଷଣରେ ଭଗବତ ଗୀତାର ଗଭୀର ଶିକ୍ଷା ଉପରେ ଆଲୋକପାତ କରି କହିଥିଲେ ଯେ, ଇତିହାସରେ ମହାନ ସନ୍ଥମାନେ ଗଭୀର ତପସ୍ୟାର ଫଳ ସ୍ୱରୂପ ଖୁଜି ପାଇଥିବା ଜୀବନ ଓ ଶାନ୍ତିର ମାର୍ଗକୁ ଗୀତାର ରେ ବର୍ଣ୍ଣନା କରାଯାଇଛି। ଭଗବାନ ଶ୍ରୀକୃଷ୍ଣଙ୍କ ଦ୍ୱାରା ନିର୍ମିତ ଗୀତା ଧାର୍ମିକ ଜୀବନଯାପନ ପାଇଁ ମାର୍ଗଦର୍ଶକ ଭାବରେ କାର୍ଯ୍ୟ କରେ, ନିଜର କର୍ତ୍ତବ୍ୟକୁ ବର୍ଣ୍ଣନା କରେ ଏବଂ ଅସ୍ତିତ୍ୱର ବିଭିନ୍ନ ଦିଗ ବିଷୟରେ ସୂଚନା ପ୍ରଦାନ କରେ ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଗୀତାରେ ଥିବା ନୀତିଗୁଡ଼ିକୁ ଅନୁସରଣ କରିବା ଦ୍ୱାରା ପରିପୂର୍ଣ୍ଣତା ଓ ସମୃଦ୍ଧିର ଜୀବନ ଯାପନ ହୋଇଥାଏ । ଗୀତାରେ ପ୍ରବେଶ କରିବା ପୂର୍ବରୁ ସନ୍ଥ ରାମକୃଷ୍ଣ ପରମହଂସଙ୍କୁ ବୁଝିବା ପାଇଁ ପରାମର୍ଶ ଦେବା ଏବଂ ଧର୍ମକୁ ଦିବ୍ୟ ଆଦେଶ ଭାବରେ ବର୍ଣ୍ଣନା କରିବା ପାଇଁ ସେ ଦୃଢୋକ୍ତି ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମକୁ ରାଜଭାଷା ସେଲ୍ ର ନିର୍ଦ୍ଦେଶକ ପ୍ରଫେସର ହେମରାଜ ମୀନା ସଂଯୋଜନା କରି ସ୍ୱାଗତ ଭାଷଣ ଦେଇଥିଲେ। ହିନ୍ଦୀ ବିଭାଗ ର ମୁଖ୍ୟ ଡ. ଚକ୍ରଧର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ, ଗବେଷକ ଏବଂ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ, ଯାହା ଭାରତର ସମୃଦ୍ଧ ଦାର୍ଶନିକ ଐତିହ୍ୟ ପ୍ରତି ବ୍ୟାପକ ଆଗ୍ରହ ଏବଂ ପ୍ରଶଂସାକୁ ସୂଚାଇଥିଲା ।



# ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ

**ବାରିପଦା (ଅମୃତ ମିଡ଼ିଆ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ ବିଶ୍ୱବିଦ୍ୟାଳୟ ସମ୍ମେଳନ କକ୍ଷରେ ପାଳିତ ହୋଇଯାଇଛି । ଏହି ଉତ୍ସବକୁ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୌଳିକ ସାହିତ୍ୟର ସୁରକ୍ଷା ପାଇଁ ଛାତ୍ରଛାତ୍ରୀ ମାନେ ନିଜସ୍ୱ ଗ୍ରାମାଞ୍ଚଳରେ ଭାଗବତ ଟୁଙ୍ଗୀ ଭଳି ପରିବେଶ ସୃଷ୍ଟି କରିବାର ପ୍ରଚେଷ୍ଟା କଲେ ସେମାନଙ୍କର ସାହିତ୍ୟ ଅଧ୍ୟୟନର ସାର୍ଥକ ହେବ ବୋଲି କହିଥିଲେ । ମୟୂରଭଞ୍ଜ ବରିଷ୍ଠ ନାଗରିକ ମଞ୍ଚର ସଂପାଦକ ଡ. ଶ୍ୟାମସୁନ୍ଦର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମୟୂରଭଞ୍ଜର ପ୍ରାଚୀନ ଐତିହ୍ୟ ଓ ଓଡ଼ିଆ ଭାଷା ପ୍ରତି ଅବଦାନ ସମ୍ପର୍କରେ ମତାମତ ରଖି ପ୍ରାଚୀନ ଓଡ଼ିଆ ଭାଷାର ରୂପଚିତ୍ର ପରିପ୍ରେକ୍ଷୀରେ ସହଜଯାନୀ ବୌଦ୍ଧ ପରମ୍ପରାରେ ଲୁଇପାଙ୍କ କଥା ବର୍ଣ୍ଣନା କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ଯୋଗ ଦେଇ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦର କାର୍ଯ୍ୟକଳାପକୁ ପ୍ରଶଂସା କରିଥିଲେ । ବିଶିଷ୍ଟ ଅନୁବାଦ ସାହିତ୍ୟିକ ଡ. ପ୍ରଣବ ରଞ୍ଜନ ଭୂୟାଁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଭାରତୀୟ ଭାଷା ମାନଙ୍କ ମଧ୍ୟରେ ଓଡ଼ିଆ ଭାଷା କିପରି ଅତି ସମୃଦ୍ଧ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦର ସଭାପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ସଭାପତିତ୍ୱ କରିଥିବା ବେଳେ, ସ୍ନାତକୋତ୍ତର ଓଡ଼ିଆ ବିଭାଗୀୟ ମୁଖ୍ୟ ପ୍ରଫେସର ବବ୍ରୁବାହନ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦର ସଂପାଦକ ଡ. ବିଚିତ୍ର ନାଥ ସାହୁ ବିବରଣୀ ପାଠ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଆମନ୍ତ୍ରିତ ଅତିଥିଗଣଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ ବହୁଭାଷୀ କବିତାପାଠ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ବିଭିନ୍ନ ସାହିତ୍ୟ ଅନୁଷ୍ଠାନରୁ ଆଗତ କବି, କବୟତ୍ରୀମାନଙ୍କ ଦ୍ୱାରା ବହୁଭାଷୀ କବିତା ପାଠୋତ୍ସବ ଅଧ୍ୟାପିକା ଡ. ବିନ୍ଧେଶ୍ୱରୀ କଳିଆଙ୍କ ପରିଚାଳନା ଏବଂ ଅଧ୍ୟାପକ ସ୍ନେହାଶିଷ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । ପରିଷଦର ଉପସଭାପତି ସହଯୋଗୀ ପ୍ରଫେସର ଡ. ପୁଷ୍ପାଞ୍ଜଳି ପରିଡ଼ା ଓ ସହ-ସଂପାଦକ ସହକାରୀ ପ୍ରଫେସର ଡ. ସ୍ୱରୂପାନନ୍ଦ ବିଷୟୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




# ଉତ୍କଳ କନ୍ଧ ସମାଜ କଲ୍ୟାଣ ମଣ୍ଡପର ହେଲା ଭିତ୍ତିପ୍ରସ୍ତର

## ଆମ ସଂସ୍କୃତି ରକ୍ଷାରେ ସରକାର ଅବହେଳା କଲେ ପରିଣାମ ଭୟାବହ ହେବ

ବଲାଙ୍ଗୀର (ଅମୃତ ମିଡ଼ିଆ): ଆପଣମାନେ ଦେଶର ମୂଳ ନିବାସୀ । ପ୍ରକୃତି ସହ ଆପଣମାନଙ୍କର ନିବିଡ ସଂପର୍କ । ଆପଣମାନଙ୍କର ସଂସ୍କୃତି ପରଂପରା ପ୍ରତ୍ୟକ୍ଷ ପରୋକ୍ଷ ଭାବରେ ସମାଜକୁ ସନ୍ତୁଳିତ କରିଥାଏ । କିନ୍ତୁ ଦେଖାଯାଉଛି ଆପଣଙ୍କ ସଂସ୍କୃତି ଓ ପରଂପରାକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସୁରକ୍ଷା ଦେବା ପରିବର୍ତ୍ତେ ତାହାକୁ ଧ୍ୱଂସ କରିବା ପାଇଁ ଚେଷ୍ଟା କରୁଛନ୍ତି । ଆପଣମାନଙ୍କ ମଧ୍ୟରେ ଆଜିର ଏହି ସମାବେଶ କୁ ଉଭୟ ସରକାର କୁ ଚେତେଇ ଦେଉଛି ଯେ ଯଦି ଆଦିବାସୀ ସଂସ୍କୃତି ଓ ପରଂପରା ପ୍ରତି ଅବହେଳା କରାଯାଏ ତେବେ ପରିଣାମ ଭୟାବହ ହେବ ବୋଲି ଶିବତଲା ଠାରେ ଅନୁଷ୍ଠିତ ମାଁ କନ୍ଧେନବୁଢ଼ି ଖୁ ାଗଡା ତଥା କନ୍ଧସମାଜର କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏଆଇସିସି ଯୁବ ନେତା ସମରେନ୍ଦ୍ର ମିଶ୍ର କହିଛନ୍ତି । ମାନ୍ୟବର ବଲାଙ୍ଗିର ବିଧାୟକ ନରସିଂହ ମିଶ୍ରଙ୍କ କର କମଳରେ ଦିଆଯାଇଥିବା ଭିତ୍ତିପ୍ରସ୍ତର ପରବର୍ତ୍ତି ସଭାକୁ ଆଦିବାସୀ ଯୁବନେତା ମୟ ପ୍ରଧାନୀ ସଂଯୋଜନା କରିଥିଲେ । ଏହି ଅବସରରେ ଆଦିବାସୀ ନେତା କାଳିନ୍ଦ୍ରୀ ଚରଣ ମାଝି ବିଧାୟକ ଶ୍ରୀ ମିଶ୍ରଙ୍କ ଆଦିବାସୀ ମାନଙ୍କ ପ୍ରତି ଥିବା ସହଯୋଗ କୁ ନେଇ ବକ୍ତବ୍ୟ ରଖିଥିଲେ । ସେ କହିଥିଲେ ସୁଲିଆ ଯାତ୍ରା ର ବଳିପ୍ରଥାକୁ ସମସ୍ତ ରାଜନେତା ବିରୋଧ କରୁଥିବା ବେଳେ ନରସିଂହ ମିଶ୍ର ଜଣେ ହିଁ ଆଦିବାସୀ ପ୍ରଥା ପରଂପରା ସପକ୍ଷରେ ବାହାରି ଆମର ପରଂପରାକୁ ସମର୍ଥନ କରିଥିଲେ । ଯାହାକି ପରବର୍ତ୍ତି ସମୟରେ ମାନ୍ୟବର ସୁପ୍ରିମକୋର୍ଟ ମଧ୍ୟ ଆମ ପରଂପରା ପ୍ରତି ସୁରକ୍ଷା ପ୍ରଦାନ କରିଥିଲେ । ବିଧାୟକ ଶ୍ରୀ ମିଶ୍ର କଲ୍ୟାଣ ମଣ୍ଡପ ନିର୍ମାଣ ଶିଘ୍ର କରାଯିବା ଉପରେ ଗୁରୁତ୍ୱ ଦେବା ସହ ଆଗାମୀ ଦିନରେ କନ୍ଧ ସମାଜର ପ୍ରତ୍ୟେକ ପ୍ରଗଣାରେ ଦାବି ମୁତାବକ କଲ୍ୟାଣ ମଣ୍ଡପ ନିର୍ମାଣର ବ୍ୟବସ୍ଥା କରାଯିବ ଏବଂ ଯେଉଁ ସରକାର ଆଦିବାସୀମାନଙ୍କର ଜଙ୍ଗଲ ଜମି ଓ ରାଜନୈତିକ ଅଧିକାର ରୁ ସେମାନଙ୍କୁ ବଂଚିତ କରିବାକୁ ଯାଉଛି ସେଭଳି ସରକାରମାନଙ୍କୁ ଆଗାମୀ ନିର୍ବାଚନରେ ଆଦିବାସୀ ଜନଜାତି ମାନେ ଉଚିତ ଜବାବ ଦିଅନ୍ତୁ ବୋଲି କହିଥିଲେ । ଏହି ଅବସରରେ କନ୍ଧ ସମାଜ ପକ୍ଷରୁ ମାଁ କନ୍ଧେନବୁଢ଼ିଙ୍କର ଖୁଣ୍ଟାଗଡା କାର୍ଯ୍ୟ ସମ୍ପାଦନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଦୟାନିଧି କୁଅଁର ଏବଂ କନ୍ଧ ସମାଜର ନେତୃବୃନ୍ଦ ଓ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।



# ଚିତ୍ତରଞ୍ଜନ ପତି ଫାଉଣ୍ଡେସନର ବାର୍ଷିକ ଉତ୍ସବ ପାଳିତ

**ବାରିପଦା (ଅମୃତ ମିଡ଼ିଆ):** ଚିତ୍ତରଞ୍ଜନ ପତି ଫାଉଣ୍ଡେସନର ବାର୍ଷିକ ଉତ୍ସବ ମୁର୍ଗାବାଡିସ୍ଥିତ କାର୍ଯ୍ୟାଳୟ ପରିସରେର ପାଳିତ ହୋଇଯାଇଛି । ସ୍ୱର୍ଗତ ପତିଙ୍କ ଶ୍ରାଦ୍ଧୋତ୍ସବେର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭେର ଚିତ୍ତରଞ୍ଜନ ପତିଙ୍କ ଫେଟା ଚିତ୍ରେର ମାଲ୍ୟାପର୍ଣ କରାଯାଇଥିଲା । ପ୍ରେଫସର ଡକ୍ଟର ସେରାଜ ନାୟକ, ପ୍ରଧାନଶିକ୍ଷକ ଅମିତାଭ ମିଶ୍ର, ଅଧ୍ୟାପକ ଡ଼କ୍ଟର ମନେତାଷ ପତି, ଜୟନ୍ତ କୁମାର ଉପାଧ୍ୟାୟ, ମେନାଜ କୁମାର ପତି, ଦିଲୀପ କୁମାର ମହାପାତ୍ର, ଲକ୍ଷ୍ମୀନାରାୟଣ ପଣ୍ଡା ପ୍ରମୁଖ ସ୍ୱର୍ଗତ ପତିଙ୍କ ଜୀବନାଦର୍ଶ ସମ୍ପକର୍ରେ ଆେଲାଚନା କରିଥେ୍ଲ । ପ୍ରତାପଚନ୍ଦ୍ର ଧଡ଼ା, ଆଶିଷରଞ୍ଜନ ବାସୁରି ଓ ମୃତ୍ୟୁଞ୍ଜୟ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାେର ସହେଯାଗ କରିଥେ୍ଲ । ଚଳିତବର୍ଷଠାରୁ ଫାଉେଣ୍ଡସନ ତରଫରୁ ମ୍ୟାଟ୍ରିକ ପରୀକ୍ଷାେର ସଫଳତା ହାସଲ କରିଥିବା କଣ୍ଟାପାଳ ହାଇସ୍କୁଲର ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିବାର ସିଦ୍ଧାନ୍ତ ହୋଇଥିଲା ।



# ଧର୍ମଗଡ ବିଜୁ ଜନତାଦଳ ପକ୍ଷରୁ ମିଶ୍ରଣ ପର୍ବ

**କଳାହାଣ୍ଡି (ଅମୃତ ମିଡ଼ିଆ):** ଗୁରୁବାର ଧର୍ମଗଡ ସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ଠାରେ ବିଜୁ ଜନତା ଦଳ ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର କଳାହାଣ୍ଡି ଜିଲ୍ଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ମିଶ୍ରଣ ପର୍ବରେ ଧର୍ମଗଡ ବିଧାୟକ ମୌଷଧ ବାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପୁର୍ବତନ ଗ୍ରାମ ପଞ୍ଚାୟତ ଅଧିକାରୀ ରାଜେନ୍ଦ୍ର ଭୋଇ ଶତାଧିକ ସମର୍ଥକ ଙ୍କ ଏକ ଶୋଭାଯାତ୍ରାରେ ଆସିବା ସହିତ ବିଜୁ ଜନତା ଦଳରେ ଯୋଗଦାନ କରିଥିଲେ । ତାଙ୍କୁ ପୁଷ୍ପ ଗୁଚ୍ଛ ଓ ଦଳୀୟ ଉତ୍ତରୀୟ ଦେଇ ବିଜୁ ଜନତା ଦଳରେ ସ୍ୱାଗତ କରାଯାଇଥିଲା । ବିଜୁ ଜନତା ଦଳର ଉପସଭାପତି ଥବିର ପ୍ରସାଦ ସାହୁ, ରାଜ୍ୟ ସମାଜ ମଙ୍ଗଳ ବୋର୍ଡର ଅଧ୍ୟକ୍ଷା କଲ୍ୟାଣୀ ନାଏକ, ଜିଲ୍ଲା ସଂପାଦକ ପ୍ରେମଲାଲ ନାଏକ, ବ୍ଲକ ସଭାପତି ଟିକମନ୍ ଯାଦବ, ନିର୍ବାଚନ ମଣ୍ଡଳୀ ପ୍ରତିନିଧି ମାନସ ବାଗ, ବ୍ଲକ ପ୍ରତିନିଧି ସ୍ୱାଧୀନ ବାଗ, ରାଜ୍ୟ ମହିଳା ସେଲ ସଂପାଦକ ସୁଶ୍ରୀ ହୀରା ବାଗ, ଜିଲ୍ଲା ସଂପାଦକ ଗୌରଚନ୍ଦ୍ର ଛତ୍ରିଆ, ବ୍ଲକ ସଂପାଦକ ଯୋଗେନ୍ଦ୍ର ସାହୁ, ଯୁବ ସଭାପତି ଦିବ୍ୟ ଜ୍ୟୋତି ମହାନ୍ତି, ଟାଉନ ସଭାପତି ମଦନ ନାଏକ, ସରକାରୀ ଓକିଲ ଅଜିତ କୁମାର ସାହୁ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ । ବିଜୁଜନତା ଦଳର ଏହି ମିଶ୍ରଣ ପର୍ବରେ ପୁର୍ବତନ ଫରେଷ୍ଟର ପ୍ରେମଲାଲ ସାଗର, ଧର୍ମଗଡ ଟେଣ୍ଟ ମାଲିକ ସଂଘର ଅନିରୁଦ୍ଧ ଲହଜଲ ତଥା ଧର୍ମଗଡ ବ୍ଲକ ଓ ଜିଲ୍ଲା ପରିଷଦ ଜୋନ୍ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତ ଓ ଧର୍ମଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ରୁ ଶତାଧିକ ବିଜେପି ଓ କଂଗ୍ରେସ କାର୍ଯ୍ୟକର୍ତ୍ତା ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ମାନ୍ୟବର ବିଧାୟକ ମୌସଧି ବାଗ ଓ ଜିଲ୍ଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ ଙ୍କ ନେତୃତ୍ୱ ରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳ ରେ ସାମିଲ୍ ହୋଇଥିଲେ ।



# ପୂର୍ବତନ ବିଧାୟକ କିଶୋର ତରାଇଙ୍କ ପ୍ରଚେଷ୍ଟାରେ ବିଜେଡିରେ ଯୋଗଦେଲେ

## ଶତାଧିକ କଂଗ୍ରେସ ଓ ବିଜେପି କର୍ମୀ

କେନ୍ଦ୍ରାପଡ଼ା **(ଅମୃତ ମିଡ଼ିଆ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ ନେତୃତ୍ୱ, ଲୋକପ୍ରିୟତା ଓ ଦକ୍ଷ ସୁଶାସନରେ ଅନୁପ୍ରାଣିତ ହୋଇ ଏବଂ ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇଙ୍କ ପ୍ରଚେଷ୍ଟା ଫଳରେ ଆଜି କେନ୍ଦ୍ରାପଡାରେ ଶତାଧିକ କଂଗ୍ରେସ ଓ ବିଜେପି କର୍ମୀ ଆଜି ବିଜୁ ଜନତା ଦଳରେ ଯୋଗଦେଇଛନ୍ତି । ଏହି ଉପଲକ୍ଷେ କେନ୍ଦ୍ରାପଡାର ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇଙ୍କ ପୌରହିତ୍ୟରେ ଆଜି ପୂର୍ବାହ୍ନରେ ସ୍ଥାନୀୟ ଗୌରୀଶଙ୍କର ହୋଟେଲ ପରିସରରେ ଅନୁଷ୍ଠିତ ଏକ ନିରାଡମ୍ବର ଉତ୍ସବରେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗାଙ୍ଗପଡା, ପଳସିଂହା, ବାରୋ ଓ ଗୁଲନଗର ଗ୍ରାମପ ାୟତର ନିତିଶ କୁମାର ସିଂ, ସନ୍ତୋଷ କୁମାର ଦାସ, ବିକ୍ରମକେଶରୀ ରାଉତ, ବିକାଶ ସେଠୀ, ଜିତୁ ସେଠୀ, ବିଶ୍ୱଜିତ ପଲାଇ, ଅରଜୁ ପରିଡା, ପପିନା ପାତ୍ର, ମିତ୍ରଭାନୁ ବିଶ୍ୱାଳ, ସୌମ୍ୟରଞ୍ଜନ ପରିଡା, ଆଲୋକ ଦାସ, ହିମାଂଶୁ ଦାସ, ଦିଲ୍ଲିପ ସେଠୀ, ପ୍ରଶନ୍ନ ପ୍ରସାଦ ଦାଶ, ରିତେଶ ବାରିକ, ଅଭିଷେକ ସ୍ୱାଇଁ, ମହମ୍ମଦ ଗବର ଖାନ, କୁମାର ବିଶ୍ୱାଳ, ସନ୍ଦିପ ସେନାପତି, ଦସ୍ତ ଗିରି, ପ୍ରଭାତ ଜେନା, ସେକ ରାଜୁ, ଜ୍ଞାନରଞ୍ଜନ ପ୍ରଧାନ, ସତ୍ୟ ରାଉତ, ହରେଶ ପ୍ରଧାନ, ବିଶ୍ୱଜିତ ପାତ୍ର ପ୍ରମୁଖ ଶତାଧିକ କଂଗ୍ରେସ ଓ ବିଜେପି ଦଳର ଯୁବ ସମର୍ଥକମାନେ ବିଜୁ ଜନତା ଦଳରେ ଯୋଗଦେଇଛନ୍ତି । ପୂର୍ବତନ ବିଧାୟକ ଶ୍ରୀ ତରାଇ ସେମାନଙ୍କୁ ପୁଷ୍ପଗୁଚ୍ଛ ଓ ଦଳୀୟ ଉ ରୀୟ ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ପୌର ପରିଷଦର କାଉନସିଲର ପ୍ରଭାଶିଷ ପଣ୍ଡା, ଆଶିଷ କୁମାର ପାଣି, ଶଶୀକାନ୍ତ ବଳ, ବଳରାମ ପରିଡା, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।



# ପୌରାଞ୍ଚଳର ୧୦ ନମ୍ବର ୱାର୍ଡରେ ନୂତନ ବର୍ଦ୍ଧିତ ଭବନ

**କେନ୍ଦ୍ରାପଡ଼ା(ଅମୃତ ମିଡ଼ିଆ):** କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ୧୦ନମ୍ବର ୱାର୍ଡରେ ଭଡା ହିତାଧିକାରୀମାନଙ୍କୁ ଆଜି ନୂତନ ବର୍ଦ୍ଧିତ ଭବନ କରାଯାଇଛି । ଏହି ଉପଲକ୍ଷେ ୧୦ନମ୍ବର ୱାର୍ଡର ମାଧପୁର ଠାରେ ୱାର୍ଡ କାଉନସିଲର ରଶ୍ମିତା ସିଂହ ୧୪ଜଣ ଭଡା ହିତାଧିକାରୀମାନଙ୍କୁ ନୂତନ ବର୍ଦ୍ଧିତ ଭାବନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପୌର କର୍ମଚାରୀଙ୍କ ସମେତ ପୂର୍ବତନ କାଉନସିଲର ପ୍ରଶାନ୍ତ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।



# ଛିଡ଼ିଲା ୧୧ କେଭି ବିଦ୍ୟୁତ୍ ତାର

## ଅଳ୍ପକେ ବର୍ତ୍ତିଲେ ୪ ପଥିକ



**ବାରିପଦା / କରଞ୍ଜିଆ (ଅମୃତ ମିଡ଼ିଆ):** ଟିପିଏନ୍ଓଡିଏଲ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା ମରାମତି ନାମରେ ବାରମ୍ବାର ବିଦ୍ୟୁତ୍ କାଟ କରାଯାଉଛି । ତେବେ ମରାମତି ଅଭାବରୁ ଆଜି ଅପରାହ୍ନ ପ୍ରାୟ ଚାରି ଘଟିକା ସମୟରେ କରଞ୍ଜିଆ ସହର ୮ ନମ୍ବର ୱାର୍ଡ ଗୁଡ଼ିସାହି ଠାରେ ୱାର୍ଡ କାଉନସିଲରଙ୍କ ଘର ସମ୍ମୁଖରେ ୧୧ କେବି ବିଦ୍ୟୁତ୍ ତାର ଛିଡ଼ି ପଡ଼ିବାରୁ ୪ ଜଣ ପଥିକ ଓ କିଛି ଗୃହପାଳିତ ପଶୁ ଅଳ୍ପକେ ବର୍ତ୍ତିଯାଇଥିବା ସ୍ଥାନୀୟ ବାସିନ୍ଦାଙ୍କ ନିକଟରୁ ସୂଚନା ମିଳିଛି । ଅସ୍ଥାୟୀ ମରାମତି କରାଯାଉଥିବାରୁ ସ୍ଥାନୀୟ ବାସିନ୍ଦା ଟିପିଏନ୍ଓଡିଏଲ୍ କର୍ତ୍ତୃପକ୍ଷଙ୍କ ଉପରେ କ୍ଷୋଭ ପ୍ରକାଶ କରିଛନ୍ତି । ଖବର ପାଇ ମରାମତି ପାଇଁ ଆସିଥିବା କର୍ମଚାରୀଙ୍କୁ କିଛି ସମୟ ଧରି ହଇହଟା ହେବାକୁ ପଡ଼ିଛି । ତେବେ ଅପରାହ୍ନ ୫ ଘଟିକା ସୁଦ୍ଧା ମରାମତି କାର୍ଯ୍ୟ ସରିନଥିବା ସୂଚନା ମିଳିଛି ।

# ଜେଲ୍ ଭିତରୁ ଚାଲିଛି ବ୍ରାଉନସୁଗାର ନେଟୱର୍କ

**ଖୋର୍ଦ୍ଧା (ଅମୃତ ମିଡ଼ିଆ):** ଖୋର୍ଦ୍ଧା ଜେଲ ଭିତରେ ଚାଲିଛି ବ୍ରାଉନସୁଗାର କାରବାର ନେଟୱାର୍କ । ୨୬ଲକ୍ଷ ଟଙ୍କା ବ୍ରାଉନସୁଗାର ଜବତ ସହ ଜଣେ ମହିଳାଙ୍କ ସମେତ ୬ଜଣଙ୍କୁ ଗିରଫ କରିଛି ଖୋର୍ଦ୍ଧା ପୋଲିସ । ଜେଲ ଭିତରୁ ମୋବାଇଲ ଜବତ ପରେ ପରେ ଫିଟିଲା ଗୁମର । ମଙ୍ଗଳବାର ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି ଜିଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ । ଏସପିଙ୍କ ସୂଚନା ପ୍ରକାରେ ଜେଲ ଅଧିକ୍ଷକ ଜେଲ ଭିତରୁ ଏକ ମୋବାଇଲ ପାଇବା ପରେ ଥାନାରେ ଦାଖଲ କରିଥିଲେ । ଖୋର୍ଦ୍ଧା ଜେଲ ଅଧିକ୍ଷକଙ୍କ ରିପୋର୍ଟ ଆଧାର କରି ଜାଲ ବିଛାଇଥିଲା ପୋଲିସ । ଏହାକୁ ତଦନ୍ତ ବେଳେ ଉପରୋକ୍ତ ଅଭିଯୁକ୍ତଙ୍କ ସ୍ଥାନରେ ଆସିଥିଲେ । ୧୯ତାରିଖରେ ଗୁରୁଜଙ୍ଗ ମେଲଣ ପଡିଆରେ ବ୍ରାଉନସୁଗାର ଡିଲ ଚାଲିଥିବା ବେଳେ ଖବରପାଇ ପାଇଥିଲା ପୋଲିସ । ଏସପିଙ୍କ ନିର୍ଦ୍ଦେଶ କ୍ରମେ ଏସଡିପିଓ ଦିଲୀପ ଦାସ, ଥାନାଧିକାରୀ ସଞ୍ଜୟ ନାୟକ, ଏସଆଇ ଏସ ପାଣିଗ୍ରାହୀ, ଏଏସଆଇ ଏସକେ ସାହୁ, ହାବିଲଦାର ଅଭିରାମ ସାମନ୍ତରାୟ, କନଷ୍ଟେବଲ ପିକେ ହରିଚନ୍ଦନ, ଏ ଏମ ଖାନ, ଏସ ବରାଳ ପ୍ରମୁଖଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ ଚଢଉ କରିଥିଲା । ସୋମବାର ପୂର୍ବାହ୍ନ ସାଢେ ୧୦ଟା । ସ୍କପିଓ ଭିତରେ ବ୍ରାଉନସୁଗାର ଡିଲ ଚାଲିଥିଲା । ଏହି ସମୟରେ ଚାରିପଟୁ ଘେରି ଯାଇଥିଲା ପୋଲିସ । ଅଭିଯୁକ୍ତ ପୋଲିସକୁ ଚଖମା ଦେଖାଇ ଖସି ଯିବାକୁ ଉଦ୍ୟମ କରିବା ବେଳେ ମାଡି ବସିଥିଲା ଟିମ । ସେମାନଙ୍କ ଠାରୁ ବ୍ରାଉନସୁଗାର ଜବତ କରିଥିଲା । ଏମାନଙ୍କ ଠାରୁ ତଥ୍ୟ ଆଧାରରେ ସସ୍ମିତା ପ୍ରଧାନଙ୍କୁ ଗିରଫ କରାଯାଇଥିବା ଏସପି କହିଛନ୍ତି । ଜେଲ ଭିତରେ ମୋବାଇଲ ଅପରେଟିଂ କରୁଥିବା ଅନ୍ତେବାସୀ ଦୁଇ ଡ୍ରଗସ ମାଫିଆ ଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ପଚରାଉଚୁରା କରାଯିବ । ଏମାନଙ୍କ ସହ ଆଉ କେଉଁ ମାନଙ୍କ ସଂପୃକ୍ତି ରହିଛି, ତାହାର ଖୋଳତାଡ କରାଯିବ । ଜେଲ ଭିତରକୁ ମୋବାଇଲ କିପରି ଯାଉଛି, ଏ ସମ୍ପର୍କରେ ଜେଲ ଅଧିକ୍ଷକଙ୍କ ସହ ଆଲୋଚନା କରାଯିବ, ସିସିଟିଭି ଯାଂଚ କରାଯିବ । ଏଥିରେ ଯାହାର ସଂପୃକ୍ତି ବାହାରିବା ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏସିପି କଟାରିଆ ଆହୁରୀ କହିଲେ ଯେ, ଖୋର୍ଦ୍ଧାକୁ ନିଶା ମୁକ୍ତି ଲାଗି ୨୦୨୨ ଠାରୁ ସ୍ୱତନ୍ତ୍ର ଡ୍ରାଇଭ ଚାଲିଛି । ଗିରଫ ଅଭିଯୁକ୍ତ ମାନଙ୍କ ସ୍ଥାବର, ଅସ୍ଥାବର ସମ୍ପତି ଜଣେ ଡିଏସପି ପାହ୍ୟା ଅଫିସରଙ୍କ ଜରିଆରେ କରାଯାଉଛି । ଏନଡିପିଏସ ମାଧ୍ୟମରେ ଏହି ସମ୍ପତି ଗଚ୍ଛିତ କରିଥିବା ଧରାପଡିଲେ, ଏହାକୁ ବାଜ୍ୟାପ୍ତ କରାଯିବ । ଗିରଫ ଅଭିଯୁକ୍ତ ମାନଙ୍କ ଅତିତ, ବର୍ତ୍ତମାନ ଗତିବିଧି ଉପରେ ନଜର ରଖାଯାଉଛି । ଜେଲ ଭିତରେ ଏବଂ ବାହାରେ ରହିଥିବା ନିଶା ବେପାରୀଙ୍କ ଉପରେ ତୀକ୍ଷଣ ନଜର ରହିଛି । ଜିଲା ପୋଲିସ ମୁଖ୍ୟାଳୟରୁ ଏକ ସ୍ୱତନ୍ତ୍ର ଟିମ ଏହାର ନିୟମିତ ମନିଟରିଙ୍ଗ କରୁଛି । ନିଶା କାରବାରକୁ ରୋକିବା ପାଇଁ ଖୋର୍ଦ୍ଧା ପୋଲିସ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଡ୍ରାଇଭକୁ ବଡ ସଫଳତା ମଧ୍ୟ ମିଳିଛି । ୨୦୨୦ରେ ୧୮ଟି ଏନଡିପିଏସ କେଶ ହୋଇଥିବା ବେଳେ ୧୩୬ଗ୍ରାମ ୯୭୦ଏମଜି ବ୍ରାଉନସୁଗାର, ୨୦୨୧ରେ ୨୧ଟି କେଶରେ ୧କେଜିଗ୍ରାମ ବ୍ରାଉନସୁଗାର, ୨୦୨୨ରେ ୩୭ଟି କେଶ ହୋଇଥିବା ବେଳେ ୧କୋଜି ୫୯୯ଗ୍ରାମ,୪୯ଏମଜି ବ୍ରାଉନସୁଗାର, ୨୦୨୩ରେ ୩୩ଟି କେଶରେ ୧କେଜି ୯୭୫ଗ୍ରାମ ୧୮୦ଏମଜି ବ୍ରାଉନସୁଗାର କରାଯାଇଥିବା ବେଳେ ୮୧ଜଣଙ୍କୁ ଗିରଫ କରାଯାଇଛି । ସେଥିରୁ ୭୯ଜଣ ପୁରୁଷ ଓ ୨ଜଣ ମହିଳା ରହିଛନ୍ତି । ୨୦୨୪ ଆଜି ସୁଦ୍ଧା ୩ଟି କେଶ ହୋଇଥିବା ବେଳେ ୨୯୧ ଗ୍ରାମ ୮୪୦ଏମଜି ବ୍ରାଉନସୁଗାର ଜବତ କରାଯାଇଥିବା ବେଳେ ୮ଜଣ ପୁରୁଷଙ୍କୁ ଗିରଫ କରାଯାଇଥିବା ଏସପି ସୂଚନା ଦେଇଛନ୍ତି ।

# ଧର୍ମପ୍ରାଣ ମହିଳାଙ୍କ ପରଲୋକ

**ବଲାଙ୍ଗୀର(ଅମୃତ ମିଡ଼ିଆ):** କଂସାରୀପଡା ର ଧର୍ମପ୍ରାଣା ମହିଳା ସୁବର୍ଣ୍ଣଲତା ସାହୁ (୭୫ ବର୍ଷ ) ଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ସଜ୍ୟା ନିକଟରେ ତାଙ୍କ ସ୍ୱାମୀ ଅଚ୍ୟୁତା ନନ୍ଦ ସାହୁ, ପୁତ୍ର ବନ ବିହାରୀ ସାହୁ, ସଦା ବିହାରୀ ସାହୁ, ରାଜେଶ କୁମାର ସାହୁ, ଅଶୋକ କୁମାର ସାହୁ ଓ ରବିନ୍ଦ୍ର କୁମାର ସାହୁ ଉପସ୍ଥିତ ଥିଲେ । ବିଭୁତିପଡା ଶ୍ମଶାନରେ ତାଙ୍କର ଜ୍ୟେଷ୍ଠ ପୁତ୍ର ବନ ବିହାରୀ ସାହୁ ମୁଖାଗ୍ନି ଦେଇଥିଲେ । ସୁବର୍ଣ୍ଣଲତା ଜଣେ ଧାର୍ମିକ ଓ ସହଯୋଗୀ ମହିଳା ହୋଇଥିବାରୁ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି । ତାଙ୍କର ଶବ ସଂସ୍କାର କାର୍ଯ୍ୟରେ ଶିଶୁ ବିକାଶ କେନ୍ଦ୍ର ଓ ପୂଜ୍ୟପୂଜା ସେବା ସଂଗଠନର କର୍ମୀଗଣ ଉପସ୍ଥିତ ଥିଲେ ।

# ସାଇଶକ୍ତି ଚକ୍ଷୁ ଚିକିତ୍ସାଳୟର ଶୁଭ ଉଦ୍‌ଘାଟନ

**ନିଶ୍ଚିନ୍ତକୋଇଲି (ଅମୃତ ମିଡ଼ିଆ):** କଟକ ଚାନ୍ଦବାଲି ରାସ୍ତାପାର୍ଶ୍ୱ କେନ୍ଦୁପାଟଣା ଛକ ନିକଟ ପାଟପୁର ହନୁମାନ ମନ୍ଦିର ପାଖରେ ଏକ ସ୍ୱତନ୍ତ୍ର ଚକ୍ଷୁ ଚିକିତ୍ସା ଯୋଗାଇଦେବା ପାଇଁ ସାଇଶକ୍ତି ଚକ୍ଷୁ ଚିକିତ୍ସାଳୟର ଶୁଭ ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଛି । ଏହି ଚିକିତ୍ସାଳୟରେ ଏସସିବି ଚକ୍ଷୁ ବିଭାଗର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼ାକ୍ତର ଇନ୍ଦ୍ରାଣୀ ରଥଙ୍କ ତ ୍ୱାବଧାନରେ ବହୁ ସୁନାମଧନ୍ୟ ଚକ୍ଷୁ ଚିକିତ୍ସକ ମାନେ ଚିକିତ୍ସା ସେବା ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି । ଫାର୍ମାଶିଷ୍ଟ ଅମୀୟ କୁମାର ମହାନ୍ତିଙ୍କ ସଂଯୋଜନାରେ ଉକ୍ତ ଚିକିତ୍ସାଳୟ କୁ ମୁଖ୍ୟ ଚିକିତ୍ସା ଅଧିକାରୀ ଅମିତ୍ କୁମାର ଜେନା ଉଦଘାଟନ କରିଥିଲେ । ଏହି ଉଦଘାଟନ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ଚକ୍ଷୁରୋଗ ବିଶେଷଜ୍ଞ ଡ଼ା.ବିଷ୍ଣୁପ୍ରସାଦ ସର, ଡ଼ା. ସସ୍ମିତା ବେହୁରା, ମହେଶ୍ୱର ଦାସ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷା ସବିତା ଓଝା ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ହୋଇଥିଲେ । ଏହି ଚିକିତ୍ସାଳୟରେ ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ଅସ୍ତ୍ରପ୍ରଚାର ଠାରୁ ଆରମ୍ଭ କରି ସମସ୍ତ ପ୍ରକାର ଚକ୍ଷୁରୋଗ ଚିକିତ୍ସା କରାଯିବା ପାଇଁ ବ୍ୟବସ୍ଥା ହୋଇଛି



# ନୂତନ ପ୍ରାଥମିକ ବିଦ୍ୟାଳୟ କୋଠା ଉଦଘାଟିତ

**ଜୟପୁର (ଅମୃତ ମିଡ଼ିଆ):** ଜୟପୁର ବ୍ଲକ ଅନ୍ତର୍ଗତ ଭାଲିଆଗୁଡା ନୂତନ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣିଗୃହ ଆଜି ଉଦଘାଟନ ହୋଇଛି । ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଛନ୍ତି । ଅହି କାଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ତିଳୋତ୍ତମା ମୁଦୁଲି, ବିଇଓ ଚନ୍ଦନ କୁମାର ନାୟକ, ବିଡିଓ ଶକ୍ତି ମହାପାତ୍ର, ଜିଲା ପରିଷଦ ସଭ୍ୟା, ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ ।





# 'ଭାବ ନୁ ଅଭାବ' ନାଟକ ଦେଖି ଦର୍ଶକ ଭାବବିହ୍ୱଳ...




₹ 5/-
Saffron Blended
NB
MEENAJEE®
MAWA
₹5 ରେ
ପ୍ରିମିୟମ୍ କ୍ୱାଲିଟି
Call Toll Free: 1800 123 6292
Warning: Chewing of supari is injurious to health. Not for minors.